# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, March 19/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 113 | ମୂଲ୍ୟ ₹୭/-




## ବାପା ମୋ ରୋଲ୍ ମଡେଲ: ମୌନି

ମୁଁ ଅଭିନେତ୍ରୀ ହେବା ପ୍ରଚ୍ଛଦରେ ମୋ ବାପା ଅନିଲ ରୟଙ୍କର ସର୍ବାଧିକ ଭୂମିକା ରହିଛି ବୋଲି କହିଛନ୍ତି ମୌନି ରୟ।

୧୩

୧୪

## ଭାରତୀୟ ଦଳରେ ରାଜେଶ୍ୱରୀଙ୍କୁ ସୁଯୋଗ

ଏସିଆନ ଲନ୍‌ବଲ ଚାମ୍ପିୟନଶିପ୍‌ପାଇଁ ବୁଧବାର ଘୋଷିତ ଭାରତୀୟ ମହିଳା ଦଳରେ ଓଡ଼ିଶାର ରାଜେଶ୍ୱରୀ ସେଠ ସ୍ଥାନ ପାଇଛନ୍ତି।



## ଭାରତୀୟ ମୁଦ୍ରା ମୂଲ୍ୟରେ ରେକର୍ଡ ହ୍ରାସ | ୧ ଡଲାର= ୯୨.୬୩ ଟଙ୍କା

**ମୁମ୍ବାଇ, ୧୮।୩ (ପି.ଟି.)**

ଭାରତୀୟ ଟଙ୍କା ମୂଲ୍ୟରେ ବୁଧବାର ବଡ଼ ହ୍ରାସ ଘଟିଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କା ୨୩ ପଇସା ହ୍ରାସ ପାଇ ୯୨.୬୩ର ଏକ ସର୍ବକାଳୀନ ନିମ୍ନସ୍ତରରେ ବନ୍ଦ ହୋଇଛି। ବିଶ୍ୱ ବଜାରରେ ଆମେରିକୀୟ ଡଲାରର ମୂଲ୍ୟ ବୃଦ୍ଧି ପାଇବା ଯୋଗୁ ଭାରତୀୟ ଟଙ୍କା ଉପରେ ଚାପ ପଡ଼ିଛି। ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ କ୍ରମାଗତ ନିଜର ପୁଞ୍ଜି ବାହାର କରିନେଉଛନ୍ତି। ମଙ୍ଗଳବାର ପ୍ରାୟ ୪,୭୪୧ କୋଟି ଟଙ୍କାର ଶେୟାର ବିକ୍ରି ହୋଇଛି। ଏହାଛଡ଼ା ପଶ୍ଚିମ ଏସିଆରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ସହ ନିବେଶକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏସବୁ କାରଣ ଯୋଗୁ ଟଙ୍କା ଦୁର୍ବଳ ହେଉଛି। ବୁଧବାର କାରବାର ଶେଷ ସୁଦ୍ଧା ପ୍ରତି ଡଲାର ପିଛା ଟଙ୍କାର ମୂଲ୍ୟ ୯୨.୬୩ ରହିଥିବାବେଳେ ଏହା ଦିନର ସର୍ବନିମ୍ନ ସ୍ତର ୯୨.୬୫କୁ ଛୁଇଁଥିଲା। ସେହିପରି ଅଶୋଧିତ ତୈଳ (ବ୍ରେଣ୍ଟ) ପ୍ରତି ବ୍ୟାରେଲ ୧୦୩.୪ ଆମେରିକୀୟ ଡଲାର ରହିଥିବାବେଳେ ସେନ୍‌ସେକ୍ସ ୭୬,୭୦୪.୧୩ (+୦.୮୩%) ନିଫ୍ଟି ୨୩,୭୭୭.୮୦ (+୦.୮୩%) ରହିଥିଲା। ଟଙ୍କାର ମୂଲ୍ୟ କମିଥିଲେ ମଧ୍ୟ ଭାରତୀୟ ଶେୟାର ବଜାରରେ ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳିଛି। ସେନ୍‌ସେକ୍ସ ୬୩୩ ପଏଣ୍ଟ ଏବଂ ନିଫ୍ଟି ପ୍ରାୟ ୧୯୬ ପଏଣ୍ଟ ବୃଦ୍ଧି ପାଇ ବନ୍ଦ ହୋଇଛି। ବିଶେଷଜ୍ଞଙ୍କ ମତରେ ଆରବିଆଇ ଟଙ୍କାର ମୂଲ୍ୟକୁ ୯୨.୫୦ ସ୍ତର ଅତିକ୍ରମ କରିବାକୁ ଅନୁମତି ଦେଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।




କଟକ ଏସ୍‌ସିବି ମେଡିକାଲରେ ଭୟାବହ ଅଗ୍ନିକାଣ୍ଡ ଘଟଣାର ଅଭିନବ ପ୍ରତିବାଦ କରିବାକୁ ଯାଇ ବିଜେଡି ଓ କଂଗ୍ରେସ ବିଧାୟକମାନେ ବୁଧବାର ବିଧାନସଭା ପରିସରରେ ପ୍ରତୀକାତ୍ମକ କୋକେଇ ଶୋଭାଯାତ୍ରା କରୁଛନ୍ତି। (ଫଟୋ: ବିକାଶ ନାୟକ)

## ୬୦% ସିଟ୍ ପାଇଁ ଦେବାକୁ ପଡ଼ିବନି ଅତିରିକ୍ତ ଶୁଳ୍କ



### ବିମାନ ଯାତ୍ରୀଙ୍କ ପାଇଁ ଆଶ୍ୱସ୍ତି

### ପରିବାର ସହ ଏକାଠି ବସିବା ହେଲା ବାଧ୍ୟତାମୂଳକ

**ନୂଆଦିଲ୍ଲୀ, ୧୮।୩ (ପି.ଟି.)**

ଦେଶ ମଧ୍ୟରେ ଚଳାଚଳ କରୁଥିବା ବିମାନର ଯାତ୍ରୀଙ୍କ ପାଇଁ କେନ୍ଦ୍ର ସରକାର ଏକ ବଡ଼ ଆଶ୍ୱସ୍ତିକର ପଦକ୍ଷେପ ନେଇଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି କରାଯାଇଥିବା ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବିମାନ ଚଳାଚଳ କରୁଥିବା ସଂସ୍ଥାଗୁଡ଼ିକ ଏଣିକି ପ୍ରତି ବିମାନର ଅତିକମ୍‌ରେ ୬୦ ପ୍ରତିଶତ ସିଟ୍ ପାଇଁ ଯାତ୍ରୀଙ୍କଠାରୁ କୌଣସି ଅତିରିକ୍ତ 'ସିଟ ସିଲେକ୍ସନ ଚାର୍ଜ' ବା ବାଧ୍ୟତାମୂଳକ ଶୁଳ୍କ ଆଦାୟ କରିପାରିବେ ନାହିଁ। ସେହିପରି ଯାତ୍ରୀ ସୁବିଧାକୁ ଅଧିକ ସୁଦୃଢ଼ କରିବା ପାଇଁ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଯେଉଁ ଯାତ୍ରୀମାନେ ଗୋଟିଏ ପିଏନ୍‌ଆର୍ (ପାସେଞ୍ଜର ନେମ ରେକର୍ଡ) ଅଧୀନରେ ଟିକେଟ ବୁକ କରିଛନ୍ତି, ସେମାନଙ୍କୁ ବିମାନରେ ଏକାଠି ବସିବାକୁ ସୁଯୋଗ ଦିଆଯିବ। ପୂର୍ବରୁ ଅନେକ ସମୟରେ ପରିବାର ସହ ବସିବା ପାଇଁ ଯାତ୍ରୀଙ୍କୁ ଅତିରିକ୍ତ ଅର୍ଥ ଦେବାକୁ ପଡୁଥିଲା। ଏବେ ଏୟାରଲାଇନ୍ସଗୁଡ଼ିକୁ ପାଖାପାଖି ସିଟ୍ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ସିଟ୍ ସିଲେକ୍ସନ କ୍ଷେତ୍ରରେ ପୂର୍ବରୁ କେବଳ ୨୦ ପ୍ରତିଶତ ସିଟ୍ ମାଗଣାରେ ଉପଲବ୍ଧ ହେଉଥିବାବେଳେ ଏବେ ଏହାକୁ ୬୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ସେହିପରି ଖେଳ ସାମଗ୍ରୀ, ସଙ୍ଗୀତ ବାଦ୍ୟଯନ୍ତ୍ର ଏବଂ ପୋଷା ପ୍ରାଣୀ ନେବା ପାଇଁ ଏୟାରଲାଇନ୍ସଗୁଡ଼ିକୁ ସ୍ପଷ୍ଟ ଓ ସ୍ୱଚ୍ଛ ନିୟମାବଳୀ ପାଳନ କରିବାକୁ କୁହାଯାଇଛି। ବିମାନ ବିଳମ୍ବ କିମ୍ବା ବାତିଲ ହେବା ସମୟରେ ଯାତ୍ରୀଙ୍କ ଅଧିକାରକୁ ଅଧିକ ପ୍ରାଧାନ୍ୟ ଦିଆଯିବ। ଏ ସମ୍ପର୍କରେ ସୂଚନା ଦେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'X' ରେ କହିଛନ୍ତି ଯେ, 'ଯାତ୍ରୀଙ୍କ ସୁବିଧା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏଣିକି ୬୦% ସିଟ୍ ମାଗଣାରେ ଉପଲବ୍ଧ ହେବ ଏବଂ ପରିବାର ଲୋକେ ଏକାଠି ବସିବା ସୁନିଶ୍ଚିତ କରାଯିବ।' ଏୟାରଲାଇନ୍ସଗୁଡ଼ିକ ବିଭିନ୍ନ ସେବା ନାମରେ ଅତ୍ୟଧିକ ଶୁଳ୍କ ଆଦାୟ କରୁଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ଡିଜିସିଏ ପକ୍ଷରୁ ଏହି କଡ଼ା ନିଷ୍ପତ୍ତି ନିଆଯାଇଛି। ଏହି ନିୟମ କେବଳ ଘରୋଇ ବିମାନ ଉଡ଼ାଣ ପାଇଁ ଲାଗୁ ହେବ।

# ବିଧାନସଭାରେ ପ୍ରତୀକାତ୍ମକ କୋକେଇ ଶୋଭାଯାତ୍ରା

**ଏସ୍‌ସିବି ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ବୁଧବାର ବିଧାନସଭାରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଛି। ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ଗୃହ ଭିତରେ ଓ ବାହାରେ ଅଭିନବ ପ୍ରତିବାଦ କରାଯାଇଛି। ଗୃହ ଭିତରେ ରିପୋର୍ଟର୍ସ ଟେବୁଲ ଉପରେ ପ୍ରତୀକାତ୍ମକ ଶବ ରଖି କାନ୍ଦବୋବାଳି କରିବା ସହିତ ସରକାର ବିରୋଧୀ ନାରା ଦିଆଯାଇଥିବାବେଳେ ଗୃହ ବାହାରେ କାନ୍ଧରେ ଉକ୍ତ ଶବ କୋକେଇ ରଖି 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ' କହି କମ୍ପମାନ କରିଥିଲେ। ବିରୋଧୀଙ୍କ ଏଭଳି ରଣନୀତି ଦେଖି ଶାସକ ଦଳ ପ୍ରଥମେ ସ୍ତମ୍ଭୀଭୂତ ହୋଇଯାଇଥିଲା। ପରେ ୨୪ ବର୍ଷର ସରକାର ଅମଳରେ କିଭଳି ସବୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା, ତାକୁ ନେଇ ବିରୋଧୀଙ୍କ ଉପରେ ଦଳ ବର୍ଷିଥିଲା। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ପ୍ରଥମାର୍ଦ୍ଧରେ ଗୃହ ସୁରୁଖୁରୁରେ ଚାଲିପାରି ନ ଥିଲା। ପ୍ରଶ୍ନକାଳରେ ମାତ୍ର ୭ ମିନିଟ୍ ଗୃହ ଚାଲିଥିବାବେଳେ ଶୂନ୍ୟକାଳରେ ବିରୋଧୀଙ୍କ ନାରାବାଜି ଭିତରେ ଶାସକ ଦଳର ସଭ୍ୟମାନେ ବିଜୁ-ନବୀନ ଇନ୍ସପିରେଶନାଲ ଫାଉଣ୍ଡେଶନ କଥା ଉଠାଇ ବିରୋଧୀଙ୍କୁ ଟାର୍ଗେଟ୍ କରିଥିଲେ। ଗୃହରେ ଅସ୍ୱାଭାବିକ ସ୍ଥିତିକୁ ନେଇ ବାଚସ୍ପତି ସୁରମା ପାଢ଼ୀ ୧୨.୨୪ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।**

### ଏସ୍‌ସିବି ଅଗ୍ନିକାଣ୍ଡର ଅଭିନବ ପ୍ରତିବାଦ

**ଭୁବନେଶ୍ୱର, ୧୮।୩ (ରବିନାରାୟଣ ଜେନା)**

ବୁଧବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେଡି ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସାରଦା ପ୍ରସନ୍ନ ଜେନା, ସଞ୍ଜୀବ ମଲ୍ଲିକ, ଗୌତମବୁଦ୍ଧ ଦାସ ଏବଂ କଂଗ୍ରେସ ସଦସ୍ୟ ଡ. ସି.ଏସ୍. ରାଜନ ଏକ୍କା, ଅଶୋକ ଦାସ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ଏସ୍‌ସିବି ଅଗ୍ନିକାଣ୍ଡକୁ ନେଇ ସ୍ୱାସ୍ଥ୍ୟ ବିଭାଗ ମୃତ ପ୍ରାୟ କହି 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ' ସ୍ଲୋଗାନ୍ ଦେଇଥିଲେ। ଏହାସହିତ 'ମୋହନ ସରକାର ହାଏ ହାଏ, ଛି ଛି' କହି ଗୃହରେ କମ୍ପମାନ ସୃଷ୍ଟି କରିଥିଲେ। ବିରୋଧୀ ସଦସ୍ୟମାନେ ସାଙ୍ଗରେ ଆଣିଥିବା ଟାୱେଲକୁ ଶବ ଭଳି ସଜେଇ ସେଥିରେ ଫୁଲମାଳ ପକାଇ ରିପୋର୍ଟର୍ସ ଟେବୁଲ ଉପରେ ରଖି ପ୍ରତିବାଦ କରିଥିଲେ। ଏହାସହିତ ହାତରେ ପୋଷ୍ଟର ଏବଂ ବ୍ୟାନର ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ☞ପୃଷ୍ଠା-୪

### ୪ ନିଲମ୍ବିତ

**ଭୁବନେଶ୍ୱର, ୧୮।୩ (ସୁନିତ୍ ମିଶ୍ର)**

କଟକ ଏସ୍‌ସିବି ମେଡିକାଲରେ ଗତ ରବିବାର ରାତିରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଯୋଗୁ ବର୍ତ୍ତମାନ ସୁଦ୍ଧା ୧୩ ଜଣଙ୍କ ଜୀବନ ଯାଇଛି। ଏହି ଅଗ୍ନିକାଣ୍ଡ ଦ୍ୱାରା ଅନେକ ଜଣ ଗୁରୁତର ଅବସ୍ଥାରେ ରହିଛନ୍ତି। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏ ନେଇ ସବୁଆଡୁ ସରକାରଙ୍କୁ ପ୍ରଶ୍ନ ଆସିବାରେ ଲାଗିଛି। ଅନ୍ୟପଟେ ବିଧାନସଭାରେ ୨ ଦିନ ହେଲା ବିରୋଧୀ ଏହି ପ୍ରସଙ୍ଗ ଉଠାଇ ପ୍ରବଳ ହୋହଲ୍ଲା ଜାରି ରଖିଛନ୍ତି। ଏଭଳିସ୍ଥଳେ ☞ପୃଷ୍ଠା-୪


15001/9/2526



## ରାଷ୍ଟ୍ରୀୟ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା

ଜୟ ଜଗନ୍ନାଥ!

ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ନବବର୍ଷ ଅବସରରେ ରାଜ୍ୟବାସୀ ଭାଇଭଉଣୀ ତଥା ସମଗ୍ର ଦେଶବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଭାରତବର୍ଷର ଐତିହାସିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାରେ ଗୁରୁତ୍ୱ ବହନ କରୁଥିବା ଏହି ଦିବସଟି ଅତ୍ୟନ୍ତ ଶୁଭ ଓ ମଙ୍ଗଳମୟ । ରାଷ୍ଟ୍ରୀୟ ନବବର୍ଷ ଆପଣମାନଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆଣୁ ଏହା ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

ବନ୍ଦେ ମାତରମ୍

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/25-26/0009


## ଏସ୍‌ସିବିରେ ପୁଣି ନିଆଁ

### ରୋଗୀ ଭୟଭୀତ

**କଟକ, ୧୮।୩ (ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ଟ୍ରମା କାଜୁଆଲ୍‌ଟି ଆଇସିୟୁରେ ଗତ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୩ଜଣଙ୍କ ପ୍ରାଣହାନି ପରେ ମଧ୍ୟ ମେଡିକାଲ ପ୍ରଶାସନର ଚେତା ପଶିଲାନି। ଘଟଣାକୁ ୭୨ ଘଣ୍ଟା ପୂରି ନ ଥିବା ବେଳେ ପୁଣି ନିଆଁକୁ ନେଇ ଏସ୍‌ସିବିରେ ଆତଙ୍କ ଦେଖାଦେଇଛି। ବୁଧବାର ଅପରାହ୍ନରେ ଏସ୍‌ସିବି ନନ୍‌ଟ୍ରମା କାଜୁଆଲଟି ଷ୍ଟୋର ରୁମ୍‌ରେ ଅଗ୍ନିକାଣ୍ଡ ଯୋଗୁ ସେଠାରେ ଥିବା ବିଦ୍ୟୁତ୍ ବୋର୍ଡ ଜଳିଯାଇଥିଲା। ନିଆଁ ଲାଗିବା ଖବର ପ୍ରଚାର ହେବା ପରେ ରୋଗୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ନନ୍‌ଟ୍ରମା କାଜୁଆଲ୍‌ଟିରେ ଚିକିତ୍ସିତ ହେଉଥିବା ୧୦୦ରୁ ଅଧିକ ରୋଗୀ ଓ ସମ୍ପର୍କୀୟ ପ୍ରାଣବିକଳରେ ବାହାରକୁ ଦୌଡ଼ି ପଳାଇ ଯାଇଥିଲେ। ମେଡିକାଲ ପରିସରସ୍ଥ ଅଗ୍ନିଶମ କାର୍ଯ୍ୟାଳୟ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୌଣସି ବଡ଼ କ୍ଷୟକ୍ଷତି ହୋଇ ନ ଥିଲେ ସୁଦ୍ଧା ମେଡିକାଲରେ ନିଆଁ ଖବର ପୁଣି ଥରେ ସମସ୍ତଙ୍କୁ ଭୟଭୀତ କରାଇ ଦେଇଥିଲା। ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଛି ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ | ପୁରାଣ କଥାରେ ସୃଷ୍ଟିତତ୍ତ୍ୱ


## SIKSHA 'O' ANUSANDHAN

# SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



ଇସ୍ରାଏଲର ଏୟାରଷ୍ଟ୍ରାଇକ୍‌ରେ ଲେବାନନ୍‌ର ଟାୟାଠାରେ ଗାଡ଼ିଗୁଡିକରେ ଲାଗିଥିବା ନିଆଁକୁ ଲିଭାଉଛନ୍ତି ଅଗ୍ନିଶମ ବାହିନୀ। (ଫଟୋ ସୌଜନ୍ୟ: ଗାର୍ଡିଆନ୍)

# ଚାଇନା ମୁହାଁ ୭ ତୈଳ ଜାହାଜ ଭାରତ ଫେରିଲା

ନୂଆଦିଲ୍ଲୀ ,୧୮।୩

ରୁଷିଆରୁ ତୈଳ ନେଇ ଚାଇନା ଯାଉଥିବା ୭ ଜାହାଜ ସାମୁଦ୍ରିକ ପଥରେ ବାଟ ବଦଳାଇ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତିକୁ ନେଇ ବର୍ତ୍ତମାନ ଭାରତର ତୈଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଜାହାଜଗୁଡିକ ଚାଇନା ଯିବା ପରିବର୍ତ୍ତେ ଭାରତକୁ ଆସୁଥିବା ବ୍ଲୁମ୍‌ବର୍ଗ ରିପୋର୍ଟ ସୂତ୍ରରୁ ଜଣାପଡ଼ିଛି। ଅନ୍ତର୍ଜାତୀୟ ସ୍ତରରେ ଜାହାଜ ଚଳାଚଳ କ୍ଷେତ୍ରକୁ ନିରୀକ୍ଷଣ କରୁଥିବା ସଂସ୍ଥା ଭୋର୍ଟେକ୍ସ ଲିମିଟେଡ୍‌ର ସୂଚନା ଅନୁଯାୟୀ ଏହି ଜାହାଜଗୁଡିକ ବର୍ତ୍ତମାନ ଦିଗ ବଦଳାଇ ଭାରତର ବିଭିନ୍ନ ବନ୍ଦର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଉପସାଗରୀୟ ଦେଶଗୁଡିକରୁ ତୈଳ ଓ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହେବା ପରେ ରୁଷିଆରୁ ତୈଳ କିଣିବା ଉପରେ ଆମେରିକା କଟକଣା ହଟାଇବା ସହ ଭାରତ ସମେତ ଅନ୍ୟ କେତେକ ରାଷ୍ଟ୍ରଙ୍କୁ ଏଠାରୁ ତୈଳ କିଣିବାକୁ ସବୁଜ ସଙ୍କେତ ଦେଇଥିଲା। ସେହି ଅନୁସାରେ ଭାରତ ନିଜର ଆବଶ୍ୟକତା ପୂରଣ କରିବା ଲାଗି ଏହି ଜାହାଜଗୁଡିକୁ ଭାରତ ଆସିବାକୁ ଅନୁମତି ଦେଇଥିବା ଜଣାପଡ଼ିଛି।

ଚାଇନା ଯାଉଥିବା ଏହି ୭ ଜାହାଜ ମଧ୍ୟରୁ ଆକ୍ୱା ଟାଇଟାନ୍ ନାମକ ରୁଷୀୟ ଜାହାଜ ଦିଗ ବଦଳାଇ ବର୍ତ୍ତମାନ ଭାରତ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲାବେଳେ ଆସନ୍ତା ୨୧ରେ ମାଙ୍ଗାଲୋର୍ ବନ୍ଦରରେ ପହଞ୍ଚିବ। ଏହି ଜାହାଜ ଜାନୁଆରୀ ଶେଷ ଭାଗରେ ବାଲ୍‌ଟିକ୍ ସାମୁଦ୍ରିକ ବନ୍ଦରରୁ ତୈଳ ବୋଝେଇ କରି ଚାଇନାର ରିଝାଓ ବନ୍ଦର ଅଭିମୁଖେ ଯାତ୍ରା କରିଥିଲା। ବର୍ତ୍ତମାନ ସୁଦ୍ଧା ଏହା ଚାଇନା ଉପକୂଳ ନିକଟବର୍ତ୍ତୀ ହୋଇ ସାରିଥିଲାବେଳେ ଦକ୍ଷିଣ ଚାଇନା ସାଗରରୁ ଦିଗ ବଦଳାଇ ପୁଣି ଭାରତ ଅଭିମୁଖେ ଯାତ୍ରା କରିଛି। ସେହିପରି ଅନ୍ୟ ଏକ ଜାହାଜ ସୁଏଜ୍‌ମାକ୍ସ ଝୁଜୁ ମଧ ମାର୍ଚ୍ଚ ୨୫ରେ ଗୁଜରାଟ ବନ୍ଦରରେ ପହଞ୍ଚିବ ବୋଲି କୁହାଯାଇଛି। ଆମେରିକା ସହ ହୋଇଥିବା ଟ୍ରେଡ୍ ଡିଲ୍ ସର୍ତ୍ତ ଅନୁସାରେ ଭାରତ ପୂର୍ବରୁ ରୁଷିଆରୁ ଯେଉଁ ପରିମାଣର ତୈଳ ଆମଦାନୀ କରୁଥିଲା, ସେଥିରେ ହ୍ରାସ କରିଥିଲା। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ଆମେରିକା ଭାରତକୁ ରୁଷିଆରୁ ତେଲ କିଣିବାକୁ ୩୦ ଦିନ ପର୍ଯ୍ୟନ୍ତ କଟକଣା ହଟାଇଥିବାରୁ ପୁଣି ତେଲ ଆମଦାନୀ ପରିମାଣ ବଢ଼ିଛି। ଗତ ସପ୍ତାହ ମଧ୍ୟରେ ଭାରତ ରୁଷିଆରୁ ପ୍ରାୟ ୩୦ ନିୟୁତ ବ୍ୟାରେଲ ତୈଳ ଆମଦାନୀ କରିସାରିଛି। ତେବେ ଏହି ୭ଟି ଜାହାଜରେ ଆସିଥିବା ତୈଳ ଭାରତରେ ପହଞ୍ଚିଲେ ଭାରତର ତୈଳ ଆବଶ୍ୟକତା ପୂରଣ ଦିଗରେ ଆହୁରି ସୁବିଧା ମିଳିବ ବୋଲି କୁହାଯାଇଛି।

# ଉପସାଗରୀୟ ଦେଶରୁ ଫେରିଲେଣି ୨.୬ ଲକ୍ଷ ଭାରତୀୟ

ନୂଆଦିଲ୍ଲୀ ,୧୮।୩

ଫେବୃଆରୀ ୨୮ରେ ଇରାନ୍ ଉପରେ ଆକ୍ରମଣ ହେବା ପରେ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡି ଚାଲିଥିବାବେଳେ ବର୍ତ୍ତମାନ ସୁଦ୍ଧା ଉପସାଗରୀୟ ଦେଶଗୁଡିକରୁ ୨.୬ ଲକ୍ଷ ଭାରତୀୟ ସ୍ୱଦେଶ ଫେରିଆସିଛନ୍ତି ବୋଲି ବର୍ହିବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ମନ୍ତ୍ରଣାଳୟ ଅତିରିକ୍ତ ସଚିବ(ଗଲ୍ଫ) ଅସୀମ ଆର୍. ମହାଜନ ବୁଧବାର ଏହି ସୂଚନା ଦେବା ସହ ବିଭିନ୍ନ ଦେଶରୁ ସ୍ୱଦେଶ ଫେରିବାକୁ ଚାହୁଁଥିବା ଭାରତୀୟମାନଙ୍କୁ ଆଣିବାକୁ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ସୁଦ୍ଧା ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁ ୫ ଭାରତୀୟଙ୍କ ମୃତ୍ୟୁ ହେବା ସହ ୨ ଜଣ ନିଖୋଜ ଅଛନ୍ତି ବୋଲି ସେ କହିଛନ୍ତି।

# ଇରାନ୍ ଗୋଇନ୍ଦା ମନ୍ତ୍ରୀଙ୍କୁ ହତ୍ୟା

## ତେହରାନର ପତନ ଉଦ୍ୟମରେ ଇସ୍ରାଏଲ୍



ଇସ୍‌ମାଇଲ ଖାତିବ୍

ତେଲ୍ ଆଭିଭ୍ ,୧୮।୩

ପେବୃଆରୀ ୨୮ରେ ଇରାନ୍ ଉପରେ ଇସ୍ରାଏଲ ଆକ୍ରମଣ ଆରମ୍ଭ କରିବା ପରେ ଜଣକ ପରେ ଜଣେ ଇରାନୀୟ ନେତାଙ୍କୁ ଇସ୍ରାଏଲ ଟାର୍ଗେଟ କରି ହତ୍ୟା କରିବାରେ ଲାଗିଛି। ପୂର୍ବରୁ ଇସ୍ରାଏଲ ଆକ୍ରମଣରେ ଇରାନ୍‌ର ବହୁ ନେତାଙ୍କ ମୃତ୍ୟୁ ହୋଇଥିଲାବେଳେ ଏବେ ଇରାନ୍‌ର ଗୋଇନ୍ଦା ବିଭାଗ ମନ୍ତ୍ରୀ ଇସ୍‌ମାଇଲ ଖାତିବ୍‌ଙ୍କ ମୃତ୍ୟୁ ହୋଇଛି ବୋଲି ଇସ୍ରାଏଲ ବୁଧବାର ଦାବି କରିଛି। ଇରାନ୍ ଉପରେ ପ୍ରଥମ ଆକ୍ରମଣରେ ଇରାନ୍‌ର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ସମେତ ତାଙ୍କର ବହୁ ପରିବାର ସଦସ୍ୟ ଏବଂ ବରିଷ୍ଠ ଅଧିକାରୀ ପ୍ରାଣ ହରାଇଥିଲେ। ବର୍ତ୍ତମାନ ଇରାନ୍‌ର ସର୍ବୋଚ୍ଚ ନେତା ନିଯୁକ୍ତ ହୋଇଥିବା ଖାମେନେଇଙ୍କ ପୁଅ ମୋଜ୍‌ତବା ଖାମେନେଇ ମଧ୍ୟ ଏହି ଘଟଣାରେ ଗୁରୁତର ଆହତ ହୋଇଥିଲେ। ଏହାପରେ ଗତ ମଙ୍ଗଳବାର ଇରାନ୍ ପ୍ରତିରକ୍ଷା ବିଭାଗୀୟ ମୁଖ୍ୟ ଅଲୀ ଲାରିଜାନି ଏବଂ ବସିଜ୍ ଫୋର୍ସ କମାଣ୍ଡରଙ୍କୁ ଇସ୍ରାଏଲ ସେନା ହତ୍ୟା କରିଥିବା ଦାବି କରିଥିଲା। ଏହି ଘଟଣାକୁ କିଛି ଘଣ୍ଟା ନ ପୂରୁଣୁ ପୁଣି ଜଣେ ବରିଷ୍ଠ ନେତାଙ୍କୁ ହତ୍ୟା କରାଯାଇଥିବା ଇସ୍ରାଏଲର ଆଇଡିଏଫ୍ ଦାବି କରିଛି। ତେବେ ଇସ୍‌ମାଇଲ ଖାତିବ୍‌ଙ୍କ ମୃତ୍ୟୁକୁ ନେଇ ଇରାନ୍ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇ ନାହିଁ। କେବଳ ଇରାନ୍ ନୁହେଁ, ଇସ୍ରାଏଲ ସେନା ଲେବାନନ୍‌ର ହିଜ୍‌ବୁଲ୍ଲା ଠିକଣା ଉପରେ ମଧ୍ୟ ଆକ୍ରମଣ ଜାରି ରଖିଛି। ମଙ୍ଗଳବାର ମଧ୍ୟରାତ୍ରରେ ଲେବାନନ୍‌ର ବିଭିନ୍ନ ଇଲାକା ଉପରେ ଇସ୍ରାଏଲର ଆଇଡିଏଫ୍ ବୋମାମାଡ଼ କରିଥିଲାବେଳେ ଏହି ଘଟଣାରେ ଅନ୍ୟୁନ ୧୨ ଜଣଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି।

# ଇରାନ୍‌କୁ ପ୍ରଥମ ମେଡିକାଲ ସହାୟତା ପଠାଇଲା ଭାରତ

ନୂଆଦିଲ୍ଲୀ ,୧୮।୩

ପେବୃଆରୀ ୨୮ରେ ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଆକ୍ରମଣ କରିବା ପରେ ଇରାନ୍ ଯୁଦ୍ଧ ମଧ୍ୟରେ ଫସିରହିବା ସହ ବ୍ୟାପକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛି। ଗତ ୨୦ ଦିନ ମଧ୍ୟରେ ଏଠାରେ ଅନେକ ଶହ ଲୋକଙ୍କ ମୃତ୍ୟୁ ହୋଇଥିଲାବେଳେ ସାମାଜିକ ବ୍ୟବସ୍ଥା ମଧ୍ୟ ବେଳକୁ ବେଳ ଜଟିଳ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ ଇରାନବାସୀଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ମେଡିକାଲ ସହାୟତା ପଠାଯାଇଛି। ମାନବିକ ଦୃଷ୍ଟିକୋଣରୁ ଭାରତ ପଠାଇଥିବା ଏହି ସହାୟତା ଇରାନ୍‌ର ରେଡ୍‌କ୍ରେସେଣ୍ଟ ସୋସାଇଟି ହାତରେ ନ୍ୟସ୍ତ କରାଯାଇଛି ବୋଲି ଇରାନ୍ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଭାରତର ଏହି ପଦକ୍ଷେପ ପାଇଁ ଇରାନ୍ ସାଧୁବାଦ ଜଣାଇଛି।



ଭାରତରୁ ଇରାନକୁ ଯାଇଥିବା ମେଡ଼ିକାଲ ସାମଗ୍ରୀ।

# ଆଇ-ପାକ୍ ଯାଞ୍ଚ ମାମଲା : ମମତାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ,୧୮।୩



ମମତା ବାନାର୍ଜୀ

ଆଇ-ପାକ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢାଉ କରାଯିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ହସ୍ତକ୍ଷେପ କରିବା ଏବଂ ହୋହଲ୍ଲା କରିବା ଘଟଣାକୁ ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଏହି ଘଟଣାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ମମତାଙ୍କ ପ୍ରତି କଡ଼ା ଟିପ୍ପଣୀ ଜାରି କରିବା ସହ ଏଭଳି ସ୍ଥିତି ଆଦୌ ସମୀଚୀନ ନୁହେଁ ବୋଲି କହିଛନ୍ତି। ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ୍ ଏନ୍. ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଯାଞ୍ଚ ସମୟରେ ଯେଭଳି ସ୍ଥିତି ଉପୁଜିଥିଲା ତଦ୍ୱାରା ଇଡିକୁ କ'ଣ ବିନା କୌଣସି ଉପାୟରେ ଛଡ଼ା ଯାଇପାରିଥାଆନ୍ତା କି ବୋଲି ପ୍ରଶ୍ନ କରିଛନ୍ତି। କୌଣସି କେନ୍ଦ୍ରୀୟ ଏଜେନ୍ସି ଯାଞ୍ଚ କରିବା ସମୟରେ ମମତାଙ୍କ ଭଳି ଅନ୍ୟ ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଯଦି ହସ୍ତକ୍ଷେପ କରନ୍ତି ତେବେ କ'ଣ ଯାଞ୍ଚ ଏଜେନ୍ସି କୌଣସି ଉପଚାର ବିନା ଫେରି ଆସିବ କି ବୋଲି ମଧ୍ୟ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଇଡି ଆଇ-ପାକ୍ ମାମଲାରେ ଯାଞ୍ଚ କରିବା ସମୟରେ ମୁଖ୍ୟମନ୍ତ୍ରୀ ମମତା ସେଠାରେ ପହଞ୍ଚି ଯେଭଳି କାଣ୍ଡ କରିଥିଲେ, ତାହାକୁ ବିରୋଧକରି ଇଡି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଆଇ-ପାକ୍ କମ୍ପାନୀର ମୁଖ୍ୟ ନିର୍ବାଚନୀ ଉପଦେଷ୍ଟା ପ୍ରତୀକ୍ ଜୈନଙ୍କ ଘରୁ ମମତା ଏକ ଲାପ୍‌ଟପ୍ ସହ ମୋବାଇଲ ଫୋନ୍ ଏବଂ ଅନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଉଠାଇ ଆଣିବା ଘଟଣା ମଧ୍ୟ ସରକାରୀ କ୍ଷମତାର ଅପବ୍ୟବହାର ଦର୍ଶାଇ ଇଡି ସୁପ୍ରିମକୋର୍ଟରେ ପିଟିଶନ୍ ଦାଏର କରିଥିଲା।

# ଭାଜପାରେ ମିଶିଲେ ବର୍ଦ୍ଦୋଲୋଇ

ନୂଆଦିଲ୍ଲୀ,୧୮।୩

ଆସାମ କଂଗ୍ରେସର ବରିଷ୍ଠ ନେତା ତଥା ନାଗାଓଁ ଲୋକ ସଭା ଏମ୍‌ପି ପ୍ରଦ୍ୟୁତ୍ ବର୍ଦ୍ଦୋଲୋଇ ମଙ୍ଗଳବାର ଦଳରୁ ଇସ୍ତଫା ଦେବା ପରେ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ପକ୍ଷରୁ ପ୍ରଦ୍ୟୁତ୍‌ଙ୍କୁ ଦଳରେ ସ୍ୱାଗତ କରାଯାଇଛି। ମଙ୍ଗଳବାର ପ୍ରଦ୍ୟୁତ୍ କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିକଟକୁ ଚିଠି ଲେଖି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ସେ ଭାଜପାରେ ଯୋଗ ଦେବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। ତେବେ ପ୍ରଦ୍ୟୁତ୍ ଭାଜପାରେ ମିଶିବା ଘଟଣାକୁ ଆସାମ କଂଗ୍ରେସ ସଭାପତି ତରୁଣ ଗୋଗୋଇ ଦୁର୍ଭାଗ୍ୟ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ଦଳୀୟ ବ୍ୟାପାରକୁ ନେଇ ଗତ କିଛି ଦିନ ହେଲା କେନ୍ଦ୍ରୀୟ ନେତାଙ୍କ ସହ ପ୍ରଦ୍ୟୁତ୍‌ଙ୍କ ମତଭେଦ ଘଟିଥିଲା। ଏହାକୁ ନେଇ ସେ ଅସନ୍ତୁଷ୍ଟ ରହିଥିଲାବେଳେ ଦଳରୁ ଇସ୍ତଫା ଦେବାକୁ ପ୍ରଦ୍ୟୁତ୍ ସୋମବାର ଇଙ୍ଗିତ କରିଥିଲେ। ଏହାପର ଦିନ ସେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ପ୍ରଦ୍ୟୁତ୍ ଭାଜପାରେ ସାମିଲ ହେବା କଂଗ୍ରେସ ପାଇଁ ଭାରି ପଡ଼ିବ ବୋଲି କୁହାଯାଉଛି।

# ଉଗ୍ରବାଦୀ ଗୋଷ୍ଠୀଙ୍କୁ ତାଲିମ ଦେବାକୁ ଆସିଥିଲେ ମାଥ୍ୟୁ

ନୂଆଦିଲ୍ଲୀ ,୧୮।୩



ମାଥ୍ୟୁ ଭାନ୍‌ଡାଇକ୍

ଆମେରିକୀୟ ନାଗରିକ ମାଥ୍ୟୁ ଭାନ୍‌ଡାଇକ୍‌ଙ୍କ ସମେତ ଏନ୍‌ଆଇଏ ଦ୍ୱାରା ମଙ୍ଗଳବାର ଗିରଫ ହୋଇଥିବା ୭ ଜଣଙ୍କୁ ପଚରାଉଚରା କରାଯିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ମାଥ୍ୟୁ ନିଜକୁ ଜଣେ ସାମରିକ ବିଶେଷଜ୍ଞ ଏବଂ ଡକ୍ୟୁମେଣ୍ଟାରି ଫିଲ୍ମ ମେକର୍ ବୋଲି ପରିଚୟ ଦେଇଥିଲେ ହେଁ ସେ ଭାରତ ବିରୋଧୀ କାର୍ଯ୍ୟରେ ସାମିଲ ହେବାକୁ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ଜଣାପଡ଼ିଛି। ମ୍ୟାନ୍‌ମାର୍ ସୀମା ଦେଇ ସେ ଭାରତୀୟ ସୀମାରେ ପ୍ରବେଶ କରିଥିଲେ। ଉତ୍ତର ପୂର୍ବ ରାଜ୍ୟର ବହୁ ଉଗ୍ରବାଦୀ ସଂଗଠନ ସଦସ୍ୟମାନଙ୍କୁ ମାଥ୍ୟୁ ତାଲିମ ଦେବାକୁ ଯୋଜନା କରିଥିଲେ ବୋଲି ଏନଆଇଏ ଜାଣିବାକୁ ପାଇଛି। ମାଥ୍ୟୁଙ୍କ ସମ୍ପର୍କରେ ଆମେରିକୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଥିଲା ବେଳେ ପରବର୍ତ୍ତୀ ଯାଞ୍ଚ ପାଇଁ ଏନଆଇଏ କାର୍ଯ୍ୟ ଆରମ୍ଭ କରିଥିବା କହିଛି।

# ଶିଳ୍ପ ଅଭିବୃଦ୍ଧି ପାଇଁ 'ଭବ୍ୟ' ଯୋଜନାକୁ କ୍ୟାବିନେଟ୍ ମୋହର

ନୂଆଦିଲ୍ଲୀ ,୧୮।୩

ଦେଶର ମାନୁଫାକ୍‌ଚରିଂ କ୍ଷେତ୍ର ଏବଂ ସାମଗ୍ରିକ ଶିଳ୍ପ ଅଭିବୃଦ୍ଧି ପାଇଁ କେନ୍ଦ୍ର ସରକାର ଭାରତ ଔଦ୍ୟୋଗିକ ବିକାଶ ଯୋଜନା(ଭବ୍ୟ)କୁ ଅନୁମୋଦନ ଦେଇଛନ୍ତି। ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ଏହି ଯୋଜନା ଉପରେ ମୋହର ଲାଗିବା ସହ ଏଥିପାଇଁ ୩୩,୬୬୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଯୋଜନାରେ ସାରା ଦେଶରେ ୧୦୦ଟି 'ପ୍ଲଗ୍ ଆଣ୍ଡ ପ୍ଲେ' ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା କରାଯିବ ବୋଲି ସେ କହିଛନ୍ତି। ଏହାଦ୍ୱାରା ଦେଶର ମାନୁଫାକ୍‌ଚରିଂ କ୍ଷେତ୍ରକୁ ଆହୁରି ସୁଦୃଢ଼ କରାଯିବା ସହ ସାମଗ୍ରିକ ଭାବେ ଶିଳ୍ପ କ୍ଷେତ୍ରର ଦ୍ରୁତ ବିକାଶ କରାଯାଇପାରିବ ବୋଲି ଅଶ୍ୱିନୀ କହିଛନ୍ତି। ନ୍ୟାଶନାଲ ଇଣ୍ଡଷ୍ଟ୍ରିଆଲ କରିଡର୍ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ୍(ଏନ୍‌ଆଇସିଡିପି) ଯୋଜନା ଅଧୀନରେ ରାଜ୍ୟ ସରକାର ଏବଂ ଘରୋଇ ଉଦ୍ୟୋଗର ମିଳିତ ଉଦ୍ୟମରେ ଜାତୀୟ ସ୍ତରରେ ଇଣ୍ଡଷ୍ଟ୍ରିଆଲ ସ୍ମାର୍ଟ ସିଟି ପ୍ରତିଷ୍ଠା କରାଯିବ। ଏହି ଯୋଜନାରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଏବଂ ସଂସ୍କାରମୂଳକ ଉପାୟରେ ପୁଞ୍ଜି ନିବେଶ ଏବଂ ଶିଳ୍ପ ଉଦ୍ୟୋଗୀମାନଙ୍କୁ ଶିଳ୍ପ ପ୍ରତିଷ୍ଠା ଦିଗରେ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ଅଶ୍ୱିନୀ କହିଛନ୍ତି।




କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। (ଫଟୋ- ଚମନ ଗୌତମ)

## ରାଜ୍ୟ ଖବର

# ଓମାନ୍‌ରୁ ଆସିଲା ଅଶୋଧିତ ତୈଳ ଜାହାଜ ଏମ୍‌ଟି ଫ୍ଲୋରା

ପାରାଦୀପ,୧୮।୩(ଶରତ ରାଉତ)



ପାରାଦୀପ ବନ୍ଦରର ଏସ୍‌ପିଏମ୍- ୩ରେ ଲାଗିଥିବା ଜାହାଜ ଏମ୍‌ଟି ଫ୍ଲୋରା।

ଯୁଦ୍ଧ ପ୍ରଭାବିତ ଦେଶ ଓମାନ୍‌ରୁ ଏକ ଅଶୋଧିତ ତୈଳ ବୋଝେଇ ଜାହାଜ ମେରାଇନ ଟ୍ୟାଙ୍କର(ଏମ୍‌ଟି)ଫ୍ଲୋରା ପାରାଦୀପ ବନ୍ଦର ସିଙ୍ଗଲ ପଏଣ୍ଟ ମୋରିଂସିଷ୍ଟମ(ଏସ୍‌ପିଏମ୍) ୩ରେ ବୁଧବାର ଲାଗିଛି। ଏଥିରେ ଥିବା ୨ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ଅଶୋଧିତ ତୈଳ ଅପସାରଣ ହେଉଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତୈଳ ଖଲାସ ହେବ ବୋଲି ପୋର୍ଟ ଡେଲି ଟ୍ରାଫିକ ରିପୋର୍ଟ(ଡିଟିଆର୍)ରୁ ଜଣାପଡ଼ିଛି। ଉକ୍ତ ଜାହାଜ ଇରାନ ପାଖ ହର୍ମୁଜ ଦେଇ ଆସିଥିବା ସୂଚନା ମିଳିଛି। ଜାହାଜ ବୋଝେଇ ହୋଇଥିବା ବନ୍ଦର ମୁସ୍କାଟ ଓମାନ ବୋଲି ଜଣାପଡ଼ିଛି। ରୁଷିଆନ୍ ଏକ୍ସପୋର୍ଟ ଗ୍ରେଡ୍ ଅଶୋଧିତ ତୈଳ ଏଥିରେ ଆସିଛି। ଇଣ୍ଡିଆନ ଅଏଲ ଉକ୍ତ ତୈଳ ଆମଦାନୀ କରିଛି। ସମ୍ପ୍ରତି ଇସ୍ରାଏଲ୍, ଆମେରିକା ସହ ଇରାନ୍‌ର ଯୁଦ୍ଧ ଚାଲିଛି। ଏନେଇ ଇରାନ ହର୍ମୁଜ ଦେଇ ଆସୁଥିବା ଜାହାଜ ଚଳାଚଳ ଉପରେ କଟକଣା ଲଗାଇଛି। ଫଳରେ ଭାରତକୁ ତୈଳ ଓ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାର ପ୍ରଭାବ ଏବେ ସମଗ୍ର ଦେଶରେ ଦେଖାଦେଲାଣି। ଏପରି ସମୟରେ ଅଶୋଧିତ ତୈଳ ଯୋଗାଣ ସ୍ୱାଭାବିକ ହେବା କିଛିଟା ଆଶ୍ୱସ୍ତି ଆଣିଛି।

ଏସ୍‌ପିଏମ୍ ହେଉଛି ଭାସମାନ ବର୍ଥ। ପାରାଦୀପ ବନ୍ଦର ପୋତାଶ୍ରୟ ଠାରୁ ୨୦ କିମି ଦୂର ସମୁଦ୍ର ମଧ୍ୟରେ ଏହା ରହିଛି। ଉକ୍ତ ବର୍ଥରେ କେବଳ ବୃହତ୍ ତୈଳବାହୀ ଜାହାଜ ଲାଗିଥାଏ। ସେଠାରୁ ପାଣି ତଳେ ଥିବା ପାଇପ୍‌ଲାଇନ ଜରିଆରେ ଇଣ୍ଡିଆନ ଅଏଲ ପାଇପ୍‌ଲାଇନ ପ୍ରକଳ୍ପ ଟ୍ୟାଙ୍କର ମଧ୍ୟକୁ ଆସିଥାଏ। ଉକ୍ତ ଅଶୋଧିତ ତୈଳ ପାରାଦୀପ ହଳଦିଆ ବୌରେଣୀ ବିଶୋଧନାଗାର ମଧ୍ୟରେ ଶୋଧନ କରିବା ପରେ ଯୋଗାଣ କରାଯାଇଥାଏ।

# ଆଇସିୟୁ, କ୍ରିଟିକାଲ କେୟାର ୟୁନିଟ୍ ପରିଚାଳନା ନିମନ୍ତେ ଆସିବ ନୂଆ ଗାଇଡ୍‌ଲାଇନ୍

ଭୁବନେଶ୍ୱର,୧୮।୩(ସୁଚିସ୍ମିତା ସାହୁ)

ଆଇସିୟୁ, ଏଚ୍‌ଡିୟୁ ଏବଂ କ୍ରିଟିକାଲ କେୟାର ସେବା ପରିଚାଳନା ନିମନ୍ତେ ଆସିବ ନୂଆ ଗାଇଡ୍‌ଲାଇନ୍। ଏଥିପାଇଁ ନିର୍ଦ୍ଦିଷ୍ଟ ମାନଦଣ୍ଡ ଓ ନିର୍ଦ୍ଦେଶିକା ନିର୍ଦ୍ଧାରଣ ଲାଗି ବୁଧବାର ଆଇଏମ୍‌ଏ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଆଞ୍ଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍. ଯୋଗଦେଇ ବରିଷ୍ଠ ବିଶେଷଜ୍ଞ ଏବଂ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ମାନଦଣ୍ଡ ଅନୁସାରେ ଇଣ୍ଟେନ୍‌ସିଭ କେୟାର ସେବା ପାଇଁ ସର୍ବୋତ୍ତମ ପରାମର୍ଶ ଦେବାକୁ ସଚିବ ଅନୁରୋଧ କରିଥିଲେ। ଭୁବନେଶ୍ୱର ପିଜିଏମ୍‌ଆଇଇଆର୍‌ର ପ୍ରଫେସର ଡ. ନିବେଦିତା ପାଣି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଅଧିକ ବିଚାରବିମର୍ଶ ନିମନ୍ତେ ଇଣ୍ଟେନସିଭ କେୟାର ସେବା ପାଇଁ ଡ୍ରାଫ୍ଟ ନିର୍ଦ୍ଦେଶାବଳୀ ଉପସ୍ଥାପନ କରିଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯/୨୦୨୬ | Bhubaneswar, Thursday, March 19/2026



ନୂଆଦିଲ୍ଲୀର ପାଲମ୍ ମେଟ୍ରୋ ଷ୍ଟେଶନ ନିକଟସ୍ଥ ଏକ ଆବାସିକ ବିଲ୍ଡିଂରେ ବୁଧବାର ଅଗ୍ନିକାଣ୍ଡ ଘଟିବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଏହି ଦୁର୍ଘଟଣାରେ ତିନିଜଣ ଶିଶୁଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ହୋଇଛି।

# ସୋଫିଆ, ଦାଶରଥିଙ୍କ ସଭ୍ୟପଦ ରଦ୍ଦ ଦାବି

## ବାଚସ୍ପତିଙ୍କୁ ଭେଟିଲା କଂଗ୍ରେସ ଟିମ୍

- ଆଜି ରମେଶଙ୍କ ସଭ୍ୟପଦ ରଦ୍ଦ ଲାଗି ବାଚସ୍ପତିଙ୍କୁ ଭେଟିବେ
- ବିଜେଡି ହଇରାଣ କରିଥିଲା, ତା'ର ପ୍ରତିଶୋଧ ନେଲି: ରମେଶ
- ପୁଅ ଭୋଟ ଦେବାବେଳେ ଲଲ୍ଲୁ ଏଜେଣ୍ଟ ଥିଲେ: ଭକ୍ତ

ଭୁବନେଶ୍ୱର, ୧୮।୩ (ସୁନିତ୍ ମିଶ୍ର)

ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସର ୩ ଜଣ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗ ଏବଂ ସୋଫିଆ ଫିର୍ଦ୍ଦୋସ କ୍ରସ୍ ଭୋଟିଂକରି ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ୍ ଦେଇଥିଲେ। ଏଥିଲାଗି କଂଗ୍ରେସ କ୍ରସ୍ ଭୋଟିଂ କରିଥିବା ୩ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିସାରିଛି। ଏହି ଘଟଣାରେ ଦଳ ଆଉ ପାଦେ ଆଗକୁ ଯାଇ ସେହିସମସ୍ତ ୩ ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ବୁଧବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଦଳର ବିଧାୟକ ତାରାପ୍ରସାଦ ବାହିନୀପତି, ଅଶୋକ ଦାସ, ସାଗର ଦାସ, ପବିତ୍ର ସାଉଁନ୍ତା, ମଙ୍ଗୁ ଖିଲ ଏବଂ ସି.ଏସ୍. ରାଜନ ଏକ୍କା ପ୍ରମୁଖ ବାଚସ୍ପତିଙ୍କୁ ଭେଟିଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ସୋଫିଆ ଏବଂ ଦାଶରଥିଙ୍କୁ ସମ୍ବିଧାନର ପରିଚ୍ଛେଦ ୧୦ ଅନୁଯାୟୀ ବିଧାନସଭା ସଭ୍ୟ ପଦ ରଦ୍ଦ କରିବାକୁ ନିବେଦନ କରାଯାଇଛି। ଏହି ୨ ବିଧାୟକ ଦଳୀୟ ଶୃଙ୍ଖଳା ଭଙ୍ଗକରିବା, ଦଳୀୟ ନୀତିକୁ ସର୍ବସାଧାରଣରେ ଚ୍ୟାଲେଞ୍ଜ କରିବା ଏବଂ ଦଳର କ୍ଷତି ହେଲା ଭଳି ମନ୍ତବ୍ୟ ରଖିବା ଆଦି ବିଷୟକୁ ଉଲ୍ଲେଖକରି ସେମାନଙ୍କ ବିରୋଧରେ ସଭ୍ୟପଦ ରଦ୍ଦ ଲାଗି ବାଚସ୍ପତିଙ୍କ ନିକଟରେ ଦାବି ରଖାଯାଇଛି। ଅନ୍ୟପଟେ ରମେଶଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ଗୁରୁବାର ପୁଣିଥରେ କଂଗ୍ରେସର ବିଧାୟକମାନେ ବାଚସ୍ପତିଙ୍କ ନିକଟରେ ଫେରାଦ ହେବେ ବୋଲି ଜଣାପଡ଼ିଛି। ଅନ୍ୟ ୨ ବିଧାୟକଙ୍କୁ ଦଳ ବିରୋଧୀ କାର୍ଯ୍ୟକ୍ରମ ଯାହା କରିଛନ୍ତି ସେନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସମୟରେ ରମେଶଙ୍କ ନାଁ ସେଥିରେ ନ ଥିଲା। ପରବର୍ତ୍ତୀ ସମୟରେ ରମେଶଙ୍କୁ କାରଣ ଦର୍ଶାଅ ☞ପୃଷ୍ଠା-୫

# ଦିଲ୍ଲୀ, ଇନ୍ଦୋରରେ ଅଗ୍ନିକାଣ୍ଡ: ୧୭ ମୃତ

**ଗ୍ରୀଷ୍ମର ଆଗମନ ଯେତିକି ପାଖେଇ ଆସୁଛି ଦେଶରେ ତାତି ସେତିକି ବଢ଼ିବାରେ ଲାଗିଛି। ଏଥିସହ ବିଭିନ୍ନ ଭାଗରେ ଅଗ୍ନିକାଣ୍ଡ ଘଟି ଧନଜୀବନ ହାନି ହେଉଛି। ଏହି କ୍ରମେ ବୁଧବାର ଦିଲ୍ଲୀ ଓ ଇନ୍ଦୋରରେ ଭୟାବହ ନିଆଁରେ ୧୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅହମଦାବାଦରେ ଏକ ହୋଲ୍‌ସେଲ କନା ମାର୍କେଟର ୨୫ ଦୋକାନ ଗୃହ ଜଳିଯାଇଛି। ଦିଲ୍ଲୀ ଓ ଇନ୍ଦୋର ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।**

## ଅହମଦାବାଦ କନା ମାର୍କେଟରେ ଜଳିଗଲା ୨୫ ଦୋକାନ

ନୂଆଦିଲ୍ଲୀ/ଇନ୍ଦୋର/ଅହମଦାବାଦ, ୧୮।୩(ପି.ଟି.)

ଦିଲ୍ଲୀ ପାଲାମ ଅଞ୍ଚଳର ଏକ ବହୁତଳ ବିଶିଷ୍ଟ ଆବାସିକ କୋଠାରେ ବୁଧବାର ସକାଳେ ଅଗ୍ନିକାଣ୍ଡ ଘଟିବାରୁ ଏକ ପରିବାରର ୯ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୭୦ ବର୍ଷୀୟା ମହିଳା ଓ ତାଙ୍କ ୩ ନାତୁଣୀନାତି ରହିଛନ୍ତି। ଜୀବନ ବଞ୍ଚାଇବା ପାଇଁ ବାପଝିଅ ଉକ୍ତ କୋଠାରୁ ତଳକୁ ଡେଇଁ ଆହତ ହୋଇଛନ୍ତି।

ଦକ୍ଷିଣ ପଶ୍ଚିମ ଦିଲ୍ଲୀର ପାଲାମ ଅଞ୍ଚଳରେ ସ୍ଥାନୀୟ ମାର୍କେଟ ଆସୋସିଏଶନ୍ ସଭାପତି ରାଜେନ୍ଦ୍ର କାଶ୍ୟପଙ୍କ ଏକ ୪ ମହଲା ବିଶିଷ୍ଟ କୋଠା ରହିଛି। ସେଠାରେ ରାଜେନ୍ଦ୍ରଙ୍କ ସହ ସ୍ତ୍ରୀ, ୫ ପୁଅ, ଜଣେ ଝିଅ, ୪ ବୋହୂ ଓ ୭ ନାତୁଣୀନାତି ରୁହନ୍ତି। ସବା ତଳ ମହଲା ଏବଂ ଫାଷ୍ଟ ଫ୍ଲୋରରେ ଲୁଗା ଗୋଦାମ ଓ କସ୍‌ମେଟିକ୍ ଶୋ' ରୁମ୍ ଥିବାବେଳେ ଉପର ୨ଟି ମହଲାରେ ରାଜେନ୍ଦ୍ରଙ୍କ ପରିବାର ବସବାସ କରନ୍ତି। ବୁଧବାର ସକାଳ ୬ଟା ୧୫ରେ ଫାଷ୍ଟ ଫ୍ଲୋରରୁ ହଠାତ୍ ନିଆଁ ଉଠୁଥିବା ଦେଖିବାକୁ ମିଳିଥିଲା। ଦୋକାନରେ ପର୍ଫ୍ୟୁମ୍ (ଅତର) ଓ ଅନ୍ୟ ଦହନଶୀଳ ପ୍ରସାଧନ ସାମଗ୍ରୀ ମହଜୁଦ ଥିବାରୁ ଚାହୁଁଚାହୁଁ ନିଆଁ ସମଗ୍ର କୋଠାକୁ ବ୍ୟାପିଥିଲା। ଫଳରେ ନିଆଁ ସଂସ୍ପର୍ଶରେ ଆସି ରାଜେନ୍ଦ୍ରଙ୍କ ସ୍ତ୍ରୀ ଲାଡ଼ୋ(୭୦), ୨ ପୁଅ ପ୍ରବେଶ(୩୩) ଓ କମଳ(୩୯), କମଳଙ୍କ ସ୍ତ୍ରୀ ଆଶୁ(୩୫), ସେମାନଙ୍କ ୧୫, ୬ ଓ ୩ ବର୍ଷୀୟା ୩ ଜଣ ଝିଅ ନିଆଁ ଝାସରେ ଜଳି ପ୍ରାଣ ହରାଇଛନ୍ତି। ଲାଡ଼ୋଙ୍କ ଝିଅ ହିମାଂଶୀ(୨୨) ଓ ବୋହୂ ଦୀପିକା(୨୮)ଙ୍କ ମଧ୍ୟ ଏଥିରେ ମୃତ୍ୟୁ ଘଟିଥିବା ପୋଲିସ କହିଛି। ସେହିପରି ରାଜେନ୍ଦ୍ରଙ୍କ ପୁଅ ଅନିଲ(୩୨) ନିଜ ୨ ବର୍ଷର ଝିଅକୁ ତୃତୀୟ ମହଲାରୁ ଏକ ଶିଡ଼ି ଜରିଆରେ ଦ୍ୱିତୀୟ ମହଲାକୁ ଖସାଇବାରେ ସକ୍ଷମ ହୋଇଥିଲେ। ଏହା ପରେ ସେ ନିଜେ ତଳକୁ ଡେଇଁ ପଡ଼ିଥିଲେ। ଉଭୟ ବାପଝିଅ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ୨୯ ବର୍ଷୀୟ ସଚିନ ନିଜକୁ ବଞ୍ଚାଇବା ପାଇଁ ଅନ୍ୟ ଏକ କୋଠାକୁ ଡେଇଁ ପଡ଼ିଥିଲେ। ତାଙ୍କ ଶରୀରର ୨୫% ଜଳିଯାଇଛି। ତାଙ୍କୁ ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏହି ଘଟଣା ଘଟିବା ସମୟରେ ଘରେ ପରିବାରର ୭ ସଦସ୍ୟ ନ ଥିଲେ। ରାଜେନ୍ଦ୍ର ଗୋଆରେ ଥିବାବେଳେ ତାଙ୍କର ଜଣେ ପୁଅ ଓ ପୁଅଙ୍କ ପରିବାର ଛୁଟି କାଟିବାକୁ ଅନ୍ୟତ୍ର ଯାଇଥିଲେ। ଫଳରେ ସୌଭାଗ୍ୟବଶତଃ ସେମାନେ ବର୍ତ୍ତିଯାଇଛନ୍ତି। ସକାଳ ୭ଟା ୪ ମିନିଟ୍‌ରେ ପାଲାମ ଭିଲେଜ ଥାନାକୁ ଅଗ୍ନିକାଣ୍ଡ ସମ୍ପର୍କରେ ଫୋନ୍ କଲ୍ ଯାଇଥିଲା। ପୋଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ୩୦ ଦମକଳ ଗାଡ଼ି ଓ ୧୧ ଆମ୍ବୁଲାନ୍ସକୁ ମଧ୍ୟ ସେଠାକୁ ପଠାଯାଇଥିଲା। ☞ପୃଷ୍ଠା-୫

# ଛାଡ଼ପତ୍ର ପାଇଁ ଆସିଥିବା ସ୍ତ୍ରୀଙ୍କୁ ଲହୁଲୁହାଣ କଲେ ସ୍ୱାମୀ

## ପରିବାର ଅଦାଲତ ପରିସରରେ ହାଇଡ୍ରାମା

ବାଲେଶ୍ୱର, ୧୮।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ପରିବାର ଅଦାଲତରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଛାଡ଼ପତ୍ର ମାମଲାରେ ଅଦାଲତକୁ ଆସିଥିବା ସ୍ତ୍ରୀଙ୍କୁ ମାଡ଼ ମାରି ଲହୁ ଲୁହାଣ କରିଛନ୍ତି ସ୍ୱାମୀ। ଗୁରୁତର ସ୍ତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସ୍ୱାମୀଙ୍କୁ ଉଠାଇ ନେଇଛି ସହଦେବଖୁଣ୍ଟା ଥାନା ପୋଲିସ। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତାରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଏଭଳି ହାଇଡ୍ରାମା ଚର୍ଚ୍ଚାର ବିଷୟ ହୋଇଛି।

ବାଲେଶ୍ୱର ସଦର ବ୍ଲକ ଛାନୁଆ ଅଞ୍ଚଳର ପ୍ରତାପ ଜେନାଙ୍କ ସହ ବସ୍ତା ଥାନା ଅଞ୍ଚଳର ଅନିମା ଜେନାଙ୍କର ବିବାହ ହୋଇଥିଲା। ସେମାନଙ୍କର ୨ ପୁଅ ଅଛନ୍ତି। ବିବାହର ଦୀର୍ଘବର୍ଷ ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ଉଭୟଙ୍କ ମଧ୍ୟରେ ଥିବା ସମ୍ପର୍କରେ ତିକ୍ତତା ବୃଦ୍ଧି ପାଇଥିଲା। ପରେ ପରିବାର ଅଦାଲତରେ ଛାଡ଼ପତ୍ର ମାମଲା ଚାଲିଥିଲା। ବୁଧବାର କାଉନସେଲିଂ ପାଇଁ ଉଭୟଙ୍କୁ କୋର୍ଟ ପକ୍ଷରୁ ଡକାଯାଇଥିଲା। ତେବେ କାଉନସେଲିଂ ସାରି ଫେରିବା ବେଳେ ଅତର୍କିତ ଭାବେ ସ୍ତ୍ରୀ ଅନିମାଙ୍କ ଉପରେ ଆକ୍ରମଣ କରିଥିଲେ ପ୍ରତାପ। ଏକ କୋଦାଳ ବେଣ୍ଟ ଆଣି ସ୍ତ୍ରୀଙ୍କ ଦୁଇ ଗୋଡ଼କୁ ଆକ୍ରମଣ କରିଥିଲେ। ଫଳରେ ଅନିମାଙ୍କ ଦୁଇ ଗୋଡ଼ରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କ ଚିତ୍କାର ଶୁଣି ସାଧାରଣ ଲୋକେ ପ୍ରତାପଙ୍କୁ ଅଟକାଇବା ସହ ଅନିମାଙ୍କୁ ଉଦ୍ଧାର ☞ପୃଷ୍ଠା-୫

# ବ୍ୟାଙ୍କ ଅଧିକାରୀ ଗିରଫ

## କୋରେଇ ବ୍ଲକ୍ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଜାଲିଆତି

## ୫.୫୬ କୋଟି ସରକାରୀ ଅର୍ଥ ଆତ୍ମସାତ୍

କଟକ/ଯାଜପୁର, ୧୮।୩ (କାର୍ତ୍ତିକ ସାହୁ/ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା କୋରେଇ ବ୍ଲକ ଶିକ୍ଷାଧିକାରୀ (ବିଇଓ) କାର୍ଯ୍ୟାଳୟରେ ୫.୫୬ କୋଟି ଟଙ୍କା ଆତ୍ମସାତ୍ ଘଟଣାରେ ଓଡ଼ିଶା ଭିଜିଲାନ୍ସ ଜଣେ ବ୍ୟାଙ୍କ ଅଧିକାରୀଙ୍କୁ ବୁଧବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜନା ସ୍ମଲ ଫାଇନାନ୍ସ ବ୍ୟାଙ୍କ ଭଦ୍ରକ ଶାଖାର ମୁଖ୍ୟ ମାତୃପ୍ରସାଦ ମହାନ୍ତି। ତାଙ୍କୁ କଟକ ଭିଜିଲାନ୍ସ କୋର୍ଟରେ ହାଜର କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ବାପା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାନ୍ତିଙ୍କ ସହ ମିଳିତ ହୋଇ ଏଭଳି ମହାଜାଲିଆତି କରିଛନ୍ତି। ୧୩ଜଣ ପେନ୍‌ସନଭୋଗୀ ଶିକ୍ଷକଙ୍କ ନାମରେ ଏତେ ପରିମାଣର ସରକାରୀ ଅର୍ଥ ବିଲ୍ କରି ଉଠାଇଛନ୍ତି। ତାଙ୍କ ନାମରେ କଟକ ଭିଜିଲାନ୍ସରେ ଏକ ମାମଲା (ନଂ. ୧୧/୨୦୨୬) ରୁଜୁ କରି ତଦନ୍ତ ଚାଲିଛି। ଏଥିରେ ସମ୍ପୃକ୍ତ ବାପାଙ୍କ ସମେତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଭିଜିଲାନ୍ସ ସୂଚନା ଦେଇଛି।

ସୂଚନାନୁସାରେ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି କୋରେଇ ବିଇଓ କାର୍ଯ୍ୟାଳୟରେ ପୁନଃ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ। ତାଙ୍କୁ ପେନ୍‌ସନଭୋଗୀ ଶିକ୍ଷକମାନଙ୍କ ପେନ୍‌ସନ୍ ବିଲ୍ ପ୍ରସ୍ତୁତ କରିବା ଦାୟିତ୍ୱ ଦିଆଯାଇଥିଲା। ସେ ବେଆଇନ ଭାବେ ହ୍ୟୁମାନ ରିସୋର୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ଏଚ୍‌ଆର୍‌ଏମ୍‌ଏସ୍)କୁ ଖୋଲିଥିଲେ। ସେ ୧୩ଜଣ ପେନ୍‌ସନଭୋଗୀ ଶିକ୍ଷକଙ୍କ ଆଇଡିକୁ ଟାର୍ଗେଟ କରିଥିଲେ। ସେଥିରେ ସେ ରେକର୍ଡ ଜାଲିଆତି କରି ସେହି ୧୩ଜଣଙ୍କୁ ନିୟମିତ ଶିକ୍ଷକ ଭାବେ ଚାକିରିରେ ଥିବା ଦର୍ଶାଇଥିଲେ। ସେମାନଙ୍କ ନାମରେ ମଧ୍ୟ ସେ ମାସିକ ପେନ୍‌ସନ ବିଲ ପ୍ରସ୍ତୁତ କରୁଥିଲେ। ତେବେ ନିୟମିତ ଶିକ୍ଷକ ଭାବେ ସେମାନଙ୍କ ନାମରେ ଆସୁଥିବା ଅର୍ଥକୁ ସେ ନିଜ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଭିନ୍ନ ଶାଖାର ଆକାଉଣ୍ଟକୁ ପଠାଇ ଦେଉଥିଲେ। ଏଭଳି କାରବାର ୨୦୧୮ ନଭେମ୍ବରଠାରୁ ୨୦୨୪ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିଥିଲା।


ଗିରଫ ମାତୃପ୍ରସାଦ ମହାନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆଭ୍ୟନ୍ତରୀଣ ଅଡିଟ୍ ରିପୋର୍ଟରୁ ସରକାରୀ ଅର୍ଥ ଆତ୍ମସାତ୍ ସଂକ୍ରାନ୍ତରେ ଜଣାପଡ଼ିଥିଲା। ତତ୍‌ପରେ ବିଭାଗୀୟ ସଚିବ ଏନ୍. ତିରୁମାଲା ନାଏକ ଗତ ଫେବୃଆରୀ ୨୩ରେ ଯାଜପୁର ଜିଲାପାଳଙ୍କୁ ଚିଠି ଲେଖି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାର୍ଚ୍ଚ ୫ରେ ଜିଲା ଶିକ୍ଷାଧିକାରୀ ୧୨ଜଣ ଅଧିକାରୀ ଓ କର୍ମଚାରୀଙ୍କ ନାମରେ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେଥିରେ ବିଇଓ ସୁଦର୍ଶନ ମଲ୍ଲିକଙ୍କ ସମେତ ୩ଜଣ ପୂର୍ବତନ ବିଇଓ ସୁଶାନ୍ତ କୁମାର ଶତପଥୀ, ସୁମତି କୁମାରୀ ସାହୁ ଓ ଜଗବନ୍ଧୁ ଶତପଥୀ, ପୂର୍ବତନ ଜୁନିୟର ଆସିଷ୍ଟାଣ୍ଟ ବିଷ୍ଣୁପ୍ରସାଦ ଦାସ, ରମେଶ ଚନ୍ଦ୍ର ବଳ, ରାମଚନ୍ଦ୍ର ସାହୁ, ପୂର୍ବକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ମହାନ୍ତି, ମାତୃପ୍ରସାଦ ମହାନ୍ତି, ଗୀତାରାଣୀ ମହାନ୍ତି, ଦିଲୀପ କୁମାର ମହାପାତ୍ର ଓ ମୋନାଲିସା ପାଣିଙ୍କ ନାମ ରହିଛି। କ୍ରାଇମବ୍ରାଞ୍ଚ ମଧ୍ୟ ଏହି ମାମଲା ଉପରେ ତଦନ୍ତ କରୁଛି।

# ୫ଦିନ ଝଡ଼ବର୍ଷା, କୁଆପଥର ମାଡ଼

ଭୁବନେଶ୍ୱର, ୧୮।୩ (ଅନୁରାଧା ମହାରଣା)

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ଜିଲାରେ ବର୍ଷା ସହ ଝଡପବନ ହେଉଥିବା ବେଳେ ଆଗାମୀ ୫ ଦିନ ଯାଏ ଏପରିସ୍ଥିତି ଜାରି ରହିବ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ଗୁରୁବାର ୧୦ ଜିଲାକୁ ବିଜୁଳି ଘଡଘଡ଼ି ସହ ବର୍ଷା ସମ୍ଭାବନା ଥିବାବେଳେ କଟକ ଓ ଢେଙ୍କାନାଳ ଜିଲାରେ ବିଜୁଳି ଘଡଘଡି ସହ କୁଆପଥର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏହାସହ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି କଳାହାଣ୍ଡି ଓ ନବରଙ୍ଗପୁରରେ ୪୦ରୁ ୫୦ କିମି ବେଗରେ ପବନ ସହ ବିଜୁଳି ଘଡଘଡି ଜନିତ ବର୍ଷା ହେବାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଅନ୍ୟପକ୍ଷରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ କନ୍ଧମାଳ ଜିଲାରେ ବିଜୁଳି ଘଡଘଡି ବର୍ଷା ସହ ୩୦ ରୁ ୪୦ କିମି ପବନ ବହିବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ତେବେ ୨୩ ତାରିଖ ଯାଏ ଝଡ଼ବର୍ଷା ଲାଗି ରହିବ। ଘଡ଼ଘଡ଼ି ଓ କୁଆପଥର ପଡିବା ସମୟରେ ସତର୍କତା ଅବଲମ୍ବନ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି।

# ନୋରାଙ୍କ ଗୀତ ନିଷିଦ୍ଧ

## ବିବାଦରେ 'ସର୍‌କେ ଚୁନରିୟା'

- ଅଭିବ୍ୟକ୍ତି ସ୍ୱାଧୀନତା ନିରଙ୍କୁଶ ନୁହେଁ: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ/ମୁମ୍ବାଇ, ୧୮।୩

ବଲିଉଡ୍ ଅଭିନେତ୍ରୀ ନୋରା ଫତେହିଙ୍କ ଅଶ୍ଳୀଳ ଗୀତ 'ସର୍‌କେ ଚୁନରିୟା'କୁ ବୁଧବାର କେନ୍ଦ୍ର ସରକାର ଆନୁଷ୍ଠାନିକ ଭାବେ ନିଷିଦ୍ଧ ଘୋଷଣା କରିଛନ୍ତି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏନେଇ ପାର୍ଲାମେଣ୍ଟକୁ ଅବଗତ କରାଇଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତା ନିରଙ୍କୁଶ ହୋଇ ନ ଥିବାରୁ ଦେଶରେ ଏହାକୁ ଖୋଲା ଛାଡ଼ି ଦିଆଯାଇପାରିବ ନାହିଁ ବୋଲି ଅଶ୍ୱିନୀ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ନୋରା ଏହି ଗୀତକୁ ନେଇ ଚାରିଆଡ୍ରୁ ସମାଲୋଚିତ ହେବା ପରେ ଶେଷରେ ମୁହଁ ଖୋଲିଛନ୍ତି। ସେ ଅଶ୍ଳୀଳତାକୁ ପ୍ରଶ୍ରୟ ଦେଇନାହାନ୍ତି। ଅନେକ ବର୍ଷ ତଳେ କନ୍ନଡ଼ ଭାଷାରେ ଶୁଟିଂ କରାଯାଇଥିବା ଏକ ଗୀତକୁ ପରବର୍ତ୍ତୀ ସମୟରେ ହିନ୍ଦୀରେ ଡବ୍ କରି ଏପରି କରାଯିବା ନେଇ ତାଙ୍କ ଧାରଣା ନ ଥିଲା ବୋଲି ବିବାଦୀୟ ଅଭିନେତ୍ରୀ ନୋରା ଏକ ଭିଡିଓ ଜାରିକରି ସଫେଇ ଦେଇଛନ୍ତି।




ଅଭିନେତା ସଞ୍ଜୟ ଦତ୍ତଙ୍କ ସହ ଡ୍ୟାନ୍ସର ନୋରା ଫତେହି ଏକ ଆଇଟମ୍ ଗୀତ କରିଥିଲେ। କନ୍ନଡ଼ ଭାଷୀ ସିନେମା 'କେଡି: ଦି ଡେଭିଲ'ର ହିନ୍ଦୀ ସଂସ୍କରଣରେ ଉକ୍ତ ଗୀତର ଟାଇଟଲ୍ ରହିଛି 'ସର୍‌କେ ଚୁନରିୟା'। ତେବେ ହିନ୍ଦୀ ଭର୍ସନର ଲିରିକ୍ସ ଓ ଦୃଶ୍ୟରେ ଅଶ୍ଳୀଳତା ଭରି ରହିଥିବା ଜଣାପଡ଼ିବା ପରେ ସୋସିଆଲ ମିଡିଆରୁ ସଂସଦ ପର୍ଯ୍ୟନ୍ତ ଏହା ଉପରେ ବିତର୍କ ସୃଷ୍ଟି ହୋଇଛି। ଇତିମଧ୍ୟରେ ନୋରା ଏହି ବିବାଦରୁ ନିଜକୁ ଦୂରେଇ ରଖିବା ପାଇଁ ଏକ ଭିଡିଓ ମେସେଜ ଜାରି କରିଛନ୍ତି। ସେ କହିଛନ୍ତି, ପ୍ରଯୋଜକ ହିନ୍ଦୀ ଭର୍ସନରେ ଅଶ୍ଳୀଳତାକୁ ଯୋଡ଼ିଛନ୍ତି, ଯାହାକି ମୂଳ କନ୍ନଡ଼ ଗୀତରେ ନ ଥିଲା। ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଚଳଚ୍ଚିତ୍ରଗୁଡ଼ିକୁ ରିଲିଜ୍ ପୂର୍ବରୁ ପ୍ରମାଣୀକୃତ କରୁଥିବା ସେନ୍‌ସର ବୋର୍ଡକୁ ନୋଟିସ କରିଛି। ଉକ୍ତ ନୋଟିସ ପରେ ଗୀତଟିକୁ ୟୁଟ୍ୟୁବ୍‌ରୁ ହଟାଇ ଦିଆଯାଇଛି।

ସମାଜବାଦୀ ପାର୍ଟି (ଏସ୍‌ପି) ଏମ୍‌ପି ଆନନ୍ଦ ଭଦୋରିଆ ☞ପୃଷ୍ଠା-୫

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଷ୍ଟ୍ରୀୟ ନବବର୍ଷ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ୍-୩, ଖାରବେଳ ନଗର, ସମୟ: ସକାଳ ୭ଟା ୩୦ରୁ ଆରମ୍ଭ, ସକାଳ ୯ଟାରେ ସଭାକାର୍ଯ୍ୟ।
- ଗଙ୍ଗାଧର ମେହେର ଜୟନ୍ତୀ କମିଟି ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମହାବିଶ୍ରାମ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ହସ୍ପିଟାଲ ସନ୍ନିକଟ ନାଲ୍‌କୋ ଛକସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଐତିହାସିକ ହରମାନ୍ କୁଲ୍‌କେଙ୍କ ସ୍ମୃତିଚାରଣ, ସ୍ଥାନ: ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ୩୨ତମ ଗୁରୁ ପଙ୍କଜ ଉତ୍ସବର ଉଦ୍‌ଯାପନୀ ଦିବସରେ ମାହାରୀ ସମ୍ମାନ ପ୍ରଦାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ, ସ୍ଥାନ: ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ, ଭିଏସ୍‌ଏସ୍‌ନଗର, ସମୟ: ସକାଳ ୭ଟା ୩୦, ରାମକଥା ପ୍ରବଚନ, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ହିନ୍ଦୁ ନବବର୍ଷ ଉପଲକ୍ଷେ ପଥ ଉତ୍ସବ, ସ୍ଥାନ:ଫାଣ୍ଡି ଛକରୁ ଷ୍ଟେସନ ଛକ, ବାଲେଶ୍ୱର, ସମୟ: ପ୍ରାତଃ ୫ଟା ୩୦।
- ଭାଗବତ ପାରାୟଣ, ସ୍ଥାନ:ଶ୍ରୀ ରାଧାମାଧବ ଜୀଉ ସେବାଶ୍ରମ, ବାହାର୍ଦ୍ଧା, ବସ୍ତା, ସମୟ: ସକାଳ ୮ଟା।ଶ୍
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ:ସଦର ବ୍ଲକ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୯ଟା।
- ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଏକୋଣ୍ଡୋ (ମହିଳା) ପ୍ରତିଯୋଗିତାର ଚତୁର୍ଥ ଦିବସ, ସ୍ଥାନ: ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁ ମିଳନ, ସ୍ଥାନ:ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସମ୍ବର୍ଦ୍ଧନା ପର୍ବ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର,ସମୟ:ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଗାନ୍ଧି ସ୍ମୃତି ଭବନ, ବାଲେଶ୍ୱର, ସମୟ: ରାତି ୮ଟା।

## ଭଦ୍ରକ

- ବିଶାଳ ଗଣଦୌଡ଼ କାର୍ଯ୍ୟକ୍ରମ, ସ୍ଥାନ: ଯାଦବ ପଡ଼ିଆରୁ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ, ବାସୁଦେବପୁର, ସମୟ: ସକାଳ ୬ଟା୩୦।
- ଗୋମାତା ଓ ସାଧୁସନ୍ଥ ପୂଜନ, ସ୍ଥାନ: ଶ୍ରୀରାମ ମନ୍ଦିର ପଡ଼ିଆ, ବିଷ୍ଣୁପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସାମ୍ବାଦିକ ୟୁନିୟନର ବାର୍ଷିକ ଉତ୍ସବ, ସ୍ଥାନ: ନୀଳମଣି ଟାଉନ ହଲ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ଆମ ସାମ୍ବାଦିକ ସଂଘର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ବାରୁଣୀ ଯଜ୍ଞ ଉଦ୍‌ଯାପନୀ, ସ୍ଥାନ: କୁଣ୍ଡିକାଳୀ ମନ୍ଦିର, ମାଳିଅରୁଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ନଅ ଦିନ ବ୍ୟାପି ବାସନ୍ତୀ ଦୁର୍ଗାପୂଜା ଆରମ୍ଭ, ସ୍ଥାନ : ଇଂଚୋଳ, ଡ଼ଅଁର, ହାଟଡ଼ିହୀ, ସମୟ : ପ୍ରାତଃ ୬ ଟା।
- ପତଞ୍ଜଳି ବିଦ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଦମକଳ କେନ୍ଦ୍ର ନିକଟ, ବଡ଼ବିଲ, ସମୟ : ସକାଳ ୭ ଟା।
- ରଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡ଼ବିଲ, ସମୟ : ସକାଳ ୮ଟା।
- ରାଷ୍ଟ୍ରୀୟ ନବ ବର୍ଷ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ପ୍ରତିଭା ଚିହ୍ନଟ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ଷ୍ଟାଡିୟମ, ବଡ଼ସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଦଳା, କରଞ୍ଜିଆ ମିନି ଷ୍ଟାଡିୟମ, କଚେରୀ ପଡ଼ିଆ ରାଇରଙ୍ଗପୁର, ସମୟ: ସକାଳ ୭ଟା୩୦।
- ଚବିଶ ପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ,ସ୍ଥାନ: ଭୋଲଘାଟି,ପାତ୍ରସାହି ମୋରଡ଼ା,ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ଶ୍ରୀ ଗୋବର୍ଦ୍ଧନ ଗୋ ସେବା ନିଳୟ ଉଦ୍‌ଘାଟନ, ସ୍ଥାନ: ବ୍ରହ୍ମପୁର ନିକଟ ଭଗବାନପୁର, ସମୟ: ସକାଳ ୮ଟା।
- ବାଣିଜ୍ୟକର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ: ପ୍ରାପ୍ତି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ ଟା।
- ଉଗାଡି ଉତ୍ସବଲୁ, ସ୍ଥାନ: ଖାସ୍ପା ସାହି, ସମୟ: ଅପରାହ୍ନ ୪ ଟା ୩୦।

## କନ୍ଧମାଳ

- ଶ୍ରୀଶ୍ରୀଶ୍ରୀ ମା' ପାଟ୍ଟଖଣ୍ଡାଙ୍କ ୪୪ତମ ବାସନ୍ତିକ ନବରାତ୍ରି ପୂଜା ଆରମ୍ଭ, ସ୍ଥାନ: ଦାରିଙ୍ଗବାଡ଼ି ମା'ପାଟ୍ଟଖଣ୍ଡାଙ୍କ ପୀଠସ୍ଥଳୀ, ସମୟ: ପ୍ରାତଃ ୫ ଟା ୩୦।

## ସମ୍ବଲପୁର

- ମାନସିକ ଦୀପ ପ୍ରଜ୍ୱଳନ ଶୁଭାରମ୍ଭ, ସ୍ଥାନ : ସମଲେଇ ମନ୍ଦିର ପରିସରସ୍ଥ ଦୀପ ଗୃହ, ସମୟ : ସକାଳ ୬ଟା।
- ହିନ୍ଦୁ ନବବର୍ଷ ଉପଲକ୍ଷେ ବାଇକ ରାଲି, ସ୍ଥାନ : ରେଙ୍ଗାଲି ବାବା ମନ୍ଦିର, ସମୟ : ସକାଳ ୮ଟା ୩୦।
- ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆଞ୍ଚଳିକ ତାଲିମ ଶିବିର ଉଦଯାପନୀ ଉତ୍ସବ, ସ୍ଥାନ : ଏନଏସଓ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦।
- ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ସାମୂହିକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : ରାଧାନାଥ ରଥ କମ୍ୟୁନିଟି ସେଣ୍ଟର, ସମୟ : ମଧ୍ୟାହ୍ନ ୧୨ଟା ୩୦।
- ଶ୍ରୀଶ୍ରୀ ମା' କାମାକ୍ଷା ଦେବୀଙ୍କ ବାସନ୍ତିକ ନବରାତ୍ରରେ ଶୈଳପୁତ୍ରୀ ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ଅପରାହ୍ନ ୧୨ଟା ୩୦।
- ମା' ମଙ୍ଗଳାଙ୍କ ବାସନ୍ତିକ ନବଦିନାତ୍ମକ ପୂଜା ସକାଶେ କଳସ ଯାତ୍ରା, ସ୍ଥାନ : ଭୁତାପଡା, ସମୟ : ଅପରାହ୍ନ ୪ଟା।
- ରାଷ୍ଟ୍ରୀୟ ନବବର୍ଷ ପାଳନ ସମିତି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ଅପରାହ୍ନ ୫ଟା ୩୦।
- ବିଶ୍ୱ ହିନ୍ଦୁ ପରିଷଦ ଓ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଆୟୋଜନରେ ସାମୂହିକ ଦୀପ ଦାନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା।
- ଚୈତ୍ର ନବରାତ୍ର ଓ ହିନ୍ଦୁ ନବବର୍ଷ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର ପରିସର, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ମହାକୋଶଳ କୋଶଲୀ ନାଟବାଦୀ-ନାଟ୍ୟଯାତରାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ରାଧାକୃଷ୍ଣ ମଣ୍ଡପ, ପଲ୍ଲୀଶ୍ରୀ ବିହାର, ସଦାଇପାଲି, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟାରୁ ।

## ରାଉରକେଲା

- ଗ୍ରୀଷ୍ମକାଳୀନ ଶିବିର ୫ମ ଦିବସ, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ସକାଳ ୭ଟା।
- ଶ୍ୟାମ ଆଖଡା ପକ୍ଷରୁ ଶ୍ୟାମ ପ୍ରଭୁଙ୍କ କୀର୍ତ୍ତନ, ସ୍ଥାନ: ଜେଲ୍‌ରୋଡ, ସମୟ: ସନ୍ଧ୍ୟା ୬ଟା।
- ରାଉରକେଲା ଶ୍ରମିକ ସଂଘ ପ୍ରତିଷ୍ଠାତା ଶ୍ରମିକ ନେତା ଏମ୍‌ଡ଼ିଏନ୍ ପାଣିକରଙ୍କ ଶ୍ରାଦ୍ଧ ଦିବସ, ସ୍ଥାନ: ସେକ୍ଟର-୧୮ କାର୍ଯ୍ୟାଳୟ, ସମୟ, ସନ୍ଧ୍ୟା ୭ଟା।

## ବରଗଡ଼

- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ:ସକାଳ ୭ଟା।
- ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ, ସ୍ଥାନ:ସରସ୍ୱତୀ ଶିଶୁ ମନ୍ଦିର, କେଶବ ନଗର, ବରଗଡ଼, ସମୟ:ସକାଳ ୭ଟା ୩୦।
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ:ପିଏମ୍‌ଶ୍ରୀ ନୋଡାଲ ହାଇସ୍କୁଲ ପଡ଼ିଆ, ଗାଇସିଲେଟ, ସମୟ:ଅପରାହ୍ନ ୩ଟା ୩୦।
- ଉଗାଦି ଉତ୍ସବ, ସ୍ଥାନ:ଆନନ୍ଦ କଲ୍ୟାଣ ମଣ୍ଡପ, ଅତାବିରା, ସମୟ:ସନ୍ଧ୍ୟା ୫ଟା ୩୦।
- ବାସନ୍ତିକ ନବରାତ୍ର ପୂଜା ପାଇଁ କଳସଯାତ୍ରା, ସ୍ଥାନ:ଦୁର୍ଗା ମନ୍ଦିର, ସୋହେଲା,ସମୟ:ସକାଳ ୭ଟା।
- ପୌର ପରିଷଦର ଷ୍ଟେକ ହୋଲଡର୍ସ ବୈଠକ, ସ୍ଥାନ:ଜିଲା ପରିଷଦ ସମ୍ମିଳନୀ କକ୍ଷ, ବରଗଡ଼,ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ- ୨୦୨୬, ସ୍ଥାନ:ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।

## କଳାହାଣ୍ଡି

- ଓଡ଼ିଆ ସାହିତ୍ୟରେ ଆଦିବାସୀ ଜୀବନର ଚିତ୍ର ଓ ଚରିତ୍ର ଉପରେ ଆଲୋଚନା ଚକ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ୨୦୨୭ ଜନଗଣନା ପାଇଁ ଜିଲାସ୍ତରୀୟ ତାଲିମ ଶିବିର, ସ୍ଥାନ: ଭବାନୀପାଟଣାସ୍ଥିତ ମ୍ୟୁନିସିପାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- କାଳୀକୃଷ୍ଣ ସଂଘ ପକ୍ଷରୁ ନବକୁଣ୍ଡୀୟ ବିଶ୍ୱ ଶାନ୍ତି ମହାଯଜ୍ଞର ତୃତୀୟ ଦିବସ, ସ୍ଥାନ: ଜୁନାଗଡ଼ ବ୍ଲକ ନକଟିଗୁଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ମାଣିକପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ମାଣିକପୁର ଖେଳପଡ଼ିଆ, ହରଭଙ୍ଗା ବ୍ଲକ, ସମୟ: ସକାଳ ୮ଟା।
- ଦଶମ ରାଜ୍ୟସ୍ତରୀୟ କଣ୍ଟାମାଳ ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ଲୋକ କଳା ମଣ୍ଡପ ପଡ଼ିଆ, କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ହିନ୍ଦୁ ନବବର୍ଷ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଦେବଗଡ଼ ସହର, ସମୟ: ସକାଳ ୮ଟା।
- ବାସନ୍ତୀକ ନବରାତ୍ର ପୂଜା ଓ ଅଖଣ୍ଡ ଦୀପ ଦାନ, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନିମନ୍ଦିର, ସମୟ: ସକାଳ ୮ଟା।
- ବୈଜ୍ଞାନିକ ପ୍ରଣାଳୀରେ ମଧ୍ୟବିତ୍ତ ଉଦ୍ୟୋଗୀଙ୍କ ପାଇଁ ଅଣ୍ଡା ଦିଆ କୁକୁଡ଼ା ପାଳନ କାର୍ଯ୍ୟକ୍ରମ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ହିନ୍ଦୁ ନବବର୍ଷ ପାଳନ, ସ୍ଥାନ: ରିଆମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ନବାହ ପାରାୟଣର ସପ୍ତମ ଦିବସ, ସ୍ଥାନ: କମିରା,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୯ଟା।
- ତରଭା ବ୍ଲକ ସରଗଜ ଗ୍ରାମରେ ରାମଲୀଳା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ପୁରୁଣା ପାକ୍ସ କାର୍ଯ୍ୟାଳୟ ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ନବାଦିନାତ୍ମକ ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: ଦୁର୍ଗା ମନ୍ଦିର ପୁରୁଣା ବସ୍‌ଷ୍ଟାଣ୍ଡ, ବିନିକା, ସମୟ: ସନ୍ଧ୍ୟା ୭ଟା।
- ଷୋଳ ସୁଆଙ୍ଗ ଦଣ୍ଡନୃତ୍ୟ, ସ୍ଥାନ: ବହଳପଦର,ବୀରମହାରାଜପୁର ବ୍ଲକ, ସମୟ: ରାତି ୧୧ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଢକସର ତଳପଡ଼ା, ସମୟ: ପ୍ରାତଃ ୫ଟା ୧୫।
- ହିନ୍ଦୁ ନବବର୍ଷ ଉପଲକ୍ଷେ ଶ୍ରୀରାମ କଥା କମିଟି ପକ୍ଷରୁ ଶ୍ରୀରାମ କଥା ମାନସ, ସ୍ଥାନ: ଦୁର୍ଗା ମଣ୍ଡପ ତେଲିପଡ଼ା ଛକ ନୂଆପଡା, ସମୟ: ସକାଳ ୭ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନି-ବଙ୍ଗଳାପଡା, ସମୟ: ସକାଳ ୭ଟା।୦
- ହିନ୍ଦୁ ନବବର୍ଷ ମହୋତ୍ସବ ବା ଆର୍ଯ୍ୟସମାଜ ସ୍ଥାପନା ଦିବସ, ସ୍ଥାନ: ନୂଆପଡା ସଦର ବ୍ଲକ ଗୁରୁକୂଳ ହରିପୁର ଜୁନାନୀ, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଖୁଦପେଜ ଗାଁ, ସମୟ: ପୂର୍ବାହ୍ନ ୧୦ଟା ୧୫।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ଅନ୍ନଛତ୍ର, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନି ବଙ୍ଗଳାପଡା, ସମୟ: ମଧ୍ୟାହ୍ନ ୧୨ଟା ୩୦ରୁ ଓ ସନ୍ଧ୍ୟା ୭ଟା।
- ୬ତମ ଜୟ ବଜରଙ୍ଗବାଲି କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ସିଲେଟପାଣି ଗାଁ, ସମୟ: ଅପରାହ୍ନ ୨ଟା।

## ଝାରସୁଗୁଡ଼ା

- ଝାରସୁଗୁଡା : ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବାଗଡିହି ମହାକାଳ ମନ୍ଦିର, ସମୟ: ସକାଳ ୮ଟା।
- ବାଇକ ଶୋଭାଯାତ୍ରା, ସ୍ଥାନ: ବିଟିଏମ୍ ହନୁମାନ ମନ୍ଦିରରୁ ସତସଙ୍ଗ ଭବନ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାଶ୍ୟାଧିପତିଙ୍କ ଉଚ୍ଚାବସ୍ଥାନ କାରଣରୁ ସ୍ୱାସ୍ଥ୍ୟ ଭଲ ରହିବା ସହ ଅଭିଳଷିତ କାର୍ଯ୍ୟ ସମ୍ପନ୍ନ ହେବ। ଅସହିଷ୍ଣୁ ମନୋଭାବରୁ ଟିକିଏ କଥାରେ ବନ୍ଧୁଙ୍କ ସହ କଳହ ଲାଗିପାରେ। ମନ ବୁଝିଲା ଭଳି କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଆପଣେଇ ନେବେ। ବ୍ୟୟଭାବସ୍ଥ ଗ୍ରହ ସଂସ୍ଥିତିରୁ ବିଶେଷ ଖର୍ଚ୍ଚାନ୍ତ ସହ ଦୂରଯାତ୍ରା କରିପାରନ୍ତି।

**ବୃଷ** ଚତୁର୍ଥଭାବରେ କେତୁଙ୍କ ପ୍ରଭାବରେ ପାରିବାରିକ କଳହ ଯୋଗୁ ଅଶାନ୍ତି ରହିପାରନ୍ତି। କର୍ମାଧିପ ଶନିଙ୍କ ଦୁର୍ବଳତା କାରଣରୁ ସଂଘର୍ଷର ସାମ୍ନା କରି କାମ ସମ୍ପୂର୍ଣ୍ଣ କରିବେ। ପରିସ୍ଥିତିବଶତଃ ବନ୍ଧୁ ଗହଣରେ ସତ୍ୟ କହି ଅପମାନିତ ହୋଇପାରନ୍ତି। ସହକର୍ମୀଙ୍କ ଘରୋଇ କଥାରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡ଼ିବାର ସୂଚନା ରହିଛି।

**ମିଥୁନ** ଧନାଧିପ ଚନ୍ଦ୍ର କର୍ମସ୍ଥାନରେ ଏକାଧିକ ଗ୍ରହଙ୍କ ସାନ୍ନିଧ୍ୟରେ ଆପଣଙ୍କ ବୈଷୟିକ ଅଭିବୃଦ୍ଧି କରିପାରନ୍ତି। ପାରିବାରିକ ସମସ୍ୟା ମନକୁ ବିଚଳିତ କରିବା ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିବ। ଅବହେଳିତ କର୍ମ ସକାଶେ କର୍ମକ୍ଷେତ୍ରରେ କୈଫିୟତ୍ ଦେବାକୁ ପଡ଼ିପାରେ। କଳା, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**କର୍କଟ** ଭାଗ୍ୟଭାବରେ ଚତୁଃଗ୍ରହ ଯୋଗ ଆପଣଙ୍କୁ ସାମାଗ୍ରିକ ସୁଖ, ସୁବିଧା ପ୍ରଦାନ କରିବେ। ଭାଇ, ବନ୍ଧୁ, ସହକର୍ମୀ, ଅଂଶୀଦାର ବ୍ୟବସାୟୀଙ୍କ ସହ ସୁସମ୍ପର୍କ ରକ୍ଷାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗରୁ ଟେନସନ୍ ଦୂର ହେବ। ପ୍ରଶାସନ, ବାଣିଜ୍ୟ, ନିର୍ମାଣ ଏବଂ ଆନୁଷ୍ଠାନିକ କାମରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ** ସପ୍ତମଭାବରେ ଏକାଧିକ ଗ୍ରହ ଯାତ୍ରା, ବାଣିଜ୍ୟ କ୍ଷେତ୍ରରେ ସମସ୍ୟାଯୁକ୍ତ କରାଇପାରନ୍ତି। ବିବାଦୀୟ କ୍ଷେତ୍ରରେ ପ୍ରବେଶ କଲେ ଅପଦସ୍ଥ ହେବେ। ଅନ୍ୟମନସ୍କତା କିମ୍ବା ଅସାବଧାନତା ବଶତଃ ଧନହାନିର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ।

**କନ୍ୟା** ରାଶ୍ୟାଧିପ ଦୁର୍ବଳ ରହିଥିଲେ ମଧ୍ୟ ସ୍ଥାନ ପ୍ରଭାବରୁ କୌଣସି ଅସୁବିଧା ରହିବନାହିଁ। ଅପୂରଣୀୟ ଆଶା ଓ ଅର୍ଥର ଅଭାବ ହେତୁ ମାନସିକ ସ୍ଥିରତା ରହି ନ ପାରେ। ଶନିଙ୍କ ପ୍ରଭାବରେ ସତ୍‌ସଙ୍ଗ କିମ୍ବା ନାମ ସଂକୀର୍ତ୍ତନରେ ନିଜକୁ ହଜାଇ ଦେଇପାରନ୍ତି। ଚନ୍ଦ୍ର ଓ ବୁଧଙ୍କ କୁପ୍ରଭାବ ଜନିତ ଆଜି ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ଅସମର୍ଥ ହୋଇପାରନ୍ତି।

**ତୁଳା** ଧନାଧିପ ଏବଂ ଭାଗ୍ୟାଧିପ କୋଣଭାବ ମଣ୍ଡନ କରିଥିବାରୁ ଆର୍ଥିକ ଉନ୍ନତି ସହ ପରିବାରରୁ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଗୃହ ନିର୍ମାଣ, ଯାନ ମରାମତି, ପଦସ୍ଥଙ୍କ ସହ ଆଲୋଚନାର ସୁଯୋଗ ମିଳିବ।

**ବିଛା** ରାହୁ ଯୁକ୍ତ ବୁଧଙ୍କ ଯୋଗୁ ନିଷ୍ପତ୍ତି ବଦଳାଇ ଅନୁତାପ କରିପାରନ୍ତି। ଲାଭାଧିପ କେନ୍ଦ୍ରସ୍ଥ ଯୋଗୁ ବନ୍ଧୁଙ୍କ ସାହାଯ୍ୟରୁ ପାରିବାରିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ** ବୃହସ୍ପତିଙ୍କ ଶୁଭଦୃଷ୍ଟି ପ୍ରଭାବରେ ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଆଜି ଯେତିକି ପାଇବେ, ସେତିକିରେ ସନ୍ତୁଷ୍ଟ ରହିବା ଭଲ। ସନ୍ତାନଙ୍କ ପରୀକ୍ଷା ଓ ଇଣ୍ଟରଭ୍ୟୁ କ୍ଷେତ୍ରରେ ସଫଳତା ପାଇବା ଯୋଗୁ ବିଶେଷ ଖୁସି ଅନୁଭବ କରିବେ । ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**ମକର** ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ଆଗମନକୁ ଅପେକ୍ଷା କରିପାରନ୍ତି। ଅଷ୍ଟମ ସ୍ଥାନରେ କେତୁଙ୍କ ସ୍ଥିତି ପ୍ରତ୍ୟେକ କାର୍ଯ୍ୟରେ ନୈରାଶ୍ୟ ପ୍ରଦାନ କରିପାରେ। ପଡ଼ୋଶୀ କିମ୍ବା ସହକର୍ମୀ ଫାଇଦା ହାସଲ ସକଶେ ନିଜର ଭଳି ବ୍ୟବହାର କରିପାରନ୍ତି। ବନ୍ଧୁଙ୍କ ସହ ଯୋଗାଯୋଗ କଲେ ସମସ୍ୟା ସମାଧାନର ରାସ୍ତା ବାହାରିପାରିବ।

**କୁମ୍ଭ** ପାପଗ୍ରହ ସଂଯୁକ୍ତ ଶୁକ୍ର ହେତୁ ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବାର ଆଶା ମଉଳିଯିବ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ବନ୍ଧୁଙ୍କ ପାଖରେ ରହିଥିବା ବହୁତ ଦିନର ବକେୟା ଟଙ୍କା ଆଜି ପାଇବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** ଆପଣଙ୍କ ପାଇଁ ସଫଳତା ସକାଶେ ଭାଇ, ବନ୍ଧୁ ଓ ଆତ୍ମୀୟଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ବାଣିଜ୍ୟ, ପରିବହନ ଓ ସଭା ସମିତିରେ ଲକ୍ଷ୍ୟ ହାସଲ କରିବେ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିପାରିବେ।

ଆଜି ମାର୍ଚ୍ଚ ୧୯ ତାରିଖ, ହିନ୍ଦୁ ନବବର୍ଷ, ଚୈତ୍ର ଅମାବାସ୍ୟା ଯୁକ୍ତ ଶୁକ୍ଳ ପ୍ରତିପଦା ଗୁରୁବାର। ବାସନ୍ତିକ ନବରାତ୍ର ପୂଜାରମ୍ଭ, ରାଶିନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୫୫ମି. ଗତେ ଘ.୦୭।୩୧ମି. ମଧ୍ୟେ, ଘ.୧୦।୪୨ମି. ଗତେ ଘ.୦୧।୦୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୧।୫୪ମି. ଗତେ ଘ.୦୧।୨୪ମି. ମଧ୍ୟେ ରାହୁ କାଳ।

# ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନ ଦେବା ଚିନ୍ତାଜନକ: ନବୀନ

**ଭୁବନେଶ୍ୱର,୧୮।୩ (ରବିନାରାୟଣ ଜେନା)** କଟକସ୍ଥିତ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗୃହ ବାହାରେ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଏହି ମର୍ମନ୍ତୁଦ ଦୁର୍ଘଟଣା ପରେ କଟକ ବଡ଼ ମେଡିକାଲ ହସ୍ପିଟାଲ ଅନୁଧ୍ୟାନ କରିବାକୁ ଯାଇଥିଲି। ଏହି ଅଗ୍ନିକାଣ୍ଡରେ ୧୧ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ମୋ ସରକାର ସମୟରେ ଏକ ଘରୋଇ ହସ୍ପିଟାଲରେ ନିଆଁ ଲାଗିଥିଲା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେଇଥିଲେ। ହେଲେ ଏବେ ସରକାରୀ ହସ୍ପିଟାଲରେ ନିଆଁ ଲାଗିଲା। ଭାଜପା ସରକାର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା କରାଇଦେଲେନାହିଁ, ଯାହା ଚିନ୍ତାଜନକ। ରାଜ୍ୟର ସମସ୍ତ ହସ୍ପିଟାଲ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକାଶ ପାଇଁ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ନବୀନ କହିଛନ୍ତି।

# ସରକାର ଉତ୍ତରଦାୟିତ୍ୱ ନିର୍ବାହ କରନ୍ତୁ: ଭକ୍ତ

**ଭୁବନେଶ୍ୱର,୧୮।୩ (ରବିନାରାୟଣ ଜେନା)** ଏସ୍‌ସିବି ବଡ଼ ମେଡିକାଲ ଅଗ୍ନିକାଣ୍ଡ ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ଏସ୍‌ସିବିରେ ବାରମ୍ବାର ଏଭଳି ଘଟଣା ଘଟିବା ଚିନ୍ତାଜନକ। ନନ୍-ଟ୍ରମା କାଜୁଆଲ୍‌ଟି ବିଭାଗରେ ବିଦ୍ୟୁତ୍ ଶଟ୍ ସର୍କିଟ୍ ଯୋଗୁ ଏଭଳି ଭୟାନକ ଅଗ୍ନିକାଣ୍ଡ ଘଟିଛି, ଯାହା ସୁରକ୍ଷା ବ୍ୟବସ୍ଥାର ବିଫଳତାକୁ ସ୍ପଷ୍ଟ କରୁଛି। ସେ ପୁଣି କହିଛନ୍ତି, ସଂପ୍ରତି ଘଟିଥିବା ଆଇସିୟୁ ଅଗ୍ନିକାଣ୍ଡରୁ ଶିକ୍ଷା ନେବାରେ ପ୍ରଶାସନ ବିଫଳ ହୋଇଛି। ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ସ୍ୱାସ୍ଥ୍ୟାନୁଷ୍ଠାନରେ ବାରମ୍ବାର ଏଭଳି ଅଗ୍ନିକାଣ୍ଡ ଘଟଣାର ପୁନରାବୃତ୍ତି ହେବା ଲୋକଙ୍କ ଜୀବନର ସୁରକ୍ଷା ପ୍ରତି ଗଭୀର ଅବହେଳାକୁ ଦର୍ଶାଉଛି। ରାଜ୍ୟ ସରକାର ଯଥାଶୀଘ୍ର ଉତ୍ତରଦାୟିତ୍ୱ ନିର୍ବାହ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ନଚେତ୍ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଭକ୍ତ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଷୁନା ଚାଉଳ ମଣ୍ଡା
ଗାଳି ନ ଦିଅନ୍ତି ମାଡ଼ ନ ମାରନ୍ତି
ବଚନେ କରନ୍ତି ଗୁଣ୍ଡା।**

ମାଡ଼ଗାଳିଠାରୁ ପଦିଏ ଟାଣ କଥା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। ଏପରି ମରମଭେଦୀ କଥାକୁ ସହ୍ୟ କରିବା ଅନେକଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଶାଶୂଘରେ ବୋହୂକୁ କଥାରେ ଶାସନ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଦାରୀ ପାଖରେ ଚତୁରୀ ଥାଏ
ପୁନିଅଁ କେଉଁଦିନ ପଚାରୁ ଥାଏ ?**

ଚତୁର ବା ସିଆଣିଆ ଲୋକ ନିଜ ହିସାବରେ ଠିକ ଥାନ୍ତି। ପୂର୍ଣ୍ଣମୀ ଦିନ ଭଲ ଖାଇବା ପ୍ରସ୍ତୁତ ହୁଏ। ଫଳସ୍ୱରୂପ ଖାଦ୍ୟଲୋଭି ବ୍ୟକ୍ତିର ଆଖି ସେଇଠି ସବୁବେଳେ ଲାଖି ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବିଧାନସଭାରେ ...

ଇସ୍ତଫା ଦାବି କରିଥିଲେ। ଗୃହରେ ପ୍ରବଳ ହଟ୍ଟଗୋଳ ଭିତରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଭାଜପା ସଦସ୍ୟ ବିଜୟ ଦଳବେହେରାଙ୍କ ପ୍ରଶ୍ନର ଉତ୍ତର ରଖୁଥିଲେ। ତେବେ ବିରୋଧୀଙ୍କ ପ୍ରବଳ ହୋହଲ୍ଲା ଯୋଗୁ ବାଚସ୍ପତି ପୂର୍ବାହ୍ନ ୧୦ଟା ୩୭ ମିନିଟ୍‌ରୁ ୧୧ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଗୃହ ମୁଲତବୀ ହେବାପରେ ବିରୋଧୀ ଦଳର ସଦସ୍ୟମାନେ ପ୍ରତୀକାତ୍ମକ କୋକେଇ ଶୋଭାଯାତ୍ରା କରିଥିଲେ। ଏହି ଅବସରରେ ବିଜେଡିର ବରିଷ୍ଠ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ଏସ୍‌ସିବିରେ ଏତେବଡ଼ ଘଟଣା ଘଟିଥିଲେ ହେଁ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ସରକାରୀ ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ ପାଲଟି ଯାଇଛି। ରୋଗୀମାନେ ଛଟପଟ ହୋଇ ମରୁଛନ୍ତି, ହେଲେ ସରକାର ଆହା ଟିକେ କହିପାରୁନାହାନ୍ତି। ସ୍ୱାସ୍ଥ୍ୟ ବିଭାଗ ମୃତପ୍ରାୟ ହୋଇଥିବାରୁ ସରକାରଙ୍କୁ ଜାଗ୍ରତ କରିବା ନିମନ୍ତେ ଏଭଳି ପ୍ରତୀକାତ୍ମକ କୋକେଇ ଶୋଭାଯାତ୍ରା କରାଯାଉଛି ବୋଲି ସେ କହିଥିଲେ। ସେହିପରି କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଥିଲେ, ଏସ୍‌ସିବି ଘଟଣାରେ ସରକାରଙ୍କ ନୀରବତା ସବୁକିଛି କହୁଛି। ଏ ସରକାର ଏକ ଅକର୍ମା ସରକାର। ଘଟଣାର ୩ ଦିନ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହସ ପାଉନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା ସହିତ ସୁପରିଣ୍ଟେଣ୍ଡେଣ୍ଟ ଓ ଅନ୍ୟମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

ସେହିପରି ୧୧ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟ ପୁନର୍ବାର ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ଗୃହରେ ସମାନ ଢଙ୍ଗରେ ପ୍ରତିବାଦ ଜାରି ରଖିଥିଲେ। ରିପୋର୍ଟର୍ସ ଟେବୁଲ ଉପରେ ପ୍ରତୀକାତ୍ମକ ଶବ ରଖି ସରକାର ବିରୋଧୀ ନାରା ଦେଇଥିଲେ। ଏହି ସମୟରେ ଭାଜପା ବିଧାୟକମାନେ ବିରୋଧୀଙ୍କ ଶବ ପ୍ରତୀକାତ୍ମକ ପ୍ରତିବାଦକୁ କଡ଼ାଭାଷାରେ ନିନ୍ଦା କରିଥିଲେ।

ଭାଜପା ସଦସ୍ୟ ବିଜୟ ଦଳବେହେରା କହିଥିଲେ, ବିଜେଡି ଓ କଂଗ୍ରେସ ଏଭଳି ଦୁଃଖଦ ଘଟଣାକୁ ନେଇ ଶସ୍ତା ରାଜନୀତି କରୁଛନ୍ତି। ଏସ୍‌ସିବି ଅଗ୍ନିକାଣ୍ଡ ଏକ ସମ୍ବେଦନଶୀଳ ଘଟଣା। ଯଦି ସେମାନଙ୍କର ଟିକିଏ ବି ଦରଦ ଅଛି, ତେବେ ସମସ୍ୟାର ସମାଧାନ ଲାଗି ସେମାନେ ସରକାରଙ୍କୁ ସୁଚିନ୍ତିତ ପରାମର୍ଶ ଦିଅନ୍ତୁ। ସ୍ୱାସ୍ଥ୍ୟମନ୍ତ୍ରୀ ଗୃହରେ ବିବୃତି ରଖିଛନ୍ତି, ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଘଟଣାର ଅନୁସନ୍ଧାନ କରିଛି। ବିରୋଧୀ ରାଜନୈତିକ ରୁଟି ନ ସେକି ଆଲୋଚନାକୁ ଆସନ୍ତୁ ବୋଲି ସେ କହିଥିଲେ।

ସଦସ୍ୟ ସନ୍ତୋଷ ଖଟୁଆ ବିଜୁ-ନବୀନ ଇନ୍ସପିରେଶନାଲ ଫାଉଣ୍ଡେଶନ ପ୍ରସଙ୍ଗ ଉଠାଇ ବିଜେଡିକୁ ଟାର୍ଗେଟ୍ କରିଥିଲେ। ଏହି ଘଟଣାରୁ ଦୃଷ୍ଟି ହଟାଇବା ପାଇଁ ବିରୋଧୀ ଏଭଳି ନାଟକବାଜି କରୁଛନ୍ତି ବୋଲି ଖଟୁଆ କହିଥିଲେ। ଭାଜପା ସଦସ୍ୟ ବାବୁ ସିଂ ମଧ୍ୟ ପୂର୍ବର ବିଜେଡି ସରକାର ଉପରେ ବର୍ଷିଥିଲେ। ସେ କହିଥିଲେ, ତାଙ୍କ ଅମଳରେ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଘର ପାଖରେ ଘଟଣା ଘଟିଥିଲେ ହେଁ ଘଟଣାସ୍ଥଳକୁ ଯାଇପାରି ନ ଥିବାବେଳେ ଏବେକାର ମୁଖ୍ୟମନ୍ତ୍ରୀ ଘଟଣା ଘଟିବା କ୍ଷଣି ସେଠାରେ ପହଞ୍ଚି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିଥିଲେ। ସେହିପରି ସଦସ୍ୟ ସିଦ୍ଧାନ୍ତ ମହାପାତ୍ର, ସନାତନ ବିଜୁଳି, ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ, ଜଲେନ ନାଏକ, ବିଭୂତି ଭୂଷଣ ପ୍ରଧାନ, ସରୋଜ କୁମାର ପାଢ଼ୀ ଓ ମାନସ ଦତ୍ତ ପ୍ରମୁଖ ଏସ୍‌ସିବି ଘଟଣା ଉପରେ ବିରୋଧୀ ରାଜନୀତି ନ କରିବାକୁ କହିଥିଲେ।

## ୪ ନିଲମ୍ବିତ...

କାର୍ଯ୍ୟରେ ଅବହେଳା ଯୋଗୁ ମୁଖ୍ୟମନ୍ତ୍ରୀ ୪ ଜଣଙ୍କୁ ନିଲମ୍ବନ କରିଛନ୍ତି। କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ କୁମାର ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ କୁମାର ବେହେରା, ଏସ୍‌ସିବି ମେଡିକାଲ ଓ ହସ୍ପିଟାଲର ଷ୍ଟେଶନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଡିଇଡି ଅନ୍ତର୍ଗତ ଏସ୍‌ସିବି ସବ୍ ଡିଭିଜନର ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ରଞ୍ଜନ କୁମାର ବିଶ୍ୱାଳ ନିଲମ୍ବନ ହୋଇଛନ୍ତି। ଏହି ୪ ଅଫିସର କାର୍ଯ୍ୟରେ ଅବହେଳା କରିବା ଯୋଗୁ ଏତେବଡ଼ ଘଟଣା ଘଟିଗଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନକରିବା ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି। ଅନ୍ୟପଟେ ଘଟଣାର ତଦନ୍ତକରିବା ଲାଗି ସରକାରଙ୍କ ପକ୍ଷରୁ ଗତ ୧୬ ତାରିଖରେ ଜଣିକିଆ ନ୍ୟାୟିକ କମିଶନ ଗଠନ କରାଯାଇଛି। ଅବସରପ୍ରାପ୍ତ ଜିଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳ ଘଟଣାର ତଦନ୍ତ କରିବେ। ଆସନ୍ତା ୬୦ ଦିନ ମଧ୍ୟରେ ସେ ତାଙ୍କ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବାକୁ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଥିଲା। ଅନ୍ୟପଟେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନକରି ଘଟଣା ଦିନ ସନ୍ଧ୍ୟା ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ତା'ର ରିପୋର୍ଟ ଘୋଷଣା ହୋଇନାହିଁ।

## ଏସ୍‌ସିବିରେ ...

ଅନ୍ୟପକ୍ଷରେ ମେଡିକାଲରେ ବାରମ୍ବାର ଅଘଟଣ ଘଟି ଚାଲିଥିଲେ ସୁଦ୍ଧା ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ଏସ୍‌ସିବିର ଏହି ନନ୍‌ଟ୍ରମା କାଜୁଆଲ୍‌ଟି ଏକ ବର୍ଷ ହେବ ନୂତନ କରି ଶରୀର ଗଠନ ବିଭାଗ ନିକଟରେ କାର୍ଯ୍ୟ କରୁଛି। ଏଠାରେ ପ୍ରାୟ ୪୦ଟି ଶଯ୍ୟା ରହିଛି। କିନ୍ତୁ ଏଠାରେ ଅଗ୍ନି ନିରାପତ୍ତାର କୌଣସି ବ୍ୟବସ୍ଥା ଥିବା ଦେଖିବାକୁ ମିଳିନାହିଁ। ଏପରିକି ଏହି କାଜୁଆଲ୍‌ଟିରେ ଅଗ୍ନିନିର୍ବାପକ ଯନ୍ତ୍ର ରଖାଯାଇନାହିଁ। ନନ୍‌ଟ୍ରମା କାଜୁଆଲ୍‌ଟି କେବଳ ଗୋଟିଏ ମହଲା ବିଶିଷ୍ଟ ହୋଇ ଥିବାବେଳେ ଏଥିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିବାର ସ୍ୱତନ୍ତ୍ର ନିୟମ ରହିଛି। ହେଲେ ଏହି ନିୟମକୁ ମେଡିକାଲ କର୍ତ୍ତୃପକ୍ଷ ପାଳନ କରିନାହାନ୍ତି।




# କ୍ରସ୍ ଭୋଟିଂ ନେଇ ଦେବୀଙ୍କ ବାସଭବନ ଘେରିଲା ବିଜେଡି

**ଭୁବନେଶ୍ୱର, ୧୮।୩ (ସୁନିତ୍ ମିଶ୍ର)**



ରାଜ୍ୟ ସଭାରେ କ୍ରସ୍ ଭୋଟିଂ କରିଥିବା ବାଙ୍କୀ ବିଜେଡି ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସରକାରୀ ବାସଭବନ ବାହାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରବଳ ପ୍ରତିବାଦ କରାଯାଇଛି। ତୁରନ୍ତ ଦଳ ଏବଂ ବିଧାୟକ ପଦରୁ ଇସ୍ତଫା ଦେବାକୁ ବିଜେଡି ଏହି ଅବସରରେ ଦାବି କରିଛି। ଏହାସହ ଦେବୀରଞ୍ଜନଙ୍କ ପିତା ପ୍ରଭାତ ତ୍ରିପାଠୀଙ୍କ ଚିଟ୍‌ଫଣ୍ଡ ଲିଙ୍କ୍ ନେଇ ମଧ୍ୟ ଯୁବ ଓ ଛାତ୍ର ନେତାମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ। ଏହାସହ ଦେବୀ ଏବଂ ପ୍ରଭାତଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଦେବୀଙ୍କ ବାସଭବନ ପାଖରେ ପହଞ୍ଚିବା ବେଳକୁ ପୋଲିସ ଯୁବ ଓ ଛାତ୍ର ନେତାମାନଙ୍କୁ ସେଠାରେ ଅଟକାଇଥିଲା। ମାତ୍ର ବିଜୁ ଯୁବ ଓ ଛାତ୍ର ନେତାମାନେ ସେଠାକୁ ଧସେଇ ପଶିବା ପାଇଁ ଉଦ୍ୟମ କରିଥିଲେ। ଅପରପଟେ ଦେବୀଙ୍କ ସମର୍ଥକମାନେ ତାଙ୍କ ବାସଭବନ ସମ୍ମୁଖରେ ଠିଆହୋଇ ପାଲଟା ବିଜେଡି ବର୍ତ୍ତମାନ ପାଣ୍ଡିଆନ୍‌ଙ୍କ କବ୍‌ଜାକୁ ଚାଲିଯାଇଥିବା ଅଭିଯୋଗ କରିଥିଲେ। କିଛି ସମୟ ପର୍ଯ୍ୟନ୍ତ ଉଭୟ ପକ୍ଷ ପରସ୍ପର ପ୍ରତି ଆକ୍ଷେପ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ କହିଛନ୍ତି, ଦେବୀରଞ୍ଜନଙ୍କୁ ବିଜେଡି ୨ ଥର ଛାତ୍ର ସଭାପତି କରିବା ସହ ୨ ଥର ବିଧାୟକ ହେବାର ସୁଯୋଗ ଦେଇଛି। ସାମାଜିକ ପ୍ରତିଷ୍ଠା ନେଇ ମଧ୍ୟ ତାଙ୍କ ରାଜନୈତିକ ଭବିଷ୍ୟତ କଥା ମଧ୍ୟ ନବୀନ ପଟ୍ଟନାୟକ ଦେଖିଥିଲେ। ନବୀନଙ୍କ ସହିତ ସକାଳ ଜଳଖିଆ ଏବଂ ମଧ୍ୟାହ୍ନଭୋଜନ କରି ପିଠିରେ ଛୁରା ଭୁସିବା ବେଇମାନର ପରିଚୟ। ବାଙ୍କୀ ନିର୍ବାଚନମଣ୍ଡଳୀ ଲୋକଙ୍କୁ ବିନା ଅନୁମତିରେ ୧୫ କୋଟି ଟଙ୍କାରେ ଭାଜପା ହାତରେ ବିକ୍ରି କରିଦେଇଛନ୍ତି। ଅଣକଂଗ୍ରେସ ବିଚାରଧାରା କଥା କହୁଥିବା ଦେବୀ ୧୯୯୬ ମସିହା କଥା ମନେପକାନ୍ତୁ। ବହୁ ଇତିହାସ ବିଷୟରେ ଜାଣିଛନ୍ତି ବୋଲି କହୁଥିବା ଦେବୀ ୧୯୯୬ରେ ଯେତେବେଳେ ତାଙ୍କ ପିତା ପ୍ରଭାତ ତ୍ରିପାଠୀ କଂଗ୍ରେସ ପ୍ରାର୍ଥୀ ଜୟନ୍ତୀ ପଟ୍ଟନାୟକଙ୍କୁ ଦଳ ବିରୋଧରେ ଯାଇ ଭୋଟ ଦେଇଥିଲେ, ତା'ର ଉତ୍ତର ରଖନ୍ତୁ। ବିନା ଶଙ୍ଖ ଚିହ୍ନରେ ବାଙ୍କୀରେ ଲଢ଼ି ଜିତିକି ଦେଖାନ୍ତୁ ବୋଲି ଇପ୍ସିତା କହିଛନ୍ତି। ଅନ୍ୟପଟେ ଦେବୀରଞ୍ଜନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏ ଦଳକୁ ଧୀରେ ଧୀରେ କଂଗ୍ରେସ ଗ୍ରାସ ହେଲାଣି। ବିଜେଡି କେବେହେଲେ ହିଂସାରେ ବିଶ୍ୱାସ ରଖେନାହିଁ। ମାତ୍ର କତିପୟ ଯୁବନେତା ପାଣ୍ଡିଆନ୍‌ଙ୍କ ତୋଷାମୋଦିଆ ସାଜି ନିଜ ବସ୍‌ଙ୍କୁ ଖୁସି କରିବା ପାଇଁ ଯେଉଁ ଅପଚେଷ୍ଟା କରିଛନ୍ତି, ତାକୁ ବିଜୁ ଆଦର୍ଶରେ ଅନୁପ୍ରାଣିତ ଯୁବନେତାମାନେ ଉଚିତ ଜବାବ ଦେଇଛନ୍ତି। ବର୍ତ୍ତମାନ ବିଜେଡି ସମାନ ଭାବେ ୨ ଭାଗ ହୋଇସାରିଛି। କିଛିଦିନ ତଳେ ଟ୍ରଷ୍ଟ ବିଷୟରେ ଜାଣିନାହିଁ ବୋଲି ବିଧାୟକଙ୍କୁ କହିଥିବା ନବୀନ ଆଜି କେମିତି ସେକଥା ସତ ମାନିଲେ ବୋଲି ଦେବୀ କହିଛନ୍ତି।

- **ବିନା ଶଙ୍ଖ ଚିହ୍ନରେ ଜିତିକି ଦେଖାନ୍ତୁ, ତା'ପରେ ଜଣାପଡ଼ିବ: ଇପ୍ସିତା**
- **ବିଜେଡିକୁ ଧୀରେ ଧୀରେ କଂଗ୍ରେସ ଗ୍ରାସକଲାଣି: ଦେବୀ**

# ନିଖୋଜର ୨୧ ବର୍ଷ ପରେ ଘରକୁ ଫେରିଲେ ମହିଳା



ସ୍ୱାମୀଙ୍କ ସହ ପୁଷ୍ପଲତା।

**ଆଳି, ୧୮।୩ (ବନମାଳୀ ସେନାପତି)**

ଦୀର୍ଘ ୨୧ ବର୍ଷ ପୂର୍ବେ ଚିକିତ୍ସା ନିମନ୍ତେ ଉତ୍ତରପ୍ରଦେଶକୁ ସ୍ୱାମୀଙ୍କ ସହ ଟ୍ରେନ୍‌ରେ ଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ଟ୍ରେନ୍‌ରୁ ନିଖୋଜ ହୋଇଯାଇଥିଲେ ପୁଷ୍ପଲତା ସାମଲ। ସ୍ୱାମୀ ଫକୀର ସାମଲ ଖୋଜିଥିଲେ ମଧ୍ୟ ତାଙ୍କର ସନ୍ଧାନ ପାଇ ନ ଥିଲେ। ଅପେକ୍ଷା କରି ପରିବାର ଲୋକ ୧୨ ବର୍ଷ ପରେ ଶୁଦ୍ଧିକ୍ରିୟା ସାରିଥିଲେ। କିନ୍ତୁ ଶୁଦ୍ଧିକ୍ରିୟା କରିବାର ୯ ବର୍ଷ ପରେ ଘରକୁ ଫେରିଛନ୍ତି ପୁଷ୍ପଲତା। ପୁଷ୍ପଲତା ପରିବାର ଲୋକଙ୍କୁ ଠିକ୍ ଭାବେ ଚିହ୍ନି ପାରୁ ନ ଥିଲେ ମଧ୍ୟ ଖୁସିର ଲହରି ଖେଳିଯାଇଛି।

ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ମାନପୁର ଗ୍ରାମରେ। ମାନପୁର ଗ୍ରାମର ଫକୀରଙ୍କ ସ୍ତ୍ରୀ ପୁଷ୍ପଲତା(୬୦) ମାନସିକ ବିକୃତ ଥିଲେ। ସ୍ୱାମୀ ଫକୀର ଉତ୍ତରପ୍ରଦେଶରେ କାମ କରୁଥିବାରୁ ସେଠାରେ ସ୍ତ୍ରୀଙ୍କର ଚିକିତ୍ସା କରାଇବା ନିମନ୍ତେ ତାଙ୍କୁ ଘରୁ ନେଇଯାଇଥିଲେ। ପୁଷ୍ପଲତା ଦୁଇ ଝିଅଙ୍କୁ ଘରେ ଛାଡି ୪ ବର୍ଷର ଝିଅକୁ ନେଇ ସ୍ୱାମୀଙ୍କ ସହ ଟ୍ରେନ୍‌ରେ ଯାଇଥିଲେ। ମାତ୍ର ଯିବାବେଳେ ସ୍ୱାମୀ ଫକୀର ଶୋଇ ପଡ଼ିଥିବା ବେଳେ ପୁଷ୍ପଲତା ଝିଅକୁ ଟ୍ରେନ୍‌ରେ ଶୋଇ ପକାଇ କେଉଁଆଡେ ପଳାଇ ଯାଇଥିଲେ। ଫକୀର ନିଦରୁ ଉଠିବା ପରେ ଝିଅକୁ ପାଇଥିବା ବେଳେ ସ୍ତ୍ରୀଙ୍କର ସନ୍ଧାନ ପାଇ ନ ଥିଲେ। ସେ ଟ୍ରେନ୍‌ରୁ ଓହ୍ଲାଇ ସେଠାରେ ଖୋଜାଖୋଜି କରିବା ସହ ନିକଟସ୍ଥ ଥାନାରେ ଅଭିଯୋଗ ଦେଇଥିଲେ। ନିଜ ଘରକୁ ଫେରି ମଧ୍ୟ ଥାନାରେ ଅଭିଯୋଗ ଦେଇଥିଲେ। ଦୀର୍ଘ ଦିନ ଅପେକ୍ଷା କରିବା ପରେ ମଧ୍ୟ ପରିବାର ପୁଷ୍ପଲତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ନିଖୋଜ ହେବାର ୧୨ ବର୍ଷ ପରେ ଶୁଦ୍ଧିକ୍ରିୟା କର୍ମ କରାଯାଇଥିଲା। ମୁମ୍ବାଇର ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁଷ୍ପଲତାଙ୍କୁ ୨୦୨୫ ଡିସେମ୍ବରରେ ଉଦ୍ଧାର କରିବା ସହ ଚିକିତ୍ସା କରାଇଥିଲେ। ସେ ସୁସ୍ଥ ହୋଇ ନିଜ ପରିବାର ଠିକଣା ଦେବା ପରେ ଅନୁଷ୍ଠାନର ସଦସ୍ୟମାନେ ମାନପୁରରେ ପହଞ୍ଚି ଘରେ ଛାଡିଥିଲେ।

# କାର୍ଯ୍ୟାଳୟ ଭିତରେ ପଶି ଆର୍‌ଆଇଙ୍କୁ ମାଡ଼



ଆର୍‌ଆଇଙ୍କୁ ମାଡ଼ ମରାଯାଉଥିବା ବେଳର ସିସିଟିଭି ଦୃଶ୍ୟ।

**ଚାନ୍ଦବାଲି, ୧୮।୩ (ଅଶୋକ ପଣ୍ଡା/ କିଷାନ ପାତ୍ର)**

ସରକାରୀ କାର୍ଯ୍ୟାଳୟ ଭିତରେ ପଶି ଜଣେ ଅଫିସରଙ୍କୁ ଦିନ ଦ୍ୱିପ୍ରହରରେ ସର୍ବସମ୍ମୁଖରେ ଘୋଷାରି ଘୋଷାରି ମାଡ଼ ମାରିବା ଘଟଣା ଭଦ୍ରକ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ସାରଣା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଏଭଳି ଘଟଣା ଘଟିଛି।

ଆର୍‌ଆଇ ତାପସ ରଞ୍ଜନ ଜେନା ଅଫିସରେ କାର୍ଯ୍ୟ କରୁଥିବା ସମୟରେ ମଙ୍ଗଳବାର ଅପରାହ୍ନରେ ଭୂଇଁବୃତ୍ତି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଯୁବକ ସୁବାସ ଦାସ ଅଫିସକୁ ଯାଇ ତାଙ୍କର ଜଣେ ସମ୍ପର୍କୀୟଙ୍କ ଜମିଜମା ସମ୍ବନ୍ଧରେ କିଛି ବେଆଇନ କାର୍ଯ୍ୟ କରିବା ପାଇଁ କହିଥିଲେ। କିନ୍ତୁ ଆର୍‌ଆଇ ଜେନା ବେଆଇନ କାର୍ଯ୍ୟ କରିବାକୁ ମନା କରିଦେବାରୁ ସୁବାସ ଅତର୍କିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଅଫିସ୍ ଭିତରୁ ଚେୟାରରୁ ଟାଣିଆଣି ମାଡ଼ ମାରୁଥିବା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଉକ୍ତ ଫୁଟେଜ୍ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଆକ୍ରମଣରେ ଆହତ ହୋଇ ଆର୍‌ଆଇ ଜେନା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏନେଇ ବାଁଶଡ଼ା ଥାନାରେ ସେ ଅଭିଯୋଗ କରିବା ସହ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରୁଛି। ଅନ୍ୟପକ୍ଷରେ ଘଟଣାକୁ ଗୁରୁତର ସହ ନେଇଛି ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ। ବୁଧବାର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ଓ କ୍ଷେତ୍ର କର୍ମଚାରୀମାନେ ଏକ ବୈଠକରେ ମିଳିତହେବା ସହ ତହସିଲଦାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ରକ୍ମିଣି ଗୁରୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ତହସିଲଦାର ଭବତୋଷ ମଲ୍ଲିକ କହିଛନ୍ତି, ଏଭଳି କାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କୁଳଡିହାରେ ବିରଳ ପକ୍ଷୀ 'ଓରିଏଣ୍ଟାଲ ପାଇଡ ହର୍ନବିଲ'

**ନୀଳଗିରି, ୧୮।୩ (ପ୍ରଶାନ୍ତ କୁମାର ବିଶ୍ୱାଳ)**



ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଲଡ଼ିହା ଅଭୟାରଣ୍ୟରେ ପ୍ରଥମ ଥର ପାଇଁ ଗ୍ରୀଷ୍ମକାଳୀନ ପକ୍ଷୀ ସର୍ଭେ ସମୟରେ ପ୍ରଥମଥର ପାଇଁ ଓରିଏଣ୍ଟାଲ ପାଇଡ ହର୍ନବିଲ (Oriental Pied Hornbill) ଦେଖା ହେବା ଜଙ୍ଗଲପ୍ରେମୀ ଓ ପରିବେଶବିତ୍‌ମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ସାଧାରଣତଃ ଏହି ପ୍ରଜାତି ପୂର୍ବ ଓ ଉତ୍ତର-ପୂର୍ବ ଭାରତର ଅରଣ୍ୟ ଅଞ୍ଚଳରେ ଦେଖାଯାଏ। କୁଲଡିହାରେ ଏହାର ଉପସ୍ଥିତି ପ୍ରଥମ ଥିବାରୁ ଏହା ଜୈବ ବିବିଧତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ। ନୀଳଗିରିର ପରିବେଶବିତ୍ ମନୋରଞ୍ଜନ ଦାସ ବୁଧବାର ଏହି ପକ୍ଷୀ ଗଛରେ ବସି ରାବୁଥିବା ଦେଖିଥିଲେ। ପକ୍ଷୀ ଅନୁସନ୍ଧାନକାରୀମାନେ କହିଛନ୍ତି ଯେ, ଏହି ଅଭୟାରଣ୍ୟର ପ୍ରାକୃତିକ ପରିବେଶ, ଖାଦ୍ୟ ଉପଲବ୍ଧତା ଓ ସୁରକ୍ଷିତ ଆବାସ ସୃଷ୍ଟି ହେବାରୁ ଏହି ପକ୍ଷୀ ଏଠାରେ ଆକର୍ଷିତ ହୋଇଥାଇପାରେ। ଏହି ଆବିଷ୍କାର କୁଲଡିହା ଅଭୟାରଣ୍ୟର ପରିବେଶ ସୁସ୍ଥତା ଓ ସଂରକ୍ଷଣ ପ୍ରୟାସର ସଫଳତାକୁ ପ୍ରମାଣ କରୁଛି।

## ତୃତୀୟ ପୃଷ୍ଠାରୁ

### ସୋଫିଆ, ଦାଶରଥିଙ୍କ...

ନୋଟିସ ଜାରି କରାଯାଇଥିଲା। ସେଥିଲାଗି ରମେଶଙ୍କ ସଭ୍ୟପଦ ରଦ୍ଦ ନିମନ୍ତେ ବାଚସ୍ପତିଙ୍କୁ ଭେଟିବାରେ ଗୋଟିଏ ଦିନ ବିଳମ୍ବ ହୋଇଥିବା ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

ଅନ୍ୟପଟେ ଭକ୍ତଙ୍କ ବିରୋଧରେ ଖବରଦାତା ସମ୍ମିଳନୀକରି ବିଧାୟକ ରମେଶ ଜେନା ବର୍ଷିଛନ୍ତି। ରମେଶ ଅଭିଯୋଗ କରିଛନ୍ତି, ୨୪ ବର୍ଷ ଧରି ବିଜେଡି ତାଙ୍କୁ ହଇରାଣ କରିଥିଲା। ସମୟକୁ ଅପେକ୍ଷା କରିଥିଲେ, ତାହାର ପ୍ରତିଶୋଧ ନେଲେ। କଂଗ୍ରେସକୁ ବିଜେଡି ଯେଉଁ ହଇରାଣ କରିଛି, ଯିଏ ପ୍ରକୃତ ଦଳୀୟ ଲୋକ ସେମାନେ ସେକଥା ଭୁଲିପାରିବେ ନାହିଁ। ରାଜ୍ୟ ସଭା ଭୋଟ ସମୟରେ ନାଁ ନ ନେଇ ପିସିସି ସଭାପତିଙ୍କୁ ରମେଶ ଟାର୍ଗେଟ କରି କହିଛନ୍ତି, ପୁଅ ଭୋଟଦେବା ସମୟରେ ବାପା ଏଜେଣ୍ଟ ରହିଥିଲେ। ପୁଅ କାହାକୁ ଭୋଟଦେଲେ ସେକଥା କ'ଣ ବାପା ସତ କହିବେ। ୨୦୨୪ରେ ଘାସିରାମ ମାଝୀଙ୍କୁ କିଏ ସ୍ୱାଧୀନ ପ୍ରାର୍ଥୀ କରିଥିଲେ। ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ବଦନାମ କରିବା ଲାଗି ଚେଷ୍ଟା କରାଯାଇଥିଲା ବୋଲି ରମେଶ କହିଥିଲେ। ରମେଶଙ୍କ ଅଭିଯୋଗ ପରେ ଗଣମାଧ୍ୟମକୁ ଆସି ଭକ୍ତ କହିଛନ୍ତି, ସେ ଏତେ ବଡ଼ ବୋକା ନୁହନ୍ତି। ତାଙ୍କ ପୁଅ ଭୋଟଦେବା ସମୟରେ ଦଳର ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏଜେଣ୍ଟ ଥିଲେ। ସେ ଭଲ ଭାବେ ଦେଖିଛନ୍ତି ତାଙ୍କ ପୁଅ କାହାକୁ ଭୋଟ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟ ସଭା ନିର୍ବାଚନରେ ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ମିଳିତ ଭାବେ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ପ୍ରାର୍ଥୀ କରିଥିଲେ। ଏହି ୩ ଦଳ ପାଖରେ ଦତ୍ତେଶ୍ୱରଙ୍କୁ ଭୋଟ ଦେବା ଲାଗି ୩୩ ଖଣ୍ଡ ଭୋଟ ରହିଥିଲା। ମାତ୍ର ବିଜେଡିରୁ ବିଧାୟକ ହୋଇଥିବା ୮ ଜଣ ଏବଂ କଂଗ୍ରେସର ୩ ବିଧାୟକ କ୍ରସ୍‌ଭୋଟିଂ କରି ବିପକ୍ଷ ପ୍ରାର୍ଥୀଙ୍କୁ ବିଜୟୀ କରାଇଲେ; ଯେଉଁଥିଲାଗି ରାଜ୍ୟ ରାଜନୀତିରେ ଏବେ ପ୍ରବଳ ଘମାଘୋଟ ଚାଲିଛି।

### ଦିଲ୍ଲୀ, ଇନ୍ଦୋରରେ...

ଉଦ୍ଧାର କାର୍ଯ୍ୟରେ ବାୟୁସେନା, ଏନ୍‌ଡିଆର୍‌ଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଥିଲା। ଅପରାହ୍ନ ୨ଟା ୨୦ରେ ନିଆଁକୁ ଆୟତ୍ତ କରାଯାଇଥିଲା।

ମଧ୍ୟପ୍ରଦେଶର ଇନ୍ଦୋରସ୍ଥିତ ବ୍ରଜେଶ୍ୱରୀ ଆନେକ୍ସ କଲୋନିର ଏକ ଇଲେକ୍ଟ୍ରୋନିକ୍ ଭେହିକିଲ (ଇଭି) ଚାର୍ଜିଂ ପଏଣ୍ଟରେ ମଧ୍ୟ ବୁଧବାର ଭୋର ସମୟ ୩ଟା ୩୦ରୁ ୪ଟା ୩୦ ମଧ୍ୟରେ ନିଆଁ ଲାଗିଥିଲା। ଉକ୍ତ ଚାର୍ଜିଂ ପଏଣ୍ଟରେ ଏକ କାର୍ ଚାର୍ଜିଂ କରାଯାଉଥିବାବେଳେ ବିସ୍ଫୋରଣ ଘଟିବାରୁ ତାକୁ ଲାଗି ରହିଥିବା ଏକ ୩ ମହଲା କୋଠାରେ ରହୁଥିବା ପରିବାରର ୮ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ ଛୋଟପିଲା ଓ ୩ ମହିଳା ରହିଛନ୍ତି ବୋଲି ପୋଲିସ କମିଶନର ସନ୍ତୋଷ କୁମାର ସିଂ ସୂଚନା ଦେଇଛନ୍ତି। ଉକ୍ତ କୋଠାର କବାଟରେ ଇଲେକ୍ଟ୍ରୋନିକ୍ ତାଲା ଲାଗିଥିବାରୁ ତାକୁ ଫିଟାଇ ଭିତରକୁ ଯିବା କଷ୍ଟସାଧ୍ୟ ଥିଲା। ସେହିପରି ଘର ଭିତରେ ଥିବା ଏଲ୍‌ପିଜି ସିଲିଣ୍ଡରଗୁଡ଼ିକ ବିସ୍ଫୋରଣ ହେବାରୁ ନିଆଁ ସଙ୍ଗେସଙ୍ଗେ ଚତୁର୍ଦ୍ଦିଗକୁ ବ୍ୟାପିଯାଇଥିଲା। ୮ ମୃତକ ହେଲେ ତନ୍ମୟ ସେଠିଆ(୬), ରାଶି(୧୨), ସିମରନ୍(୩୦), ଟିନୁ(୩୫), ସୁମନ(୬୦), ବିଜୟ(୬୫), ଛୋଟୁ(୨୨) ଓ ମନୋଜ(୬୫)। ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ମଧ୍ୟପ୍ରଦେଶ ସରକାର ଏହି ଅଗ୍ନିକାଣ୍ଡର ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଇଭି ଚାର୍ଜିଂ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ପ୍ରସ୍ତୁତ କରିବା ଲାଗି ଏକ ବିଶେଷଜ୍ଞ କମିଟି ମଧ୍ୟ ଗଠନ କରାଯାଇଛି।

ତୃତୀୟ ଘଟଣା ଗୁଜରାଟର ଅହମଦାବାଦସ୍ଥିତ କାଲୁପୁର ଅଞ୍ଚଳରେ ଘଟିଛି। ରେଭ୍‌ଡି ବଜାରରେ ଥିବା ଏକ ହୋଲସେଲ୍ କନା ମାର୍କେଟରେ ମଙ୍ଗଳବାର ରାତି ୧ଟା ୩୫ରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିଯିବାରୁ ୨୫ ଦୋକାନ ଭସ୍ମୀଭୂତ ହୋଇଯାଇଛି। ନିଆଁ ଲିଭାଇବାରେ ୩୫ ଅଗ୍ନିଶମ ଟିମ୍ ନିୟୋଜିତ ହୋଇଥିଲେ। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବା ଚିଫ୍ ଫାୟାର ଅଫିସର ଅମିତ ଡୋଙ୍ଗରେ ସୂଚନା ଦେଇଛନ୍ତି।

### ଛାଡ଼ପତ୍ର ପାଇଁ...

କରିଥିଲେ। ମହିଳା ଆଇନଜୀବୀମାନେ ଅନିମା ନିକଟରେ ପହଞ୍ଚିଥିଲେ। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଖବରପାଇ ସହଦେବଖୁଣ୍ଟା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ୱାମୀ ପ୍ରତାପଙ୍କୁ ଥାନାକୁ ନେଇ ଅଟକ ରଖି ତଦନ୍ତ ଜାରି ରଖିଛି।

### ନୋରାଙ୍କ ଗୀତ...

ବୁଧବାର ଲୋକ ସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ଆନନ୍ଦ କହିଛନ୍ତି, ଓଭର ଦି ଟପ୍ (ଓଟିଟି) ପ୍ଲାଟ୍‌ଫର୍ମ ଓ ସୋସିଆଲ ମିଡିଆରେ ଅନିୟନ୍ତ୍ରିତ କଣ୍ଟେଣ୍ଟ ଯୁବ ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଉତ୍ତରରେ କହିଛନ୍ତି, ଏହି ଗୀତକୁ ସରକାର ବ୍ୟାନ୍ କରିସାରିଛନ୍ତି। ଭାରତୀୟ ସମ୍ବିଧାନର ପ୍ରଣେତାମାନେ ନିର୍ଦ୍ଦିଷ୍ଟ ଯୁକ୍ତିଯୁକ୍ତ କଟକଣାର ନିୟମ କରିଛନ୍ତି। ଆମେ ସେହି ସୀମାରେ ରହି କାର୍ଯ୍ୟ କରିବା ଉଚିତ। ଅଭିବ୍ୟକ୍ତି ସ୍ୱାଧୀନତା କେବେହେଲେ ନିରଙ୍କୁଶ ହେବା ଅନୁଚିତ। ସମାଜ ଓ ସଂସ୍କୃତି ଆଧାରରେ ଅଭିବ୍ୟକ୍ତିର ପରିପ୍ରକାଶ ହେଲେ ଅସୁବିଧା ନାହିଁ। କିନ୍ତୁ ସମାଜ ବିଶେଷକରି ଛୋଟପିଲା, ମହିଳା ଓ ବଞ୍ଚିତ ବର୍ଗଙ୍କ ପାଇଁ ଡିଜିଟାଲ ମାଧ୍ୟମରେ ଯେପରି ଭାବେ ସେଗୁଡ଼ିକୁ ପ୍ରସାର କରାଯାଉଛି, ତାହା ଦୁର୍ଭାଗ୍ୟଜନକ। ଏଦିଗରେ ଯେତିକି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ, ସରକାର ସବୁ ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି କେନ୍ଦ୍ରମନ୍ତ୍ରୀ ବୈଷ୍ଣବ କହିଛନ୍ତି।

୨ ଦିନ ପୂର୍ବେ ୟୁଟ୍ୟୁବ୍‌ରେ ରିଲିଜ୍ ହୋଇଥିବା ଏହି ଗୀତ ଦ୍ରୁତଗତିରେ ଭାଇରାଲ ହୋଇଥିଲା। ଯୌନ ଉଦ୍ଦୀପକ ଲିରିକ୍ସ ଓ ଦୃଶ୍ୟ ଯୋଗୁ ଏହାର ବହୁଳ ପ୍ରସାରଣ ହେବାରୁ ଦେଶରେ ବିବାଦ ମୁଣ୍ଡ ଟେକିଲା। ଝଡ଼ ସୃଷ୍ଟି ହେବା ପରେ ଏହା ହଠାତ୍ ଉଭାନ୍ ହୋଇଯାଇଛି। କନ୍ନଡ଼ ଭାଷୀ 'କେଡି: ଦି ଡେଭିଲ୍' କୁ ହିନ୍ଦୀ ସମେତ ୪ଟି ଆଞ୍ଚଳିକ ଭାଷାରେ ଡବ୍ କରାଯାଇଥିଲା। ଫିଲ୍ମଟି ଆସନ୍ତା ଏପ୍ରିଲ ୩୦ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲା। ଏତେ ଘଟଣା ଘଟିବା ପରେ ନୋରା କହିଛନ୍ତି, ତାଙ୍କର ଓ ସଞ୍ଜୟ ଦତ୍ତଙ୍କ ବିନା ଅନୁମତିରେ ଏଆଇ-ଜେନେରେଟେଡ୍ ଫଟୋକୁ ଭିଡିଓରେ ପରିବର୍ତ୍ତିତ କରାଯାଇଥାଇପାରେ। ସେ ଏହାକୁ ଅନୁମତି ଦେଇଛନ୍ତି ବୋଲି ଜାଣିଲେ ଯେକେହି ତାଙ୍କୁ ଘୃଣା କରିବେ।

# ରଷିକୁଲ୍ୟାରେ ଅଲିଭ ରିଡ୍‌ଲେ ୪ ଦିନରେ ୨,୦୫,୩୨୦ ଅଣ୍ଡା ଦେଲେଣି



ଅଣ୍ଡା ଦେବାକୁ ରଷିକୁଲ୍ୟା ବେଳାଭୂମିକୁ ଆସିଥିବା ଅଲିଭ ରିଡ୍‌ଲେ।

**ଗଞ୍ଜାମ, ୧୮।୩ (ଅନାଥ ତରାଇ)**

ଗଞ୍ଜାମ ଜିଲା ରଷିକୁଲ୍ୟା ମୁହାଣର ସୁନେଲି ବାଲୁକାଶଯ୍ୟା ଏବେ ବିରଳ ଅଲିଭ ରିଡ୍‌ଲେ (ସାମୁଦ୍ରିକ କଇଁଛ)ଙ୍କ ଗଣ ଅଣ୍ଡାଦାନର ପ୍ରକୃତ ସ୍ଥଳ ପାଲଟିଛି। ପ୍ରତ୍ୟହ ଏଠାକୁ ହଜାରହଜାର ସଂଖ୍ୟାରେ ଅଲିଭ ରିଡ୍‌ଲେଙ୍କ ଆଗମନରେ ବାଲୁକାଶଯ୍ୟା ଚଳଚଞ୍ଚଳ ହୋଇଉଠିଛି। ଅଲିଭ ରିଡ୍‌ଲେଙ୍କ ଚଳିତବର୍ଷର ସମୂହ ଅଣ୍ଡାଦାନ ବା 'ଅରିବାଡା' ପ୍ରକ୍ରିୟା ଗତ ରବିବାର ରାତିରୁ ଆରମ୍ଭ ହୋଇଛି। ୪ ଦିନରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡାର ପରିମାଣ ୨,୦୫,୩୨୦ରେ ପହଞ୍ଚିଛି। ପ୍ରଥମ ଦିବସରେ ୧୦,୨୨୦ ଅଲିଭ ରିଡ୍‌ଲେ ଅଣ୍ଡାଦାନ କରିଥିବା ବେଳେ ଦ୍ୱିତୀୟ ଦିବସରେ ୬୯ ହଜାର ୯୦୦, ତୃତୀୟ ଦିବସରେ ୭୨ ହଜାର ୩୦୦ ଏବଂ ଚତୁର୍ଥ ଦିବସରେ ୫୨,୯୦୦ ଅଲିଭ ରିଡଲେ ଅଣ୍ଡା ଦେଇଥିବା ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖର କହିଛନ୍ତି।

ଚଳିତବର୍ଷ ଗଣନା ପ୍ରକ୍ରିୟାକୁ ଅଧିକ ଠିକ୍ ଓ ପ୍ରମାଣସିଦ୍ଧ କରିବାକୁ ପ୍ରଥମ କରି 'ଥର୍ମାଲ ଡ୍ରୋନ' ବ୍ୟବହାର କରାଯାଇଛି। ୫ କି.ମି. ପରିବ୍ୟାପ୍ତ ଅଞ୍ଚଳକୁ ୧୦୦ଟି ସେଗ୍‌ମେଣ୍ଟରେ ବିଭକ୍ତ କରାଯାଇଛି। ପ୍ରତି ସେଗମେଣ୍ଟରେ ୩ ଜଣ ଲେଖାଏ କର୍ମଚାରୀ ନିୟୋଜିତ ଅଛନ୍ତି। ଗୋଖରକୁଦା ସମ୍ମୁଖରେ ଥିବା ଆପରଲାଣ୍ଡ ବା ଆଇଲାଣ୍ଡ ବିଡ୍‌ରେ ସର୍ବାଧିକ ଅଣ୍ଡାଦାନ ଦେଖିବାକୁ ମିଳିଛି ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି। ୨୦୨୩ରେ ମଧ୍ୟ ଏହି ସ୍ଥାନରେ ଗଣ ଅଣ୍ଡାଦାନ ହୋଇଥିଲା। ତେବେ ପୋଡ଼ମପେଟା ଅଞ୍ଚଳରେ ବେଳାଭୂମି କ୍ଷୟ ହୋଇଥିବାରୁ ସେଠାରେ ଅଣ୍ଡାଦାନ ସଂଖ୍ୟା କମିଛି। ପାଣିପାଗର ପରିବର୍ତ୍ତନ ହେତୁ ଗତବର୍ଷ ଫେବୃଆରୀ ଦ୍ୱିତୀୟ ସପ୍ତାହରେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ଚଳିତବର୍ଷ ଏହା ମାର୍ଚ୍ଚ ମାସରେ ଆରମ୍ଭ ହୋଇଛି। ବନ ବିଭାଗ ପକ୍ଷରୁ ବଟେଶ୍ୱର ମନ୍ଦିର ବେଳାଭୂମି ନିକଟରେ ପ୍ରଥମ ଥର ପାଇଁ ୱାଚ ପଏଣ୍ଟ କରାଯାଇଛି । ଗତ ବର୍ଷ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୯ ଲକ୍ଷରୁ ଅଧିକ ଅଲିଭ ରିଡ୍‌ଲେ ଅଣ୍ଡାଦାନ କରିଥିଲେ। ଚଳିତ ବର୍ଷ ଗୋଟିଏ ପର୍ଯ୍ୟାୟରେ ହିଁ ଏହି ପ୍ରକ୍ରିୟା ଶେଷ ହେବ ବୋଲି ଆଶା ରଖାଯାଇଥିବା ଡିଏଫ୍‌ଓ ଖୋଖର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୁରୁଣାବନ୍ଧଠାରୁ ପ୍ରୟାଗୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ବେଳାଭୂମିରେ କଇଁଛଙ୍କ ନିରାପତ୍ତା ପାଇଁ ବନ ବିଭାଗ ଓ ସ୍ଥାନୀୟ ମତ୍ସ୍ୟଜୀବୀ ସମୁଦାୟ ୨୪ ଘଣ୍ଟା ପହରା ଦେଉଛନ୍ତି। ସମଗ୍ର ବେଳାଭୂମିକୁ ଜାଲ ଦ୍ୱାରା ଘେରାଯାଇଛି। ସମୁଦ୍ର ମଧ୍ୟରେ ଟ୍ରଲିଂ ଉପରେ ମଧ୍ୟ କଟକଣା ଲାଗିଛି। ସୁରକ୍ଷିତ ପ୍ରଜନନ ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଛି।

**ଗଣନାରେ ପ୍ରଥମ ଥର ବ୍ୟବହାର ହୋଇଛି 'ଥର୍ମାଲ ଡ୍ରୋନ୍': ଡିଏଫ୍‌ଓ**



# ପୁରାଣ କଥାରେ ସୃଷ୍ଟିତତ୍ତ୍ୱ



ଦେବଦତ୍ତ ପଟ୍ଟନାୟକ

ଆମ ଦେଶରେ ଆମେ ଯେତେବେଳେ ସୃଷ୍ଟିର ପୌରାଣିକ କଥା ସମ୍ପର୍କରେ ବିଚାର କରୁ, ସେତେବେଳେ ସଂସ୍କୃତ କାହାଣୀ ଉପସ୍ଥାପନ କରିଥାଉ। ବିଶେଷକରି ବିଷ୍ଣୁ ଅନନ୍ତନାଗ ଉପରେ ଶୟନ କରିଥିବା, ବ୍ରହ୍ମା ପଦ୍ମ ଉପରେ ବସିଥିବା ଏବଂ ଶିବ ନୃତ୍ୟ କରିବା ସମୟରେ ବ୍ରହ୍ମାଣ୍ଡ ରଚନା କରିବା କଥା ଆମେ ବଖାଣୁ। କିନ୍ତୁ ଭାରତ କହିଲେ କେବଳ ବେଦ କିମ୍ବା ପୁରାଣ ନୁହେଁ। ଜଗତ ସୃଷ୍ଟିକୁ ନେଇ ଭାରତରେ ମଧ୍ୟ ଭିଲ୍, ଗୋଣ୍ଡ, ସାନ୍ତାଳ, ଖାସି, ବଞ୍ଜାରା, ଢଙ୍ଗର, କୋଲି, ଟୋଡା, ରାବରି, ନିକୋବରିଜ୍ ଏବଂ ଲିପ୍‌ଚା ସମ୍ପ୍ରଦାୟଗୁଡ଼ିକରେ ସେମାନଙ୍କ ନିଜସ୍ୱ ସ୍ମୃତି ରହିଛି। ପଶ୍ଚିମ ଭାରତର ଭିଲ୍ ଆଦିବାସୀଙ୍କ ମତରେ, ସେମାନଙ୍କ ପୂଜ୍ୟ ଦେବୀ ବାବୋ ପିଥୋରା ଦୁଇ ଭାଗରେ ବିଭକ୍ତ ହୋଇ ପ୍ରାଚୀନ ମହାସାଗର ଓ କାଦୁଅ ସୃଷ୍ଟି ହେଲା। ଏହି କାଦୁଅରୁ ଜନ୍ମ ନେଲା ପୃଥିବୀ। ବାବୋ ଓ ରାଣୀ କାଜଲ ପୃଥିବୀକୁ ସଜେଇଥିଲେ ଏବଂ ଏଥିରେ ରଙ୍ଗ ଓ ଜୀବନ ଭରି ଦେଇଥିଲେ। ଏବେ ମଧ୍ୟ ଭିଲ୍‌ଙ୍କ ଘରେ ପିଥୋର ଚିତ୍ରକଳା ଓ କର୍ମକ୍ରିୟା ଭିତ୍ତିଚିତ୍ର ଦେଖିବାକୁ ମିଳେ, ଯାହା ସୃଷ୍ଟିର ପ୍ରଥମ କ୍ଷଣର ପୁନଃ ସର୍ଜନାକୁ ସ୍ମରଣ କରାଇଦିଏ। ଏଠାରେ ସୃଷ୍ଟି ହେଉଛି ଚିତ୍ରକଳା ଓ ଈଶ୍ୱର ହେଉଛନ୍ତି ଚିତ୍ରଶିଳ୍ପୀ।

ଗୋଣ୍ଡ କହନ୍ତି ଯେ, ଭଗବାନ୍ ହେଉଛନ୍ତି ବଡ଼ ସ୍ରଷ୍ଟା। ସେ ପାଣିତଳୁ କାଦୁଅ ଆଣିବା ପାଇଁ ଗୋଟିଏ ଜିଆକୁ ପଠାଇଲେ। ତା'ପରେ ପ୍ରଥମ କବି ଲିଙ୍ଗୋ ଆସିଲେ, ଯିଏ ଗୀତ ଗାଇ ପୃଥିବୀକୁ ସାଂସ୍କୃତିକ ରୂପ ଦେବାକୁ ଲାଗିଲେ। ଏହି ସିଦ୍ଧାନ୍ତ ସୂଚିତ କରୁଛି, କେହି ଜଣେ ନ ଗାଇବା ପର୍ଯ୍ୟନ୍ତ ସୃଷ୍ଟି ସମ୍ପୂର୍ଣ୍ଣ ହେବ ନାହିଁ। କାଦୁଅ ଓ ପାଣି ଯାହା ଆରମ୍ଭ କରିଥିଲେ, ସଙ୍ଗୀତ ଏବଂ କର୍ମକ୍ରିୟା ତାହାକୁ ଶେଷ ରୂପ ଦେଇଛନ୍ତି। ଏହା ସ୍ମରଣ କରାଇଦିଏ ଯେ, ସଭ୍ୟତା କେବଳ ଗଢ଼ିବା ପାଇଁ ନୁହେଁ, ବରଂ ଏହା ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ।

ଝାଡ଼ଖଣ୍ଡର ସାନ୍ତାଳମାନେ ଠାକୁର ଜିଉ କଥା କହନ୍ତି, ଯିଏ ପ୍ରଥମ ଦମ୍ପତି ପିଲଚ୍ଛୁ ହାରାମ ଓ ପିଲଚ୍ଛୁ ବୁଢ଼ିକୁ ଏକ ପର୍ବତ ଶିଖରରେ ଅବସ୍ଥାପିତ କରିଥିଲେ, ଯେତେବେଳେ ପୃଥିବୀରେ ପାଣି ଓ ଆକାଶ ହିଁ ଥିଲା। ଗୋଟିଏ ନେଉଳ କାଦୁଅ ଆଣି ଭୂଭାଗ ତିଆରି କଲା ଏବଂ ସେହି ଦମ୍ପତିଙ୍କ ପିଲାମାନେ ପୃଥିବୀରେ ଜନସଂଖ୍ୟା ବୃଦ୍ଧି କଲେ। ସାନ୍ତାଳ ପୁରାଣ ବଂଶାବଳୀ ସହ ପରିବାରର ସମ୍ପର୍କକୁ ଦର୍ଶାଏ। ଏହା ଦେବଦେବୀଙ୍କ ବିଷୟରେ କିଛି ନ କହି ବରଂ ମାତାପିତା ଓ ପିଲାଙ୍କ ସମ୍ପର୍କରେ କହିଛି, ଯାହାକୁ ଏକ ପାରିବାରିକ କାହାଣୀ ବୋଲି କୁହାଯାଇପାରେ। ମେଘାଳୟର ଖାସି ଆଦିବସୀ ଭାବନ୍ତି ଯେ, ସବୁ ମଣିଷ ସ୍ୱର୍ଗରେ ବାସ କରୁଥିଲେ। ସେମାନେ ଏକ ଦିବ୍ୟ ବିଶାଳ ବୃକ୍ଷ ଦ୍ୱାରା ପୃଥିବୀକୁ ଅବତରଣ କରିଥିଲେ। କିନ୍ତୁ ଗୋଟିଏ ଦିନ ସେହି ଗଛକୁ କାଟି ଦିଆଗଲା। ଫଳରେ ସ୍ୱର୍ଗରୁ ପୃଥିବୀକୁ ବାଟ ସବୁଦିନ ପାଇଁ ବନ୍ଦ ହୋଇଗଲା। ଖାସି ପୁରାଣ କଥା କେବଳ ପୃଥିବୀ କେମିତି ତିଆରି ହେଲା ତାହା ଦର୍ଶାଇ ନାହିଁ, ବରଂ ଆମେ କାହିଁକି ଦିବ୍ୟତା ବା ସ୍ୱର୍ଗରୁ ବିଚ୍ଛିନ୍ନ ହେଲୁ ତାହା ସେଥିରୁ ଅନୁଭବ କରୁ। ସୃଷ୍ଟି କେବଳ ଆରମ୍ଭ ନୁହେଁ; ଏହା ମଧ୍ୟ ଏକ କ୍ଷତି ବୋଲି ଖାସି ପୁରାଣ ସୂଚିତ କରେ।



ବଞ୍ଜାରାମାନେ ସେବଲାଲ ମହାରାଜା କଥା କହନ୍ତି। ବିଶ୍ୱ ଯେତେବେଳେ ଜଳରେ ପରିପୂର୍ଣ୍ଣ ଥିଲା, ସେତେବେଳେ ସେ ଭୂମି ପାଇଁ କହିଥିଲେ। ଗୋଟିଏ ମାଛ ଓ କଇଁଛ କାଦୁଅ ଆଣିଥିଲେ, ଯେଉଁଥିରେ ପୃଥିବୀ ସୃଷ୍ଟି ହୋଇଥିଲା। ସେତେବେଳେ କେମିତି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ରୋଷେଇ ଓ ବ୍ୟବସାୟ କରିବାକୁ ହେବ, ତାହା ସେମାନଙ୍କୁ ଶିକ୍ଷା ଦେଇଥିଲେ। ଏଠାରେ ସୃଷ୍ଟି ଜୀବନଜୀବିକା ସହ ଜଡ଼ିତ। ପୃଥିବୀ ବିଷୟରେ ବ୍ୟାଖ୍ୟା କରିବା କେବଳ ପୁରାଣର ଲକ୍ଷ୍ୟ ନୁହେଁ, ବରଂ ବଞ୍ଜାରାମାନେ କାହିଁକି ସବୁଦିନ ପାଇଁ ଯାଯାବର ଭାବେ ବୁଲୁଛନ୍ତି, ତାହା ଦର୍ଶାଇଛି।

ମହାରାଷ୍ଟ୍ରର ମେଷପାଳକ ଧନ୍‌ଗରମାନେ ବିଶ୍ୱାସ କରନ୍ତି ଯେ, ପୃଥିବୀରେ ଯେତେବେଳେ କେହି ନ ଥିଲେ, ସେତେବେଳେ ଈଶ୍ୱର ପ୍ରଥମେ ମେଷ ସୃଷ୍ଟି କରିଥିଲେ। ତା'ପରେ ସେମାନଙ୍କୁ ପାଳିବା ସକାଶେ ଗୋଟିଏ ପୁରୁଷ ସୃଷ୍ଟି ହେବା ପରେ ତାଙ୍କୁ କାମରେ ସହଯୋଗ କରିବା ପାଇଁ ମହିଳାଙ୍କୁ ସୃଷ୍ଟି କରାଯାଇଥିଲା। ସେମାନଙ୍କ ସାତ ପୁଅ ସାତଟି ଧନଗର ପରିବାର ହୋଇଗଲେ। ଏଠାରେ ସୃଷ୍ଟି କହିଲେ ମେଷପାଳକ। ଏଠାରେ ଛେଳିମେଣ୍ଢା ପାଳନ ସହ ଜଡ଼ିତ ହୋଇଛି ପୃଥିବୀ। ପଶ୍ଚିମ ଉପକୂଳ ଅଞ୍ଚଳରେ ରହୁଥିବା କୋଲି ସମ୍ପ୍ରଦାୟର ଲୋକେ କହନ୍ତି, ସେମାନେ ମାଛ ଅଣ୍ଡାରୁ ଜନ୍ମ ହୋଇଛନ୍ତି। ଭୂପୃଷ୍ଠରେ ବଞ୍ଚି ରହିବା ଲାଗି ମା' ରୂପୀ ମହାସାଗର ସେମାନଙ୍କୁ ଗୋଡ଼ ଦେଇଥିଲେ, କିନ୍ତୁ ହୃଦୟ ସାମଗର ସହିତ ଜଡ଼ିତ ରହିଥିଲା। ନୀଳଗିରିର ଟୋଡାମାନେ କହନ୍ତି, ମଣିଷ ପୂର୍ବରୁ ମଇଁଷି ଆସିଥିଲେ। ମଇଁଷିଙ୍କ ଯତ୍ନ ନେଇ ସେମାନଙ୍କ କ୍ଷୀର ଧାର୍ମିକ କର୍ମକାଣ୍ଡରେ ସମର୍ପଣ କରିବା ସକାଶେ ମଣିଷଙ୍କୁ ସୃଷ୍ଟି କରାଯାଇଥିଲା। କଚ୍ଛରେ ରହୁଥିବା ରବାରି ସମ୍ପ୍ରଦାୟର ଲୋକଙ୍କ ମତରେ, ମରୁଭୂମିର ମାଟିରୁ ପାର୍ବତୀ ଓଟ ସୃଷ୍ଟି କରି ଶିବଙ୍କୁ ଜୀବନ ଦେବା ଲାଗି କହିଥିଲେ। ତା'ପରେ ମରୁଭୂମିରେ ଓଟମାନଙ୍କୁ ବାଟ ଦେଖାଇବା ଲାଗି ରବାରିମାନେ ଆସିଥିଲେ।

ପ୍ରତ୍ୟେକ ପୁରାଣ କଥା ତାହାର ଭୂଗୋଳକୁ ପରିପ୍ରକାଶ କରିଛି। ସମୁଦ୍ର ପୌରାଣିକ କଥା ଆମକୁ ମହାସାଗର ସନ୍ତାନ କରିଦେଇଛି। ପର୍ବତର ପୁରାଣ କଥା ଆମକୁ ମଇଁଷି ପାଳକ କରିଛି। ମରୁଭୂମି ପୁରାଣ କଥା ଆମକୁ ଓଟଙ୍କ ପଥପ୍ରଦର୍ଶକ କରିଦେଇଛି। ନଦୀ ପୌରାଣିକ କାହାଣୀ, ଯାହା ମୁଣ୍ଡାମାନଙ୍କ କ୍ଷେତ୍ରରେ ଦେଖିବାକୁ ମିଳେ, ତାହା ସିଙ୍ଗବୋଙ୍ଗାଙ୍କ କଥା କହେ। ମଣିଷ, ନଦୀ ଓ ଜଙ୍ଗଲ ଦୃଶ୍ୟମାନ ହେବା ଲାଗି ସିଙ୍ଗବୋଙ୍ଗା ଦିବ୍ୟ ମହାସାଗରରୁ ପୃଥିବୀକୁ ବାହାର କରି ଆଣିବା ପାଇଁ ପକ୍ଷୀମାନଙ୍କୁ ପଠାଇଥିଲେ। ନିକୋବରିଜଙ୍କ କାହାଣୀ କହେ, ଏକ ବିରାଟ କଙ୍କଡ଼ା ମାଟିକୁ ମହାସାଗରରୁ ବାହାରକୁ ଆଣିଥିଲା ଏବଂ ମଣିଷମାନେ ପ୍ରଥମ ବୃକ୍ଷର କୋମଳ କାଠରେ ଗଢ଼ାଯାଇଥିଲା। ସିକିମ୍‌ର ଲିପ୍‌ଚା ଆଦିବାସୀମାନେ ପୁରାଣ କଥା ଅନୁଯାୟୀ, କାଞ୍ଚନଜଙ୍ଘା ହେଉଛି ପ୍ରଥମ ପର୍ବତ। ଏଠାରୁ ବରଫ ତରଳି ପ୍ରଥମେ ନଦୀ ସୃଷ୍ଟି ହୋଇଥିଲା ଏବଂ ମଣିଷ ସୃଷ୍ଟି କରାଯିବା ଲାଗି ଏହି ପର୍ବତର ମାଟି ବ୍ୟବହାର ହୋଇଥିଲା।

ଏହିସବୁ ପୌରାଣିକ କଥା କେବଳ ବ୍ରହ୍ମାଣ୍ଡ ସମ୍ପର୍କିତ ନୁହେଁ, ବରଂ ଏଗୁଡ଼ିକ ପରିସଂସ୍ଥା ବା ପରିବେଶଗତ ବିଷୟକୁ ଦର୍ଶାଇଛି। ସମୁଦ୍ର, ଜଙ୍ଗଲ, ନଦୀ, ପର୍ବତ ଓ ମରୁଭୂମିକୁ ସମ୍ମାନ ଦେବା ଲାଗି ଏହି ପୌରାଣିକ କଥାଗୁଡ଼ିକ ଆମକୁ ଶିକ୍ଷା ଦେଇଛି। ମାଛ, ପକ୍ଷୀ, ମଇଁଷି ଓ ଓଟ ଭଳି ପ୍ରାଣୀଙ୍କ ସହିତ ମଣିଷର ସମ୍ପର୍କକୁ ଦର୍ଶାଇଛି। ଏହା ସହ ରଙ୍ଗ କରିବା, ଗାଇବା, ପଶୁପାଳନ ଏବଂ ବ୍ୟବସାୟ ସହିତ ମଣିଷର ସମ୍ପର୍କକୁ ସୂଚିତ କରିଛି। ହେଲେ ବ୍ରାହ୍ମଣୀୟ ପୁରାଣଗୁଡ଼ିକ ଅନୁଯାୟୀ ଯଜ୍ଞ ଓ ସମର୍ପଣ ପାଇଁ ଜଗତର ସୃଷ୍ଟି ହୋଇଛି। ଆଦିବାସୀଙ୍କ ପୌରାଣିକ କଥାମାନଙ୍କରେ କୁହାଯାଇଛି ଯେ, ପରିବେଶ ସହ ପ୍ରାଣୀଙ୍କ ପାରସ୍ପରିକ ସମ୍ପର୍କ ପାଇଁ ଜଗତ ସୃଷ୍ଟି ହୋଇଛି। ଜଗତର ସୃଷ୍ଟିକୁ ନେଇ ଏହିସବୁ କାହାଣୀଗୁଡ଼ିକରୁ ଆମେ ଗୋଟିଏ ସତ୍ୟ ନୁହେଁ, ଅନେକ ସତ୍ୟ ଥିବା ଜାଣିବାକୁ ପାଉ।

–devduttofficial@gmail.com

## ଏଇ ଭାରତରେ

ସ୍ନାୟବିକ ସମସ୍ୟା ଓ ମାନସିକ ଅନଗ୍ରସର ପିଲାମାନଙ୍କ ଉନ୍ନତି ପାଇଁ ଏକ ସମର୍ପିତ ବ୍ୟକ୍ତି ହେଉଛନ୍ତି କେରଳର ଗିରିଜା କୁମାରୀ ମଧୁ। ରହୁଛନ୍ତି ଆଲପୁଝା ଜିଲା ଥାମାରାକୁଲାମ୍‌ରେ ଏବଂ ଏହି ଛୋଟ ଗାଁଟି ଗିରିଜାଙ୍କ ଯୋଗୁ ଏକ ନିଆରା ପରିଚୟ ପାଇପାରିଛି। ସେ ମାନସିକ ଅନଗ୍ରସର ପିଲାଙ୍କୁ ଫୁଟ୍‌ବଲ ଖେଳ ଶିଖାଉଛନ୍ତି। ଏବେସୁଦ୍ଧା ତାଙ୍କ ପାଖରୁ ୨୫୦ ପିଲା ଫୁଟ୍‌ବଲ ଶିଖି ସାରିଲେଣି। ଗିରିଜାଙ୍କ ଜନ୍ମ ଏକ କୃଷକ ପରିବାରରେ। ସେ ଦ୍ୱାଦଶ ଯାଏ ପଢ଼ିବା ପରେ ପରିବାର ଚଳାଇବାକୁ ଟେଲରିଂ ବିଜ୍‌ନେସ ଚଳାଉଛନ୍ତି। ପରେ ୨୦୨୧ରେ ସେ ସେରିବ୍ରାଲ ପ୍ଲାଜି ସ୍ପୋର୍ଟ୍ସ ଆସୋସିଏଶନ ଗଠନ କରିଥିଲେ ଏବଂ ଗାଁର ଏକ ଛୋଟପଡ଼ିଆରେ ମାନସିକ ଅନଗ୍ରସର ପିଲାଙ୍କୁ ଖେଳ ଶିଖାଇବା ଆରମ୍ଭ କରିଥିଲେ। ଏଥିପାଇଁ ସେ ତାଙ୍କ ସୁନାଅଳଙ୍କାର ବନ୍ଧକ ରଖି ୨ ଲକ୍ଷ ଟଙ୍କା ସଂଗ୍ରହ ଥିଲେ। ଖେଳିବା ଯୋଗୁ ଏଭଳି ପିଲାଙ୍କ ମନରେ ସାହସ ଓ ବନ୍ଧୁତ୍ୱ ବି ବଢ଼ିଛି। ଗିରିଜାଙ୍କ ଟିମ୍ ଜାତୀୟସ୍ତରୀୟ ୫ ପ୍ରତିଯୋଗିତାରେ ବିଜୟୀ ହେବା ସହ ଖେଲୋ ଇଣ୍ଡିଆ ପାରା ଗେମ୍ସ ୨୦୨୩ରେ ବିଜୟୀ ହୋଇଥିଲେ। ଖେଳିବା ଦ୍ୱାରା ପିଲାଙ୍କ ମାନସିକ ସ୍ଥିତି ଭଲ ରହିବା ସହ ସେମାନେ ଭବିଷ୍ୟତ ଜୀବନରେ ବିଭିନ୍ନ ବାଧାକୁ ସମ୍ମୁଖୀନ ହେବାକୁ ସକ୍ଷମ ହୋଇପାରିବେ ବୋଲି କହନ୍ତି ଗିରିଜା।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୯ ମାର୍ଚ୍ଚ ୧୯୭୬

- ବିଶିଷ୍ଟ ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ସିଦ୍ଧେଶ୍ୱରୀ ଦେବୀଙ୍କ ପରଲୋକ।
- ବାଙ୍ଗାଲୋରସ୍ଥିତ ମହାକାଶ ପଦାର୍ଥ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନର ଦୁଇଜଣ ବୈଜ୍ଞାନିକ 'ୟୁରାନସ' ଗ୍ରହର ଏକ ନୂତନ ଉପଗ୍ରହ ଆବିଷ୍କାର କରିଛନ୍ତି ବୋଲି ପ୍ରତିଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 8 | 7 | | 5 | | | |
| | | | 1 | | 2 | | | |
| | 5 | | | | | | 4 | 1 |
| | | | | | | | | 7 |
| 9 | 4 | | | | 3 | | | 5 |
| | | | | | | | 3 | |
| 8 | | | 5 | 3 | | 2 | | |
| | | | | | 1 | | | 6 |
| 6 | | | | 2 | | | 7 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 7 | 6 | 9 | 4 | 1 | 5 | 8 |
| 6 | 1 | 4 | 8 | 5 | 7 | 3 | 9 | 2 |
| 5 | 9 | 8 | 2 | 1 | 3 | 6 | 7 | 4 |
| 7 | 5 | 3 | 4 | 6 | 1 | 2 | 8 | 9 |
| 1 | 4 | 2 | 5 | 8 | 9 | 7 | 3 | 6 |
| 9 | 8 | 6 | 3 | 7 | 2 | 4 | 1 | 5 |
| 8 | 3 | 5 | 7 | 4 | 6 | 9 | 2 | 1 |
| 2 | 6 | 9 | 1 | 3 | 5 | 8 | 4 | 7 |
| 4 | 7 | 1 | 9 | 2 | 8 | 5 | 6 | 3 |

ଗତକାଲିର ଉତ୍ତର

# ଦୁଇ ଭୋକର ଜୀବନ



ଡ. ସତ୍ୟ ନାରାୟଣ ମିଶ୍ର

ପୃଥିବୀ ବକ୍ଷରେ ଯେତେ ଜୀବ, ଜନ୍ତୁ, ପ୍ରାଣୀ, ଉଦ୍ଭିଦ ଆଦି ଅଛନ୍ତି, ପ୍ରତ୍ୟେକଙ୍କର ଭୋକ ରହିଛି ଓ ପ୍ରତ୍ୟେକେ କିଛି କିଛି ଖାଦ୍ୟ ଗ୍ରହଣ କରିଥାନ୍ତି। ଯଦିଓ ପ୍ରତ୍ୟେକ ପ୍ରାଣୀ ବା ଉଦ୍ଭିଦଙ୍କର ଖାଦ୍ୟ ଭିନ୍ନ ଥାଏ, ମାତ୍ର ଭୋକ ଥାଏ ସମାନ। ଜୀବଜନ୍ତୁମାନେ ଶାକାହାରୀ ଓ ମାଂସାହାରୀ ହୋଇଥିବା ବେଳେ ଉଦ୍ଭିଦମାନେ ପାଣି, ପବନ, ସୂର୍ଯ୍ୟାଲୋକ ଆଦି ଗ୍ରହଣ କରି ଭୋକକୁ ପ୍ରଶମିତ କରିଥା'ନ୍ତି ଓ ଜୀବନ ନିର୍ବାହ କରି କ୍ରମଶଃ ସକ୍ରିୟ ହୋଇଥାନ୍ତି। ଭୋକ ସହିତ ଖାଦ୍ୟର ସମ୍ପର୍କ ଅତି ଗହନ ଥାଏ, କାରଣ ଖାଦ୍ୟ ବିହୁନେ କୌଣସି ପ୍ରାଣୀ ବା ଉଦ୍ଭିଦ ବଞ୍ଚିବା ସମ୍ଭବ ନୁହେଁ। ମାତ୍ର ସୃଷ୍ଟିରେ ଯେତେ ଭୋକ ରହିଛି, ସବୁଠାରୁ ବ୍ୟତିକ୍ରମ ଭୋକ ଓ ଭିନ୍ନ ଧରଣର ଭୋକ ରହିଛି ପୃଥିବୀର ସର୍ବଶ୍ରେଷ୍ଠ ପ୍ରାଣୀ ମଣିଷ ନିକଟରେ। ମଣିଷ ହିଁ ଏକମାତ୍ର ପ୍ରାଣୀ, ଯିଏ ଭୋକ ନ ଥାଇ ଖାଦ୍ୟ ଗ୍ରହଣ କରେ। ମଣିଷ ନିକଟରେ ଦୁଇ ପ୍ରକାର ଭୋକ ପରିଲକ୍ଷିତ ହୋଇଥାଏ– ଗୋଟିଏ ହେଲା ପେଟର ଭୋକ, ଯାହା ଥାଏ ଶରୀର ରକ୍ଷା ପାଇଁ ଓ ଏଥିରେ ଖାଦ୍ୟ ଥାଏ ଏକ ପାରିମାଣିକ ନିର୍ଦ୍ଦିଷ୍ଟରେ, ଯାହା ପେଟର କ୍ଷୁଧା ଉପଶମ ହୋଇଗଲେ ମଣିଷକୁ ଆଉ ଯେତେ ରୁଚିକର ଖାଦ୍ୟ ଦେଲେ ମଧ୍ୟ ମଣିଷ ତାହା ଗ୍ରହଣ କରିପାରେ ନାହିଁ। ମାତ୍ର ଏହି ଭୋକ ପାଇଁ ମଣିଷ ଜୀବନ ସଂଘର୍ଷମୟ ହୋଇଯାଏ ଓ ମଣିଷକୁ ପରିଶ୍ରମ କରିବାକୁ ପଡ଼େ, ଯାହା ହେଉଛି ଜୀବନର ଏକ ପନ୍ଥା। ଏହି ଭୋକକୁ ପ୍ରଶମିତ କରିବା ପାଇଁ ମଣିଷ ଅନେକ ଅପକର୍ମ ମଧ୍ୟ କରିଥାଏ ଓ ଜୀବନକୁ ଅନେକ ବନ୍ଧୁର ପଥ ଦେଇ ଗତି କରିବାକୁ ପଡ଼ିଥାଏ। ସେଥିପାଇଁ କୁହାଯାଏ 'ବୁଭୁକ୍ଷିତଃ କିଂ ନ କରୋତି ପାପଂ, କ୍ଷିଣା ଜନା ନିଷ୍କରଣା ଭବନ୍ତି। ଆଖ୍ୟାହି ଭଦ୍ରେ ପ୍ରିୟ-ଦର୍ଶନସ୍ୟ, ନ ଗଙ୍ଗଦତ୍ତଃ ପୁନରେତି କୂପମ୍'– ଏଥିରେ ଥିବା ପଞ୍ଚତନ୍ତ୍ରର ସର୍ପ ଓ ବେଙ୍ଗ ମଧ୍ୟରେ ଥିବା ବନ୍ଧୁତ୍ୱ ଓ ପରବର୍ତ୍ତୀ ସମୟରେ ଭୋକ ହେତୁ ସର୍ପର ବେଙ୍ଗକୁ ଖାଦ୍ୟଭାବେ ଚିନ୍ତନ ଆଦି ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀ ସମୟରେ ବେଙ୍ଗ ଚତୁରତାର ସହ କିପରି ସେଥିରୁ ମୁକ୍ତି ପାଇଛି, ତାହା ପଞ୍ଚତନ୍ତ୍ରରେ ବର୍ଣ୍ଣନା କରି କୁହାଯାଇଛି ଯେ, ଭୋକ ମଣିଷକୁ କେଉଁ ପରିସ୍ଥିତିକୁ ନେଇଯାଏ, ଯାହା ଏ ସମାଜ ଅନେକ ଘଟଣା ଓ ଦୁର୍ଘଟଣା ମଧ୍ୟ ଦେଖିଛି । ନ' ଅଙ୍କ ଦୁର୍ଭିକ୍ଷରେ ମଣିଷକୁ ମଣିଷ ଖାଦ୍ୟ ଭାବରେ ଗ୍ରହଣ କରିଛି। ଏପରିକି ମାଆ ତାହାର ଜନ୍ମିତ ଶିଶୁକୁ ଆହାର କରିଛି କେବଳ ଭୋକ ଉପଶମ କରିବା ପାଇଁ। ଯୁଗ ଯୁଗ ଧରି ବିଶ୍ୱରେ କ୍ଷୁଧା ଏକ ନିରନ୍ତର ସମସ୍ୟା ହୋଇ ରହିଛି। ଏହା ସହଜରେ ସମାଧାନ ହୋଇପାରିବ କେବଳ ବିନିଯୋଗ, ସଦ୍‌ବିନିଯୋଗ, ସମାନତା, ସଚେତନତା ଆଦିକୁ ସ୍ୱଇଚ୍ଛାରେ ସଂକଳ୍ପ କଲେ ତାହା ସମ୍ଭବ ହୋଇପାରିବ। ବିଶ୍ୱରେ ସମ୍ପ୍ରତି ପ୍ରତିଦିନ ଯେତିକି ଖାଦ୍ୟ ନଷ୍ଟ ହେଉଛି, ତାହା ଅନେକ ଭୋକିଲା ମଣିଷର ଉଦର ଶାନ୍ତି ହୋଇପାରନ୍ତା।

ବିଶ୍ୱରେ ଏବେ ୧.୦୨ ବିଲିୟନ ପୁଷ୍ଟିହୀନ ଲୋକ ଅତି ଦୟନୀୟ ଅବସ୍ଥାରେ ଜୀବନ ନିର୍ବାହ କରୁଛନ୍ତି। ବର୍ତ୍ତମାନ ପୃଥିବୀର ଜନସଂଖ୍ୟା ୮.୨ ବିଲିୟନ ହୋଇଥିବା ବେଳେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିବାରୁ ସମଗ୍ର ବିଶ୍ୱରେ ଭୋକିଲା, ପୁଷ୍ଟିହୀନ ଲୋକ କାହିଁକି ଅଛନ୍ତି? ଦାରିଦ୍ର୍ୟ, ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ, ଖରାପ କୃଷି ଭିତ୍ତିଭୂମି ଓ ପରିବେଶର ଅତ୍ୟଧିକ ଶୋଷଣ ସମେତ ଅନେକ ଘଟଣା ଯୋଗୁ କ୍ଷୁଧା ସୃଷ୍ଟି ହୁଏ। ଅଧିକନ୍ତୁ, ଅନେକ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ ଯେ, ଅନେକ ବ୍ୟକ୍ତି ଅନେକ ଖାଦ୍ୟ ନଷ୍ଟ କରିଥା'ନ୍ତି, ଯେଉଁଥିପାଇଁ ଅଦ୍ୟାବଧି କୌଣସି ଆନୁଷ୍ଠାନିକ ବିଧିବଦ୍ଧ ନୀତି ନିୟମ ନାହିଁ। ଏଠାରେ ଭୋକ ପାଇଁ ଖାଦ୍ୟ ନଥାଏ, ଖାଦ୍ୟ ପାଇଁ ଥାଏ ନିର୍ଦ୍ଦିଷ୍ଟ ସମର୍ଥନ ଓ ଔପଚାରିକତା। ଏଠାରେ ଭୋକ ଥାଏ ଲୁଣ୍ଠିତ, ଖାଦ୍ୟ ଥାଏ ପ୍ରସାରିତ। ଖରାପ କୃଷି ଭିତ୍ତିଭୂମି କ୍ଷୁଧା ସୃଷ୍ଟି କରେ, କାରଣ ରାସ୍ତା, ଗୋଦାମ ଓ ଜଳସେଚନର ଅଭାବ, ଅଧିକ ପରିବହନ ଖର୍ଚ୍ଚ, ସଂରକ୍ଷଣ ସୁବିଧା ଅଭାବ ଆଦି ସୃଷ୍ଟି କରିଥାଏ ସମସ୍ୟା ଓ ଉଚିତ ସହଯୋଗର ଅଭାବ। ଜଙ୍ଗଲ ନଷ୍ଟ ହେବା, ଅତ୍ୟଧିକ ଫସଲ, ଖରାପ ଚାଷ ପ୍ରଣାଳୀ ଓ ଅତ୍ୟଧିକ ରାସାୟନିକ ପଦାର୍ଥ ପ୍ରୟୋଗ ହେତୁ ପରିବେଶର ଅତ୍ୟଧିକ ଶୋଷଣ ହୁଏ। ଯେତେବେଳେ ଅତ୍ୟଧିକ ଶୋଷଣ ହୁଏ, ସେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ତଥା ମନୁଷ୍ୟକୃତ ବୈଷମ୍ୟ ସୃଷ୍ଟି କରିଥାଏ ଅଭାବର ଫଳାଫଳ, ଯାହା ସମଗ୍ର ବିଶ୍ୱରେ କମ୍ ଉର୍ବରତା ଓ ଅଧିକ କ୍ଷୁଧା ସୃଷ୍ଟି କରେ। ଭୋକ ଜୀବସୃଷ୍ଟିର ପ୍ରାରମ୍ଭରୁ ଆସିଛି। ଭୋକର ଆକ୍ଷରିକ ପରିଭାଷା ହେଉଛି ଶରୀରରେ ଖାଦ୍ୟର ଅଭାବ ଓ ଏହା ପାଇଁ ଏକ ଲାଳସା। ମଣିଷର ଅସ୍ତିତ୍ୱ ପାଇଁ ଖାଦ୍ୟ ଏକ ମୌଳିକ ଆବଶ୍ୟକତା। ମାନବ ଶରୀରରେ ଖାଦ୍ୟ, ଦୁର୍ବଳତା ଓ ଅସହଜ ଭାବନା ଅଭାବ ହୁଏ, ଯାହା ସମଗ୍ର ଶରୀରକୁ ପ୍ରଭାବିତ କରିଥାଏ। ତେବେ ଭଲ ଭୋଜନ ଯେତେ ପରିମାଣରେ ଖାଇଲେ ମଧ୍ୟ ଭୋକକୁ ନିରନ୍ତର ଭାବରେ ବନ୍ଦ କରାଯାଇ ପାରିବ ନାହିଁ। ତେଣୁ ଯେପର୍ଯ୍ୟନ୍ତ ଆମେ ବଞ୍ଚିବା ସେ ପର୍ଯ୍ୟନ୍ତ ଭୋକ ଆମ ସହିତ ରହିଥିବ। ଯଦିଓ ଭୋକ ଶବ୍ଦ ଖାଦ୍ୟର ଅଭାବ ଓ ଇଚ୍ଛାକୁ ସୂଚାଇବା ପାଇଁ ବ୍ୟବହୃତ ହୁଏ, ଏହା ଖାଦ୍ୟ ବ୍ୟତୀତ ଅନ୍ୟ କିଛି ଲାଳସାକୁ ମଧ୍ୟ ବ୍ୟବହାର କରିଥାଏ।



ଅବୋଧ ପିଲାଟିଏ ଜନ୍ମ ହେବା ପରେ ତାହାର କେବଳ ସମ୍ପତ୍ତି ଥାଏ ମାତୃ ବକ୍ଷରୁ ରସ ପାନ କରିବ। ଯେତେବେଳେ ତାକୁ ଭୋକ ଲାଗେ, ସେତେବେଳେ କାନ୍ଦେ ଭୋକକୁ ପ୍ରଶମିତ କରିବା ପାଇଁ। ଯେତେବେଳେ ମା' ପିଲାର ଭୋକକୁ ପ୍ରଶମିତ କରେ, ସେତେବେଳେ ସେ ଶାନ୍ତିରେ ନିଦ୍ରା ଯାଇଥାଏ; କାରଣ ସେତିକି ମାତ୍ର ଦରକାର ଥିଲା ଯେ ସେ ଭୋକକୁ ପ୍ରଶମିତ କରିବ ଓ ଶାନ୍ତି ପାଇବ। ମାତ୍ର ସମ୍ପ୍ରତି ପେଟର ଭୋକ ବିକଶିତ ମଣିଷସମାଜ ପାଇଁ ଯେତିକି ଆବଶ୍ୟକ ନୁହେଁ; ମନର ଭୋକ, ଲାଳସା ଭୋକ, ଇନ୍ଦ୍ରିୟ ଭୋକ ଲୋଭ, ଧନ, ପ୍ରାପ୍ତି ଭୋକ ମଣିଷକୁ କବଳିତ କରିସାରିଲାଣି। ମଣିଷ ଇନ୍ଦ୍ରିୟ ଭୋକରେ ଏତେ ଆକ୍ରାନ୍ତ ଯେ, ତାହା ପ୍ରଶମିତ କରିବା ସମ୍ଭବ ହୋଇପାରୁନାହିଁ। ଅନେକେ ବର୍ତ୍ତମାନ ଧନ ପାଇଁ ଭୋକିଲା। ଦୈନନ୍ଦିନ ବିଳାସପୂର୍ଣ୍ଣ ସାମଗ୍ରୀ, ଆରାମ ଓ ସୌଖୀନ ଆବଶ୍ୟକତା ପାଇଁ ଇଚ୍ଛାକୁ ଅନ୍ତର୍ଭୁକ୍ତ କରି ମଣିଷ କେବଳ ଭୋକ ପଛରେ ଧାବମାନ। ଆଜି ମଣିଷ ଉଦର ଶାନ୍ତି ପାଇଁ ଯଥେଷ୍ଟ ପୁଷ୍ଟିକର ଖାଦ୍ୟ ଖାଇ ମଧ୍ୟ ଶାନ୍ତି ପାଇପାରୁ ନାହିଁ, ନିଦ୍ରା ହେଉ ନାହିଁ, ସୁସ୍ଥତା ଅନୁଭବ କରୁନାହିଁ ଇତ୍ୟାଦି ଇତ୍ୟାଦି। କାରଣ ବର୍ତ୍ତମାନ ମଣିଷ ପେଟର ଭୋକକୁ ପ୍ରଶମିତ କରି ମନର ଭୋକ ବା ଇନ୍ଦ୍ରିୟର ଭୋକ ପଛରେ ଧାବମାନ । ମାତ୍ର ଯେଉଁ ଭୋକ ପାଇଁ ମଣିଷ ଧାବମାନ, ସେ ଭୋକ କେବେ ପ୍ରଶମିତ ହୁଏ ନାହିଁ। କାରଣ ଉକ୍ତ ଭୋକର ନିର୍ଦ୍ଦିଷ୍ଟ ଧାରଣ ଶକ୍ତି ନଥାଏ। ତେଣୁ ମଣିଷ ବର୍ତ୍ତମାନ ବିଚାର କରିବା ଉଚିତ ଯେ, ଦୁଇ ଭୋକରେ ଜୀବନ ନିର୍ବାହ କରିବା ମଧ୍ୟରେ କେଉଁଟା ଉଚିତ ଓ କେଉଁଟା ଅନୁଚିତ।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର, ଭୁବନେଶ୍ୱର**
**ମୋ: ୯୯୩୭୩୪୫୯୦୦**

# ବେଦରେ ନାରୀ ଶକ୍ତି



ଡା. ଗୋପାଳ ଚନ୍ଦ୍ର ଦାଶ

ନାରୀ ଏକ, ମାତ୍ର ରୂପ ଅନେକ। ସମାଜରେ ନାରୀ ଜନନୀ, ଜାୟା, ଭଗ୍ନୀ ଓ କନ୍ୟାର ଭୂମିକା ଗ୍ରହଣ କରିଥାଏ। ନର ଶବ୍ଦର ପ୍ରଥମ ଅକ୍ଷରରେ 'ଆକାର' ଓ ଦ୍ୱିତୀୟ ଅକ୍ଷରରେ 'ଈକାର' ଯୋଗ କଲେ ନାରୀ ଶବ୍ଦ ସୃଷ୍ଟି ହୋଇଥାଏ। 'ଆ'ର ଅର୍ଥ ଶିବ, ଅର୍ଥାତ୍ କଲ୍ୟାଣକାରୀ। ନାରୀ ପୁରୁଷର କଲ୍ୟାଣ କାରିଣୀ। ନାରୀର ସହାୟତା ବିନା ପୁରୁଷର ଉନ୍ନତି ଅସମ୍ଭବ। ତେଣୁ କୁହାଯାଇଛି ଯେ ପ୍ରତି ପୁରୁଷର ସଫଳତା ପଛରେ ଜଣେ ନାରୀର ପ୍ରଚ୍ଛନ୍ନ ହାତ ରହିଥାଏ। 'ଈ'ର ଅର୍ଥ ଶ୍ରେୟ, ଅର୍ଥାତ୍ ଶ୍ରୀ ପ୍ରଦାନ କାରିଣୀ। ଧନ, ସମୃଦ୍ଧି ଓ ଗୌରବ ପ୍ରାପ୍ତି ପାଇଁ ପୁରୁଷକୁ ନାରୀର ସହାୟତା ନେବାକୁ ପଡ଼ିଥାଏ। ତେଣୁ ନାରୀ ଶବ୍ଦର ତାତ୍ତ୍ୱିକ ଅର୍ଥ ହେଉଛି ନରକୁ ସମୃଦ୍ଧି ଓ ଶ୍ରୀ ପ୍ରଦାନକାରୀ। ନାରୀର ସହାୟତାରେ ପୁରୁଷ ଧର୍ମାଚରଣ କରିଥାଏ। ସେଥିପାଇଁ ପ୍ରତ୍ୟେକ ମାଙ୍ଗଳିକ କର୍ମରେ ପତି-ପତ୍ନୀ ମିଳିତ ଭାବେ ଅଂଶଗ୍ରହଣ କରିଥାଆନ୍ତି। ନାରୀ ଓ ପୁରୁଷର ସଂଯୋଗରୁ ସନ୍ତାନ ସୃଷ୍ଟି ହୋଇଥାଏ, ଯାହା ସୃଷ୍ଟି ପ୍ରକ୍ରିୟାକୁ ଉଜ୍ଜୀବିତ କରିଥାଏ। ସେଥିପାଇଁ ଋକ୍ ବେଦରେ କୁହାଯାଇଛି, ''ମନୁର୍ଭବ ତନୟା ଦୈବଂ ଜନମ୍''। ଅର୍ଥାତ୍ ମନୁଷ୍ୟ ହୁଅ ଓ ଦିବ୍ୟ ସନ୍ତାନ ଉତ୍ପନ୍ନ କର।

ଭାରତୀୟ ସଂସ୍କୃତିରେ ପ୍ରାଚୀନ କାଳରୁ ନାରୀକୁ ଉଚ୍ଚ ସମ୍ମାନ ପ୍ରଦାନ କରାଯାଇଛି। ମନୁସ୍ମୃତିର ୩ୟ ଅଧ୍ୟାୟର ୫୬ତମ ମନ୍ତ୍ରରେ କୁହାଯାଇଛି, ''ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ'', ଅର୍ଥାତ୍ ଯେଉଁଠାରେ ନାରୀକୁ ସମ୍ମାନ ଦିଆଯାଏ ସେ ସ୍ଥାନ ସ୍ୱର୍ଗ ସଦୃଶ। ପୁନର୍ବାର କୁହାଯାଇଛି ଯେ ନାରୀକୁ ଅସମ୍ମାନ କଲେ ସମସ୍ତ କର୍ମ ଅସଫଳ ହୋଇଥାଏ। ବେଦ ଓ ଉପନିଷଦରେ ନାରୀକୁ ଜ୍ଞାନ, ଶକ୍ତି ଓ ସୃଷ୍ଟିର ମୂଳ ଭାବରେ ଦର୍ଶାଯାଇଛି। ଋକ୍‌ବେଦର ୧୦ ମଣ୍ଡଳ ସୁକ୍ତ ୧୨୫ରେ କୁହାଯାଇଛି, ''ଅହଂ ରାଷ୍ଟ୍ରୀ ସଂଗମନୀ ବସୁନାଂ ଚିକିତୁର୍ଷୀ ପ୍ରଥମା ଯଜ୍ଞୟାନାମ୍''। ଅର୍ଥାତ୍ ନାରୀ ରାଷ୍ଟ୍ରର ଶକ୍ତି ଓ ଜ୍ଞାନର ଅଧିକାରିଣୀ। ତେତିଶି କୋଟି ଦେବତାଙ୍କର ଶକ୍ତିକୁ ସଂଗଠିତ କରି ରଖିବାର କ୍ଷମତା ନାରୀ ପାଖରେ ଅଛି। ଉକ୍ତ ବେଦ ମନ୍ତ୍ର ମଧ୍ୟରେ ନାରୀକୁ ଶକ୍ତି ଓ ନେତୃତ୍ୱର ପ୍ରତୀକ ଭାବରେ ବର୍ଣ୍ଣନା କରାଯାଇଛି। ତୈତ୍ତିରୀୟ ଉପନିଷଦରେ କୁହାଯାଇଛି, ''ମାତୃଦେବ ଭବଃ'', ଅର୍ଥାତ୍ ମାଆକୁ ଦେବତା ସମାନ ସମ୍ମାନ ପ୍ରଦାନ କର। କାରଣ ମାଆ ପ୍ରଥମ ଗୁରୁ, ଶିକ୍ଷୟିତ୍ରୀ ଓ ପ୍ରଥମ ପ୍ରେରଣାଦାୟୀ ମହିଳା। ଘୋଷା, ଅପାଲା, ରେମଶା, ସୂର୍ଯ୍ୟା, ବିଶ୍ୱବାରା, ଲୋପାମୁଦ୍ରା, ଅଦିତି ଓ ଇନ୍ଦ୍ରାଣୀ ପ୍ରମୁଖ ୨୭ ବିଦୁଷୀ ମହିଳାଙ୍କୁ ବେଦର ମନ୍ତ୍ରଦ୍ରଷ୍ଟା ଋଷିକା ଭାବରେ ପ୍ରତିପାଦନ କରାଯାଇଛି।

ବୃହଦାରଣ୍ୟକ ଉପନିଷଦରେ ବର୍ଣ୍ଣିତ ଅଛି ଯେ ବିଦୁଷୀ ଗାର୍ଗୀ ଯାଜ୍ଞବଲକ୍ ଋଷିଙ୍କୁ ଶାସ୍ତ୍ରାର୍ଥରେ ପରାସ୍ତ କରିଥିଲେ। ଏଥିରୁ ନାରୀର ଜ୍ଞାନ ସମ୍ବନ୍ଧର ସୂଚନା ମିଳିଥାଏ। ଶାସ୍ତ୍ରରେ ଲିପିବଦ୍ଧ ଅଛି ଯେ ବ୍ରହ୍ମଚାରିଣୀ ସୁଲଭା ମିଥିଳା ନରେଶଙ୍କୁ ପୁରୁଷ-ସ୍ତ୍ରୀର ନିର୍ବିକାର ସମ୍ପର୍କ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିଥିଲେ। ମହାଭାରତ ଓ ରାମାୟଣର ନାରୀ ଅପମାନର ପରିଣତି ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। କୁରୁସଭାରେ ଦ୍ରୌପଦୀଙ୍କୁ ବେଶ୍ୟା କହିଥିବାରୁ ପିତାମହ ଭୀଷ୍ମ ସେନାଧ୍ୟକ୍ଷ ଥିବା ସମୟରେ ଅଙ୍ଗ ନରେଶ କର୍ଣ୍ଣଙ୍କୁ ମହାଭାରତ ଯୁଦ୍ଧରେ ଭାଗ ନେବାପାଇଁ ବାରଣ କରିଥିଲେ। କାଶୀ ନଗରୀର ଅବିବାହିତ କନ୍ୟା ଅମ୍ବାଙ୍କୁ ଭୀଷ୍ମ ଅପହରଣ କରିଥିବାରୁ ସେ ଶ୍ରୀଖଣ୍ଡି ଭାବରେ ଜନ୍ମନେଇ ଭୀଷ୍ମଙ୍କ ମୃତ୍ୟୁର କାରଣ ହୋଇଥିଲେ। ବୀରାଟ ରାଜାଙ୍କ ସେନାପତି କିଚକ ଦ୍ରୌପଦୀଙ୍କ ଉପରେ କୁଦୃଷ୍ଟି ନିକ୍ଷେପ କରିଥିବାରୁ ଭୀମଙ୍କ ଦ୍ୱାରା ନିହତ ହୋଇଥିଲେ। କୁରୁସଭାରେ ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କର ବସ୍ତ୍ରହରଣ କରିଥିବାରୁ କୌରବ ବଂଶ ମୂଳପୋଛ ହୋଇଥିଲା। ଧର୍ମରାଜ ଯୁଧିଷ୍ଠିର ପଶାଖେଳରେ ଦ୍ରୌପଦୀଙ୍କୁ ବ୍ୟବହାର କରିଥିବାରୁ ରାଜ୍ୟ ହରାଇ ବନବାସ ଭୋଗ କରିଥିଲେ। ହିଡ଼ିମ୍ବାଙ୍କ ପୁତ୍ର ଘଟୋତ୍କଚ ଦ୍ରୌପଦୀଙ୍କୁ ଅସମ୍ମାନ କରିଥିବାରୁ କୃଷ୍ଣଙ୍କ ଦ୍ୱାରା ନିଧନ ହୋଇଥିଲା। ଲଙ୍କା ନରେଶ ରାବଣ ବଳପୂର୍ବକ ସୀତାଙ୍କୁ ଅପହରଣ କରିଥିବାରୁ ସୁବର୍ଣ୍ଣ ଲଙ୍କା ଧୂଳିସାତ ହୋଇଥିଲା। ନାରୀ ଅପମାନର ପରିଣାମ ସମ୍ବନ୍ଧରେ ଅନେକ ଉଦାହରଣ ଶାସ୍ତ୍ରରେ ଅଛି। ନାରୀ ହେଉଛନ୍ତି ଶକ୍ତି, କରୁଣା ଓ ସୃଷ୍ଟିର ମୂଳ ଶକ୍ତି। ନାରୀ ବିନା ପୁରୁଷର ଅସ୍ତିତ୍ୱ ନାହିଁ। ଆଜିର ସମାଜରେ ନାରୀମାନେ ଶିକ୍ଷା, ବିଜ୍ଞାନ, ଚିକିତ୍ସା, ପ୍ରଶାସନ, ରାଜନୀତି ଆଦି ସମସ୍ତ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛନ୍ତି। ସେମାନେ ଘର ଦାୟିତ୍ୱ ସହିତ କର୍ମକ୍ଷେତ୍ରର ଦାୟିତ୍ୱ ମଧ୍ୟ ସଫଳତାର ସହିତ ନିଭାଉଛନ୍ତି। ନାରୀର ଉନ୍ନତି ବିନା ସମାଜରେ ଉନ୍ନତି ସମ୍ଭବ ନୁହେଁ। ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଉଛି ନାରୀ ଜାତିକୁ ସମ୍ମାନ ଓ ସୁରକ୍ଷା ଦେବା ସହିତ ସମାଜରେ ସମାନ ଅଧିକାର ପ୍ରଦାନ କରି ସଶକ୍ତୀକରଣ କରିବାରେ ସହଯୋଗ ପ୍ରଦାନ କରିବା।

**ମୋ: ୭୮୪୮୫୦୯୫୦**

## ପାଠକ ଶ୍ରେଷ୍ଠ ବିଚାରକ

### ଅଧିକ ଖାଦ୍ୟ ନଷ୍ଟ ହେଉଛି

ମହାଶୟ,

ବର୍ତ୍ତମାନ ଓଡ଼ିଶାରେ ପ୍ରାୟ ସମସ୍ତ ଜିଲାରେ ବିଭାଘର ଧୁମ୍‌ଧାମ୍‌ରେ ଜାରି ରହିଛି। ଆମ ଓଡ଼ିଶାର ପରମ୍ପରା ହିସାବରେ ଧନୀଙ୍କଠାରୁ ଆରମ୍ଭକରି ଗରିବଙ୍କ ପର୍ଯ୍ୟନ୍ତ ସମସ୍ତେ ନାନାଦି ପ୍ରକାରର ଭୋଜିଭାତ ଆୟୋଜନ କରୁଛନ୍ତି। ଭୋଜିରେ ପ୍ରାୟ ନଅରୁ ଛଅ ପ୍ରକାର ଖାଦ୍ୟ ଯଥା ମାଛ, ମାଂସ, ଅଣ୍ଡା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଛି, ଯାହାକୁ ଲୋକମାନେ ଆନନ୍ଦଉଲ୍ଲାସରେ ଖାଉଛନ୍ତି। ମାତ୍ର ଦୁଃଖର ବିଷୟ, ସେମାନେ ଯେତିକି ଖାଉନାହାନ୍ତି ତା'ଠାରୁ ଅତ୍ୟଧିକ ନଷ୍ଟ କରୁଛନ୍ତି। ଏକ ତଥ୍ୟ ଅନୁସାରେ, ଭୁବନେଶ୍ୱରରେ ପ୍ରତ୍ୟେକ ଦିନ ଯେତିକି ଟନ୍ ବଳକା ଖାଦ୍ୟ ନଷ୍ଟ କରାଯାଉଛି ସେଥିରେ ଦଶ ହଜାରରୁ ଅଧିକ ଲୋକ ଆନନ୍ଦରେ ଖାଇ ପାରନ୍ତେ। କିନ୍ତୁ ପରିତାପର ବିଷୟ, ଭୁବନେଶ୍ୱରଠାରେ ଗୋଟିଏ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ବାସି ରୁଟି ପରଷା ଯାଉଥିବାର ଖବର ନିଜେ ଭୁବନେଶ୍ୱର ମେୟର ତଦାରଖ କରୁଥିବା ଦେଖିବାକୁ ମିଳିଛି। ସମସ୍ତଙ୍କୁ ଅନୁରୋଧ, ଯେଉଁମାନେ ଭୋଜିଭାତ ଖାଇବାକୁ ଯାଉଛନ୍ତି ସେମାନେ ଯେତିକି ଖାଦ୍ୟ ଆବଶ୍ୟକ ସେତିକି ଆଣନ୍ତୁ ଓ ଅଯଥା ଖାଦ୍ୟ ନଷ୍ଟ ନ କରିବାକୁ ଚେଷ୍ଟା କରନ୍ତୁ। ସମସ୍ତ ହୋଟେଲ, ରେଷ୍ଟୁରାଣ୍ଟ ଓ ବିବାହ ମଣ୍ଡପ ପରିଚାଳନା କମିଟି ସଦସ୍ୟଙ୍କୁ ଅନୁରୋଧ କରାଯାଉଅଛି ଯେ ବଳକା ଖାଦ୍ୟ ନଷ୍ଟ ନ କରି ଅନ୍ୟମାନଙ୍କୁ ବାଣ୍ଟି ଦିଅନ୍ତୁ।

**– ବିଚିତ୍ର ପୃଷ୍ଟି, ଅଚ୍ୟୁତବସନ୍ତ, ବାଲିଚନ୍ଦ୍ରପୁର, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମଳିନ କ୍ଷୀଣ ଧୂସର ଦେହ
ତୁଟିଛି ତା'ର ଆକାଶ ଗେହ
ଭୂତଳେ ପଡ଼ି ପରାଣ ତା'ର
ମାଗଇ ସୁଖ ମାଗଇ ସ୍ନେହ।
–(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ସନ୍ଧିକୁଲିହାରିଠାରେ ନିଯୁକ୍ତିମେଳା

**ବେହେରା,୧୮।୩ (ଭୂପେଶ ତିୱାରୀ) :** କଳାହାଣ୍ଡି ଜିଲାର ଧର୍ମଗଡ଼ ବ୍ଲକ ଅଧୀନ ସନ୍ଧିକୁଲିହାରୀ ଗ୍ରାମରେ ଆର୍‌ସିଡିସି ଓ ଶିଶୁ ବିକାଶ ପ୍ରକଳ୍ପ, କଳାହାଣ୍ଡିଙ୍କ ଆନୁକୂଲ୍ୟରେ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଦକ୍ଷତା ବିକାଶ ଅଧିକାରୀ ଦୁର୍ଗାଚରଣ ଦାସଙ୍କ ସମେତ ଡାଟା ପ୍ରୋ କମ୍ପ୍ୟୁଟର କର୍ମଚାରୀ, ବେଦାନ୍ତ ତାଲିମ କେନ୍ଦ୍ର, ଏମ୍‌ଏନ୍‌ଜି ଏକାଡେମୀ ଓ ଭବାନୀପାଟଣାର ସାହି ଏକ୍ସପର୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିନିଧି ଯୋଗଦେଇଥିଲେ। ମେଳାରେ ଧର୍ମଗଡ଼ ବ୍ଲକ୍‌ର ବେହେରା ଓ ଟିପିଗୁଡ଼ା ଅଞ୍ଚଳରୁ ୧୫୦ରୁ ଅଧିକ ଯୁବତୀଯୁବକ ଅଂଶଗ୍ରହଣ କରି ବିଭିନ୍ନ ନିଯୁକ୍ତି ସୁଯୋଗ ଓ ଦକ୍ଷତା ବିକାଶ ତାଲିମ ସମ୍ପର୍କରେ ଅବଗତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୧୧୫ ଜଣ ଡାଟା ଅପରେଟର, ସିଲେଇ ମେଶିନ ଅପରେଟର ଓ କଲ୍ ସେଣ୍ଟର ପରି ବିଭିନ୍ନ କୋର୍ସରେ ତାଲିମ ନେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। କାର୍ଯ୍ୟକ୍ରମକୁ ଆର୍‌ସିଡିସି ପ୍ରୋଗ୍ରାମ ଅଫିସର ବିହାରୀ ରାଉତ ପରିଚାଳନା କରିଥିବାବେଳେ ବିନୟ ରାଉତ, ରଶ୍ମିତା ବେହେରା, ସୀତାକାନ୍ତ ମାଝୀ, ଆଦିତ୍ୟ ଅଧିକାରୀ ସହଯୋଗ କରିଥିଲେ।

### ଲୋକ ସଭାରେ ୧୮ଦଫା ଦାବି ଉଠାଇଲେ ଏମ୍‌ପି



କେସିଙ୍ଗା,୧୮।୩(ତୁମେଶ୍ୱର ସାହୁ): କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଲୋକ ସଭାରେ ମଙ୍ଗଳବାର କଳାହାଣ୍ଡି ସମେତ ନୂଆପଡ଼ା, ନବରଙ୍ଗପୁର ଓ ବଲାଙ୍ଗୀର ଜିଲା ପାଇଁ ନୂତନ ରେଳ ପ୍ରକଳ୍ପ ଭଳି ୧୮ଦଫା ସମ୍ବଳିତ ଦାବି ଉଠାଇଥିଲେ। ପୂର୍ବରୁ ଜିଲା ପାଇଁ ବିଭିନ୍ନ ପ୍ରକଳ୍ପ ମଞ୍ଜୁର ସେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରମୁଖ ଦାବି ମଧ୍ୟରେ କେସିଙ୍ଗାରୁ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ୍ ଚଳାଚଳ, ନର୍ଲାରେ ରେଳ ଇଞ୍ଜିନ କାରଖାନା ନିର୍ମାଣ, ନର୍ଲା ରୋଡ୍‌ରେ ପୂର୍ବଭଳି ବିଶାଖାପାଟଣା-ନିଜାମୁଦ୍ଦିନ, ବିଳାସପୁର-ତିରୁପତି ଏକ୍ସପ୍ରେସ୍ ରହଣି, ନର୍ଲା ରୋଡ୍‌ରେ ଓଭରବ୍ରିଜ୍ ନିର୍ମାଣ, ଭୁବନେଶ୍ୱରରୁ ରାୟଗଡ଼ା, କୋରାପୁଟରୁ ଟିଟିଲାଗଡ଼ ଯାଏ ସିଧା ଟ୍ରେନ ଚଳାଚଳ ଆଦି ଅନ୍ୟତମ।



କାଳବୈଶାଖୀ ପ୍ରଭାବରେ କୋକସରା ବ୍ଲକ ଅଞ୍ଚଳରେ ନଷ୍ଟ ହୋଇଥିବା ଟମାଟୋ ଫସଲ।

# ଭାଙ୍ଗିଲା ଘର, ବ୍ୟାପକ ପନିପରିବା ନଷ୍ଟ

## କୋକସରା ଅଞ୍ଚଳରେ କାଳବୈଶାଖୀ

କୋକସରା,୧୮।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ)

ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ କୁଆପଥର ମାଡ଼ ଓ ପ୍ରବଳ ବର୍ଷା ଯୋଗୁ କଳାହାଣ୍ଡି ଜିଲା କୋକସରା ଅଞ୍ଚଳରେ ବ୍ୟାପକ କ୍ଷତି ହୋଇଛି। ବିଶେଷ କରି ବ୍ଲକର ଆମପାଣି, ବରାଡଙ୍ଗା, ଲଡୁଗାଁ ଓ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। କୁଆପଥର ମାଡ଼ ଓ ପ୍ରବଳ ବର୍ଷା ଯୋଗୁ ଡାଲି ଜାତୀୟ ଫସଲ ମୁଗ, ବିରି, ସୂର୍ଯ୍ୟମୁଖୀ ଚାଷ ନଷ୍ଟ ହେବା ସହ ପନିପରିବା ଏବଂ ଆମ୍ବ ନଷ୍ଟ ହୋଇଯାଇଛି। ଅନେକ ଲୋକଙ୍କ ଆଜବେଷ୍ଟସ୍ ଓ ଘରର ଖପର ଭାଙ୍ଗି ଯାଇଥିବା ମଧ୍ୟ ଖବର ରହିଛି। ବ୍ଲକର ଆମପାଣି ପଞ୍ଚାୟତ ପାତ୍ରବସା ବଡିଆପଡାର ପରିବା ଚାଷୀ ଯାଦବ ନାଏକଙ୍କ ବାଇଗଣ, ଟମାଟୋ, ପିଆଜ, ଆଳୁ ଓ ଆମ୍ବ ଆଦି ନଷ୍ଟ ହୋଇଯାଇଛି। ସେହିପରି ବରାଡଙ୍ଗା ଗ୍ରାମ ପଞ୍ଚାୟତ ସିଉନୀ ଗ୍ରାମର ଚାଷୀ କୃପାସିନ୍ଧୁ ରାଉତଙ୍କ ମୁଗ ଚାଷ ନଷ୍ଟ ହୋଇଯାଇଛି। ଗଜନନ ରାଉତ, ଦିନ ରାଉତ, ମାଧବୀ ଦଳପତି ସମେତ ଅନେକ ଚାଷୀଙ୍କ ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଯାଇଛି। ଆମପାଣି ପଞ୍ଚାୟତ କନ୍ଦାଗଡ ଗ୍ରାମର ବୈଷ୍ଣବ ମାଝୀ, ଲକ୍ଷ୍ମଣ ବାଗ, ଦୈତାରୀ ମାଝୀ, ରଘୁ ମାଝୀ, ବାସୁଦେବ ମାଝି, ଲକ୍ଷ୍ମୀକାନ୍ତ ମାଝୀ, କ୍ଷୀରସିନ୍ଧୁ ମାଝୀ, ଯୋଗେନ୍ଦ୍ର ମାଝୀ ପ୍ରମୁଖଙ୍କ ଛପର ଘର ମଧ୍ୟ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ପନିପରିବା କ୍ଷୟକ୍ଷତି ସମ୍ପର୍କରେ କୋକସରା ଗୋଷ୍ଠୀ କୃଷି ଅଧିକାରୀ ରାକେଶ କୁମାର ମାଝୀଙ୍କ ପ୍ରତିକ୍ରିୟା ନେବାରୁ କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଏକ ମିଳିତ ବୈଠକ କରାଯାଇ ୭୨ ଘଣ୍ଟା ମଧ୍ୟରେ ଆକଳନ କରାଯିବ ବୋଲି କହିଛନ୍ତି। ସେହିପରି ଘର ଓ ଅନ୍ୟାନ୍ୟ କ୍ଷୟକ୍ଷତି ଆକଳନ ପାଇଁ କୋକସରା ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ପ୍ରତିକ୍ରିୟା ନେବାରୁ ସମସ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେବାପାଇଁ କୁହାଯାଇଥିବା ପ୍ରକାଶ କରିଛନ୍ତି।

# ବିପଦ ସୃଷ୍ଟି କରୁଛି କମ୍ପାନୀ ଖୋଳିଥିବା ଗାତ

ଥୁଆମୂଳ ରାମପୁର ୧୮।୩ (ଦୁର୍ଗା କୀର୍ତ୍ତି)



ଆହତ ନେକା ମାଝୀ।

କଳାହାଣ୍ଡି ଜିଲା କର୍ଲାପାଟ ଥାନା ଅନ୍ତର୍ଗତ ରଣପୁର ଗ୍ରାମରେ ଜିଓ କମ୍ପାନୀ ପକ୍ଷରୁ ଟାୱାର ସ୍ଥାପନ ପାଇଁ ଖୋଳାଯାଇଥିବା ଗାତ ବିପଦ ସୃଷ୍ଟି କରୁଛି। କମ୍ପାନୀର ବେପରୁଆ କାର୍ଯ୍ୟଶୈଳୀ ଯୋଗୁ ଗ୍ରାମର ଜଣେ ଶ୍ରମିକ ନେକା ମାଝୀ (୩୪) ଗୁରୁତର ହୋଇ ମୃତ୍ୟୁସହ ସଂଗ୍ରାମ କରୁଥିବା ବେଳେ ଏକାଧିକ ଗୋରୁ ଏହି ଗାତରେ ପଡ଼ି ପ୍ରାଣ ହରାଇଛନ୍ତି। ଏହି ସମ୍ପର୍କରେ ଗ୍ରାମବାସୀ ବାରମ୍ବାର କମ୍ପାନୀର ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ବି ସୁଫଳ ମିଳୁ ନ ଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୩-୪ ବର୍ଷ ତଳେ ପାଇପ ପୋତିବା ପାଇଁ ବେଜେ ମାଝୀଙ୍କ ଚାଷ ଜମିଠାରୁ ମାସିଆ ଗୌଡ଼ଙ୍କ ଜମି ପର୍ଯ୍ୟନ୍ତ ଏକ ବିରାଟ ଗାତ ଖୋଳାଯାଇଥିଲା। ଗତ ୯ ତାରିଖ ସନ୍ଧ୍ୟାରେ ନେକା ମାଝୀ କାମ ସାରି ଫେରୁଥିବା ବେଳେ ସେହି ଗାତରେ ପଡ଼ିଯାଇଥିଲେ। ଫଳରେ ତାଙ୍କ ଜଙ୍ଘ ଓ ଅଣ୍ଟା ହାଡ଼ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଅଚଳ ହୋଇଯିବା ପରେ ବୃଦ୍ଧ ପିତା ମୀନା ମାଝୀ ଓ ମା' ଦାନମତି ମାଝୀ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ଜିଲା ପ୍ରଶାସନ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି କମ୍ପାନୀ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନେକାଙ୍କ ଚିକିତ୍ସା ଖର୍ଚ୍ଚ, ପରିବାରର ଭରଣପୋଷଣ ଏବଂ ମୃତ ଗୋରୁଙ୍କ କ୍ଷତିପୂରଣ ପ୍ରଦାନ ପାଇଁ ଗାଁ ସାଥୀ ଗୋପାଳ ନାଏକ ଓ ପ୍ରଫୁଲ୍ଲ ନାଏକ, ୧୧ ନମ୍ବର ୱାର୍ଡମେମ୍ବର ରାଇସିଂ ମାଝୀ, ରାଜେନ୍ଦ୍ର ମାଝୀ, ପଥି ମାଝୀ, ଅଞ୍ଚଳ ମାଝୀ, ମୋହନ ମାଝୀ, ବିଜୁ ମାଝୀ, ଟିପା ମାଝୀ, ବିକାଶ ନାଏକ, କାଳିଆ ମାଝୀ ପ୍ରମୁଖ ଦାବି କରିଛନ୍ତି। ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କମ୍ପାନୀର ସାଇଟର ଇଞ୍ଜିନିୟର ଆଶିଷ କୁମାର ସାହୁଙ୍କୁ ପଚାରିବାରୁ ସେ ପ୍ରଥମେ ଅପରେଶନ ହେଡ୍‌ଙ୍କ ସହ କଥା ହେବାକୁ କହିଥିଲେ। ହେଲେ ତାଙ୍କ ଫୋନ ନ ଲାଗିବା ପରେ ପୁନଶ୍ଚ ସାହୁଙ୍କୁ ଯୋଗାଯୋଗ କରିବାରୁ ଏ ନେଇ ନୂତନ ଟେଣ୍ଡର ହୋଇ ଖୁବ୍‌ଶୀଘ୍ର କାମ ଶେଷ ହେବ ବୋଲି କହିଥିଲେ।

# ପୁଷ୍ଟି ଶସ୍ୟ ଖାଦ୍ୟ ମେଳା

ନୂଆପଡ଼ା, ୧୮।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ସମିତି କଲେଜ ବୁଢ଼ି କୋମନାଠାରେ ବୁଧବାର ଶ୍ରୀଅନ୍ନ ଅଭିଯାନ କାର୍ଯ୍ୟକ୍ରମ ଓ ସ୍ୱେଚ୍ଛାସେବୀ ସଂଗଠନ ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟାଙ୍କ ତତ୍ତ୍ୱାବଧାନରେ ପୁଷ୍ଟି ଶସ୍ୟ ଖାଦ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାକୁ ଜିଲା ପରିଷଦ ଉପାଧ୍ୟକ୍ଷ ଦୀପିକା ଦୀପ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ କୃଷି ଅଧିକାରୀ ପ୍ରଶାନ୍ତ କୁମାର ବାଗ, କଲେଜ ଅଧ୍ୟକ୍ଷ ସତୀକାନ୍ତ ପଣ୍ଡାଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଯୋଗଦେଇଥିଲେ। କୋମନାର ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କଲେଜର ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଫାଷ୍ଟ ଫୁଡ ଜାତୀୟ ଖାଦ୍ୟ ବର୍ଜନ କରି ମିଲେଟ ଖାଦ୍ୟ ଆପଣାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସିପିଏସଡବ୍ଲୁ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଅନ୍ନ ଅଭିଯାନ ଓ ସ୍ୱେଚ୍ଛାସେବୀ ସଂଗଠନ ସିପିଏସ୍‌ଡବ୍ଲ୍ୟୁ କେନ୍ଦୁଭଟାର ବ୍ଲକ ସଂଯୋଜକ ଉଦେମଣି ନିଆଲ, ଗୌତମ ଦୂରିଆ, ଦିବାକର ଠେଲା, ଖେମ ସାଗର ଗହିର ସହଯୋଗ କରିଥିଲେ।




ମେଳାରେ ମିଲେଟ ସାମଗ୍ରୀ ପ୍ରଦର୍ଶନ କରାଯାଉଛି।

# କେନାଲରୁ ବୃଦ୍ଧଙ୍କ ମୃତଦେହ ଜବତ

## ୪ ଜଣଙ୍କ ମୃତ୍ୟୁ ଘଟିଲାଣି

କୋକସରା,୧୮।୩ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କୋକସରା ବ୍ଲକ ଲଡୁଗାଁ ମୁଟୁରାବାହିଲି ଛକ ଇନ୍ଦ୍ରାବତୀ ଉଠା ଜଳସେଚନ କେନାଲରୁ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହ ଅଗ୍ନିଶମ ବିଭାଗ ପକ୍ଷରୁ ଜବତ କରାଯାଇଛି। ମୃତକ ହେଲେ ଲଡୁଗାଁ ଗ୍ରାମର ଗବ୍ର ରାଉତ (୭୬)। ସୂଚନା ଅନୁସାରେ, ଗବ୍ର ମଙ୍ଗଳବାରଠାରୁ ନିଖୋଜ ଥିଲେ। ବୁଧବାର ସକାଳେ ମୁଟୁରାବାହିଲି ଛକ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରେ ତାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ କୋକସରା ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚିଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀମାନେ କେନାଲ ପାଣିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ମୃତଦେହ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଗତ କିଛିଦିନ ମଧ୍ୟରେ କୋକସରା ଥାନା ଅନ୍ତର୍ଗତ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ୫ ଘଟଣା ଘଟିଥିବା ବେଳେ ସେଥିରୁ ୪ଜଣଙ୍କ ମୃତଦେହ ଓ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ତେଣୁ ପ୍ରଶାସନ ପକ୍ଷରୁ ଜନ ସଚେତନତା କରାଇବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଡିଗ୍ରୀ ମଡେଲ କଲେଜରେ ରାଜ୍ୟସ୍ତରୀୟ ସେମିନାର

ଖଡିଆଲ,୧୮।୩ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ସରକାରୀ ମଡେଲ ଡିଗ୍ରୀ କଲେଜ ଇତିହାସ ବିଭାଗ ପକ୍ଷରୁ ଭାରତୀୟ ଜ୍ଞାନ ପରମ୍ପରା, ପୁନଃ ମୂଲ୍ୟାୟନ ଶୀର୍ଷକ ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଗବେଷକ ତଥା ଐତିହାସିକ ଡ. ଫନିନ୍ଦମ ସିଂଦେଓ ମୁଖ୍ୟ ଗବେଷକ ଭାବେ ଯୋଗଦେଇ ଭାରତରେ ପ୍ରାଚୀନ ଜ୍ଞାନ ପରମ୍ପରା ବହୁ ସମୃଦ୍ଧ ଥିବା ବେଳେ ଏହାର ସଂଗ୍ରହ କରି ବୈଜ୍ଞାନିକ ପଦ୍ଧତିରେ ମୂଲ୍ୟବୋଧ ଉଜ୍ଜୀବିତ କରିବାର ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କହିଥିଲେ। ଭାରତୀୟ ଜ୍ଞାନ ପରମ୍ପରା ତାକୁ ପୁନଃ ମୂଲ୍ୟାୟନ କରି ଏହି ସମୟ ସହିତ ଯୋଡ଼ିବା ନେଇ ବ୍ୟାଖ୍ୟା ହୋଇଥିଲା। ଏହି ଅବସରରେ ପ୍ରାକ୍ ଐତିହାସିକ ତଥ୍ୟ ଲିପି, ସଂଗୃହୀତ ପୋଥି, ତାମ୍ରପତ୍ର ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ର ପୋଷ୍ଟର ମାଧ୍ୟମରେ ପ୍ରସଙ୍ଗକୁ ବ୍ୟାଖ୍ୟା କରିଥିଲେ। ସେମିନାରରେ କଲେଜ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ବିଭାଗୀୟ ଅଧ୍ୟାପକ ଟିକେଶ୍ୱର ରଣା, ଅଧ୍ୟାପକ ଶ୍ରୀକାନ୍ତ ବାରିକ, ଖଡିଆଳ ଯୁକ୍ତ ୨ ଅଧ୍ୟାପକ ରଣବୀର ସିଂ ପରିଚାଳନା କରିଥିଲେ।

### ରାମଲୀଳା ପାଇଁ ଆଖଡ଼ା ଆରମ୍ଭ

**ରିଷିଡ଼ା,୧୮।୩(ସୁଶାନ୍ତମଲ୍ଲିକ):** କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଶ୍ରୀଜଗନ୍ନାଥ ସାଂସ୍କୃତିକ ସଂସଦ ପକ୍ଷରୁ ଆୟୋଜିତ ହେବାକୁ ଥିବା ରାମଲୀଳା ପାଇଁ ମଙ୍ଗଳବାରଠାରୁ ଆଖଡ଼ା ଆରମ୍ଭ ହୋଇଛି। ଚଳିତ ବର୍ଷରୁ ପ୍ରଥମକରି ଏହି ଆଖଡ଼ା (ରିହର୍ସାଲ) ହେଉଥିବାରୁ କଳାକାରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ରିଷିଡ଼ା କୁରାଳ ସଭାଗୃହ ଭବନଠାରେ ବରିଷ୍ଠ କଳାକାର ମୋହନଲାଲ ରଣା ପୂଜାର୍ଚ୍ଚନା କରିବା ପରେ ଆଖଡ଼ା ଆରମ୍ଭ ହୋଇଥିଲା। ଏଥିରେ ସଭାପତି ସୁରେନ୍ଦ୍ର ରଣା, ସମ୍ପାଦକ ମନୋଜ ରଣା, କୋଷାଧ୍ୟକ୍ଷ ପ୍ରଦୀପ ରଣା, ବେଲାର ପୁଟେଲ, ସୁଶାନ୍ତ ମଲ୍ଲିକ, ରମେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଦର୍ଶକଙ୍କୁ ଆକୃଷ୍ଟକଲା ଫ୍ୟାଶନ ଶୋ

**ନୂଆପଡ଼ା, ୧୮।୩ (ମକାରୁ ବେମାଲ):** ନୂଆପଡ଼ା ଜିଲା ପ୍ରଶାସନ ତରଫରୁ ନ୍ୟାଶନାଲ ମହାବିଦ୍ୟାଳୟଠାରେ ଆୟୋଜିତ ଜିଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଦଳର ଲୋକନୃତ୍ୟ ସହ ପଦ୍ମପୁର ରେନ୍‌ବୋ ଫ୍ୟାଶନ ଶୋ ଅନୁଷ୍ଠିତ ହୋଇଥିଲା। ଏହି ଫ୍ୟାଶନ ଶୋରେ ସମ୍ବଲପୁରୀ ପୋଷାକ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ରେନ୍‌ବୋ ଫ୍ୟାଶନର ସମସ୍ତ ମଡେଲଙ୍କ ସମ୍ବଲପୁରୀ ବାନ୍ଧକଳା ଆଧାରିତ ପୋଷାକ ଆକର୍ଷଣୀୟ ହୋଇଥିଲା। ମଞ୍ଚରେ ପାରମ୍ପରିକ ସମ୍ବଲପୁରୀ ଶାଢ଼ି, ଡ୍ରେସ୍ ମ୍ୟାଟେରିଆଲ ଓ ନୂତନ ଡିଜାଇନର ପୋଷାକ ମଡେଲମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା।

**OFFICE OF THE MUNICIPAL COUNCIL, KABISURYANAGAR**
At/P.O.: Kabisuryanagar, Dist.: Ganjam, PIN - 761104
Phone No.: 06810-295444, E-mail: ksnnac@rediffmail.com
Lt. No.: 507 Date: 17.03.2026

**1st Corrigendum Notice**

No. 13001/691/2526: In partial modification of this Office Letter No. 449/Dated: 10.03.26 published in Odia daily Newspaper in connection with Detail Tender Call Notice No. 451/Dated: 10.03.26 wherein of Sl. 01 it has been inadvertently mentioned as "Office of the NAC Polasara" as instead of Office of the Kabisuryanagar Municipality. Hence "Office of the NAC Polasara" mentioned there in shall be read as Office of the Kabisuryanagar Municipality.

Sd./- Executive Officer
OIPR-13001/13208/1/25-26/0006 Kabisuryanagar Municipality (G.M.)

**कार्यपालक अभियंता का कार्यालय**
**लघु सिंचाई प्रमंडल, हजारीबाग**
executiveengineerirri@gmail.com

पत्रांकः– 220 हजारीबाग / दिनांकः– 16.03.2026

**शुद्धि पत्र**

एतद् द्वारा सूचित किया जाता है कि इस कार्यालय के पत्रांक 153 दिनांक 28.02.2026 के द्वारा निर्गत ई – निविदा आमंत्रण सूचना संख्या DMFT/MID/HAZARIBAG/F2-38/2025-26 पी0आर0न0– 373869 Minor Irrigation (25-26):D द्वारा प्रकाशित निविदा अपरिहार्य कारण वश अगले आदेश तक स्थगित किया जाता है।

PR 375466 Minor Irrigation(25-26).D
कार्यपालक अभियंता,
लघु सिंचाई प्रमंडल,हजारीबाग

**ସଂଶୋଧନ ବିଜ୍ଞପ୍ତି**

ମୁଁ, କେ.ନାରିନ୍ କୁମନ୍ଦନ, ପିତା ୰ କେ. କୋଦଣ୍ଡରାମ କୁମନ୍ଦନ, ନ୍ୟୁ କଲୋନୀ, ରାୟଗଡ଼ା ବାସିନ୍ଦା, ଏତଦ୍ୱାରା ସ୍ପଷ୍ଟ କରିବାକୁ ଚାହୁଁ ଅଛି ଯେ, ମୋ ଦ୍ୱାରା ଗତ ୨୨.୧୨.୨୦୨୫ ତାରିଖରେ ଓଡ଼ିଆ ଖବରକାଗଜ ''ଧରିତ୍ରୀ'' ରେ ''ହଜିବା'' ଶୀର୍ଷକରେ ପ୍ରକାଶିତ ସାର୍ବଜନୀନ ନୋଟିସ୍‌ରେ ମୋର ଡକ୍ୟୁମେଣ୍ଟ ସବୁ ହଜିବାର ତାରିଖ ୦୮.୧୨.୨୦୨୫ ପରିବର୍ତ୍ତେ ଅସାବଧାନତାବଶତଃ ୦୯.୧୨.୨୦୨୫ ତାରିଖ ଉଲ୍ଲେଖ କରାଯାଇଅଛି । ବିଗତ ୨୨.୧୨.୨୦୨୫ ତାରିଖରେ ପ୍ରକାଶିତ ନୋଟିସ୍‌ର ଅନ୍ୟାନ୍ୟ ବିଷୟବସ୍ତୁ ଅପରିବର୍ତ୍ତିତ ରହିବ । ଏହି ବିଜ୍ଞପ୍ତି ସର୍ବସାଧାରଣଙ୍କ ସୂଚନା ତଥା ରେକର୍ଡ ଉଦ୍ଦେଶ୍ୟରେ ପ୍ରକାଶିତ କରୁଅଛି ।

ସ୍ୱା./- କେ. ନାରିନ୍ କୁମନ୍ଦନ
ନ୍ୟୁ କଲୋନୀ, ରାୟଗଡ଼ା, ମୋବାଇଲ୍ ନଂ.:୯୪୩୭୦୨୧୧୧୦

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୪ **ବିଜ୍ଞାପନ** ତା:୦୯।୦୩।୨୦୨୬

No. 13001/680/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ.ଆଇ.ଜି.-୧-୬୨/୩ (MIG-I-62/3), ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଶକୁନ୍ତଳା ନାୟକ, ସ୍ୱାମୀ: ପ୍ରସନ୍ନ କୁମାର ନାୟକ, ସା/ପୋ.: ଶାଳପଦା, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଶକୁନ୍ତଳା ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶରତ କୁମାର ଦାଶ, ପିତା: ୰ହାଡ଼ିବନ୍ଧୁ ଦାଶ, ସା/ପୋ: ଲେଙ୍କୁଡ଼ିପଡ଼ା, ଥାନା/ଜିଲ୍ଲା:ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR-13001/13030/1/25-26/0103 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

No.13001/681/2526

**OFFICE OF THE MUNICIPAL COUNCIL, KABISURYANAGAR**
AT/P.O. : KABISURYANAGAR, DIST. : GANJAM, PIN : 761104
Phone no. : 06810-295444, E-mail : ksnnac@rediffmail.com
Lt No : 557 / Date : 17.03.2026

**1st Corrigendum Notice**

**No.13001/681/2526** : The Letter No.456, Dated : 10.03.2026 published on daily odia news paper for Tender Call Notice No.458//Dated : 10.03.2026 has been partially modified the Sl. No.06,07 & 08 (critical dates) of the DTCN as read as detail below the Sl. No.01, 02 & 03

| | | | |
|---|---|---|---|
| 1. | Date and time of Availability in Portal & Receipt of Bids | : | From 10.00 A.M. of dt.19.03.2026 to 05.30 P.M. of dt.28.03.2026 instead of from 10.00 A.M. of Dt.17.03.2026 to 05.30 P.M. of dt.31.03.2026 |
| 2. | Last date & time of submission of original Financial tender documents in Tender Box | : | 10.00 A.M. to 05.30 P.M. of dt.30.03.26 to 31.03.26 Instead of 05.30 P.M. of dt.02.04.2026 & 04.04.2026 |
| 3. | Date of Opening of Tender | : | 02.04.2026 at 11.00 A.M. instead of 06.04.2026 at 11.00 A.M. |

Sd./- Executive Officer
OIPR-13001/13208/1/25-26/0005 Kabisuryanagar Municipality (G.m)

**Jharkhand Industrial Infrastructure Development Corporation Limited (JIIDCO)**
(A Govt. of Jharkhand Undertaking)
5th Floor, Udyog Bhawan, Ratu Road, Ranchi – 834001 (Jharkhand)
e-mail- jiidcoltd@gmail.com www.jiidco.co.in Phone no. 0651-3512851
CIN U45208JH2004GOI011078
Letter no: -182 dated: -18.03.2026

**NOTICE INVITING TENDER**
(through e-procurement mode only-www.jharkhandtenders.gov.in)
NIT No.- JIIDCO/31/Women Hostel/SBD/2025-2026

Designation and Address of the Advertiser: - Chief Engineer, JIIDCO, 5th Floor, Udyog Bhawan, Ratu Road, Ranchi-834001
1. Mode of submission of tender :- Online through www.jharkhandtenders.gov.in
2. Date of publishing on portal and website :- 20.03.2026
3. Start date for downloading of the Bid Documents :- 20.03.2026, 02:00 A.M onwards
4. Date of Pre-bid meeting :- 25.03.2026 at 12:30 P.M.
5. Last date for submission of Bidding Documents :- 09.04.2026 up to 4:00 P.M.
6. Bid opening date (Technical) :- 10.04.2026 at 5:00 P.M.
7. Details of works: -

| Bid No. | Name of work | Estimated Cost/ECV (Rupees) | Amount of Earnest money (E.M.D) (Rupees) | Cost of BOQ (Non-refundable in Rupees) | Time of completion of work (Months) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Construction of 500 Bed ded Working Women Hostel at Nirsa, Dhanbad , Jharkhand | 22,16,34,721.00 | 22,20,000.00 | 11,800.00 | 24 months |

1. Tender fee (non-refundable) & EMD is to be received through online mode only. Bidders can use internet banking facility for faster processing of Tender fee Alternatively, Bidders can use NEFT/RTGS challan generated for the tender from http://jharkhandtenders.gov.in. portal.
Refund will only be issued to Originated bank account used for the payment of EMD. So, bidders are advised NOT to close the above Bank Account used for online payment NEFT/RTGS of EMD.
No Hardcopy/Physical copy is required to be submitted for tender opening/evaluation. However, Department may ask original documents for verification before award of contract.
2. Bid Validity :- 180 days
3. Place of opening of Technical Bid : - JIIDCO, 5th Floor, Udyog Bhawan, Ratu Road, Ranchi-834001
4. For any information/complaints the department helpline no. M.b.no. 7004785102 may be contacted.
5. Further details can be seen on website- www.jharkhandtenders.gov.in.
6. Any Corrigendum or Addendum will be notified on website: - www.jharkhandtenders.gov.in only.

Note: (i) Any change can be seen on website www.jharkhandtenders.gov.in
(ii) Any other information can be seen on www.jharkhandtenders.gov.in
(iii) The estimated cost mentioned above in sl. No.7 column no. 3 is approximate which may increase or decrease.

PR 375513 Jharkhand Industrial Infrastructure Dev Co Ltd(25-26)D Sd/- Chief Engineer JIIDCO Ranchi

**कार्यपालक अभियंता का कार्यालय, लघु सिंचाई प्रमंडल, साहेबगंज**

अल्पकालीन पुनः ई –निविदा आमंत्रण सूचना

e – Retender reference no. WRD/MID/SAHIBGANJ/F2 – 12/2025-26 Date- 17.03.2026

1 विभाग का नामः– जल संसाधन (लघु सिंचाई) विभाग, झारखण्ड, राँची।
2. विज्ञापन दाता का नाम एवं पता– कार्यपालक अभियंता, लघु सिंचाई प्रमंडल, साहेबगंज। मो0–9693906454
3. निविदा खोलने का स्थान– ई– प्रोक्योरमेंट सेल, मुख्य अभियंता कार्यालय, लघु सिंचाई, दुमका ।
4. कार्य की विवरणीः–

| क | योजना का नाम | प्रखण्ड | प्राक्कलित राशि (रूपये में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | बेबसाइट में ई–निविदा प्रकाशन की तिथि | ई–निविदा प्राप्ति की अंतिम तिथि | ई–निविदा खोलने की तिथि | कार्य पूर्ण करने की अवधि | श्रेणी |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | बाकुडीह मध्यम सिंचाई योजना का जीर्णोद्धार कार्य। | तालझारी | 12395392.00 | 248900 | 10000 | 23.03.2026 (पूर्वाहन् 10:30 बजे से) | 01.04.2026 (अपराहन् 5:00 बजे तक) | 02.04.2026 (अपराहन् 05:00 बजे) | 11 माह | योग्य श्रेणी |

नोटः– 1. केवल ई–निविदा ही स्वीकार किया जायेगा।
2. प्राक्कलित राशि घट बढ़ सकती है। अग्रधन की राशि परिमाण विपत्र की राशि के अनुसार होगी।
3. परिमाण विपत्र एवं EMD की राशि केवल online माध्यम से ही स्वीकार होगा। online माध्यम से किये गये भुगतान की पावति बेबसाइट पर आवश्यक रुप से अपलोड करेंगे।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबाबदेही संबंधित निविदादाता की होगी।
5. विस्तृत जानकारी के लिए http://jharkhandtenders.gov.in_ पर लॉग ऑन करे ।

कार्यपालक अभियंता,
लघु सिंचाई प्रमंडल, साहेबगंज।
PR.NO.375435 Minor Irrigation(25-26):D

# ଭାରତୀୟ ଗ୍ରୀଷ୍ମ, ବିଶ୍ୱ ତାପମାତ୍ରା ଗବେଷଣା

- ରାଉରକେଲା ଏନ୍ଆଇଟି ପକ୍ଷରୁ ଗବେଷଣା
- ଗବେଷଣାରେ ବିକଶିତ ହେବ ଅଞ୍ଚଳର ଜଳବାୟୁ ପ୍ରସ୍ତୁତି, କୃଷି ଓ ଜଳ ପରିଚାଳନା ତଥ୍ୟ
- ମିଳିଛି ୩ ନିୟୁତବର୍ଷ ପୂର୍ବର ରେକର୍ଡ


ଡ. କରିସ୍ମା ଦାହିୟା


ପ୍ର. ନାଗରାଜୁ ଚିଲୁକୋଟି


ପ୍ର. ରାଜୁ ଆଟାଡା

ରାଉରକେଲା, ୧୮।୩(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ଗବେଷକଙ୍କ ନେତୃତ୍ୱରେ ଭବିଷ୍ୟତର ବିଶ୍ୱତାପମାତ୍ରା ଯୋଗୁ ଭାରତୀୟ ଗ୍ରୀଷ୍ମ ମୌସୁମୀ କିପରି ପରିବର୍ତ୍ତନ ହୋଇପାରେ ତାହା ସମ୍ପର୍କରେ ଅଧ୍ୟୟନ ଓ ଗବେଷଣା କରାଯାଇଛି। ଏହାର ନିଷ୍କର୍ଷ ପ୍ରତିଷ୍ଠିତ ଇଣ୍ଟରନ୍ୟାଶନାଲ୍ ଜର୍ନାଲ ଅଫ୍ କ୍ଲାଇମାଟୋଲୋଜିରେ ପ୍ରକାଶିତ ହୋଇଛି। ଭାରତୀୟ ଗ୍ରୀଷ୍ମକାଳୀନ ମୌସୁମୀ ଭାରତରେ ୮୦ ପ୍ରତିଶତ ବର୍ଷା କରିଥାଏ। ଭାରତ ଓ ସମଗ୍ର ଦକ୍ଷିଣ ଏସିଆରେ ଖାଦ୍ୟ ଉତ୍ପାଦନ, ଜଳସମ୍ପଦ ଓ ଆର୍ଥିକ ସ୍ଥିରତା ପାଇଁ ନିରନ୍ତର ମୌସୁମୀ ବର୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱତାପନ ବୃଦ୍ଧି ପାଉଥିବା ଯୋଗୁ ଏହାର ଗବେଷଣା କରାଯାଉଛି। ମୌସୁମୀ ବର୍ଷା ତୀବ୍ର ହୋଇପାରେ। ରାଉରକେଲା ଏନ୍ଆଇଟି ଆଟମୋସ୍ଫେରିକ୍ ସାଇନ୍ସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ନାଗରାଜୁ ଚିଲୁକୋଟି ଏବଂ ରିସର୍ଚ୍ଚ ସ୍କଲାର ଡ. କରିସ୍ମା ଦାହିୟା, ଆଇଆଇଏସ୍ଇଆର୍ ମୋହାଲିର ଆର୍ଥ ଆଣ୍ଡ୍ ଏନଭାର୍ନମେଣ୍ଟାଲ ସାଇନ୍ସ ପ୍ରଫେସର ରାଜୁ ଆଟାଡାଙ୍କ ସହଯୋଗରେ ଭବିଷ୍ୟତରେ ମୌସୁମୀ ଆଚରଣ ଉପରେ ଗଭୀର ଆଲୋଚନା ହୋଇଥିଲା। ତାପମାତ୍ରା, ସମୁଦ୍ରସ୍ତର, ବାୟୁମଣ୍ଡଳୀୟ ସଞ୍ଚାଳନରେ ସମ୍ଭାବ୍ୟ ପରିବର୍ତ୍ତନକୁ ବୁଝିବା ଏହି ଅଧ୍ୟୟନ କରାଯାଇଥିଲା। ଉକ୍ତ ଅଧ୍ୟୟନରୁ ଜଣାପଡ଼ିଛି ମଧ୍ୟ ପ୍ଲାଇଓସିନ୍ ଯୁଗରେ ଭାରତରେ ମୌସୁମୀ ବର୍ଷା ଅଧିକ ଥିଲା। ଉଷ୍ଣଜଳବାୟୁ ଯୋଗୁ ଭବିଷ୍ୟତରେ ସମାନ ପରିମାଣରେ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହି ଅଧ୍ୟୟନ ନିଷ୍କର୍ଷ ଗୁଡ଼ିକ ବିଷୟରେ ଏନ୍ଆଇଟି ରାଉରକେଲା ଆଟମୋସ୍ଫେରିକ୍ ସାଇନ୍ସ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ନାଗରାଜୁ ଚିଲୁକୋଟି କହିଛନ୍ତି, ଭବିଷ୍ୟତକୁ ବୁଝିବା ପାଇଁ ଅତୀତ ଏକ ଚାବିକାଠି। ମଧ୍ୟ ପ୍ଲାଇଓସିନ୍ ଯୁଗର ଉଷ୍ଣଜଳବାୟୁକୁ ଅଧ୍ୟୟନ କରି ଜଣାପଡ଼ିଛି, ଉଷ୍ଣଜଳବାୟୁ ଯୋଗୁ ଭାରତ ମହାସାଗର ଓ ଭାରତୀୟ ଉପମହାଦେଶରେ ବାୟୁମଣ୍ଡଳୀୟ ଆର୍ଦ୍ରତା ସ୍ତର ବୃଦ୍ଧିପାଇବାରେ ସମ୍ଭାବନା ରହିଛି। ଯାହା ଭାରତ ଆଡକୁ ଆଦ୍ରତାର ପ୍ରବାହକୁ ସମ୍ଭାବ୍ୟ ଭାବରେ ଶକ୍ତିଶାଳୀ କରିବ। ଭାରତ ଓ ଆଖପାଖ ଅଞ୍ଚଳ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଗବେଷଣା ଦଳ ଭାରତର ଉତ୍ତର ଦିଗରେ ସୃଷ୍ଟି ହେଉଥିବା ବୃହତ ପାଗ ପ୍ରଣାଳୀର ପ୍ରଭାବ ଏହି ଅଞ୍ଚଳରେ ବର୍ଷା ପଦ୍ଧତି ଉପରେ ଅଧ୍ୟୟନ କରିବାକୁ ଲକ୍ଷ୍ୟ ରଖିଛି। ଚାଷୀମାନଙ୍କୁ ଫସଲ ଚକ୍ର, ଜଳସେଚନ ପ୍ରଭାବଶାଳୀ ଭାବରେ ଯୋଜନା କରିବାରେ ସାହାଯ୍ୟ କରିବ। ଗଙ୍ଗା, ବ୍ରହ୍ମପୁତ୍ର ଭଳିପ୍ରମୁଖ ନଦୀ ପ୍ରଣାଳୀରେ ଜଳସମ୍ପଦର ଉତ୍ତମ ପରିଚାଳନାରେ ନୀତି ନିର୍ଦ୍ଧାରକମାନଙ୍କୁ ସହାୟତା କରିପାରିବ। ବନ୍ୟାପ୍ରବଣ ଅଞ୍ଚଳରେ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ସହରାଞ୍ଚଳ ଯୋଜନାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ ବୋଲି ପ୍ରଫେସର ଚିଲୁକୋଟି କହିଛନ୍ତି।

## ହମିରପୁର ପାଇଁ ବିକାଶ ସାତସପନ

ରାଉରକେଲା,୧୮।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ହମିରପୁର ଅଞ୍ଚଳର ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସେହିପରି କୋଏଲ ନଦୀରେ ନିର୍ମାଣାଧୀନ ବ୍ରିଜ୍ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉକ୍ତ ଅଞ୍ଚଳ ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ(ଆର୍ଏମସି) କିମ୍ବା କୌଣସି ପଞ୍ଚାୟତରେ ସାମିଲ ହୋଇ ନ ଥିବାରୁ ଏଠାକୁ ସରକାରଙ୍କ ଯୋଜନା ଅପହଞ୍ଚ ହୋଇପଡିଛି। ରାଉରକେଲା ସେକ୍ଟର-୧୯ ହମିରପୁର ସମ୍ପୂର୍ଣ୍ଣ ଆଦିବାସୀ ଅଧୁଷିତ ଅଞ୍ଚଳ। ହମିରପୁର କଣ୍ଟ୍ରାକ୍ଟର କଲୋନିରେ ସର୍ବପୁରାତନ ହାଇସ୍କୁଲ ରହିଛି। ଏଥିସହ ହମିରପୁରସ୍ଥିତ କଲ୍ୟାଣୀରାୟ ଯୁକ୍ତ ୩ ଏବଂ ଯୁକ୍ତ ୨ କଲେଜକୁ ନେଇ ଏହି ଅଞ୍ଚଳ ପରିଚିତ। କଲ୍ୟାଣୀରାୟ ଡିଗ୍ରୀ କଲେଜରେ ୯୫୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଯୁକ୍ତ ୨ କଲେଜରେ ପ୍ରାୟ ୫୫୦ଜଣ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରମାନେ ପ୍ରାୟତଃ ପସରା, କଚାରୁ, ଟାଙ୍ଗରଗଏଲ ଓ ସିଆଲଜୋର ଆଦିବାସୀ ଅଧୁଷିତ ଅଞ୍ଚଳର। ମାତ୍ର ପରିତାପର ବିଷୟ ବର୍ଷ ବର୍ଷ ଧରି ଏହି ଅଞ୍ଚଳର ଶିକ୍ଷାନୁଷ୍ଠାନକୁ ଯୋଡୁଥିବା ରାସ୍ତାର ଉନ୍ନତୀକରଣ ହେଉନାହିଁ। କୋଏଲ ନଦୀରେ ହମିରପୁର ବ୍ରିଜ୍ ଅସମ୍ପୂର୍ଣ୍ଣ ଥିବାରୁ ଛାତ୍ରୀଛାତ୍ର ଝିରପାଣି ବ୍ରିଜ ଦେଇ ବହୁ ପଥ ଅତିକ୍ରମ କରି କଲେଜକୁ ଯାଆସ କରୁଛନ୍ତି। ଉଲ୍ଲେଖନୀୟ, ଏହି ଅଞ୍ଚଳ ହମିରପୁର ଅଞ୍ଚଳର ଆବଡ଼ା ଖାବଡ଼ା ରାସ୍ତା। ହାଉସିଂ ସୋସାଇଟି ପ୍ରବନ୍ଧନ ଏବଂ ବସତି ସ୍ଥାପନ ପାଇଁ ଉଦ୍ଦିଷ୍ଟ ଥିଲା। ଏହି ଅଞ୍ଚଳ ଦେଇ କୋଏଲ ନଦୀ ବହିଯାଇଥିବାରୁ ୩ ରାଉରକେଲା, ରଘୁନାଥପଲ୍ଲୀ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ଲୋକଙ୍କ ପାଇଁ ଜଳଯୋଗାଣ କେନ୍ଦ୍ର କରିବାକୁ ଉଦ୍ଦିଷ୍ଟ ଥିଲା। ମାତ୍ର ଏଯାଏଁ ତାହା କାର୍ଯ୍ୟକାରୀ ହେଲାନାହିଁ। ଏ ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଦୀନା ଦସ୍ତଗୀରଙ୍କୁ ପଚାରିବାରୁ ସେ କହିଲେ, ହମିରପୁର ଏକ ଆଦିବାସୀ ଅଧୁଷିତ ଅଞ୍ଚଳ। ଏହି ଅଞ୍ଚଳର ଲୋକଙ୍କ ଗମନାଗମନ ସହିତ ସମସ୍ତ ପ୍ରକାର ବ୍ୟବସ୍ଥା ହେବା ନିତାନ୍ତ ଆବଶ୍ୟକ। ମାତ୍ର ବହୁବର୍ଷ ହେଲା ଏହି ଅଞ୍ଚଳ ଆରଏମସିରେ ସାମିଲ ହୋଇପାରିନାହିଁ। ଅନ୍ୟପଟେ ଏହି ଅଞ୍ଚଳ ଆର୍ଏସ୍ପି ସୀମା ସଂଲଗ୍ନରେ ରହିଛି। ଏଣୁ ଏହାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କୁ ଅବଗତ କରାଯାଇଛି। ଆଗକୁ ନିଶ୍ଚିତ ଭାବେ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ସାଧନ ହେବ ବୋଲି ସେ କହିଥିଲେ। ସେହିପରି ହମିରପୁର କଲ୍ୟାଣୀରାୟ ଯୁକ୍ତ ୨ କଲେଜ ଅଧକ୍ଷା ରେଣୁବାଳା ସ୍ୱାଇଁଙ୍କୁ ପଚାରିବାରୁ ସେ କହିଲେ, ଆମ କଲେଜକୁ ସଂଲଗ୍ନ କରୁଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ରହିଛି। ପ୍ରାୟ ସମୟରେ ପିଲାମାନେ ରାସ୍ତାରେ ପଡି ଆହତ ହେଉଛନ୍ତି। ଏ ନେଇ ଆମେ ଅଭିଯୋଗ କରିଥିଲୁଣ ମାତ୍ର ଏଯାଏ କୌଣସି ସୁଫଳ ମିଳିନାହିଁ ବୋଲି ସେ କହିଥିଲେ।

## ଲୋକ ସଭାରେ ୧୮ଦଫା ଦାବି ଉଠାଇଲେ ଏମ୍ପି

କେସିଙ୍ଗା,୧୮।୩(ତୁମେଶ୍ୱର ସାହୁ): କଳାହାଣ୍ଡି ଏମ୍ପି ମାଳବିକା ଦେବୀ ଲୋକ ସଭାରେ ମଙ୍ଗଳବାର କଳାହାଣ୍ଡି ସମେତ ନୂଆପଡ଼ା, ନବରଙ୍ଗପୁର ଓ ବଲାଙ୍ଗୀର ଜିଲା ପାଇଁ ନୂତନ ରେଳ ପ୍ରକଳ୍ପ ଭଳି ୧୮ଦଫା ସମ୍ବଳିତ ଦାବି ଉଠାଇଥିଲେ। ପୂର୍ବରୁ ଜିଲା ପାଇଁ ବିଭିନ୍ନ ପ୍ରକଳ୍ପ ମଞ୍ଜୁର ସେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରମୁଖ ଦାବି ମଧ୍ୟରେ କେସିଙ୍ଗାରୁ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ୍ ଚଳାଚଳ, ନର୍ଲାରେ ରେଳ ଇଞ୍ଜିନ କାରଖାନା ନିର୍ମାଣ, ନର୍ଲା ରୋଡ୍ରେ ପୂର୍ବଭଳି ବିଶାଖାପାଟଣା-ନିଜାମୁଦ୍ଦିନ, ବିଳାସପୁର-ତିରୁପତି ଏକ୍ସପ୍ରେସ୍ ରହଣି, ନର୍ଲା ରୋଡ୍ରେ ଓଭରବ୍ରିଜ୍ ନିର୍ମାଣ, ଭୁବନେଶ୍ୱରରୁ ରାୟଗଡ଼ା, କୋରାପୁଟରୁ ଟିଟିଲାଗଡ଼ ଯାଏ ସିଧା ଟ୍ରେନ ଚଳାଚଳ ଆଦି ଅନ୍ୟତମ।

## 'ବର୍ଜ୍ୟରୁ ସମ୍ପଦ' ସନ୍ଦର୍ଭରେ ସଚେତନତା କାର୍ଯ୍ୟକ୍ରମ



ରାଉରକେଲା,୧୮।୩(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍ପିରେ ଜାରି ରହିଥିବା ସ୍ୱଚ୍ଛତା ପକ୍ଷ ପାଳନ ଉପଲକ୍ଷେ ମାର୍ଚ୍ଚ ୧୮ରେ ଇନ୍ଦିରା ଗାନ୍ଧୀ ପାର୍କସ୍ଥିତ ବ୍ୟାଖ୍ୟାନ କେନ୍ଦ୍ରରେ 'ବର୍ଜ୍ୟରୁ ସମ୍ପଦ' ବିଷୟବସ୍ତୁ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନକୃଷି ବିଭାଗର ସିଜିଏମ୍ ଶ୍ରୀ ବିକେ ଜୋଜୋ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲା ସ୍ଥିତ ଷ୍ଟାର୍ଟଅପ୍ ପ୍ରକୃତି ଗୋ-ଅନୁସନ୍ଧାନ କେନ୍ଦ୍ର ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଏବଂ ସିଇଓ ଗୋକୁଲ ମିଞ୍ଜ ଏହି କାର୍ଯ୍ୟକ୍ରମର ଅତିଥି ବକ୍ତା ଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିରର ନିର୍ଦ୍ଦେଶକ ଏବଂ ଆଭ୍ୟନ୍ତରୀଣ ଅଡିଟ୍ ବିଭାଗର ପୂର୍ବତନ ସିଜିଏମ୍ ଜି.ଏସ ଦାସ, ସିଏସ୍ଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ଉଦ୍ୟାନ କୃଷି ବିଭାଗର ଜିଏମ୍ ତଥା ଜେଡ.ଡ଼ି.ପି. ଇନଚାର୍ଜ ଡ. ଅଭିଜିତ ବିଶ୍ୱାସ, ସିଏସଆର ବିଭାଗର ଡ଼ିଜିଏମ ପି ସାହୁ, ଜନସ୍ୱାସ୍ଥ୍ୟ ବିଭାଗର ଡେପୁଟି ସିଏମଓ ଡ. ଦୀପା ଲାଭାଙ୍ଗରେ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ଇସ୍ପାତ ସହରର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୫୦ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ନିଜର ବକ୍ତବ୍ୟରେ ଜୋଜୋ ସ୍ଥାୟୀ ବର୍ଜ୍ୟ ପରିଚାଳନା ଅଭ୍ୟାସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପରିବେଶ ସୁରକ୍ଷାରେ ସର୍ବସାଧାରଣଙ୍କ ଅଂଶଗ୍ରହଣର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବାକୁ ପ୍ରେରଣା ଦେବାକୁ ଉତ୍ସାହିତ କରିଥିଲେ। ଏଜିଏମ୍ (କ୍ୟୁରେଟର) ଏବଂ ଜୀବବିଜ୍ଞାନୀ ଡ.ସତ୍ୟ ନାରାୟଣ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସନ୍ଧିକୁଲିହାରିଠାରେ ନିଯୁକ୍ତିମେଳା

ବେହେରା,୧୮।୩ (ଭୂପେଶ ତିୱାରୀ) : କଳାହାଣ୍ଡି ଜିଲାର ଧର୍ମଗଡ଼ ବ୍ଲକ ଅଧୀନ ସନ୍ଧିକୁଲିହାରୀ ଗ୍ରାମରେ ଆର୍ସିଡିସି ଓ ଶିଶୁ ବିକାଶ ପ୍ରକଳ୍ପ, କଳାହାଣ୍ଡିଙ୍କ ଆନୁକୂଲ୍ୟରେ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଦକ୍ଷତା ବିକାଶ ଅଧିକାରୀ ଦୁର୍ଗାଚରଣ ଦାସଙ୍କ ସମେତ ଡାଟା ପ୍ରୋ କମ୍ପ୍ୟୁଟର କର୍ମଚାରୀ, ବେଦାନ୍ତ ତାଲିମ କେନ୍ଦ୍ର, ଏମ୍ଏନ୍ଜି ଏକାଡେମୀ ଓ ଭବାନୀପାଟଣାର ସାହି ଏକ୍ସପର୍ଟ ପ୍ରାଇଭେଟ୍ ଲିମିଟେଡ୍ର ପ୍ରତିନିଧି ଯୋଗଦେଇଥିଲେ। ମେଳାରେ ଧର୍ମଗଡ଼ ବ୍ଲକ୍ର ବେହେରା ଓ ଟିପିଗୁଡ଼ା ଅଞ୍ଚଳରୁ ୧୫୦ରୁ ଅଧିକ ଯୁବତୀଯୁବକ ଅଂଶଗ୍ରହଣ କରି ବିଭିନ୍ନ ନିଯୁକ୍ତି ସୁଯୋଗ ଓ ଦକ୍ଷତା ବିକାଶ ତାଲିମ ସମ୍ପର୍କରେ ଅବଗତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୧୧୫ ଜଣ ଡାଟା ଅପରେଟର, ସିଲେଇ ମେଶିନ ଅପରେଟର ଓ କଲ୍ ସେଣ୍ଟର ପରି ବିଭିନ୍ନ କୋର୍ସରେ ତାଲିମ ନେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। କାର୍ଯ୍ୟକ୍ରମକୁ ଆର୍ସିଡିସି ପ୍ରୋଗ୍ରାମ ଅଫିସର ବିହାରୀ ରାଉତ ପରିଚାଳନା କରିଥିବାବେଳେ ବିନୟ ରାଉତ, ରଶ୍ମିତା ବେହେରା, ସୀତାକାନ୍ତ ମାଝୀ, ଆଦିତ୍ୟ ଅଧିକାରୀ ସହଯୋଗ କରିଥିଲେ।

## ମା'ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ, ବିଶ୍ୱଶାନ୍ତି ମହାଯଜ୍ଞ



ରାଉରକେଲା, ୧୮।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର ୩ ସ୍ଥିତ ବାସନ୍ତୀ ପୂଜା ପଡିଆ ସଂଲଗ୍ନ ମା' ତାରିଣୀ ମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ପୂର୍ବ ଘୋଷିତ ଅନୁସାରେ ଚୈତ୍ର ମଙ୍ଗଳବାର ମାର୍ଚ୍ଚ ୧୭ ତାରିଖ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ବାର୍ଷିକ ଉତ୍ସବରେ ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ ହୋଇଥିଲା। ପୂର୍ଣ୍ଣାହୁତି ସମୟରେ ସମଗ୍ର ପରିବେଶ ମନ୍ତ୍ର ଧ୍ୱନି, ହୁଳହୁଳି ଓ ହରିବୋଲରେ ପ୍ରକମ୍ପିତ ହୋଇଉଠିଥିଲା। ଚଳିତବର୍ଷ ମା'ଙ୍କ ମନ୍ଦିରରେ ନୂତନ ରଙ୍ଗ କାମ ସହ କାରୁକାର୍ଯ୍ୟ ଅତି ନିପୁଣ ସହ ହୋଇଥିବାବେଳେ ଆଲୋକ ସାଜସଜ୍ଜା ମନ୍ଦିରର ଶୋଭାକୁ ବୃଦ୍ଧି କରିଛି।

## ଡିଗ୍ରୀ ମଡେଲ କଲେଜରେ ରାଜ୍ୟସ୍ତରୀୟ ସେମିନାର

ଖଡିଆଳ,୧୮।୩ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସରକାରୀ ମଡେଲ ଡିଗ୍ରୀ କଲେଜ ଇତିହାସ ବିଭାଗ ପକ୍ଷରୁ ଭାରତୀୟ ଜ୍ଞାନ ପରମ୍ପରା, ପୁନଃ ମୂଲ୍ୟାୟନ ଶୀର୍ଷକ ରାଜ୍ୟସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି। ଗବେଷକ ତଥା ଐତିହାସିକ ଡ. ଫନିନ୍ଦମ ସିଂଦେଓ ମୁଖ୍ୟ ଗବେଷକ ଭାବେ ଯୋଗଦେଇ ଭାରତରେ ପ୍ରାଚୀନ ଜ୍ଞାନ ପରମ୍ପରା ବହୁ ସମୃଦ୍ଧ ଥିବା ବେଳେ ଏହାର ସଂଗ୍ରହ କରି ବୈଜ୍ଞାନିକ ପଦ୍ଧତିରେ ମୂଲ୍ୟବୋଧ ଉଜ୍ଜୀବିତ କରିବାର ପ୍ରୟାସ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କହିଥିଲେ। ଭାରତୀୟ ଜ୍ଞାନ ପରମ୍ପରା ତାକୁ ପୁନଃ ମୂଲ୍ୟାୟନ କରି ଏହି ସମୟ ସହିତ ଯୋଡ଼ିବା ନେଇ ବ୍ୟାଖ୍ୟା ହୋଇଥିଲା। ଏହି ଅବସରରେ ପ୍ରାକ୍ ଐତିହାସିକ ତଥ୍ୟ ଲିପି, ସଂଗୃହୀତ ପୋଥି, ତାମ୍ରପତ୍ର ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ର ପୋଷ୍ଟର ମାଧ୍ୟମରେ ପ୍ରସଙ୍ଗକୁ ବ୍ୟାଖ୍ୟା କରିଥିଲେ। ସେମିନାରରେ କଲେଜ ଅଧକ୍ଷ ଡ. ଅକ୍ଷୟ କୁମାର ସାହୁ ଅଧକ୍ଷତା କରିଥିବା ବେଳେ ବିଭାଗୀୟ ଅଧାପକ ଟିକେଶ୍ୱର ରଣା, ଅଧାପକ ଶ୍ରୀକାନ୍ତ ବାରିକ, ଖଡିଆଳ ଯୁକ୍ତ ୨ ଅଧାପକ ରଣବୀର ସିଂ ପରିଚାଳନା କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଯାପିତ

ରାଉରକେଲା, ୧୮।୩(ସଙ୍ଗୀତା ଜେନା): ଛେଣ୍ଡସ୍ଥିତ ହୃଷିକେଶରାୟ ଡିଗ୍ରୀ କଲେଜରେ ବୁଧବାର ପୂର୍ବାହ୍ନ ୧୦ଟାରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ଯାପିତ ହୋଇଯାଇଛି। ଏଥିରେ କଲେଜର ଅଧକ୍ଷ ବିରଞ୍ଚି ନାରାୟଣ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପଜିଲାପାଳ ଚାନ୍ଦିନୀ ସାମଲ ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଆତ୍ମସୁରକ୍ଷା ପ୍ରଶିକ୍ଷିକା ରାଜଲକ୍ଷ୍ମୀ ଦାସଙ୍କ ତତ୍ତ୍ୱାବଧାନରେ ଶତାଧିକ ଅଂଶଗ୍ରହଣକାରୀ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଦର୍ଶକଙ୍କୁ ଆକୃଷ୍ଟକଲା ଫ୍ୟାଶନ ଶୋ

ନୂଆପଡ଼ା, ୧୮।୩ (ମକାରୁ ବେମାଲ): ନୂଆପଡ଼ା ଜିଲା ପ୍ରଶାସନ ତରଫରୁ ନ୍ୟାଶନାଲ ମହାବିଦ୍ୟାଳୟଠାରେ ଆୟୋଜିତ ଜିଲା ସ୍ତରୀୟ ସୁଭଦ୍ରା ଶକ୍ତି ମେଳାର ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ ଦଳର ଲୋକନୃତ୍ୟ ସହ ପଦ୍ମପୁର ରେନ୍‌ବୋ ଫ୍ୟାଶନ ଶୋ ଅନୁଷ୍ଠିତ ହୋଇଥିଲା। ଏହି ଫ୍ୟାଶନ ଶୋରେ ସମ୍ବଲପୁରୀ ପୋଷାକ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ରେନ୍‌ବୋ ଫ୍ୟାଶନର ସମସ୍ତ ମଡେଲଙ୍କ ସମ୍ବଲପୁରୀ ବାନ୍ଧକଳା ଆଧାରିତ ପୋଷାକ ଆକର୍ଷଣୀୟ ହୋଇଥିଲା। ମଞ୍ଚରେ ପାରମ୍ପରିକ ସମ୍ବଲପୁରୀ ଶାଢ଼ି, ଡ୍ରେସ୍ ମ୍ୟାଟେରିଆଲ ଓ ନୂତନ ଡିଜାଇନର ପୋଷାକ ମଡେଲମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା।


**OFFICE OF THE MUNICIPAL COUNCIL, KABISURYANAGAR**
At/P.O.: Kabisuryanagar, Dist.: Ganjam, PIN - 761104
Phone No.: 06810-295444, E-mail: ksnnac@rediffmail.com
Lt. No.: 507 Date: 17.03.2026

**1st Corrigendum Notice**

No. 13001/691/2526: In partial modification of this Office Letter No. 449/Dated: 10.03.26 published in Odia daily Newspaper in connection with Detail Tender Call Notice No. 451/Dated: 10.03.26 wherein of Sl. 01 it has been inadvertently mentioned as "Office of the NAC Polasara" as instead of Office of the Kabisuryanagar Municipality. Hence "Office of the NAC Polasara" mentioned there in shall be read as Office of the Kabisuryanagar Municipality.

Sd./- Executive Officer
OIPR-13001/13208/1/25-26/0006 Kabisuryanagar Municipality (G.M.)

**कार्यपालक अभियंता का कार्यालय**
**लघु सिंचाई प्रमंडल, हजारीबाग**
executiveengineerirri@gmail.com
पत्रांकः– 220 हजारीबाग / दिनांकः– 16.03.2026

**शुद्धि पत्र**

एतद् द्वारा सूचित किया जाता है कि इस कार्यालय के पत्रांक 153 दिनांक 28.02.2026 के द्वारा निर्गत ई – निविदा आमंत्रण सूचना संख्या DMFT/MID/HAZARIBAG/F2-38/2025-26 पी0आर0न0– 373869 Minor Irrigation (25-26):D द्वारा प्रकाशित निविदा अपरिहार्य कारण वश अगले आदेश तक स्थगित किया जाता है।

PR 375466 Minor Irrigation(25-26).D
कार्यपालक अभियंता, लघु सिंचाई प्रमंडल,हजारीबाग

**ସଂଶୋଧନ ବିଜ୍ଞପ୍ତି**

ମୁଁ, କେ.ନାରିନ୍ କୁମନ୍ଦନ, ପିତା ୰ କେ. କୋଦଣ୍ଡରାମ କୁମନ୍ଦନ, ନ୍ୟୁ କଲୋନୀ, ରାୟଗଡ଼ା ବାସିନ୍ଦା, ଏତଦ୍ୱାରା ସ୍ପଷ୍ଟ କରିବାକୁ ଚାହୁଁଅଛି ଯେ, ମୋ ଦ୍ୱାରା ଗତ ୨୨.୧୨.୨୦୨୫ ତାରିଖରେ ଓଡ଼ିଆ ଖବରକାଗଜ ''ଧରିତ୍ରୀ'' ରେ ''ହଜିବା'' ଶୀର୍ଷକରେ ପ୍ରକାଶିତ ସାର୍ବଜନୀନ ନୋଟିସ୍‌ରେ ମୋର ଡକ୍ୟୁମେଣ୍ଟ ସବୁ ହଜିବାର ତାରିଖ ୦୮.୧୨.୨୦୨୫ ପରିବର୍ତ୍ତେ ଅସାବଧାନତାବଶତଃ ୦୯.୧୨.୨୦୨୫ ତାରିଖ ଉଲ୍ଲେଖ କରାଯାଇଅଛି । ବିଗତ ୨୨.୧୨.୨୦୨୫ ତାରିଖରେ ପ୍ରକାଶିତ ନୋଟିସ୍‌ର ଅନ୍ୟାନ୍ୟ ବିଷୟବସ୍ତୁ ଅପରିବର୍ତ୍ତିତ ରହିବ । ଏହି ବିଜ୍ଞପ୍ତି ସର୍ବସାଧାରଣଙ୍କ ସୂଚନା ତଥା ରେକର୍ଡ ଉଦ୍ଦେଶ୍ୟରେ ପ୍ରକାଶିତ କରୁଅଛି ।

ସ୍ୱା./– କେ. ନାରିନ୍ କୁମନ୍ଦନ
ନ୍ୟୁ କଲୋନୀ, ରାୟଗଡ଼ା, ମୋବାଇଲ୍ ନଂ.:୯୪୩୭୦୨୧୧୧୦

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୨୪ ତା:୦୨।୦୩।୨୦୨୬

**ବିଜ୍ଞାପନ**

No. 13001/680/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ.ଆଇ.ଜି.-୧-୬୨/୩ (MIG-I-62/3), ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଶକୁନ୍ତଳା ନାୟକ, ସ୍ୱାମୀ: ପ୍ରସନ୍ନ କୁମାର ନାୟକ, ସା/ପୋ.: ଶାଳପଦା, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଶକୁନ୍ତଳା ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶରତ କୁମାର ଦାଶ, ପିତା: ୰ହାଡ଼ିବନ୍ଧୁ ଦାଶ, ସା/ପୋ: ଲେଙ୍କୁଡ଼ିପଡ଼ା, ଥାନା/ଜିଲ୍ଲା:ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13001/13030/1/25-26/0103 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

No.13001/681/2526

**OFFICE OF THE MUNICIPAL COUNCIL, KABISURYANAGAR**
AT/P.O. : KABISURYANAGAR, DIST. : GANJAM, PIN : 761104
Phone no. : 06810-295444, E-mail : ksnnac@rediffmail.com
Lt No : 557 / Date : 17.03.2026

**1st Corrigendum Notice**

**No.13001/681/2526** : The Letter No.456, Dated : 10.03.2026 published on daily odia news paper for Tender Call Notice No.458//Dated : 10.03.2026 has been partially modified the Sl. No.06,07 & 08 (critical dates) of the DTCN as read as detail below the Sl. No.01, 02 & 03

| | | | |
|---|---|---|---|
| 1. | Date and time of Availability in Portal & Receipt of Bids | : | From 10.00 A.M. of dt.19.03.2026 to 05.30 P.M. of dt.28.03.2026 instead of from 10.00 A.M. of Dt.17.03.2026 to 05.30 P.M. of dt.31.03.2026 |
| 2. | Last date & time of submission of original Financial tender documents in Tender Box | : | 10.00 A.M. to 05.30 P.M. of dt.30.03.26 to 31.03.26 Instead of 05.30 P.M. of dt.02.04.2026 & 04.04.2026 |
| 3. | Date of Opening of Tender | : | 02.04.2026 at 11.00 A.M. instead of 06.04.2026 at 11.00 A.M. |

Sd./- Executive Officer
OIPR-13001/13208/1/25-26/0005 Kabisuryanagar Municipality (G.m)

**Jharkhand Industrial Infrastructure Development Corporation Limited (JIIDCO)**
(A Govt. of Jharkhand Undertaking)
5th Floor, Udyog Bhawan, Ratu Road, Ranchi – 834001 (Jharkhand)
e-mail- jiidcoltd@gmail.com www.jiidco.co.in Phone no. 0651-3512851
CIN U45208JH2004GOI011078
Letter no: -182 dated: -18.03.2026

**NOTICE INVITING TENDER**
(through e-procurement mode only-www.jharkhandtenders.gov.in)
**NIT No.- JIIDCO/31/Women Hostel/SBD/2025-2026**

Designation and Address of the Advertiser: - Chief Engineer, JIIDCO, 5th Floor, Udyog Bhawan, Ratu Road, Ranchi-834001
1. Mode of submission of tender :- Online through www.jharkhandtenders.gov.in
2. Date of publishing on portal and website :- 20.03.2026
3. Start date for downloading of the Bid Documents :- 20.03.2026, 02:00 A.M onwards
4. Date of Pre-bid meeting :- 25.03.2026 at 12:30 P.M.
5. Last date for submission of Bidding Documents :- 09.04.2026 up to 4:00 P.M.
6. Bid opening date (Technical) :- 10.04.2026 at 5:00 P.M.
7. Details of works: -

| Bid No. | Name of work | Estimated Cost/ECV (Rupees) | Amount of Earnest money (E.M.D) (Rupees) | Cost of BOQ (Non-refundable in Rupees) | Time of completion of work (Months) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Construction of 500 Bed ded Working Women Hostel at Nirsa, Dhanbad , Jharkhand | 22,16,34,721.00 | 22,20,000.00 | 11,800.00 | 24 months |

1. Tender fee (non-refundable) & EMD is to be received through online mode only. Bidders can use internet banking facility for faster processing of Tender fee Alternatively, Bidders can use NEFT/RTGS challan generated for the tender from http://jharkhandtenders.gov.in. portal.
Refund will only be issued to Originated bank account used for the payment of EMD. So, bidders are advised NOT to close the above Bank Account used for online payment NEFT/RTGS of EMD.
No Hardcopy/Physical copy is required to be submitted for tender opening/evaluation. However, Department may ask original documents for verification before award of contract.
2. Bid Validity :- 180 days
3. Place of opening of Technical Bid : - JIIDCO, 5th Floor, Udyog Bhawan, Ratu Road, Ranchi-834001
4. For any information/complaints the department helpline no. M.b.no. 7004785102 may be contacted.
5. Further details can be seen on website- www.jharkhandtenders.gov.in.
6. Any Corrigendum or Addendum will be notified on website: - www.jharkhandtenders.gov.in only.

Note: (i) Any change can be seen on website www.jharkhandtenders.gov.in
(ii) Any other information can be seen on www.jharkhandtenders.gov.in
(iii) The estimated cost mentioned above in sl. No.7 column no. 3 is approximate which may increase or decrease.

PR 375513 Jharkhand Industrial Infrastructure Dev Co Ltd(25-26)D Sd/- Chief Engineer JIIDCO Ranchi

**कार्यपालक अभियंता का कार्यालय, लघु सिंचाई प्रमंडल, साहेबगंज**

अल्पकालीन पुनः ई –निविदा आमंत्रण सूचना

**e – Retender reference no. WRD/MID/SAHIBGANJ/F2 – 12/2025-26** **Date- 17.03.2026**

1 विभाग का नामः– जल संसाधन (लघु सिंचाई) विभाग, झारखण्ड, राँची।
2. विज्ञापन दाता का नाम एवं पता– कार्यपालक अभियंता, लघु सिंचाई प्रमंडल, साहेबगंज। मो0–9693906454
3. निविदा खोलने का स्थान– ई– प्रोक्योरमेंट सेल, मुख्य अभियंता कार्यालय, लघु सिंचाई, दुमका ।
4. कार्य की विवरणीः–

| क | योजना का नाम | प्रखण्ड | प्राक्कलित राशि (रूपये में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | बेबसाइट में ई–निविदा प्रकाशन की तिथि | ई–निविदा प्राप्ति की अंतिम तिथि | ई–निविदा खोलने की तिथि | कार्य पूर्ण करने की अवधि | श्रेणी |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | बाकुडीह मध्यम सिंचाई योजना का जीर्णोद्धार कार्य। | तालझारी | 12395392.00 | 248900 | 10000 | 23.03.2026 (पूर्वाहन् 10:30 बजे से) | 01.04.2026 (अपराहन् 5:00 बजे तक) | 02.04.2026 (अपराहन् 05:00 बजे) | 11 माह | योग्य श्रेणी |

नोटः– 1. केवल ई–निविदा ही स्वीकार किया जायेगा।
2. प्राक्कलित राशि घट बढ़ सकती है। अग्रघन की राशि परिमाण विपत्र की राशि के अनुसार होगी।
3. परिमाण विपत्र एवं EMD की राशि केवल online माध्यम से ही स्वीकार होगा। online माध्यम से किये गये भुगतान की पावति बेबसाइट पर आवश्यक रुप से अपलोड करेंगे।
4. निविदा भुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबाबदेही संबंधित निविदादाता की होगी।
5. विस्तृत जानकारी के लिए http://jharkhandtenders.gov.in_ पर लॉग ऑन करे ।

PR.NO.375435 Minor Irrigation(25-26):D
कार्यपालक अभियंता, लघु सिंचाई प्रमंडल, साहेबगंज।

# ଆଶାକର୍ମୀ ଗୋଷ୍ଠୀ ସହଭାଗିତାର ସାରଥି

## ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ



ବୁରୋମୁଣ୍ଡାର ଯଶୋବନ୍ତୀ ମଲ୍ଲିକଙ୍କୁ ଶ୍ରେଷ୍ଠ ଆଶାକର୍ମୀଭାବେ ଜିଲାପାଳ ପୁରସ୍କୃତ କରୁଛନ୍ତି।

ସୋନପୁର,୧୮।୩(ମୃତ୍ୟୁଞ୍ଜୟ ଶତପଥୀ)

ସ୍ୱାସ୍ଥ୍ୟସେବାରେ ଗୋଷ୍ଠୀ ସହଭାଗିତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ଥାନୀୟ ଟାଉନ ହଲରେ ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ-୨୦୨୬ ଜିଲାପାଳ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରଣୀ ଦାସ, ସୋନପୁର ଉପଜିଲାପାଳ ସୌମ୍ୟରୂପା ରଥ ଓ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ରୁଷି ମାଝୀ ଯୋଗଦେଇଥିଲେ। ଅବହେଳିତ ଓ ଅପହଞ୍ଚ ଗୋଷ୍ଠୀକୁ ସ୍ୱାସ୍ଥ୍ୟସେବା ସହିତ ଯୋଡିବା ଓ ଜନସ୍ୱାସ୍ଥ୍ୟରେ ସଚେତନତା ବୃଦ୍ଧି କରିବା ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ବୋଲି ଜିଲାପାଳ କହିଥିଲେ। ଆଶା କର୍ମୀମାନେ ଗୋଷ୍ଠୀ ସହଭାଗିତାର ସାରଥୀ ଭାବେ କାମ କରି ଜିଲାରେ ପୋଲିଓ ନିରାକରଣ, ମ୍ୟାଲେରିଆ ନିୟନ୍ତ୍ରଣ ଓ କୋଭିଡ ପରିଚାଳନାରେ ମାଇଲଖୁଣ୍ଟ ସୃଷ୍ଟି କରିଛନ୍ତି। ଗର୍ଭବତୀ ଓ ପ୍ରସୂତି ସେବା, ଟୀକାକରଣ ଏବଂ ମମତା ଦିବସରେ ମଧ୍ୟ ତାଙ୍କର ଭୂମିକାକୁ ଏହି ଅବସରରେ ପ୍ରଶଂସା କରାଯାଇଥିଲା। ଜିଲାରେ ୬୪୧ ଜଣ ଆଶା କାର୍ଯ୍ୟରତ ଥିବାବେଳେ ୭୮୫ଟି ଗାଁ କଲ୍ୟାଣ ସମିତି ଗ୍ରାମୀଣ ସ୍ୱାସ୍ଥ୍ୟ, ପରିମଳ, ପୁଷ୍ଟି ଓ ପୋଷଣ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସକ୍ରିୟ ଭୂମିକା ନେଉଛନ୍ତି। ଏହାସହ ୨ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଜନଆରୋଗ୍ୟ ସମିତି ଓ ସୁବର୍ଣ୍ଣପୁର ସହରରେ ୧୪ଟି ମହିଳା ଆରୋଗ୍ୟ ସମିତି ସଚେତନତା ସୃଷ୍ଟିରେ ଅଗ୍ରଣୀ ରହିଛନ୍ତି। ଗୋଷ୍ଠୀ ସହଭାଗିତା ଛଡା ସ୍ୱାସ୍ଥ୍ୟସେବାର ସଫଳତା ସମ୍ଭବ ନୁହେଁ ବୋଲି ଜିଲାପାଳ ଡ଼. ସାହୁ କହିଥିଲେ।

ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଦାସ କହିଥିଲେ, ଆଶା ଓ ଗାଁ ସମିତିମାନଙ୍କର ସକ୍ରିୟତା ଦ୍ୱାରା ମାତୃ ଓ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି ଆସିଛି। ଅତିରିକ୍ତ ଜିଲାପାଳ ପ୍ରଧାନ ସମସ୍ତଙ୍କ ସମନ୍ୱୟକୁ ଗୁରୁତ୍ୱ ଦେଇଥିଲେ। ସମ୍ମିଳନୀରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଶା୍କର୍ମୀ, ବିଭିନ୍ନ ସମିତି, ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତରମାନଙ୍କୁ ସମ୍ମାନିତ କରାଯାଇଥିଲା। ବିନିକା ବ୍ଲକ ଅରିଗାଁର ଶ୍ରେଷ୍ଠ ଆଶା କର୍ମୀ ପ୍ରେମ ମଞ୍ଜରୀ, ଉଲୁଣ୍ଡର ଶ୍ରେଷ୍ଠ ମହିଳା ସ୍ୱାସ୍ଥ୍ୟକର୍ମୀ ରାଜେଶ୍ୱରୀ ପୁରୋହିତ ତଥା ସିଏଚଓ ଅର୍ଚ୍ଚନା ଦାସ ମଞ୍ଚାସୀନ ଥିଲେ। ଆଶା ସହ ପରିଚାଳକ ତରଣୀସେନ ପଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଦୁର୍ଗାଦତ୍ତ ଦାସ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦେବୀ ପ୍ରସାଦ ମହାପାତ୍ର, ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଡାକ୍ତର ତ୍ରିବିକ୍ରମ ପାଣ୍ଡିଆ ଯୋଗଦାନ କରି ଆଶାକର୍ମୀମାନଙ୍କର ଭୂମିକାକୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୦ ଜଣ ଶ୍ରେଷ୍ଠ ଆଶା, ୧୦ଟି ଗାଁ କଲ୍ୟାଣ ସମିତି, ୧୧ଟି ଜନ ଆରୋଗ୍ୟ ସମିତି , ୩୧ଟି ଜାତୀୟ ଗୁଣବତ୍ତା ମାନପତ୍ର, ୫ଟି କାୟାକଳ୍ପ ପୁରସ୍କାର ସହିତ ସ୍ୱାସ୍ଥ୍ୟ ଅନୁଷ୍ଠାନ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡାକ୍ତର ନରେନ୍ଦ୍ର ମେହେରଙ୍କୁ ଶ୍ରେଷ୍ଠ ଯକ୍ଷ୍ମା ରୋଗୀ ପ୍ରେରଣ ତଥା ଡାକ୍ତର କ୍ଷୀରୋଦ ମିଶ୍ର ସର୍ବାଧିକ ପରିବାର ନିୟୋଜନ ଅପରେଶନ ପାଇଁ ଜିଲାପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ଏହି ଅବସରରେ ଆଶାକର୍ମୀମାନଙ୍କ ମଧ୍ୟରେ ଗୀତ, ବକ୍ତୃତା ଓ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲା ।

# ୨୦ରୁ ମାଲେଶ୍ରୀ ମହୋତ୍ସବ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ବୀରମହାରାଜପୁର,୧୮।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ ମାର୍ଚ୍ଚ ୨୦ତାରିଖରୁ ୨୩ତାରିଖ ୪ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବୁଧବାର ସନ୍ଧ୍ୟାରେ ମୈତ୍ରୀ ସଦନଠାରେ ଉପ ଜିଲାପାଳ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାଦା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ହେବାକୁ ଥିବା ମହୋତ୍ସବ ପାଇଁ ବିଭିନ୍ନ ଜିଲା ତଥା ରାଜ୍ୟ ସଂସ୍କୃତି ବିଭାଗ ତଥା ବୀରମହାରାଜପୁର ଉପଖଣ୍ଡର ବିଭିନ୍ନ କଳାକାର ଅଂଶଗ୍ରହଣ କରିବେ। ଆସନ୍ତା ୨୦ତାରିଖ ପ୍ରସିଦ୍ଧ ଶୈବପୀଠ ଚମ୍ପାମାଳର ଚମ୍ପେଶ୍ୱର ମହାଦେବ, ବୀରମହାରାଜପୁର ଜଗନ୍ନାଥ ମନ୍ଦିର, ମା' ମେଟାକାନୀ, ପାତାଳୀ ଶ୍ରୀକ୍ଷେତ୍ରରୁ ଆଙ୍କାମାଳ ଜଗନ୍ନାଥ ମନ୍ଦିରରେ ପହଞ୍ଚିବ। ସେଠାରୁ ଏକ ଭବ୍ୟ ସାଂସ୍କୃତିକ ଶୋଭାଯାତ୍ରା ବାହାରି ବିଜୁପଟ୍ଟନାୟକ ମିନିଷ୍ଟାଡିୟମ ମାଲେଶ୍ରୀ ମଣ୍ଡପରେ ପହଞ୍ଚିବ। ପ୍ରତିଦିନ ସନ୍ଧ୍ୟାରେ ଆବାହନୀ ସଙ୍ଗୀତ, ମାଲେଶ୍ରୀ ବନ୍ଦନା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଚଳିତବର୍ଷ ବିଶିଷ୍ଟ ଲୀଳା ନାଟକ ଅଭିନେତା ଖତୁ ପ୍ରସାଦ ହୋତା ମାଲେଶ୍ରୀ ସମ୍ମାନରେ ସମ୍ମାନିତ ହେବେ। ଖବରଦାତା ସମ୍ମିଳନୀରେ କମିଟି ଅଧ୍ୟକ୍ଷ ମେହେରଙ୍କ ସହ ସାଂସ୍କୃତିକ କମିଟି ଅଧ୍ୟକ୍ଷ ତଥା ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ, ବରିଷ୍ଠ ସଦସ୍ୟ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ବ୍ଲକ ଉପଧକ୍ଷା ନାରାୟଣ ଲୁହା, ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ, ସୁମନ୍ତ ଜଗଦଲା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମାଲେଶ୍ରୀ କମିଟି ସଂଯୋଜକ ଯୁଗଳ କିଶୋର ମିଶ୍ର। ଧନ୍ୟବାଦ ଅର୍ପଣ କରିଥିଲେ ପଲ୍ଲିଶ୍ରୀ ମେଳାର ସଂଯୋଜନକ କିଶୋର କୁମାର ହୋତା।

# ସୋନପୁର କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା



କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟର ଆସବାବପତ୍ର ଭାଙ୍ଗିରୁଜି ଯାଇଛି।

## ସିସି କ୍ୟାମେରା ଫୁଟେଜ୍‌କୁ ନେଇ ଟନାଘନା, ୩ ଛାତ୍ର ଅଟକ

ସୋନପୁର,୧୮।୩(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପଶି କେତେଜଣ ଛାତ୍ର ବୁଧବାର ଭଙ୍ଗାରୁଜା କରିଛନ୍ତି। ମଧ୍ୟାହ୍ନରେ ଛାତ୍ରମାନେ କେତେକ ବିଷୟରେ କାହିଁକି ପିଜି ଖୋଲିବା ପାଇଁ ଅଧ୍ୟକ୍ଷ ଆବେଦନ କରିନାହାନ୍ତି କହି ହୋହଲ୍ଲା କରିଥିଲେ। ସେହି ସମୟରେ ଅଧ୍ୟକ୍ଷ ପ୍ରକୋଷ୍ଠରେ ନଥିଲେ। ଛାତ୍ରମାନେ କାର୍ଯ୍ୟାଳୟର କବାଟକୁ ଗୋଇଠା ମାରି ଭଙ୍ଗାରୁଜା କରିଥିଲେ। ଏହି ଘଟଣାକୁ ନେଇ ଅଧ୍ୟକ୍ଷ ରାଧାକାନ୍ତ ନାଏକ ଷ୍ଟାଫମିଟିଂ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ଛାତ୍ରମାନେ ଅପରାହ୍ନରେ ପୁଣି କାର୍ଯ୍ୟାଳୟରେ ପଶି ବ୍ୟାପକ ଭଙ୍ଗାରୁଜା କରିଛନ୍ତି। ଏଥିଯୋଗୁ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠର ଟେବୁଲ, ଚେୟାର, ଆସବାବପତ୍ର, ବିଦ୍ୟୁତ୍ ଉପକରଣ ଓ କାଗଜପତ୍ର ନଷ୍ଟ ହୋଇଛି। କଲେଜ ପରିସରରେ ଏକ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। କଲେଜର ଅଧ୍ୟକ୍ଷ ନାଏକ ଏ ସମ୍ପର୍କରେ ସୋନପୁର ଥାନାରେ କେତେଜଣ ଛାତ୍ରଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଟିମ୍ ସୋନପୁର କଲେଜରେ ପହଞ୍ଚି ଭଙ୍ଗାରୁଜା କରିଥିବା ୩ ଛାତ୍ରଙ୍କୁ ଧରିଛି। ସୋନପୁର ଥାନାରେ ଏକ ମାମଲା(ନଂ. ୯୫/୨୬) ରୁଜୁ ହୋଇଛି। କଲେଜ ଅଧ୍ୟକ୍ଷଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଥାନାରେ ବସି ରହିବା ସହ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସିସି ଟିଭି ଫୁଟେଜ୍ ଆଧାରରେ ତଦନ୍ତ ଜାରି ରହିଛି । ୩ ଛାତ୍ରଙ୍କୁ ଅଟକ ରଖା ଯାଇଥିବା ସୋନପୁର ଆଇଆଇସି ଯାଦବ ବାଗ କହିଛନ୍ତି। ଅନ୍ୟପକ୍ଷେ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ.କେ.ହରିପ୍ରସାଦ ସୋନପୁର ଥାନାରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏସଆଇ ସୀତା ସେଠୀ ଏହି ମାମଲାର ତଦନ୍ତ କରୁଛନ୍ତି।

### ୫ ଛାତ୍ର ବହିଷ୍କୃତ

କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣାକୁ ନେଇ ବୁଧବାର ରାତିରେ କଲେଜ ପରିଚାଳନା ସମିତି ସଭାପତି ତଥା ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ କଲେଜ ପରିସରରେ ଅନୁଷ୍ଠିତ ହେଇଥିଲା। କଲେଜ ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏବଂ ପୁରାତନ ଛାତ୍ର ସଂଘର କର୍ମକର୍ତ୍ତା ବୈଠକରେ ଯୋଗ ଦେଇଥିଲେ। ଏଥିରେ କଲେଜରେ ବିଶୃଙ୍ଖଳା ଆଚରଣ ତଥା ଆପରାଧିକ କାର୍ଯ୍ୟପାଇଁ ସମ୍ପୃକ୍ତ ୫ ଛାତ୍ରଙ୍କୁ କଲେଜରୁ ବହିଷ୍କୃତ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି।

# ୯ କୁଇଣ୍ଟାଲ ଗଞ୍ଜେଇ ଜବତ



କନ୍ଧମାଳ ପୋଲିସ ଦ୍ୱାରା ଜବତ ହୋଇଥିବା ଗଞ୍ଜେଇ।

ପଲସାଗୋରା,୧୮।୩(ଅଶ୍ୱିନୀ ନନ୍ଦ)

ବୌଦ୍ଧ ଜିଲା କନ୍ଧମାଳ ପୋଲିସ ବିପୁଳ ଗଞ୍ଜେଇ ଜବତ କରିଛି। ଆଇଆଇସି ବାସୁଦେବ ଭୋଇଙ୍କ ତତ୍ତ୍ୱାବଧାନରେ ବୁଧବାର ଲମ୍ବସରି ଗ୍ରାମପଞ୍ଚାୟତ ମାଲଙ୍ଗି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୯ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି କନ୍ଧମାଳ ପୋଲିସ। ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ଗଞ୍ଜେଇ ଚାଲାଣକାରୀମାନେ ଘଟଣାସ୍ଥଳରୁ ଫେରାର ମାରିଥିବା ଅନୁମାନ କରାଯାଉଛି। ମାଲଙ୍ଗି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଗଞ୍ଜେଇ ଜବତ କଲାପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା। ଚଢ଼ାଉ ଟିମରେ ଆଇଆଇସି ବାସୁଦେବ ଭୋଇ, ଏସଆଇ ପ୍ରକାଶ, ମାନସ, ଗୃହରକ୍ଷୀମାନଙ୍କ ସହ ଆଇଆର ବି ଯବାନ ସାମିଲ ଥିଲେ।

# ଗୁଳିମାଡ଼ରେ ଯୁବକ ଗୁରୁତର

## ଭୋଜିକୁ ମଦ ପିଇ ନ ଆସିବାକୁ ବାରଣ କରିବାରୁ ପାଟିତୁଣ୍ଡ

ବଘିଆପଡ଼ା,୧୮।୩(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଚାରିଆପାଳି ଗ୍ରାମରେ ବୁଧବାର ଜଣେ ଯୁବକଙ୍କ ଗୁଳିମାଡ଼ରେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ, ଚାରିଆପାଳି ଗ୍ରାମରେ ଏକ ଭୋଜିର ଆୟୋଜନ କରାଯାଇଥିଲା। ମିଥୁନ ମଲ୍ଲିକଙ୍କ ସହ ୧୨ ଜଣ ଯୁବକ ମିଶି ରନ୍ଧାବଢ଼ା କରୁଥିଲେ। ଗ୍ରାମର ଭୋଜିଗୁଡ଼ିକରେ କେହି ମଦ ପିଇ ଭୋଜି କାର୍ଯ୍ୟକୁ ନ ଆସିବାକୁ ବାରଣ କରାଯାଇଥିଲା। ହେଲେ ଗ୍ରାମର ଏକାଦଶୀ ମଲ୍ଲିକ ନାମକ ଜଣେ ଯୁବକ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିକରି ଭୋଜି ସ୍ଥଳକୁ ଆସିଥିଲେ। ମିଥୁନ ଗାଳିଗୁଲଜ ନ କରିବାକୁ ଏକାଦଶୀଙ୍କୁ କହିଥିଲେ। ଏହା ସହ ମଦପିଇ ନ ଆସିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ ଯୁବକଙ୍କ ମଧ୍ୟରେ ବହୁତ ପାଟିତୁଣ୍ଡ ହୋଇଥିଲା। ଏକାଦଶୀ ଦେଖି ନେବି ବୋଲି ଧମକ ଦେଇ ଘରକୁ ଯାଇ ଏକ ବନ୍ଧୁକ ଆଣି ମିଥୁନଙ୍କ ପାଖକୁ ଯାଇଥିଲେ। ଗୁଳି କରିବାରୁ ମିଥୁନଙ୍କ ବାମ ହାତରେ ତିନିଟା ଗୁଳି ବାଜିଥିଲା। ଏଥିରେ ସେହି ସ୍ଥାନରେ ଥିବା ଯୁବକମାନେ ଏକାଦଶୀଙ୍କଠାରୁ ବନ୍ଧୁକ ଛଡାଇ ଗାଁ ଦାଣ୍ଡରେ ବାନ୍ଧି ରଖି ବୌଦ୍ଧ ପୋଲିସକୁ ଜିମା ଦେଇଥିଲେ। ଏହାପରେ ଚିକିତ୍ସା ପାଇଁ ମିଥୁନଙ୍କୁ ବୌଦ୍ଧ ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଇଥିଲା। ଏନେଇ ବୌଦ୍ଧ ଆଦର୍ଶ ଥାନାରେ ମିଥୁନ ଲିଖିତ ଅଭିଯୋଗ କରିଛନ୍ତି । ବୌଦ୍ଧ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

**OFFICE OF THE MUNICIPAL COUNCIL, KABISURYANAGAR**
At/P.O.: Kabisuryanagar, Dist.: Ganjam, PIN - 761104
Phone No.: 06810-295444, E-mail: ksnnac@rediffmail.com
Lt. No.: 507 Date: 17.03.2026

**1st Corrigendum Notice**

No. 13001/691/2526: In partial modification of this Office Letter No. 449/Dated: 10.03.26 published in Odia daily Newspaper in connection with Detail Tender Call Notice No. 451/Dated: 10.03.26 wherein of Sl. 01 it has been inadvertently mentioned as "Office of the NAC Polasara" as instead of Office of the Kabisuryanagar Municipality. Hence "Office of the NAC Polasara" mentioned there in shall be read as Office of the Kabisuryanagar Municipality.

Sd./- Executive Officer
OIPR-13001/13208/1/25-26/0006 Kabisuryanagar Municipality (G.M.)

**कार्यपालक अभियंता का कार्यालय लघु सिंचाई प्रमंडल, हजारीबाग**
executiveengineerirri@gmail.com
पत्रांकः– 220 हजारीबाग / दिनांकः– 16.03.2026

**शुद्धि पत्र**

एतद् द्वारा सूचित किया जाता है कि इस कार्यालय के पत्रांक 153 दिनांक 28.02.2026 के द्वारा निर्गत ई – निविदा आमंत्रण सूचना संख्या DMFT/MID/HAZARIBAG/F2-38/2025-26 पी0आर0न0– 373869 Minor Irrigation (25-26):D द्वारा प्रकाशित निविदा अपरिहार्य कारण वश अगले आदेश तक स्थगित किया जाता है।

PR 375466 Minor Irrigation(25-26).D
कार्यपालक अभियंता, लघु सिंचाई प्रमंडल,हजारीबाग

# ବାସନ୍ତିକ ଦୁର୍ଗାପୂଜା ପାଇଁ କଳସ ଯାତ୍ରା

**ବିନିକା,୧୮।୩ (ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକା ସହର ଦୁର୍ଗାଙ୍କ ମନ୍ଦିରରେ ନବଦିନାତ୍ମକବାସନ୍ତିକ ଦୁର୍ଗାପୂଜା ଗୁରୁବାର ଆରମ୍ଭ ହେବ। ଏଥିପାଇଁ ବୁଧବାର କଳସ ଯାତ୍ରାରେ ଶତାଧିକ ମହିଳାପୁରୁଷ ସହର ପରିକ୍ରମା କରି ମହାନଦୀର ସିଟିପୋଲିସ ଘାଟରେ ପହଞ୍ଚିଥିଲେ। ସେଠାରୁ ପୂର୍ଣ୍ଣ ଜଳ କଳସ ଆଣି ମନ୍ଦିରକୁ ଆସି ସ୍ଥାପନ କରିଥିଲେ। ପୂଜାର ମୁଖ୍ୟ କର୍ତ୍ତାଭାବେ ଭୀମସେନ ନାଏକ ଓ ତାଙ୍କ ଧର୍ମପତ୍ନୀ ଧୀର ନାଏକ କାର୍ଯ୍ୟ ତୁଲାଇବେବୋଲିମନ୍ଦିରକମିଟିସଭାପତିସନ୍ତୋଷପଣ୍ଡା,ସୂଚନାଦେଇଛନ୍ତି।

**ସଂଶୋଧନ ବିଜ୍ଞପ୍ତି**

ମୁଁ, କେ.ନାରିନ୍ କୁମନ୍ଦନ, ପିତା ୰ କେ. କୋଦଣ୍ଡରାମ କୁମନ୍ଦନ, ନ୍ୟୁ କଲୋନୀ, ରାୟଗଡ଼ା ବାସିନ୍ଦା, ଏତଦ୍ୱାରା ସ୍ପଷ୍ଟ କରିବାକୁ ଚାହୁଁଅଛି ଯେ, ମୋ ଦ୍ୱାରା ଗତ ୨୨.୧୨.୨୦୨୫ ତାରିଖରେ ଓଡ଼ିଆ ଖବରକାଗଜ ''ଧରିତ୍ରୀ'' ରେ ''ହଜିବା'' ଶୀର୍ଷକରେ ପ୍ରକାଶିତ ସାର୍ବଜନୀନ ନୋଟିସ୍‌ରେ ମୋର ଡକ୍ୟୁମେଣ୍ଟ ସବୁ ହଜିବାର ତାରିଖ ୦୮.୧୨.୨୦୨୫ ପରିବର୍ତ୍ତେ ଅସାବଧାନତାବଶତଃ ୦୯.୧୨.୨୦୨୫ ତାରିଖ ଉଲ୍ଲେଖ କରାଯାଇଅଛି । ବିଗତ ୨୨.୧୨.୨୦୨୫ ତାରିଖରେ ପ୍ରକାଶିତ ନୋଟିସ୍‌ର ଅନ୍ୟାନ୍ୟ ବିଷୟବସ୍ତୁ ଅପରିବର୍ତ୍ତିତ ରହିବ । ଏହି ବିଜ୍ଞପ୍ତି ସର୍ବସାଧାରଣଙ୍କ ସୂଚନା ତଥା ରେକର୍ଡ ଉଦ୍ଦେଶ୍ୟରେ ପ୍ରକାଶିତ କରୁଅଛି ।

ସ୍ୱା./– କେ. ନାରିନ୍ କୁମନ୍ଦନ
ନ୍ୟୁ କଲୋନୀ, ରାୟଗଡ଼ା, ମୋବାଇଲ୍ ନଂ.:୯୪୩୭୦୨୧୧୧୦

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org
ପତ୍ର ସଂଖ୍ୟା: ୨୪ **ବିଜ୍ଞାପନ** ତା:୦୯।୦୩।୨୦୨୬

No. 13001/680/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ.ଆଇ.ଜି.–୧–୬୨/୩ (MIG-I-62/3), ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଶକୁନ୍ତଳା ନାୟକ, ସ୍ୱାମୀ: ପ୍ରସନ୍ନ କୁମାର ନାୟକ, ସା/ପୋ.: ଶାଳପଦା, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଶକୁନ୍ତଳା ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶରତ କୁମାର ଦାଶ, ପିତା: ୰ହାଡ଼ିବନ୍ଧୁ ଦାଶ, ସା/ପୋ: ଲେଙ୍କୁଡ଼ିପଡ଼ା, ଥାନା/ଜିଲ୍ଲା:ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13001/13030/1/25-26/0103 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

No.13001/681/2526

**OFFICE OF THE MUNICIPAL COUNCIL, KABISURYANAGAR**
AT/P.O. : KABISURYANAGAR, DIST. : GANJAM, PIN : 761104
Phone no. : 06810-295444, E-mail : ksnnac@rediffmail.com
Lt No : 557 / Date : 17.03.2026

**1st Corrigendum Notice**

No.13001/681/2526 : The Letter No.456, Dated : 10.03.2026 published on daily odia news paper for Tender Call Notice No.458//Dated : 10.03.2026 has been partially modified the Sl. No.06,07 & 08 (critical dates) of the DTCN as read as detail below the Sl. No.01, 02 & 03

| | | | |
|---|---|---|---|
| 1. | Date and time of Availability in Portal & Receipt of Bids | : | From 10.00 A.M. of dt.19.03.2026 to 05.30 P.M. of dt.28.03.2026 instead of from 10.00 A.M. of Dt.17.03.2026 to 05.30 P.M. of dt.31.03.2026 |
| 2. | Last date & time of submission of original Financial tender documents in Tender Box | : | 10.00 A.M. to 05.30 P.M. of dt.30.03.26 to 31.03.26 Instead of 05.30 P.M. of dt.02.04.2026 & 04.04.2026 |
| 3. | Date of Opening of Tender | : | 02.04.2026 at 11.00 A.M. instead of 06.04.2026 at 11.00 A.M. |

Sd./- Executive Officer
OIPR-13001/13208/1/25-26/0005 Kabisuryanagar Municipality (G.m)

# ମିନିଟ୍ରକ୍ ଧକ୍କାରେ ଜଣେ ମୃତ

ବିନିକା,୧୮।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଜାମପାଲି ଗାଁ ନିକଟରେ ବୁଧବାର ସନ୍ଧ୍ୟାରେ ମିନିଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ତ୍ରିପୁର ବାଗ। ବାଇକକୁ ଧକ୍କାଦେବା ପରେ ଟ୍ରକ ଭାରସାମ୍ୟ ହରାଇ ବିଲ ଭିତରକୁ ପଶି ଯାଇଥିଲା। ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି। ବାଇକରେ ତ୍ରିପୁର ବାଗ ଓ ପ୍ରଭାସ ସିଂଦେଓ ଯାଉଥିଲେ। ଆହତଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବିନିକା ପୋଲିସ ମିନିଟ୍ରକ ଓ ବାଇକକୁ ଜବତ କରିଛି।

**Jharkhand Industrial Infrastructure Development Corporation Limited (JIIDCO)**
(A Govt. of Jharkhand Undertaking)
5th Floor, Udyog Bhawan, Ratu Road, Ranchi – 834001 (Jharkhand)
e-mail- jiidcoltd@gmail.com www.jiidco.co.in Phone no. 0651-3512851
CIN U45208JH2004GOI011078
Letter no: -182 dated: -18.03.2026

**NOTICE INVITING TENDER**
(through e-procurement mode only-www.jharkhandtenders.gov.in)
NIT No.- JIIDCO/31/Women Hostel/SBD/2025-2026

Designation and Address of the Advertiser: - Chief Engineer, JIIDCO, 5th Floor, Udyog Bhawan, Ratu Road, Ranchi-834001
1. Mode of submission of tender :- Online through www.jharkhandtenders.gov.in
2. Date of publishing on portal and website :- 20.03.2026
3. Start date for downloading of the Bid Documents :- 20.03.2026, 02:00 A.M onwards
4. Date of Pre-bid meeting :- 25.03.2026 at 12:30 P.M.
5. Last date for submission of Bidding Documents :- 09.04.2026 up to 4:00 P.M.
6. Bid opening date (Technical) :- 10.04.2026 at 5:00 P.M.
7. Details of works: -

| Bid No. | Name of work | Estimated Cost/ECV (Rupees) | Amount of Earnest money (E.M.D) (Rupees) | Cost of BOQ (Non-refundable in Rupees) | Time of completion of work (Months) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Construction of 500 Bed ded Working Women Hostel at Nirsa, Dhanbad , Jharkhand | 22,16,34,721.00 | 22,20,000.00 | 11,800.00 | 24 months |

1. Tender fee (non-refundable) & EMD is to be received through online mode only. Bidders can use internet banking facility for faster processing of Tender fee Alternatively, Bidders can use NEFT/RTGS challan generated for the tender from http://jharkhandtenders.gov.in. portal.
Refund will only be issued to Originated bank account used for the payment of EMD. So, bidders are advised NOT to close the above Bank Account used for online payment NEFT/RTGS of EMD.
No Hardcopy/Physical copy is required to be submitted for tender opening/evaluation. However, Department may ask original documents for verification before award of contract.
2. Bid Validity :- 180 days
3. Place of opening of Technical Bid : - JIIDCO, 5th Floor, Udyog Bhawan, Ratu Road, Ranchi-834001
4. For any information/complaints the department helpline no. M.b.no. 7004785102 may be contacted.
5. Further details can be seen on website- www.jharkhandtenders.gov.in.
6. Any Corrigendum or Addendum will be notified on website: - www.jharkhandtenders.gov.in only.

Note: (i) Any change can be seen on website www.jharkhandtenders.gov.in
(ii) Any other information can be seen on www.jharkhandtenders.gov.in
(iii) The estimated cost mentioned above in sl. No.7 column no. 3 is approximate which may increase or decrease.

PR 375513 Jharkhand Industrial Infrastructure Dev Co Ltd(25-26)D Sd/- Chief Engineer JIIDCO Ranchi

**कार्यपालक अभियंता का कार्यालय, लघु सिंचाई प्रमंडल, साहेबगंज**

अल्पकालीन पुनः ई –निविदा आमंत्रण सूचना

**e – Retender reference no. WRD/MID/SAHIBGANJ/F2 – 12/2025-26** Date- 17.03.2026

1 विभाग का नामः– जल संसाधन (लघु सिंचाई) विभाग, झारखण्ड, राँची।
2. विज्ञापन दाता का नाम एवं पता– कार्यपालक अभियंता, लघु सिंचाई प्रमंडल, साहेबगंज। मो0–9693906454
3. निविदा खोलने का स्थान– ई– प्रोक्योरमेंट सेल, मुख्य अभियंता कार्यालय, लघु सिंचाई, दुमका ।
4. कार्य की विवरणीः–

| क | योजना का नाम | प्रखण्ड | प्राक्कलित राशि (रूपये में) | अग्रघन की राशि (रूपये में) | परिमाण विपत्र का मूल्य (रूपये में) | बेबसाइट में ई–निविदा प्रकाशन की तिथि | ई–निविदा प्राप्ति की अंतिम तिथि | ई–निविदा खोलने की तिथि | कार्य पूर्ण करने की अवधि | श्रेणी |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | बाकुडीह मध्यम सिंचाई योजना का जीर्णोद्धार कार्य। | तालझारी | 12395392.00 | 248900 | 10000 | 23.03.2026 (पूर्वाहन् 10:30 बजे से) | 01.04.2026 (अपराहन् 5:00 बजे तक) | 02.04.2026 (अपराहन् 05:00 बजे) | 11 माह | योग्य श्रेणी |

नोटः– 1. केवल ई–निविदा ही स्वीकार किया जायेगा।
2. प्राक्कलित राशि घट बढ़ सकती है। अग्रघन की राशि परिमाण विपत्र की राशि के अनुसार होगी।
3. परिमाण विपत्र एवं EMD की राशि केवल online माध्यम से ही स्वीकार होगा। online माध्यम से किये गये भुगतान की पावति बेबसाइट पर आवश्यक रुप से अपलोड करेंगे।
4. निविदा भुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबाबदेही संबंधित निविदादाता की होगी।
5. विस्तृत जानकारी के लिए http://jharkhandtenders.gov.in_ पर लॉग ऑन करे ।

PR.NO.375435 Minor Irrigation(25-26):D
कार्यपालक अभियंता, लघु सिंचाई प्रमंडल, साहेबगंज।

## କୁଣ୍ଢେଇଗୋଳା ସେବା ସମବାୟ ସମିତିର ବାର୍ଷିକ ବୈଠକ

ଦେବଗଡ଼,୧୮।୩(ଶଶାଙ୍କ ଶେଖର ଝାଙ୍କର)– ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅନ୍ତର୍ଗତ କୁଣ୍ଢେଇଗୋଳା ସେବା ସମବାୟ ସମିତିର ବାର୍ଷିକ ବୈଠକ କମାରପାଳ ଆମ୍ବତୋଟାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଉଦୟ ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ତ୍ରିଭୁବନ ପ୍ରଧାନ ଚଳିତବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଏଥିରେ ଲିଙ୍ଗରାଜ ସାହୁ, କିଶୋର ଚନ୍ଦ୍ର ରାଉଳଙ୍କ ସମେତ ୧୧ଟି ଗ୍ରାମର ଚାଷୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଚାଷୀମାନେ କିପରି ରାସାୟନିକ ସାର ଓ ଧାନ ବିହନ ଠିକ୍ ସମୟରେ ପାଇବେ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ସୁବ୍ରତ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମିଲର୍ସଙ୍କ ପାଖରୁ ବେଆଇନ ଗଚ୍ଛିତ ଧାନ ଜବତ କରାଯାଉ

ଦେବଗଡ଼,୧୮।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ଚାଷୀ ଧାନ ବିକ୍ରି ସମୟରେ କଟ୍‌ନି ଛଟ୍‌ନିର ସମ୍ମୁଖିନ ହୋଇଥିବାବେଳେ ମିଲର୍ସମାନେ ବେଆଇନ ଭାବେ ହଜାର ହଜାର କୁଇଣ୍ଟାଲ ଧାନ ଗଚ୍ଛିତ ରଖିଥିବା ଅଭିଯୋଗ ହୋଇଛି। ଏଣୁ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ସମ୍ପୃକ୍ତ ମିଲ୍‌ରେ ଚଢ଼ଉ କରି ବେଆଇନ ଭାବେ ଗଚ୍ଛିତ ଧାନକୁ ଜବତ କରିବା ଏବଂ ସମ୍ପୃକ୍ତ ମିଲର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦେବଗଡ଼ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଦାବି କରାଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ ନେତା ଓ କର୍ମୀ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲା କଂଗ୍ରେସର ଅଭିଯୋଗ ଅନୁଯାୟୀ, ଚଳିତ ଖରିଫ ଋତୁରେ ଧାନ କ୍ରୟ କ୍ଷେତ୍ରରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଥିଲା। ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୪ରୁ ୭ କେଜି ପର୍ଯ୍ୟନ୍ତ କଟ୍‌ନିଛଟ୍‌ନି କରାଯାଇଥିଲା। ମିଲର୍ସମାନେ ବେଆଇନ ଭାବେ ଚାଷୀଙ୍କର ଧାନ କଟ୍‌ନିଛଟ୍‌ନି କରିଥିବାବେଳେ ଜିଲାର ମିଲର୍ସମାନଙ୍କ ପାଖରେ ପ୍ରାୟ ୬୦ ହଜାର କୁଇଣ୍ଟାଲ ବେଆଇନ ଧାନ ଗଚ୍ଛିତ ରହିଛି। ଚାଷୀଙ୍କ ପେଟରେ ଲାତ ମାରି ମିଲର୍ସ ଓ ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ଅନ୍ୟାୟ ହୋଇଥିବାରୁ ତୁରନ୍ତ ଏହାର ତଦନ୍ତର ଆବଶ୍ୟକତା ରହିଥିବା ନେଇ ଜିଲା କଂଗ୍ରେସ ପକ୍ଷରୁ ଉକ୍ତ ଦାବିପତ୍ର ଜରିଆରେ ଯୁକ୍ତି କରାଯାଇଛି। ଧାନ କ୍ରୟ ସୁବ୍ୟବସ୍ଥିତ କରିବାକୁ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଆମରଣ ଅନଶନରେ ବସିଥିଲେ। ଫଳରେ କଟ୍‌ନିଛଟ୍‌ନି ବନ୍ଦ କରିବା ସହିତ ଚାଷୀଙ୍କ ଧାନ କ୍ରୟରେ କୌଣସି ସମସ୍ୟା ଦେଖାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବାରୁ ସେ ଅନଶନ ପ୍ରତ୍ୟାହାର କରିଥିଲ। ମାତ୍ର ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ବେଆଇନ କଟ୍‌ନିଛଟ୍‌ନି ବନ୍ଦ କରି ନ ଥିବାବେଳେ ମିଲ୍ ମାଲିକ ଏହାର ଲାଭ ଉଠାଇଥିବା ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।



ଦାବିପତ୍ର ଦେବାକୁ ଆସିଥିବା କଂଗ୍ରେସ କର୍ମୀ।

## ସରକାରୀ ଦରରେ ଧାନ ବିକ୍ରି ପାଇଁ ଦାବିପତ୍ର

ଝାରସୁଗୁଡ଼ା, ୧୮।୩(ଆଶିଷ ରଞ୍ଜନ ଦାଶ)

ହୀରାକୁଦ ଜଳଭଣ୍ଡାର ମଧ୍ୟରେ ହୋଇଥିବା ଧାନର ସରକାରୀ ବିକ୍ରି ପାଇଁ ପଞ୍ଜିକରଣ ନିମନ୍ତେ ଲଖନପୁର ବ୍ଲକ୍ ଅଞ୍ଚଳର ଚାଷୀମାନେ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କୁ ବୁଧବାର ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ୧୯୫୬ ମସିହାରେ ଲଖନପୁର ଅଞ୍ଚଳର ପ୍ରାୟ ସମସ୍ତ ଉର୍ବର ଜମି ହୀରାକୁଦ ନଦୀବନ୍ଧ ଦ୍ୱାରା ଜଳମଗ୍ନ ହୋଇଯିବାପରେ ସ୍ଥାନୀୟ ଜନସାଧାରଣ ପରିବାର ପ୍ରତିପୋଷଣ ପାଇଁ ଅସହାୟ ହୋଇପଡିଥିଲେ। ହେଲେ ଚାଷୀମାନେ ନିଜ ଉଦ୍ୟମ ଏବଂ କିଛି ପରିମାଣରେ ସରକାରୀ ସହାୟତାରେ ଜଳସେଚନ ବ୍ୟବସ୍ଥା କରି ହୀରାକୁଦ ଜଳଭଣ୍ଡାର ଜମିରେ ଦୀର୍ଘ ଦିନରୁ ଧାନଚାଷ କରୁଛନ୍ତି। କିଛି ବର୍ଷ ପୂର୍ବରୁ ଜିଲା ପ୍ରଶାସନର ଉଦ୍ୟମ ତଥା ରାଜ୍ୟ ସରକାରଙ୍କ ଉତ୍ତମ ଇଚ୍ଛାଶକ୍ତି ଯୋଗୁ ଚାଷୀମାନେ ଉତ୍ପାଦିତ ଧାନକୁ ସରକାରୀ ଧାର୍ଯ୍ୟ ଦରରେ ବିକ୍ରି କରିଆସୁଛନ୍ତି। ଯାହାଦ୍ୱାରା କଣ୍ଢେଇକେଲା ପଞ୍ଚାୟତରୁ ତିଲିଆ ପଞ୍ଚାୟତ ପର୍ଯ୍ୟନ୍ତ ମହାନଦୀ ଅବବାହିକାରେ ଥିବା ୧୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେଉଛନ୍ତି। ଏଣୁ ଚଳିତବର୍ଷ ମଧ୍ୟ ପ୍ରଶାସନ ତରଫରୁ ଉପଯୁକ୍ତ ସର୍ବେକ୍ଷଣ କରାଯାଇ ଚାଷୀଙ୍କ ଧାନ ସରକାରୀ ଦରରେ ବିକ୍ରି ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଚାଷୀମାନେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଦାବିପତ୍ର ଦେବା ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଏକ ଦାବିପତ୍ର ପ୍ରେରଣ କରିଛନ୍ତି।

## ରବିଧାନ ବିକ୍ରି ପଞ୍ଜୀକରଣ ପାଇଁ ଦାବିପତ୍ର

ଲଇକେରା, ୧୮।୩(ରଞ୍ଜନ କୁମାର ମେହେର)– ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ଅଧୀନ ୪ଟି ପଞ୍ଚାୟତର ଚାଷୀ ରବିଧାନ ବିକ୍ରି ନିମନ୍ତେ ପଞ୍ଜିକରଣ ପାଇଁ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସାହାସପୁର, ସାରଙ୍ଗଲୋଇ, ବାବୁଚିପିଡିହି ଏବଂ ଲଇକେରାର ଅଧିକାଂଶ ଚାଷୀ ପଞ୍ଜିକରଣ କରି ଧାନ ବିକ୍ରି କରୁଥିଲେ। ଚଳିତ ଖରିଫ ଋତୁରେ ଜଳସେଚନ ଅଧିକ ହୋଇଥିଲେ ସୁଦ୍ଧା ୧୮ କୁଇଣ୍ଟାଲ ପରିବର୍ତ୍ତେ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରି ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ରବି ଋତୁରେ ଏହି ୪ ପଞ୍ଚାୟତର ଚାଷୀ ଶତାଧିକ ଏକର ଜମିରେ ଧାନଚାଷ କରିଥିବାବେଳେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିପାରିନାହାନ୍ତି। ତେଣୁ ଏହି ଚାଷୀମାନଙ୍କୁ ଧାନ ବିକ୍ରୟ ପାଇଁ ପଞ୍ଜିକରଣର ସୁଯୋଗ ଦେବାକୁ ଜିଲାପାଳ, ଝାରସୁଗୁଡା ବିଧାୟକ, ଜିଲା କୃଷି ଅଧିକାରୀ, ସମବାୟ ବିଭାଗର ଉପନିବନ୍ଧକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ହେମନ୍ତ ସାଗର କୁମୁରା, ରୋହିତ କୁମାର କିଷାନ, ଅଶୋକ କୁମାର ପଟେଲ, ଜିତେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଜନଗଣନା ପ୍ରଶିକ୍ଷଣ ଶିବିର



କାର୍ଯ୍ୟକ୍ରମରେ ଜନଗଣନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି।

ଝାରସୁଗୁଡ଼ା, ୧୮।୩(ଆଶିଷ ରଞ୍ଜନ ଦାଶ)

ଜନଗଣନା–୨୦୨୭କୁ ସୁଚାରୁରୂପେ ସମ୍ପାଦନ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜନଗଣନା କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ଗଣନାକାରୀ ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ତହସିଲଦାର ସଦାକର କୁମ୍ଭାର ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଜନଗଣନାର ଗୁରୁତ୍ୱ ଓ ଏହାର ସଠିକତା ଉପରେ ମାର୍ଗଦର୍ଶନ କରିଥିଲେ। ଜନଗଣନା–୨୦୨୭ର ରାଜ୍ୟ ସମନ୍ୱୟକ ରବି ରଞ୍ଜନ କୁମାର ଯୋଗଦେଇ ଡିଜିଟାଲ ମୋଡ୍‌ରେ କିପରି ତଥ୍ୟ ସଂଗ୍ରହ କରାଯିବ ଏବଂ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାଷ୍ଟର ଟ୍ରେନର ଜ୍ୟୋତି ନାୟକ ଓ ରୀତାରାଣୀ ନାୟକ ଗଣନାକାରୀଙ୍କୁ ତାଲିମ ପ୍ରଦାନ କରିବା ସହ ବିଭିନ୍ନ ପ୍ରଶ୍ନୋତ୍ତର ମାଧ୍ୟମରେ ସନ୍ଦେହ ଦୂର କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଜିଲାର ବହୁ ସଂଖ୍ୟକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଏହି ତାଲିମ ଦିଆଯାଇଛି। ଆଗାମୀ ଦିନରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବ୍ଲକ୍‌ସ୍ତରରେ ବ୍ୟାପକ କରାଯିବ ବୋଲି ସୂଚନା ମିଳିଛି।

## ସାମାଜିକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବେଲପାହାଡ଼,୧୮।୩(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବନହରପାଲି ଓପିଜିସିସ୍ଥିତ ଇବ୍ ଥର୍ମାଲ ପାୱାର ଷ୍ଟେଶନ ପରିପାର୍ଶ୍ୱରେ ଥିବା ଗ୍ରାମୀଣ ଛାତ୍ରୀମାନଙ୍କ ପାଇଁ ସାମାଜିକ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓପିଜିସିର ନିର୍ଦ୍ଦେଶକ ଅଞ୍ଜନା ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ସିନିୟର ଭାଇସ ପ୍ରେସିଡେଣ୍ଟ ସୁକାନ୍ତ ମହାପାତ୍ର, ଆଇଟିପିଏସ୍‌ର ପ୍ରେସିଡେଣ୍ଟ ସଙ୍ଗୀତା ଦାସ, ଆଇଟିପିଏସ୍ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ସଙ୍ଗୀତା ପଣ୍ଡା ଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଗମ୍ଭୀରତା ସହ ଗ୍ରହଣ କରି ଜୀବନରେ ଉନ୍ନତି କିପରି ହୋଇପାରିବ ସେ ବିଷୟରେ ବୁଝାଇଥିଲେ। ୭ ଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଇଲ୍ଡ ଫଣ୍ଡ ଇଣ୍ଡିଆ ସଂସ୍ଥାର ପ୍ରଶିକ୍ଷକଙ୍କ ଦ୍ୱାରା କରାଯିବ। ସିଏସ୍‌ଆର୍ ବିଭାଗ ତରଫରୁ ହିମାଂଶୁ ଭୂଷଣ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ତାପସ ପଣ୍ଡା, ଅମର ସିଂ ସହଯୋଗ କରିଥିଲେ।

## ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ ଶିବିର

ଦେବଗଡ଼,୧୮।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ବ୍ୟବହାର ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ମାଷ୍ଟର ଟ୍ରେନର ରମେଶ ଚନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ପ୍ରଫେସର ରବି ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ସାହୁ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ପାଇଁ ପରାମର୍ଶ ଦେଇଥିଲେ। ଓଡ଼ିଆରେ ପ୍ରତ୍ୟେକ କାର୍ଯ୍ୟାଳୟରେ ପତ୍ର ବିନିମୟ ଏବଂ ଯୋଗାଯୋଗ ଓଡ଼ିଆ ଚିଠା ଓ ଟିପ୍ପଣୀ ଆଦେଶନାମା ବ୍ୟବହାରିକ ଉପରେ ମାଷ୍ଟର ଟ୍ରେନର ମଲିକ ଓ ଅବସରପ୍ରାପ୍ତ ପ୍ରଫେସର ପଣ୍ଡା ଓଡ଼ିଆ ବାକ୍ୟ ଗଠନ, ଶବ୍ଦ ଭଣ୍ଡାର, ବ୍ୟବହାରିକ ରୂପ ,ଓଡ଼ିଆ ଲିଖନ ଓ ଓଡ଼ିଆରେ ନଥି ପ୍ରସ୍ତୁତି ଉପରେ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇଥିଲେ। ବିଭିନ୍ନ କାର୍ଯ୍ୟାଳୟରୁ ଆସିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ସୌମ୍ୟା ସୁଚିସ୍ମିତା, ସହକାରୀ ଜିଲାପାଳ ଈଶ୍ୱର ଗୁରୁ, ହେମନ୍ତ ସିଂଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅଧିକାରୀ।

## ଜିଲାସ୍ତରୀୟ ସଚେତନତା ଶିବିର



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଦେବଗଡ଼,୧୮।୩(ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ସ୍ଥିତ ପୁରୁଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ–୨୦୦୭ ଜିଲାସ୍ତରୀୟ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ବରିଷ୍ଠ ନାଗରିକ ସଭାପତି ଡ. ରାମଚନ୍ଦ୍ର ମହାପାତ୍ର, ମାଷ୍ଟର ଟ୍ରେନର ଭାରତୀ ଚକ୍ର ଓ ଦେବଶ୍ରୀ ବ୍ରହ୍ମା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥି କହିଥିଲେ, ମାତାପିତା ତଥା ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଅଧିନିୟମ–୨୦୦୭ ଅନୁଯାୟୀ ପ୍ରତ୍ୟେକ ଭାରତୀୟ ନାଗରିକ ମୌଳିକ ଅଧିକାର ପାଇବାକୁ ହକ୍‌ଦାର, ଯାହା ଭାରତୀୟ ସମ୍ବିଧାନ ସେମାନଙ୍କ ନିମନ୍ତେ ସୁନିଶ୍ଚିତ କରିଛି। ଏଥିସହ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ମାଷ୍ଟର୍ ଟ୍ରେନର ଭାରତୀ ଚକ୍ର ଓ ଦେବଶ୍ରୀ ବ୍ରହ୍ମା ବରିଷ୍ଠ ନାଗରିକମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାରକୋଟ ବ୍ଲକ୍‌ର ବିଏସ୍‌ଏସ୍‌ଓ ସୃଜନ କୁମାର ସାହୁ, ରିଆମାଳ ବ୍ଲକ୍‌ର ବିଏସ୍‌ଏସ୍‌ଓ ଭୂପେନ୍ଦ୍ର ପ୍ରଧାନଙ୍କ ସମେତ ଜିଲା ଏବଂ ବ୍ଲକ୍ ଅଞ୍ଚଳରୁ ଆସିଥିବା ବରିଷ୍ଠ ନାଗରିକ, ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କର୍ମନିଯୁକ୍ତି ସଚେତନତା କର୍ମଶାଳା

ଦେବଗଡ଼,୧୮।୩(ଶଶାଙ୍କ ଶେଖର ଝାଙ୍କର)– ବାରକୋଟ ବ୍ଲକ୍‌ର କଲା ପଞ୍ଚାୟତ ଡିଗ୍ରୀ କଲେଜରେ ବୁଧବାର କର୍ମନିଯୁକ୍ତି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଶାନ୍ତନୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶର ସୃଷ୍ଟି ଅବିନାଶ ପୁରୀ, ବିଶାଳ ଜୟଶ୍ୱାଲ, ବାରକୋଟ ସରକାରୀ ଆଇଟିଆଇର ସୌମ୍ୟରଞ୍ଜନ ଦାସ ଯୋଗଦେଇ ସେନା ବିଭାଗର ଅଗ୍ନିବୀର ପଦବୀର ଯୋଗ୍ୟତା, ସେବା, ମାର୍ଗଦର୍ଶିକା, ଆର୍ଥିକ ସହାୟତା ଓ ଭବିଷ୍ୟନିଧି ଏବଂ ଆଇଟିଆଇ ଜରିଆରେ ଦେୟମୁକ୍ତ ତାଲିମ ଓ ଚାକିରି ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

**ସଂଶୋଧନ ବିଜ୍ଞପ୍ତି**

ମୁଁ, କେ.ନାରିନ୍ କୁମନ୍ଦନ, ପିତା ୰ କେ. କୋଦଣ୍ଡରାମ କୁମନ୍ଦନ, ନ୍ୟୁ କଲୋନୀ, ରାୟଗଡ଼ା ବାସିନ୍ଦା, ଏତଦ୍ଦ୍ୱାରା ସ୍ପଷ୍ଟ କରିବାକୁ ଚାହୁଁଅଛି ଯେ, ମୋ ଦ୍ୱାରା ଗତ ୨୨.୧୨.୨୦୨୫ ତାରିଖରେ ଓଡ଼ିଆ ଖବରକାଗଜ ''ଧରିତ୍ରୀ'' ରେ ''ହଜିବା'' ଶୀର୍ଷକରେ ପ୍ରକାଶିତ ସାର୍ବଜନୀନ ନୋଟିସ୍‌ରେ ମୋର ଡକ୍ୟୁମେଣ୍ଟ ସବୁ ହଜିବାର ତାରିଖ ୦୮.୧୨.୨୦୨୫ ପରିବର୍ତ୍ତେ ଅସାବଧାନତାବଶତଃ ୦୯.୧୨.୨୦୨୫ ତାରିଖ ଉଲ୍ଲେଖ କରାଯାଇଅଛି । ବିଗତ ୨୨.୧୨.୨୦୨୫ ତାରିଖରେ ପ୍ରକାଶିତ ନୋଟିସ୍‌ର ଅନ୍ୟାନ୍ୟ ବିଷୟବସ୍ତୁ ଅପରିବର୍ତ୍ତିତ ରହିବ । ଏହି ବିଜ୍ଞପ୍ତି ସର୍ବସାଧାରଣଙ୍କ ସୂଚନା ତଥା ରେକର୍ଡ ଉଦ୍ଦେଶ୍ୟରେ ପ୍ରକାଶିତ କରୁଅଛି ।

ସ୍ୱା./– କେ. ନାରିନ୍ କୁମନ୍ଦନ
ନ୍ୟୁ କଲୋନୀ, ରାୟଗଡ଼ା, ମୋବାଇଲ୍ ନଂ.:୯୪୩୭୦୨୧୧୧୦

**OFFICE OF THE MUNICIPAL COUNCIL, KABISURYANAGAR**
At/P.O.: Kabisuryanagar, Dist.: Ganjam, PIN - 761104
Phone No.: 06810-295444, E-mail: ksnnac@rediffmail.com
Lt. No.: 507 Date: 17.03.2026

**1st Corrigendum Notice**

No. 13001/691/2526: In partial modification of this Office Letter No. 449/Dated: 10.03.26 published in Odia daily Newspaper in connection with Detail Tender Call Notice No. 451/Dated: 10.03.26 wherein of Sl. 01 it has been inadvertently mentioned as "Office of the NAC Polasara" as instead of Office of the Kabisuryanagar Municipality. Hence "Office of the NAC Polasara" mentioned there in shall be read as Office of the Kabisuryanagar Municipality.

Sd./- Executive Officer
OIPR-13001/13208/1/25-26/0006 Kabisuryanagar Municipality (G.M.)

**कार्यपालक अभियंता का कार्यालय**
**लघु सिंचाई प्रमंडल, हजारीबाग**
executiveengineerirri@gmail.com

पत्रांक:– 220 हजारीबाग / दिनांक:– 16.03.2026

**शुद्धि पत्र**

एतद् द्वारा सूचित किया जाता है कि इस कार्यालय के पत्रांक 153 दिनांक 28.02.2026 के द्वारा निर्गत ई – निविदा आमंत्रण सूचना संख्या DMFT/MID/HAZARIBAG/F2-38/2025-26 पी0आर0न0– 373869 Minor Irrigation (25-26):D द्वारा प्रकाशित निविदा अपरिहार्य कारण वश अगले आदेश तक स्थगित किया जाता है।

PR 375466 Minor Irrigation(25-26).D
कार्यपालक अभियंता,
लघु सिंचाई प्रमंडल,हजारीबाग

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୪ **ବିଜ୍ଞାପନ** ତା:୦୯।୦୩।୨୦୨୬

No. 13001/680/2526: ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏମ.ଆଇ.ଜି.–୧–୬୨/୩ (MIG-I-62/3), ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ଶକୁନ୍ତଳା ନାୟକ, ସ୍ୱାମୀ: ପ୍ରସନ୍ନ କୁମାର ନାୟକ, ସା/ପୋ.: ଶାଳପଦା, ଥାନା: ବଡ଼ଚଣା, ଜିଲ୍ଲା: ଯାଜପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ଶକୁନ୍ତଳା ନାୟକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଶରତ କୁମାର ଦାଶ, ପିତା: ୰ହାଡ଼ିବନ୍ଧୁ ଦାଶ, ସା/ପୋ: ଲେଙ୍କୁଡ଼ିପଡ଼ା, ଥାନା/ଜିଲ୍ଲା:ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13001/13030/1/25-26/0103 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

No.13001/681/2526

**OFFICE OF THE MUNICIPAL COUNCIL, KABISURYANAGAR**
AT/P.O. : KABISURYANAGAR, DIST. : GANJAM, PIN : 761104
Phone no. : 06810-295444, E-mail : ksnnac@rediffmail.com
Lt No : 557 / Date : 17.03.2026

**1st Corrigendum Notice**

No.13001/681/2526 : The Letter No.456, Dated : 10.03.2026 published on daily odia news paper for Tender Call Notice No.458//Dated : 10.03.2026 has been partially modified the Sl. No.06,07 & 08 (critical dates) of the DTCN as read as detail below the Sl. No.01, 02 & 03

| | | | |
|---|---|---|---|
| 1. | Date and time of Availability in Portal & Receipt of Bids | : | From 10.00 A.M. of dt.19.03.2026 to 05.30 P.M. of dt.28.03.2026 instead of from 10.00 A.M. of Dt.17.03.2026 to 05.30 P.M. of dt.31.03.2026 |
| 2. | Last date & time of submission of original Financial tender documents in Tender Box | : | 10.00 A.M. to 05.30 P.M. of dt.30.03.26 to 31.03.26 Instead of 05.30 P.M. of dt.02.04.2026 & 04.04.2026 |
| 3. | Date of Opening of Tender | : | 02.04.2026 at 11.00 A.M. instead of 06.04.2026 at 11.00 A.M. |

Sd./- Executive Officer
OIPR-13001/13208/1/25-26/0005 Kabisuryanagar Municipality (G.m)

**Jharkhand Industrial Infrastructure Development Corporation Limited (JIIDCO)**
(A Govt. of Jharkhand Undertaking)
5th Floor, Udyog Bhawan, Ratu Road, Ranchi – 834001 (Jharkhand)
e-mail- jiidcoltd@gmail.com www.jiidco.co.in Phone no. 0651-3512851
CIN U45208JH2004GOI011078
Letter no: -182 dated: -18.03.2026

**NOTICE INVITING TENDER**
(through e-procurement mode only-www.jharkhandtenders.gov.in)
NIT No.- JIIDCO/31/Women Hostel/SBD/2025-2026

Designation and Address of the Advertiser: - Chief Engineer, JIIDCO, 5th Floor, Udyog Bhawan, Ratu Road, Ranchi-834001
1. Mode of submission of tender :- Online through www.jharkhandtenders.gov.in
2. Date of publishing on portal and website :- 20.03.2026
3. Start date for downloading of the Bid Documents :- 20.03.2026, 02:00 A.M onwards
4. Date of Pre-bid meeting :- 25.03.2026 at 12:30 P.M.
5. Last date for submission of Bidding Documents :- 09.04.2026 up to 4:00 P.M.
6. Bid opening date (Technical) :- 10.04.2026 at 5:00 P.M.
7. Details of works: -

| Bid No. | Name of work | Estimated Cost/ECV (Rupees) | Amount of Earnest money (E.M.D) (Rupees) | Cost of BOQ (Non-refundable in Rupees) | Time of completion of work (Months) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 01 | Construction of 500 Bed ded Working Women Hostel at Nirsa, Dhanbad , Jharkhand | 22,16,34,721.00 | 22,20,000.00 | 11,800.00 | 24 months |

1. Tender fee (non-refundable) & EMD is to be received through online mode only. Bidders can use internet banking facility for faster processing of Tender fee Alternatively, Bidders can use NEFT/RTGS challan generated for the tender from http://jharkhandtenders.gov.in. portal.
Refund will only be issued to Originated bank account used for the payment of EMD. So, bidders are advised NOT to close the above Bank Account used for online payment NEFT/RTGS of EMD.
No Hardcopy/Physical copy is required to be submitted for tender opening/evaluation. However, Department may ask original documents for verification before award of contract.
2. Bid Validity :- 180 days
3. Place of opening of Technical Bid : - JIIDCO, 5th Floor, Udyog Bhawan, Ratu Road, Ranchi-834001
4. For any information/complaints the department helpline no. M.b.no. 7004785102 may be contacted.
5. Further details can be seen on website- www.jharkhandtenders.gov.in.
6. Any Corrigendum or Addendum will be notified on website: - www.jharkhandtenders.gov.in only.

Note: (i) Any change can be seen on website www.jharkhandtenders.gov.in
(ii) Any other information can be seen on www.jharkhandtenders.gov.in
(iii) The estimated cost mentioned above in sl. No.7 column no. 3 is approximate which may increase or decrease.

PR 375513 Jharkhand Industrial Infrastructure Dev Co Ltd(25-26)D Sd/- Chief Engineer JIIDCO Ranchi

**कार्यपालक अभियंता का कार्यालय, लघु सिंचाई प्रमंडल, साहेबगंज**

अल्पकालीन पुनः ई –निविदा आमंत्रण सूचना

e – Retender reference no. WRD/MID/SAHIBGANJ/F2 – 12/2025-26 Date- 17.03.2026

1 विभाग का नाम:– जल संसाधन (लघु सिंचाई) विभाग, झारखण्ड, राँची।
2. विज्ञापन दाता का नाम एवं पता– कार्यपालक अभियंता, लघु सिंचाई प्रमंडल, साहेबगंज। मो0–9693906454
3. निविदा खोलने का स्थान– ई– प्रोक्योरमेंट सेल, मुख्य अभियंता कार्यालय, लघु सिंचाई, दुमका ।
4. कार्य की विवरणी:–

| क | योजना का नाम | प्रखण्ड | प्राक्कलित राशि (रूपये में) | अग्रधन की राशि (रूपये में) | परिमाण विपत्र का मूल्य (रूपये में) | बेबसाइट में ई–निविदा प्रकाशन की तिथि | ई–निविदा प्राप्ति की अंतिम तिथि | ई–निविदा खोलने की तिथि | कार्य पूर्ण करने की अवधि | श्रेणी |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| 1 | बाकुडीह मध्यम सिंचाई योजना का जीर्णोद्धार कार्य। | तालझारी | 12395392.00 | 248900 | 10000 | 23.03.2026 (पूर्वाहन् 10:30 बजे से) | 01.04.2026 (अपराहन् 5:00 बजे तक) | 02.04.2026 (अपराहन् 05:00 बजे) | 11 माह | योग्य श्रेणी |

नोट:– 1. केवल ई–निविदा ही स्वीकार किया जायेगा।
2. प्राक्कलित राशि घट बढ़ सकती है। अग्रघन की राशि परिमाण विपत्र की राशि के अनुसार होगी।
3. परिमाण विपत्र एवं EMD की राशि केवल online माध्यम से ही स्वीकार होगा। online माध्यम से किये गये भुगतान की पावति बेबसाइट पर आवश्यक रुप से अपलोड करेंगे।
4. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबाबदेही संबंधित निविदादाता की होगी।
5. विस्तृत जानकारी के लिए http://jharkhandtenders.gov.in_ पर लॉग ऑन करे ।

PR.NO.375435 Minor Irrigation(25-26):D
कार्यपालक अभियंता,
लघु सिंचाई प्रमंडल, साहेबगंज।

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

ବ୍ରଜରାଜନଗର/ବେଲପାହାଡ଼, ୧୮।୩(ବିଜୟ ବରାଡ଼/ସୁବାସ ପ୍ରଧାନ) ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୩୩ ଲିଟର ପରିମାଣର ମଦ ଜବତ କରାଯାଇଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ବେଲପାହାଡ଼ ଅବକାରୀ ବିଭାଗ ପକ୍ଷରୁ ବର୍ଡ଼ପ ଗ୍ରାମରେ ଚଢ଼ାଉ କରାଯାଇ ୧୬ ଲିଟର ଦେଶୀ ରନ୍ଧାମଦ ସହ ଏକ ସ୍କୁଟି ଜବତ ହୋଇଛି। ଏହି ଘଟଣାରେ ସଂସାର କାନ୍ତ ନାମକ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ଝାରସୁଗୁଡ଼ା ଅବକାରୀ ବିଭାଗ ପକ୍ଷରୁ ବ୍ରଜରାଜନଗର ଥାନା ଅନ୍ତର୍ଗତ ଲମତିବାହାଲ ଅଞ୍ଚଳରେ ଚଢ଼ାଉ କରାଯାଇ ୧୭ ଲିଟର ମଦ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ଥିବା ଗୁଡ଼ି ଯାଦବଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜିଲାରେ ବେଆଇନ ମଦ କାରବାର ରୋକିବା ପାଇଁ ଆଗାମୀ ଦିନରେ ବ୍ୟାପକ ଚଢ଼ାଉ କରାଯିବ ବୋଲି ଝାରସୁଗୁଡ଼ା ଅବକାରୀ ଅଧୀକ୍ଷକ ପ୍ରଭାତ ସେଠୀ କହିଛନ୍ତି।

### ବ୍ରାଉନ୍‌ସୁଗାର ଜବତ, ୪ ଗିରଫ

ଝାରସୁଗୁଡ଼ା,୧୮।୩(ଆଶିଷ ରଞ୍ଜନ ଦାଶ) ଝାରସୁଗୁଡ଼ା ସଦର ଥାନା ଅଧୀନ ତେଲିଭଟା କବରସ୍ଥାନ ପଡ଼ା ଅଞ୍ଚଳରୁ ପୋଲିସ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାରସୁଗୁଡ଼ା କବରସ୍ଥାନ ପଡ଼ାର ସାବାନା ଖାତୁନ, କିଶୋର ମାଳୀ, ତେଲିଭଟାର ସାହାରୁଖ ଖାନ୍, ସଲ୍‌ମାନ୍ ଖାନ୍। ସେମାନଙ୍କ ନିକଟରୁ ୧୭. ୭୦ ଗ୍ରାମ୍ ବ୍ରାଉନ୍‌ସୁଗାର, ୬ଟି ନାଇଟ୍ରାଜେପାମ ଟାବ୍‌ଲେଟ, ୬ଟି ମୋବାଇଲ ଫୋନ, ୨ ହଜାର ଟଙ୍କା ଜବତ କରାଯାଇଥିବା ନେଇ ବୁଧବାର ସଦର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ସଦର ଥାନା ଅଧୀନ ତେଲିଭଟା କବରସ୍ଥାନ ଅଞ୍ଚଳରେ ସ୍ୱତନ୍ତ୍ର ପୋଲିସ ଟିମ୍ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଏନ୍‌ଡିପିଏସ୍ ଆଇନର ପ୍ରକ୍ରିୟା ଅନୁଯାୟୀ ମାଜିଷ୍ଟ୍ରେଟ ଏବଂ ସାକ୍ଷୀଙ୍କ ଉପସ୍ଥିତିରେ ଚୋରା ସାମଗ୍ରୀ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଅଭିଯୁକ୍ତମାନେ ଏକ ଆନ୍ତଃଜିଲା ନିଶା କାରବାର ନେଟ୍‌ୱାର୍କର ଅଂଶ ଭାବରେ କାର୍ଯ୍ୟ କରୁଥିଲେ। ସେମାନେ ଗୋଟିଏ ସ୍ଥାନରୁ ଚୋରା ଦ୍ରବ୍ୟ ସଂଗ୍ରହ କରି ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ। ଏନେଇ ଥାନାରେ ମାମଲା(ନଂ.୧୩୧/୨୬) ରୁଜୁ ହୋଇଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଉମାଶଙ୍କର ସିଂ, ସଦର ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ ଉପସ୍ଥିତ ଥିଲେ।

# ଅସ୍ତିତ୍ୱ ହରାଇଛି ଶୁକର ବଜାର, ମଙ୍ଗଳ ବଜାର

ଝାରସୁଗୁଡ଼ା,୧୮।୩(ଆଶିଷ ରଞ୍ଜନ ଦାଶ)



ସଙ୍କୁଚିତ ହୋଇପଡ଼ିଥିବା ଶୁକର ବଜାର।

ଝାରସୁଗୁଡ଼ା ସହରରେ ଏବେ ସ୍ଥାନୀୟ ବଜାର ନ ଥିବାରୁ ଲୋକମାନେ ବିଭିନ୍ନ ସାମଗ୍ରୀ କିଣିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଲୱେ ବିଭାଗର ନିର୍ମାଣ କାର୍ଯ୍ୟ ଯୋଗୁ ଝାରସୁଗୁଡ଼ାର ବହୁ ପୁରାତନ ଶୁକର ବଜାର ଅସ୍ତିତ୍ୱ ହରାଇଛି। ସେହିପରି କରୋନା ପରେ ମଙ୍ଗଳ ବଜାର ମଧ୍ୟ ଅସ୍ତିତ୍ୱ ହରାଇ ସାରିଛି। ତେଣୁ ଜନସାଧାରଣଙ୍କ ସୁବିଧା ପାଇଁ ସହର ମଧ୍ୟରେ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ସ୍ଥାୟୀ ବଜାର ସୃଷ୍ଟି କରିବାକୁ ଦାବି ହେଉଛି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଏକ ଜନବହୁଳ ସହର ହୋଇଥିବାବେଳେ ରାଜ୍ୟର ଶିଳ୍ପ ହବ୍ ଭାବରେ ଧୀରେ ଧୀରେ ମୁଣ୍ଡ ଟେକୁଛି। ଏଠାରେ ବହୁସଂଖ୍ୟକ ଜନସାଧାରଣ ବସବାସ କରୁଛନ୍ତି। ହେଲେ ସେମାନେ ପନିପରିବା ସହ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ସହରରେ ଏକ ସ୍ଥାୟୀ ବଜାର ନାହିଁ। ଦୀର୍ଘ ୫୦ ବର୍ଷ ହେବ ଝାରସୁଗୁଡ଼ା ସହରବାସୀଙ୍କ ଚାହିଦା ପୂରଣ କରୁଥିଲା ଶୁକର ବଜାର। ଶୁକର ବଜାର ପାଇଁ ପୌର ପରିଷଦ ରେଲୱେ ବିଭାଗଠାରୁ ଜମି ଲିଜ୍‌ସୂତ୍ରରେ ଆଣିଥିଲା। ହେଲେ ଏହି ଲିଜ୍ ଅବଧି ୨୦୧୮ ମସିହାରେ ଶେଷ ହୋଇଯାଇଛି। ଫଳରେ ରେଲୱେ ବିଭାଗ ଉକ୍ତ ଜମିରେ ନିର୍ମାଣ କାର୍ଯ୍ୟ ଜାରି ରଖିଥିବାରୁ ଶୁକର ବଜାର ସଙ୍କୁଚିତ ହୋଇଯାଇଛି। ନିକଟରେ ଥିବା ସ୍ଥାନରେ ନାମକୁ ମାତ୍ର କେତେଜଣ ବ୍ୟବସାୟୀ ପରିବା ସହ ଅନ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି। ହେଲେ ଏହା ସହରବାସୀଙ୍କ ଚାହିଦାକୁ ପୂରଣ କରିପାରୁନାହିଁ। ଆଗାମୀ କିଛି ମାସ ମଧ୍ୟରେ ଏହି ବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ ବୋଲି ଜଣାପଡ଼ିଛି। ସେହିପରି କରୋନା ପରେ ସହର ମଧ୍ୟରେ ଥିବା ମଙ୍ଗଳ ବଜାର ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇସାରିଛି। ବର୍ତ୍ତମାନ ଝାରସୁଗୁଡ଼ାବାସୀ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଏକ ସ୍ଥାୟୀ ବଜାର ନିହାତି

### ସ୍ଥାୟୀ ବଜାର ପ୍ରତିଷ୍ଠା ଦାବି

ଆବଶ୍ୟକ ହେଉଛି। ପଡୋଶୀ ଛତିଶଗଡ, ସମ୍ବଲପୁର, ବରଗଡ଼ରୁ ବ୍ୟବସାୟୀମାନେ ଆସି ଶୁକର ବଜାର, ମଙ୍ଗଳ ବଜାରରେ ପନିପରିବା ସହିତ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିଲେ। ହେଲେ ଏହି ୨ ବଜାର ଅସ୍ତିତ୍ୱ ହରାଇଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, ସହରର ହଟଲି ପଡ଼ାଠାରେ ମଲ୍ଟି ଷ୍ଟୋରେଡ୍ କମ୍ପ୍ଲେକ୍ସ ନିର୍ମାଣ କରି ବଜାର ସୃଷ୍ଟି କରାଯିବ। ଏଥିଯୋଗୁ ସହରବାସୀଙ୍କ ସମସ୍ୟା କିଛି ପରିମାଣରେ ଦୂର ହୋଇପାରିବ। ସେହିପରି ଝାରସୁଗୁଡ଼ା ପୌର ପରିଷଦ ଉପନଗରପାଳ ବେଣୁ ଗୋପାଳ ପାଣିଗ୍ରାହୀ କହିଛନ୍ତି, ଜିଲା ପ୍ରଶାସନ ସହର ଭିତରେ ଏକ ଉପଯୁକ୍ତ ସ୍ଥାନ ନିରୂପଣ କରି ଦୈନିକ ବଜାର ପାଇଁ ପୌର ପରିଷଦକୁ ଜମି ପ୍ରଦାନ କଲେ, ପୌର ପରିଷଦ ଏକ ସ୍ଥାୟୀ ବଜାର ନିର୍ମାଣ କରିପାରନ୍ତା।

## ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ଦେବଗଡ଼,୧୮।୩(ଶଶାଙ୍କ ଶେଖର ଝାଙ୍କର) ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ଆଉଁଳି ଗ୍ରାମରେ ଯୁବକଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଆଉଁଳି ଗ୍ରାମର ରଞ୍ଜିତ ସାହୁ। ରାଜମିସ୍ତ୍ରୀ ଭାବେ କାର୍ଯ୍ୟରତ ଆଉଁଳି ଗ୍ରାମର କେଦାର ବେହେରା ସୋମବାର ସନ୍ଧ୍ୟାରେ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ରଞ୍ଜିତ ଏକ ବାଇକ୍‌ରେ ଆସି ଏଆର୍‌ସି ବେଲଛକ ନିକଟରେ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ କେଦାର ଟାଙ୍ଗିଆକୁ ହାତରେ ଧରିଦେବାରୁ ତାଙ୍କ ଛାତିରେ ସାମାନ୍ୟ ଆଘାତ ଲାଗିବା ସହିତ ଶାର୍ଟ ଚିରିଯାଇଥିଲା। ଏନେଇ କେଦାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ଝାରସୁଗୁଡ଼ା,୧୮।୩(ଆଶିଷ ରଞ୍ଜନ ଦାଶ) ଝାରସୁଗୁଡ଼ା ସଦର ବ୍ଲକ୍ ଅଞ୍ଚଳରେ ଥିବା ଏକ କମ୍ପାନୀ ସିଏସ୍‌ଆର୍ ଫଣ୍ଡର ସୁବିନିଯୋଗ ଏବଂ ସ୍ଥାନୀୟ ନିଯୁକ୍ତି ପ୍ରଦାନ ନ କରିବା ଅଭିଯୋଗରେ ମରାକୁଟା ସରପଞ୍ଚ ଓ ଗ୍ରାମବାସୀ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମରାକୁଟା ସରପଞ୍ଚ ଲିଲି ତନ୍ତୀ ଏନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ସରକାରୀ ନିୟମ ଅନୁସାରେ ଉକ୍ତ କମ୍ପାନୀ ସ୍ଥାନୀୟ ଲୋକଙ୍କୁ ୮୦% ନିଯୁକ୍ତି ଦେବା କଥା। କିନ୍ତୁ କମ୍ପାନୀ ବାହାର ଲୋକଙ୍କୁ ନିଯୁକ୍ତି ଦେଉଥିବାବେଳେ ସ୍ଥାନୀୟ ପୁରୁଣା ଶ୍ରମିକଙ୍କୁ ଦୂର ସ୍ଥାନକୁ ବଦଳି କରାଯାଉଛି। କମ୍ପାନୀରୁ ନିର୍ଗତ ଧୂଳିଧୂଆଁ ଯୋଗୁ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡୁଛି। ଏହାର ନିରାକରଣ ପାଇଁ କମ୍ପାନୀ କୌଣସି ପଦକ୍ଷେପ ନେଉନାହିଁ। ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ ଉର୍ଦ୍ଦିଷ୍ଟ ସିଏସ୍‌ଆର୍ ପାଣ୍ଠିରେ କୌଣସି ଦୃଶ୍ୟମାନ କାମ କରାଯାଇ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟଜଳ ଭଳି ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ ଅଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ବେଆଇନ ଭାବେ ଜଙ୍ଗଲ ଜମି ମାଡ଼ି ବସିଥିବା ଅଭିଯୋଗ ହୋଇଛି। ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନ କରାଯାଇ କାର୍ଯ୍ୟ ବନ୍ଦ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଝାରସୁଗୁଡ଼ା ଜିଲାରେ ନର୍ସିଂ କଲେଜ ଖୋଲାଯାଉ

ଝାରସୁଗୁଡ଼ା,୧୮।୩(ଆଶିଷ ରଞ୍ଜନ ଦାଶ) ଝାରସୁଗୁଡ଼ା ଜିଲାରେ ଏକ ନର୍ସିଂ କଲେଜ ଖୋଲିବା ପାଇଁ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ଦାବି କରିଛନ୍ତି। ଏନେଇ ସେ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲାରେ ଖଣି ଖାଦାନ ସହ ଅନେକ ଶିଳ୍ପାନୁଷ୍ଠାନ ରହିଛି। ଏସବୁ ଦୃଷ୍ଟିରୁ ଜିଲାରେ ଲୋକସଂଖ୍ୟା ବୃଦ୍ଧି ପାଉଛି। ଏଥିସହ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଜିଲାରେ ଏକ ସରକାରୀ ନର୍ସିଂ କଲେଜ ଖୋଲିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବିଧାୟକ ଦାବିପତ୍ର ଦେଉଛନ୍ତି।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜିଲାରେ ସରକାରୀ ନର୍ସିଂ କଲେଜ ନ ଥିବାରୁ ଗ୍ରାମାଞ୍ଚଳରେ ରହୁଥିବା ଯୁବତୀ, ଯୁବକ ବିଶେଷକରି ଆର୍ଥିକ ଅନଗ୍ରସର ପରିବାରର ଯୁବତୀମାନେ ନର୍ସିଂ ପାଠ ପଢ଼ିପାରୁ ନାହାନ୍ତି। ଏହାସହ ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମହିଳା ଓ ପୁରୁଷ ନର୍ସିଂ ଷ୍ଟାଫଙ୍କ ଅଭାବ ରହିଛି। ତେଣୁ ଜିଲାରେ ନର୍ସିଂ କଲେଜ ଖୋଲାଗଲେ ସମସ୍ୟାର ସମାଧାନ ହୋଇପାରିବ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଝାରସୁଗଡ଼ା,୧୮।୩(ଆଶିଷ ରଞ୍ଜନ ଦାଶ) ଝାରସୁଗୁଡ଼ା ଜିଲା କୋର୍ଟ ପରିସରରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ଲୋକନାଥ ସାହୁ ମୁଖ୍ୟବକ୍ତା ଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ବରିଷ୍ଠ ଦେୱାନି ବିଚାରପତି ଦେବଶ୍ରୀ ସାହୁ, ବିଚାରପତି ଡ. ସନ୍ଧ୍ୟା ରଥ, ବିଚାରପତି ପ୍ରତ୍ୟୁଷା କିରଣ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ଦାସ, ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗାୟତ୍ରୀ ମିଶ୍ର, କନିଷ୍ଠ ଦେୱାନି ବିଚାରପତି ମୋନାଲିସା ପ୍ରଧାନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଉପସ୍ଥିତ ଥିଲେ। କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନର ଉତ୍ପତ୍ତି, ବିଭିନ୍ନ ସମୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଅନ୍ୟାନ୍ୟ ରାୟ ଓ ଏହି ଆଇନ ବଳରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ ସମିତି, ଲୋକାଲ କମିଟିର କାର୍ଯ୍ୟ, ଏଥିରେ ଥିବା ଦଣ୍ଡବିଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା କୋର୍ଟ କର୍ମଚାରୀ, ଜିଲା ଓକିଲ ସଂଘ ସଦସ୍ୟ, ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ସଦସ୍ୟ ଯୋଗଦେଇଥିଲେ।

# ସମାଜର ପରିବର୍ତ୍ତନ ସାହିତ୍ୟରେ ପ୍ରତିଫଳନ ହୁଏ

### ଏନ୍‌ଏସ୍‌ସିବି ସରକାରୀ ମହାବିଦ୍ୟାଳୟରେ ଜାତୀୟ ସେମିନାର

ସମ୍ବଲପୁର,୧୮।୩(ଭବାନୀ ଶଙ୍କର ଭୋଇ) ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ସମାଜଶାସ୍ତ୍ର ବିଭାଗ ପକ୍ଷରୁ ବୁଧବାର ଏକବିଂଶ ଶତାବ୍ଦୀରେ ଭାରତୀୟ ସମାଜର ପରିବର୍ତ୍ତନ: ଏକ ସମାଲୋଚନାତ୍ମକ ବିଶ୍ଳେଷଣ ବିଷୟରେ ଜାତୀୟ ସେମିନାର ଆୟୋଜିତ ହୋଇଯାଇଛି। ସେମିନାରକୁ କଲେଜ ଅଧକ୍ଷ ଡା. ପ୍ରଦୀପ କୁମାର ହରପାଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଡା. ଆଦିତ୍ୟ ମେହେର କହିଥିଲେ, ସମାଜରେ ହେଉଥିବା ପରିବର୍ତ୍ତନ ସାହିତ୍ୟରେ ପ୍ରତିଫଳନ ହୋଇଛି। ଯାହା ଆମେ ଭାରତୀୟ ସାହିତ୍ୟ ମାଧ୍ୟମରେ ପରିବର୍ତ୍ତିତ ସମାଜକୁ ହୃଦୟଙ୍ଗମ କରିପାରିବା। ଅତିଥି ଡା. କୁମୁଦ ଚନ୍ଦ୍ର ପାଣିଗ୍ରାହୀ ଗ୍ରାମ୍ୟ ସମାଜରେ ଜୀବନ ଯାପନ ଶୈଳୀ ଉପରେ କହିଥିଲେ। ମୁଖ୍ୟବକ୍ତା ସନିରାମ କେରକେଟ୍ଟା ଆଦିବାସୀଙ୍କ ଶିକ୍ଷା ଏବଂ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଗ୍ଲୋବାଲାଇଜେଶନ, ଡିଜିଟାଲାଇଜେଶନ, ସାମାଜିକ ବୈଷମତା, ସାଂସ୍କୃତିକ ପରିବର୍ତ୍ତନ ଯୋଗୁ ଭାରତୀୟ ସମାଜରେ ପରିବର୍ତ୍ତନ ଘଟିଚାଲିଥିବା ଅତିଥିମାନେ କହିଥିଲେ। ବିଭାଗ ମୁଖ୍ୟ ଡ. ରଘୁମଣି ନାୟକ ସମାଜର ଖୋଦେଇଥିବା ପରିବର୍ତ୍ତନ ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ପେପର ପ୍ରେଜେଣ୍ଟେଶନ, ପ୍ୟାନେଲ ଚର୍ଚ୍ଚା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ କିରଣ କୁମାର ଜାମଡାଲିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଆକାଶ ମାର୍ଗରୁ ସମ୍ବଲପୁରରେ ଖଣିଜ ସମ୍ପଦର ସନ୍ଧାନ

ସମ୍ବଲପୁର,୧୮।୩(ପ୍ରମୋଦ ବହିଦାର): ସମ୍ବଲପୁର ସହର ଓ ଏହାର ଆଖାପାଖ ଅଞ୍ଚଳର ଆକାଶରେ ଗତ କିଛିଦିନ ହେଲା ଦୁଇଟି ସ୍ୱତନ୍ତ୍ର ବିମାନ ଉଡୁଥିବା ଦେଖିବାକୁ ମିଳିଛି। ତେବେ ଏହା ଭାରତୀୟ ଭୂତତ୍ତ୍ୱ ସର୍ବେକ୍ଷଣ(ଜିଆଇଏସ୍) ବିଭାଗ ପକ୍ଷରୁ ଆକାଶ ମାର୍ଗରୁ ଏଅଞ୍ଚଳରେ ବିରଳ ଖଣିଜ ସମ୍ପଦର ସନ୍ଧାନ କରାଯାଉଥିବା ଜଣାପଡ଼ିଛି। ବିଶେଷ କରି ମହାନଦୀ ଅବବାହିକା ଓ ରେଢ଼ାଖୋଲ ମାଳଭୂମିରେ ଏହି ସର୍ବେକ୍ଷଣ ଚାଲିଛି। ଏ ସମ୍ପର୍କରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଭାରତ ସରକାରଙ୍କ ପକ୍ଷରୁ ଏହି ସର୍ବେକ୍ଷଣ କାର୍ଯ୍ୟ କେବଳ ଓଡ଼ିଶା ବା ସମ୍ବଲପୁର ଜିଲା ନୁହେଁ ବରଂ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ମଧ୍ୟ ଜାରି ରହିଛି। ବର୍ତ୍ତମାନ ଏଭଳି ବିରଳ ଖଣିଜ ସମ୍ପଦ ସନ୍ଧାନ ପାଇଁ ସମଗ୍ର ଭାରତ ବର୍ଷରେ ସର୍ବେକ୍ଷଣ ଚାଲିଛି। ବର୍ତ୍ତମାନ ଏହି ତିନି ରାଜ୍ୟରେ ବିରଳ ଖଣିଜ ସମ୍ପଦର ସନ୍ଧାନ ପାଇଁ ସର୍ବେକ୍ଷଣ ଚାଲିଥିବାରୁ ଜିଆଇଏସ୍ ବୈଜ୍ଞାନିକମାନେ ଦୁଇଟି ସ୍ୱତନ୍ତ୍ର ବିମାନ ବ୍ୟବହାର କରୁଛନ୍ତି। ଜମାଦାରପାଲି ବିମାନ ଅବତରଣ କେନ୍ଦ୍ରଟି ଉପଯୁକ୍ତ ହୋଇଥିବାରୁ ବୈଜ୍ଞାନିକମାନେ ଏହାକୁ ବ୍ୟବହାର କରୁଛନ୍ତି। ଏ ସମ୍ପର୍କରେ ସେମାନେ ଜିଲା ପ୍ରଶାସନକୁ ବିଧିବଦ୍ଧଭାବେ ସୂଚନା ପ୍ରଦାନ କରିଛନ୍ତି।

## ଗଣ୍ଡା ସମାଜ କଲ୍ୟାଣ ପରିଷଦ ସ୍ଥାପନା ଦିବସ ପାଳିତ

ସମ୍ବଲପୁର,୧୮।୩(ପ୍ରମୋଦ ବହିଦାର): ସମ୍ବଲପୁର ଗଣ୍ଡା ସମାଜ କଲ୍ୟାଣ ପରିଷଦର ୨୭ତମ ସ୍ଥାପନ ଦିବସ ପାଳିତ ହୋଇଯାଇଛି। ବୁର୍ଲାଠାରେ ପରିଷଦ ସଭାପତି ନିହାଲ ସିଂଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ସମ୍ବିଧାନ ପ୍ରଣେତା ଡ. ବି.ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ବୁଧବାର ସକାଳେ ଉପସଭାପତି ରାମକୃଷ୍ଣ ଶାସନି, ସଙ୍ଗଠନ ସମ୍ପାଦିକା ଯମୁନା ଶିକା, ନାରାୟଣ ବାରିକ ଓ କ୍ଷିରୋଦ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବୁର୍ଲା ସହର ପରିକ୍ରମା କରିବା ପରେ ସଭା ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ମୁଖ୍ୟବକ୍ତାଭାବେ ପ୍ରତିଷ୍ଠାତା ସଭାପତି ତଥା ଉପଦେଷ୍ଟା ମିନିକେତନ ବାଦି, ସମ୍ମାନିତ ଅତିଥିଭାବେ ଆଶୁକବି ଗଦାଧର ନିଆଲ, ରୂପାଞ୍ଜଳି ରଣବିଡ଼ା, ଗୌରହରି ସେନାପତି, ଲିଙ୍ଗରାଜ ବାଗ, ଝସକେତନ ଦୀପ ଓ ଡ. ଶ୍ରୀହରି ନାଗ ଉପସ୍ଥିତ ରହି ସମାଜର ଉନ୍ନତି ଓ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସଭାପତି ଶିବଶଙ୍କର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା।


**OFFICE OF THE SUPERINTENDING ENGINEER**
**EARTH DAM DIVISION**
At/P.O.: Chitrakonda, Dist.: Malkangiri
E-mail: executiveengineereddckd@gmail.com
**QUOTATION CALL NOTICE No. 02/2025-26 (Vehicle)**

No. 32001/208/2526: Sealed quotations are inivted from interested reputed service provider for providing 01 (One) No. of (1) AC Diesel/Petrol driven vehicle (Scorpio/Creta/Mahindra Marazzo) for Chief Construction Engineer, Potteru Irrigation Project, Balimela, (2) AC Diesel/Petrol Driven Vehicle (Tuv300/Bolero/Sumo Gold/Ertiga) for Superintending Engineer, Earth Dam Division, Chitrakonda, (3) AC Diesel/Petrol Driven Vehicle (Bolero) for Sub-Divisional Officer, Earth Dam Sub-Division No. I & II, Chitrakonda and (4) AC Diesel/Petrol Driven Vehicle (Bolero) Sub-Divisional Officer, Earth Dam Sub-Division No. III, Malkangiri for the year 2026-27 (Period from 01.04.2026 to 31.03.2027) for official use having seating capacity not more than ten including Driver, which shall confirm to the terms and conditions (Annexure-II) on monthly rent basis. The bidder(s) can furnish offer for one or more vehicles but separate application form for individual vehicle should be frunished.

1. The application form of quotation containing General Bid Information & Terms and Conditions for hiring of vehicles etc. will be available with the cashier of this office and can be obtained from 20.03.2026 from 10.00 A.M. to 26.03.2026 upto 5.00 P.M. on the working days during working hour on payment of Rs.100/- (One hundred) only per set.
2. The completed quotation in all respect should reach the undersigned on or before 30.03.2026 by 1.30 P.M. and shall be opened on same day at 4.00 P.M.
3. The authority reserves the right to reject any or all quotations without assigning any reason thereof.
4. Further details can be seen in the website Govt. of Odisha **www.odisha.gov.in**.

**Sd./- Superintending Engineer**
**Earth Dam Division, Chitrakonda**
OIPR-32001/32019/1/25-26/0004



**GOVERNMENT OF ODISHA** No. 25001/342/2526
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II, MALKANGIRI**
E-mail: ruralworksdivisioniimalkangiri@yahoo.in
**INVITATION FOR BIDS (SHORT NOTICE)**
**"E" PROCUREMENT NOTICE NO. RWDSE_MKG_II_ONLINE_23/2025-26**

1. Name of the Work : Roads works in the Distirict of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.15.30 Lakhs
4. Period of Completion : As specified in the Annexure
5. Class of Contractor : As specified in the Annexure
6. Cost ot Tender Paper : Cost of tender is to be remitted ONLINE as specified in Column-6 of the Annexure
7. Details Projects : As specified in the Annexure

**Other details as follows** :
a) Procurement Officer : Superintending Engineeer, Rural Works Division-II, Malkangiri
b) Availability of Tender Online : 18.03.2026 at 11.00 A.M. to 23.03.2026 upto 5.30 P.M.
c) Last date & time of seeking of tender clarification : 20.03.2026 upto 5.00 P.M.
d) Technical Bid Opening : 24.03.2026 at 11.00 A.M.
e) Financial Bid Opening : To be intimated Separately
f) Decision to conduct Lottery : If required to decide the agency, transparent Lottery shall be conducted on date 25.03.2026 at 11.00 A.M. in Office Chamber of the undersigned.

Further details can be seen from the Govt. website **www.tendersorissa.gov.in**.
OIPR-25001/25079/1/25-26/0026 **Sd./- Rural Works Divison-II, Malkangiri**



**OFFICE OF THE CHIEF ENGINEER MEGALIFT, BHUBANESWAR**
Plot No. A-8/2, 1st Floor, Bhoi Nagar, Bhubaneswar - 751022 (Odisha)
**ମୁଖ୍ୟଯନ୍ତ୍ରୀ, ବୃହତ୍ ଉଠା ଜଳସେଚନଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର**
ପ୍ଲଟ ନଂ. ଏ-୮/୨, ପ୍ରଥମ ମହଲା, ଭୋଇ ନଗର, ଭୁବନେଶ୍ୱର – ୭୫୧୦୨୨ (ଓଡ଼ିଶା)
e-mail: cemegalift-eicwr.od@nic.in, Ph.: 91-0674-2567252, Fax: 91-0674-2567258
**No. 2219** **Dated: 16.03.26**
**Tender Cancellation Notice**
**Bid Identification No. 06ML/2025-26**
No. 32001/209/2526: The tender for the work "Appointment of Proof Engineering Consultant (PEC) for implementation of Mega Lift Projects in Cluster No. XXVI" invited vide Bid Identification No. 06ML/2025-26 is hereby cancelled in accordance with direction communicated vide DoWR Ltr No. 8162 Dt.16.03.2026.
**Sd./- Chief Engineer, Megalift, Bhubaneswar**
OIPR-32001/32504/1/25-26/0002



**PANCHAYAT SAMITI OFFICE, JHARSUGUDA**
**TENDER CALL NOTICE**
**No. 820** **Date: 16.03.26**
No. 19001/86/2526: The Block Development Officer, Jharsuguda invites sealed tenders on percentage rate basis for 05 (Five) Nos. of projects. The sale of bid documents will be available in website of Jharsuguda **https://jharsuguda.odisha.gov.in** from Dt.18.03.26 to Dt.06.04.26 and receipt of the bid documents starts from Dt.18.03.26 to Dt.06.04.26 upto 5.30 P.M. on all working days in the office of the Panchayat Samiti, Jharsuguda. The bid will be opened on Dt.07.04.26 at 11.00 A.M. Intending Class "C" & "D" Class contractors may visit website of Jharsuguda **https://jharsuguda.odisha.gov.in** for details information.
**Sd./- Block Development Officer, Jharsuguda**
OIPR-19001/19363/1/25-26/0001



**OFFICE OF THE CDM & PHO, JHARSUGUDA**
**RFP No. 820** **Date: 13.03.26**
**REQUEST FOR PROPOSAL (RFP)**
No. 10001/126/2526: Sealed proposals are invited from intending eligible NGOs/Trusts for Operation and Management of "Maternity Waiting Home (Maa Gruhas)" under DMF, Jharsuguda. The willing NGOs/Trusts are requested to submit sealed proposals as per the RFP on or before 02.04.2026 till 5.00 P.M. through Registered Post/Speed Post/Courier only. The detailed RFP document and terms conditions is available in the district website **www.jharsuguda.odisha.gov.in**. The office will not entertain any tender after the due date/time fixed for any circumstances. The undersigned reserves the right to reject any or whole RFP without assigning any reason thereof.
**Sd./- CDM&PHO, Jharsuguda**
OIPR-10001/10037/1/25-26/0011



**OFFICE OF THE SUPERINTENDING ENGINEER**
**KHORDHA (R&B) DIVISION, KHORDHA**
**INVITATION FOR BIDS (IFB)**
E-mail: pwdoff_khd@yahoo.com
**QUOTATION CALL NOTICE**
**Quotation Bid Identification No. S.E.-KHD-(R&B)-4/2025-26**
**Letter No. 1118** **Dtd.16.03.2026**
No. 34001/214/2526: The Superintending Engineer, Khordha (R&B) Division, Khorhda on behalf of Governor of Odisha invites Quotation rate bid in Single Cover system in ONLINE MODE from eligible class of contractors having valid registration certificate for execution of the works as detailed below:

1. Nature of Work : Electrical Works
2. No. of Work : 03 Nos.
3. Cost of Quotation Bid Document : Sl. No. 01 to 02 Rs.6000.00 (Online) Sl. No. 03 - Rs.600.00 (Online)
4. Class of Contractor : Original Equipment Manufacturer (OEM)/Registered Firm/MV&HT
5. Available of Quotation Bid documents in the Website : From 11.30 A.M. of Dt.18.03.2026 to 1.30 P.M. Dt.26.03.2026
6. Opening of Quotation Bids : Dt.26.03.2026 at 4.30 P.M.
7. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum/Corrigendum/Cancellation of tender can be available in the said website.

**Sd./- Superintending Engineer**
OIPR-34001/34095/1/25-26/0005 **Khurda (R&B) Division, Khurda**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION, KUCHINDA**
e-Mail: eerw_kuchinda@yahoo.com
**Identification No.Online Tender/25/RWD,Kuchinda/2025-26**
No.25001/345/2526 Letter No.............Date...................

| | | | |
|---|---|---|---|
| 1. | The Superintending Engineer, Rural Works Division, Kuchinda behalf of the Governor of Odisha invites percentage rate bids to be received in ONLINE MODE only for Road Works. | | |
| 2. | No. of Work | : | 01 No. |
| 3. | Nature of Work | : | Road Repair |
| 4. | Class of Contractor | : | "D", "C" |
| 5. | Approx Value of Work | : | 17.94 |
| 6. | Tender Cost | : | Rs.6000/- |
| 7. | Availability of Bid documents in the website | : | 18.03.2026 at 11 A.M. to 24.03.2026 at 4.00 P.M. |
| 8. | Last date & time for seeking clarification | : | 23.03.2026 at 5.00 P.M. |
| 9. | Date of Opening of Bid | : | 24.03.2026 at 5.00 P.M. |
| 10. | Other details can be seen in the Building documents from the website: https://tendersodisha.gov.in | | |

**Sd./-Superintending Engineer**
**Rural Works Division,**
**Kuchinda**
OIPR-25001/25151/1/25-26/0024



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO.I, BERHAMPUR**
Phone/Fax: (0680) 2233683, e-mail: sernb1.ganjam@yahoo.com
No. 34001/218/2526 **"e" Procurement Notice**
**Bid Identification No. SE R&B Divn. No. I Bam 70/2025-26**
**Lr. No. 3806** **Dtd.16.03.2026**

Name of Work : E.I. Works
No. of Works : 07 (Seven) Nos.
Estimated Cost : Approximately Rs.5.88 to 38.66 lakh
Period of Completion : One to Three Calendar Months
Date and time of availability of bid document in the portal : From 10.00 hours of 20.03.2026 to 16.00 hours of 29.03.2026.
Last date/time for receipt of bids in the portal : Upto 16.00 hours of 29.03.2026
Name & address of the Officer Inviting Bid : Superintending Engineer, Ganjam (R&B) Division No. I, Berhampur
Further details can be seen from the e-Procurement portal **https://tendersodisha.gov.in**.

**Sd./- Superintending Engineer**
**Ganjam (R&B) Division No. I**
**Berhampur**
OIPR-34001/34109/1/25-26/0034

**କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ପ୍ରସ୍ତୁତି ବୈଠକ**

ବରପାଲି (ଚିତ୍ତରଞ୍ଜନ ସାହୁ): କବି ତୀର୍ଥ ବରପାଲିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଗଙ୍ଗାଧର ମେହେର କ୍ଲବର ସଭାପତି ନରେନ୍ଦ୍ର କୁମାର ହୋତା ସଭାପତିତ୍ୱ କରିଥିଲେ। ଆସନ୍ତା ୧୯ ତାରିଖରେ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ଓ ମୁଖ୍ୟ ବକ୍ତା ଭାବେ ବବୁ ବାହନ ମହାପାତ୍ର ଓ ସମ୍ମାନିତ ବକ୍ତା ଭାବେ ମିନତୀ ମିଶ୍ର ଯୋଗ ଦେବେ।

# ନାବାଳିକା ଅପହରଣ ଅଭିଯୋଗ, ଅଭିଯୁକ୍ତ ଗିରଫ

**ପାଇକମାଳ, ୧୮।୩(ବଡ଼ ଶତପଥୀ):** ପାଇକମାଳ ବ୍ଲକରେ ପୁଣି ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସ୍ଥାନୀୟ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ପଦ୍ମପୁର କୋର୍ଟକୁ ପଠାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ଦେବାର୍ଚ୍ଚନ ଦିଶ୍ରୀ (୨୨)। ସେ ଗତ ୯ ତାରିଖରେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରଥମେ ବରଗଡ଼ ଓ ପରେ ତାମିଲନାଡୁ ନେଇଯାଇଥିଲେ। ସେଠାରେ ସାତଦିନ ରହିଲା ପରେ ଗତ ମଙ୍ଗଳବାର ନାବାଳିକାଙ୍କୁ ନିଜ ଗାଁରେ ଆଣି ଛାଡ଼ିଦେଇଥିଲେ। ଏହି ବିଷୟରେ କାହାକୁ କହିଲେ ଜୀବନରେ ମାରିଦେବି ବୋଲି ଅଭିଯୁକ୍ତ ଧମକ ଦେଇଥିଲେ। ନାବାଳିକା ଜଣକ ଘରକୁ ଆସିଲା ପରେ ତାଙ୍କ ବାପାଙ୍କୁ ସବୁ କଥା ଜଣାଇଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପାଇକମାଳ ଥାନା ପୋଲିସ ଏକ ମାମଲା(ନଂ.୫୭/୨୬) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ଏହି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ମହାପ୍ରଭୁଙ୍କ ଜମିର ଧାନବିକ୍ରି ପଞ୍ଜୀକରଣକୁ ନା

- ଏବେଠାରୁ ଘାରିଲାଣି ଧାନବିକ୍ରି ଚିନ୍ତା
- ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

**ବରଗଡ଼,୧୮।୩(ପ୍ରେମାନନ୍ଦ ଖମାରୀ)**

ରବିଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଚାଷୀଙ୍କ ଧାନବିକ୍ରି ପଞ୍ଜୀକରଣ ଚାଲିଛି। ଶୁକ୍ରବାର ଏଥିପାଇଁ ଆବେଦନ ଅବଧି ସରିଯିବ। ଅନ୍ୟପଟେ ବରଗଡ଼ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ଖରିଫ ଧାନ ବିକ୍ରି କରି ପାରି ନ ଥିବାରୁ ରବିଧାନ ବିକ୍ରି ପଞ୍ଜୀକରଣ ପାଇଁ ଆବେଦନ କରି ପାରି ନାହାନ୍ତି। ଏଭଳି ସ୍ଥିତିରେ ପଞ୍ଜୀକରଣ ଅବଧିକୁ ଆହୁରି ଏକମାସ ବୃଦ୍ଧି କରିବାକୁ ବିଭିନ୍ନ ଚାଷୀ ସଂଗଠନ ଦାବି କରିଆସୁଛନ୍ତି। ତେବେ ଦେବଦେବୀ ତଥା ମହାପ୍ରଭୁଙ୍କ ନାମରେ ରହିଥିବା ଜମିକୁ ଚାଷ କରୁଥିବା ଚାଷୀଙ୍କୁ ଧାନବିକ୍ରି ପଞ୍ଜୀକରଣ ଅଡୁଆ ସାଜିଛି। ସେଭଳି ଜମିର ଧାନବିକ୍ରି ପଞ୍ଜୀକରଣ ପାଇଁ କୌଣସି ସରକାରୀ ନିର୍ଦ୍ଦେଶ ନାହିଁ କହି ଦାୟିତ୍ୱରେ ରହିଥିବା ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀମାନେ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

ସିଧାସଳଖ ମନା କରି ଦେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଦେବଦେବୀଙ୍କ ନାମରେ ରହିଥିବା ଜମିକୁ ଚାଷ କରୁଥିବା ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

ଏହି କ୍ରମରେ ଗୁରୁବାର ଜିଲାର ଭେଡେନ ତହସିଲ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଦେବଦେବୀଙ୍କ ନାମରେ ରହିଥିବା ଜମିର ଧାନବିକ୍ରି ପଞ୍ଜୀକରଣ କରିବା ଦିଗରେ ବିହିତ ପଦକ୍ଷେପ ନେବା ଦାବିରେ ସେମାନେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଦେବୋତ୍ତର ବିଭାଗ ତଥା ବିଭିନ୍ନ ଦେବଦେବୀ, ମହାପ୍ରଭୁଙ୍କ ନାମରେ ରହିଥିବା ଜମିରେ ସେମାନେ ଦୀର୍ଘବର୍ଷ ହେଲା ଧାନଚାଷ କରିଆସୁଛନ୍ତି। ସେଥିରୁ ଅମଳ ଧାନରୁ ଭୋଗ ପ୍ରସ୍ତୁତ କରି ଦେବଦେବୀ, ମହାପ୍ରଭୁଙ୍କ ନିୟମିତ ୨ଥର ଭୋଗ ଅର୍ପଣ କରି ଆସୁଛନ୍ତି। ଏହା ସହିତ ବଳକା ଧାନକୁ ସରକାରଙ୍କ ନୀତି ନିୟମାନୁଯାୟୀ, ପଞ୍ଜୀକରଣ କରି ସରକାରଙ୍କ ନିର୍ଦ୍ଧାରିତ ସରକାରୀ ସହାୟକ ମୂଲ୍ୟରେ ବିକ୍ରି କରି ଆସୁଥିଲେ। ମାତ୍ର ଏଥର ଦେବଦେବୀ, ମହାପ୍ରଭୁଙ୍କ ନାମରେ ରହିଥିବା ଜମିର ଧାନବିକ୍ରି ପଞ୍ଜୀକରଣ ପାଇଁ ପ୍ରାଥମିକ କୃଷି ସମବାୟ ସମିତିର କର୍ମଚାରୀମାନେ ମୌଖିକଭାବେ ମନା କରି ଦେଉଛନ୍ତି। ତେବେ ସେଭଳି କଟକଣା ପାଇଁ କିଛି ସରକାରୀ ନିର୍ଦ୍ଦେଶନାମା ରହିଛି କି ବୋଲି ପଚାରିଲେ ବିଭାଗୀୟ କର୍ମଚାରୀମାନେ କିଛି ସ୍ପଷ୍ଟୀକରଣ ଦେଉନାହାନ୍ତି କିମ୍ବା ସେଭଳି କିଛି ନିର୍ଦ୍ଦେଶନାମା ମଧ୍ୟ ଦେଖାଉ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ପଡ଼ୋଶୀ ସମ୍ବଲପୁର, ସୁବର୍ଣ୍ଣପୁର ଜିଲାରେ ଦେବୋତ୍ତର ବିଭାଗ ତଥା ଦେବଦେବୀ, ମହାପ୍ରଭୁଙ୍କ ନାମରେ ରହିଥିବା ଜମିର ଧାନବିକ୍ରି ପଞ୍ଜୀକରଣ ହେଉଛି ବୋଲି ଚାଷୀମାନେ କହିଛନ୍ତି। ଏହି କ୍ରମରେ ବରଗଡ଼ ଜିଲାର ଚାଷୀଙ୍କୁ ମଧ୍ୟ ସେଭଳି ଧାନବିକ୍ରି ପଞ୍ଜୀକରଣର ସୁଯୋଗ ଦେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଭେଡେନ ବ୍ଲକ ସିଂହେନପାଲିର ଜଗଦୀଶ ମହାପାତ୍ର, ଅଲେଖ ମହାପାତ୍ର, ଭେଡେନର ଅନ୍ତର୍ଯ୍ୟାମୀ ଦେହେରୀ, ଶରତ ମହାପାତ୍ର, ଆନନ୍ଦ ମହାପାତ୍ର, ଦିପକ ଦାଶ, ଟିକେଶ୍ୱର ଦେହେରୀଙ୍କ ସମେତ ଅନେକ ଚାଷୀ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ରଥଯାତ୍ରା ପାଇଁ ରଥକାଠ କଟା ଆରମ୍ଭ



**ହରଭଙ୍ଗା,୧୮।୩ (ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲାରୁ ପ୍ରତିବର୍ଷ ପୁରୀକୁ ରଥକାଠ ଯାଉଥିବା ବେଳେ ଚଳିତ ବର୍ଷ ପାଇଁ ମଧ୍ୟ ବୁଧବାର ରଥକାଠ କଟା ଆରମ୍ଭ ହୋଇଛି । ଜିଲ୍ଲାର ମାଧପୁର ରେଞ୍ଜ୍ ଅଧୀନ ମୁଣ୍ଡେଶ୍ୱେର ଜଙ୍ଗଲରେ ପୂଜାର୍ଚ୍ଚନା କରି ଅସନ, ଧଉରା, ଫାସୀ ଓ ଶିମିଳି ପରି ମୂଲ୍ୟବାନ୍ କାଠ କଟା ଆରମ୍ଭ କରାଯାଇଛି। ବୌଦ୍ଧ ଡିଏଫ୍‌ଓ ରାଜେନ୍ଦ୍ର ଗୋଚ୍ଛାୟତ, ମାଧପୁର ରେଞ୍ଜ୍ ଅଧିକାରୀ ଆସିକ ଡିଗାଲ, ବାରିଙ୍ଗ ବିଟ୍‌ର ଫରେଷ୍ଟ ଗାର୍ଡ ବୀଣାପାଣି ଖଟୁଆ ଓ ବାରିଙ୍ଗ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ବୌଦ୍ଧ ଜିଲାର ପାଞ୍ଚଟି ରେଞ୍ଜ୍ ମାଧପୁର, ପୁରୁଣା କଟକ, ବୌଦ୍ଧ, ମନମୁଣ୍ଡା ଓ କଣ୍ଟାମାଳରୁ ମୋଟ ୨୦୦ ଖଣ୍ଡ ରଥକାଠ ପୁରୀ ପଠାଯିବାକୁ ରହିଛି। ଏଥିରୁ ମାଧପୁର ରେଞ୍ଜରୁ ପ୍ରାୟ ୫୦ ଖଣ୍ଡ ଅସନ ଓ ଧଉରା କାଠ ଯୋଗାଣ ହେବ।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବରଗଡ଼,୧୮।୩ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାରେ ଗୁରୁବାର ଅମ୍ବାଭୋନା ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏବିଇଓ ଲାଲ ମୋହନ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଅନ୍ତର୍ନିବେଶୀ ଶିକ୍ଷାର ବ୍ଲକ ସମ୍ବଳ ଶିକ୍ଷକ ରମେଶ ମେହେର, ଜନତା ହାଇସ୍କୁଲ ଭୁକ୍ତାର ଶିକ୍ଷକ ଈଶ୍ୱର ପଧାନ, ସାଧନ କର୍ମୀ ଜନକରାମ ବାରିକ ଓ ବଳରାମ ଦରଦମେଘ ମଞ୍ଚାସୀନ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମାତାପିତା, ବ୍ଲକର ଉଚ୍ଚ ବିଦ୍ୟାଳୟ ଓ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଶିଶୁଙ୍କ ଚିହ୍ନଟକରଣ ଓ ଶିକ୍ଷା କ୍ଷେତ୍ରରେ ସେମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ତର୍ନିବେଶୀ ଶିକ୍ଷାର ବ୍ଲକ ସମ୍ବଳ ଶିକ୍ଷକ ପ୍ରିୟ ରଞ୍ଜନ ଦୋରା, ସେଚ୍ଛାସେବୀ ସାଧୀନ ମେହେର, ହୃଷିକେଶ ପଧାନ, ପରୀକ୍ଷିତ କଉଡ଼ି ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ସିଆରସିସି କେଦାର ନାଏକ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୬ ବର୍ଷରୁ କମ୍ ବୟସ କ୍ରିକେଟ, ୨୦ରୁ ଖେଳାଳିଙ୍କ ପଞ୍ଜୀକରଣ

**ବରଗଡ,୧୮।୩(ପ୍ରେମାନନ୍ଦ ଖମାରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଚଳିତ ମାସ ଶେଷ ସପ୍ତାହରେ ହେବାକୁ ଥିବା ଆନ୍ତଃଜିଲା ୧୬ ବର୍ଷରୁ କମ ବୟସ ବର୍ଗର କ୍ରିକେଟ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲା ଜୁନିୟର କ୍ରିକେଟ ଖେଳାଳିମାନଙ୍କ ପଞ୍ଜୀକରଣ ଆସନ୍ତା ୨୦ତାରିଖରୁ ଆରମ୍ଭ ହୋଇ ୨୫ ତାରିଖ ସମାପ୍ତ ହେବ। ଏହି ପ୍ରତିଯୋଗିତାରେ ୨୦୧୦ ସେପ୍ଟେମ୍ବର ୧ତାରିଖରୁ ୨୦୧୨ ସେପ୍ଟେମ୍ବର ୧ତାରିଖ ମଧ୍ୟରେ ଜନ୍ମ ହୋଇଥିବା ଖେଳାଳି ଭାଗ ନେଇ ପାରିବେ। ଖେଳାଳିମାନେ ନିଜର ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ୨ବର୍ଷର ମାର୍କସିଟ, ସ୍କୁଲ ବୋନାଫାଇଡ ସାର୍ଟିଫିକେଟର ପିଡିଏଫ ଫାଇଲ କରି ରଜତ କୁମାର ଦାଶ, ମନୋଜ ପାତ୍ରଙ୍କ ମୋବାଇଲ ନମ୍ବରକୁ ପଠାଇବା ପାଇଁ ବରଗଡ଼ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁରୋଧ କରାଯାଇଛି। ଯେଉଁ ଖେଳାଳି ଜୁନିୟର ଇଣ୍ଟ୍ରା କ୍ଲବ କିମ୍ବା ଆନ୍ତଃ ଜିଲା ସ୍କୁଲ ପ୍ରତିଯୋଗିତାରେ ଭାଗ ନେଇଥିବେ ଏବଂ ଉପରୋକ୍ତ ବୟସ ବର୍ଗରେ ଅଛନ୍ତି, ସେମାନେ ଖେଳି ପାରିବେ। ଯେଉଁ ବାହାର ରାଜ୍ୟ ଖେଳାଳି ଥିବେ, ସେମାନେ ଜିଲାରେ ବର୍ଷେ ଅବଧି ରହି ସାରିଥିଲେ ସେମାନେ ଏକ ବର୍ଷର ବାସିନ୍ଦା ସାର୍ଟିଫିକେଟ, ନିଜ ବାପାଙ୍କ ଚାକିରି କରୁଥିବା ସାର୍ଟିଫିକେଟ, ପାଠ ପଢୁଥିବା ପ୍ରମାଣ ପତ୍ର, ପାସପୋର୍ଟ ଦେଇ ଭାଗ ନେଇ ପାରିବେ। ଯେଉଁ ଖେଳାଳି ଅନ୍ୟ ଜିଲା କିମ୍ବା ଅନ୍ୟ ରାଜ୍ୟ ପାଇଁ ଖେଳିଥିବେ, ସେ ଏନ୍‌ଓସି ଦେଇ ପଞ୍ଜୀକରଣ କରିପାରିବେ ବୋଲି ଜିଲା କ୍ରିକେଟ ଆସୋସିଏଶନ ସୂଚନା ଦେଇଛି।

# ବିଦ୍ୟୁତ୍ ଗ୍ରୀଡ୍ କାର୍ଯ୍ୟକ୍ଷମ ଦାବିରେ ରାସ୍ତାରୋକୋ



ଗ୍ରୀଡ୍ କାର୍ଯ୍ୟକ୍ଷମ ଦାବିରେ ରାସ୍ତାରୋକୋ।

**ବରଗଡ଼,୧୮।୩ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପଦ୍ମପୁର-ବିଜେପୁର ରାସ୍ତାର ବାଦିପାଲିରେ ନିର୍ମାଣାଧୀନ ବିଦ୍ୟୁତ୍ ଗ୍ରୀଡ୍‌କୁ କାର୍ଯ୍ୟକ୍ଷମ କରିବା ଦାବି ଜୋର୍ ଧରିଛି। ଏହି ଦାବି ନେଇ ଗୁରୁବାର ଅଞ୍ଚଳବାସୀ ଉକ୍ତ ଗ୍ରୀଡ୍ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଖବର ପାଇ ବିଜେପୁର ତହସିଲଦାର, ବିଭାଗୀୟ ଏସ୍‌ଡିଓ, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଅଞ୍ଚଳବାସୀ ଗ୍ରୀଡ୍ କାର୍ଯ୍ୟକ୍ଷମ କରାଯାଉ ଏବଂ ଧାନଚାଷ ବଞ୍ଚାଯାଉ ବୋଲି ଅଟଳ ରହିବାରୁ ଆସନ୍ତା ୩୦ ତାରିଖ ସୁଦ୍ଧା ତାହା କାର୍ଯ୍ୟକ୍ଷମ କରିବା ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ଅଧିକାରୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ବାଦିପାଲିକୁ ଅନ୍ୟ ଏକ ଫିଟର ଦେବା, ଆଗରୁ ମୃତ୍ୟୁବରଣ କରିଥିବା ପରିବାରକୁ ତୁରନ୍ତ କ୍ଷତିପୂରଣ ଦେବା ଏବଂ ଲୋ ଭୋଲ୍‌ଟେଜ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଫଳରେ ଆନ୍ଦୋଳନକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ବୋଲି ପାର୍ବତୀ ଗିରି କୃଷକ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଆନ୍ଦୋଳନରେ ସାମିଲ ହୋଇ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, ଅଜିତ ଶତପଥି, କିଶୋର ସାହୁ, ରବିଶଙ୍କର ପଧାନ, ଅରବିନ୍ଦ ପଣ୍ଡା, ସରୋଜ ସାହୁ, ଆନନ୍ଦ ପଧାନ ସମର୍ଥନ ଦେଇଥିବା ବେଳେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମଧ୍ୟ ଆନ୍ଦୋଳନସ୍ଥଳୀରେ ଯୋଗ ଦେଥିଲେ। କ୍ଷୀରସିନ୍ଧୁ ବଗର୍ତ୍ତୀ, ସାମନ୍ତ ସାହୁ, ସୁନୀଲ ମହାପାତ୍ର, ଖୁଦିରାମ ବଗର୍ତ୍ତୀ, ଯୁବରାଜ ଗିରି, ରାଜେଶ ସାହୁ, ବିଡ଼ିଓ ସାହୁ, ନିର୍ମଳ ସାହୁ ଏବଂ ଶେଷ ପଧାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସୂଚନା ଅନୁଯାୟୀ, ବିଜେପୁର ବ୍ଲକରେ ଲୋ ଭୋଲଟାଜ ଏବଂ ଅଘୋଷିତ ବିଦ୍ୟୁତ କାଟ ରୋକିବା ପାଇଁ ୨୦୨୪ ମସିହାରୁ ଏହି ନୂତନ ଗ୍ରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରି ନାହିଁ। ଠିକାଦାରଙ୍କ ଅବହେଳା ଯୋଗୁ ତାହା କାର୍ଯ୍ୟକ୍ଷମ ହୋଇ ପାରି ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେବେ ଗ୍ରୀଡ଼କୁ କାର୍ଯ୍ୟକ୍ଷମ କରିବା ପାଇଁ ସ୍ଥାନୀୟ ଲୋକେ ଜିଲାପାଳ, ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇବା ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ରାସ୍ତାକୁ ଓହ୍ଲାଇ ଥିଲେ ବୋଲି ଅଞ୍ଚଳବାସୀ କହିଛନ୍ତି।

# ରେଳସେବା ସମସ୍ୟା ପ୍ରସଙ୍ଗ ଉଠାଇଲେ ବରଗଡ଼ ଏମ୍‌ପି

**ବରଗଡ଼,୧୮।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ଗୁରୁବାର ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଲୋକ ସଭାରେ ଉଠାଇଛନ୍ତି। ବିଶେଷକରି ରେଳସେବାର ବିକାଶ ଓ ଯାତ୍ରୀଙ୍କ ସୁବିଧାକୁ ନେଇ ସେ ଗୃହରେ କେତେକ ଗୁରୁତ୍ୱପୂର୍ଣ୍ଣ ଦାବି ରଖିଛନ୍ତି। ବରଗଡ଼ ଅଞ୍ଚଳରେ ଚାଲିଥିବା ୧୧୮ କିଲୋମିଟର ବିଶିଷ୍ଟ ନୂତନ ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର ଶେଷ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ନୂତନ ଟ୍ରେନ ପ୍ରଚଳନ ପାଇଁ ବରଗଡ଼-ବଲାଙ୍ଗିରରୁ ଭୁବନେଶ୍ୱର ପର୍ଯ୍ୟନ୍ତ ସକାଳ ସମୟରେ ଏକ ନୂତନ ଟ୍ରେନ୍ ଚଳାଇବା ପାଇଁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏତଦ୍‌ବ୍ୟତୀତ ପ୍ରତିଦିନ ୭ରୁ ୮ ଘଣ୍ଟା ବିଳମ୍ବରେ ଚାଲୁଥିବା ଇସ୍ପାତ ଏକ୍ସପ୍ରେସ୍ ଯୋଗୁ ଯାତ୍ରୀମାନେ ଅନେକ ହଇରାଣ



ପ୍ରଦୀପ ପୁରୋହିତ।

ହେଉଛନ୍ତି। ଫଳରେ ଠିକ୍ ସମୟରେ ରେଳ ଚଳାଚଳ କରାଯିବାକୁ ସେ ଦାବି କରିବା ସହିତ ଏହାର ସମୟାନୁବର୍ତ୍ତିତା ଉପରେ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଅଧାପନ୍ତରିଆ ଅଣ୍ଡର ବ୍ରିଜ ବେଲପାହାଡ଼ଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ରେଲୱେ ଅଣ୍ଡର ବ୍ରିଜ (ଆରୟୁବି) କାର୍ଯ୍ୟ ଅଧାରେ ଅଟକି ରହିଛି। ଏହାକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ସାଂସଦ ପୁରୋହିତ ଦାବି କରିଛନ୍ତି।

# ନବରାତ୍ର ପୂଜା ପାଇଁ ଖଣ୍ଡାଧୁଆ ସମ୍ପନ୍ନ

**ବରଗଡ଼,୧୮।୩(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ସହରର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ପବିତ୍ର ଚୈତ୍ର ନବରାତ୍ର ପୂଜା ପାଇଁ ଗୁରୁବାର ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୀଠରେ ଖଣ୍ଡାଧୁଆ ଏବଂ କଳସ ଆବାହନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ମନ୍ଦିରର ପୂଜକ ଓ ସେବାୟତମାନେ ଶୁଦ୍ଧପୂତ ଭାବେ ମା'ଙ୍କ ପାରମ୍ପରିକ ଅସ୍ତ୍ରଖଣ୍ଡାକୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଜୀରା ନଦୀ ଜଳାଶୟର ପବିତ୍ର ଜଳରେ ସ୍ନାନ କରାଇବା ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ତ୍ରୋଚାରଣ ପୂର୍ବକ ଘଟ ସ୍ଥାପନ ଓ କଳସ ଆବାହନ କରାଯାଇ ନବରାତ୍ରର ନଅଦିନିଆ ପୂଜା ପାଇଁ ସଂକଳ୍ପ କରାଯାଇଛି। ମା'ଙ୍କର ଏହି ଦୁର୍ଲଭ ନୀତିକାନ୍ତି ଦର୍ଶନ ପାଇଁ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସେହିପରି ରାଜରାସ୍ତାରେ କଳସ ଶୋଭାଯାତ୍ରାକୁ ମଧ୍ୟ ବହୁସଂଖ୍ୟାରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ।

# କଳାବଜାର ବେଳେ ଚଢ଼ାଉ, ୧୨ ଗ୍ୟାସ୍ ସିଲିଣ୍ଡର ଜବତ

**ଅତାବିରା, ୧୮।୩(ଯୁଧିଷ୍ଠିର ମହାପାତ୍ର)**

ମଧ୍ୟପ୍ରାଚ୍ୟ ଦେଶରେ ଗୋଟିଏପଟେ ଯୁଦ୍ଧ ଲାଗିରହିଥିବା ବେଳେ ଅନ୍ୟପଟେ ସାରା ଭାରତ ଏବଂ ଓଡ଼ିଶାରେ ଗ୍ୟାସ୍ ସଙ୍କଟ ଦେଖିବାକୁ ମିଳିଛି। ଏହାକୁ ନେଇ ତତ୍ପରତା ଦେଖାଇଛି ଖାଦ୍ୟ ଯୋଗାଣ ବିଭାଗ । ଏହି ପରିପ୍ରେକ୍ଷୀରେ ବରଗଡ଼ ଯୋଗାଣ ବିଭାଗ ପକ୍ଷରୁ ଅତାବିରାରେ ବୁଧବାର ଚଢ଼ାଉ କରାଯାଇଛି । ଗ୍ୟାସ୍ କଳାବଜାର ହେଉଥିବା ସୂଚନା ପାଇ ଅତାବିରା ବ୍ଲକ କୁଲୁଣ୍ଡା ଗାଁର ବ୍ୟବସାୟୀ ପ୍ରଶାନ୍ତ ପ୍ରଧାନଙ୍କ ଘରେ ଚଢ଼ାଉ କରି ଯୋଗାଣ ବିଭାଗ ୧୨ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ସହିତ ୨୮୩ଟି ଗ୍ରାହକଙ୍କ ଗ୍ୟାସ୍ ଖାତା



କଳାବଜାର କରାଯାଉଥିବା ଗ୍ୟାସ୍ ସିଲିଣ୍ଡର ଜବତ କରାଯାଉଛି।

ଜବତ କରିଛି। ସେଥି ମଧ୍ୟରୁ ୧୬୦ଟି ଉଜ୍ଜ୍ୱଳା ଯୋଜନା ଖାତା ରହିଥିବା ବେଳେ ୧୨୩ଟି ସାଧାରଣ କଞ୍ଜୁମରଙ୍କ ଖାତା ଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ଅତିରିକ୍ତ ଯୋଗାଣ ଅଧିକାରୀ ବ୍ୟୋମକେଶ ମାଝୀଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ସହକାରୀ ଜିଲାପାଳ ତଥା ମାଜିଷ୍ଟ୍ରେଟ୍ ମଦନ ଲାଲ୍ ପଣ୍ଡାଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଛି। ତେବେ ଏହି ଗ୍ୟାସ୍ ସିଲିଣ୍ଡର ଓ କଞ୍ଜୁମରଙ୍କ ଖାତା ଏତେଗୁଡିଏ କେଉଁଠୁ ଆସିଲା, ତାହାର ତଦନ୍ତ କରାଯାଉଛି ବୋଲି ବରଗଡ଼ ଅତିରିକ୍ତ ଯୋଗାଣ ଅଧିକାରୀ ବ୍ୟୋମକେଶ ମାଝୀ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି, ଏହାର ତଦନ୍ତ ରିପୋର୍ଟ ବରଗଡ଼ ଜିଲାପାଳଙ୍କୁ ପ୍ରଦାନ କରାଯିବ । ରିପୋର୍ଟ ଆଧାରରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ନେବେ । ଅପରପକ୍ଷେ ଗ୍ୟାସ୍ କଳାବଜାର କରୁଥିବା ପ୍ରଶାନ୍ତ ପ୍ରଧାନଙ୍କୁ ପଚାରିବାରୁ, ତାଙ୍କ ପାଖରେ ଥିବା ସିଏସ୍‌ସି(କମନ୍ ସର୍ଭିସ୍ ସେଣ୍ଟର) ଆଧାରରେ ୨୦୧୯ରୁ ସେ ଦିନକୁ ୭ଟି ଗ୍ୟାସ୍ ସିଲିଣ୍ଡର ଗ୍ରାହକଙ୍କୁ ହୋମ୍ ଡେଲିଭରି ଦେଉଥିଲେ, ଗ୍ରାହକ ତାଙ୍କ ପାଖରେ ସେମାନଙ୍କ ଗ୍ୟାସ୍ ଖାତା ଛାଡ଼ିଯାଇଥାନ୍ତି ବୋଲି କହିଛନ୍ତି । ଅନ୍ୟପଟେ ଜିଲା ପ୍ରଶାସନ ତରଫରୁ ରନ୍ଧନ ଗ୍ୟାସ୍, ପେଟ୍ରୋଲ, ଡିଜେଲ ଯୋଗାଣ ତଥା ବଣ୍ଟନ ସମୀକ୍ଷା ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରି କମିଟି ଗଠନ କରାଯାଇଛି। ଜିଲାସ୍ତରରେ କଳାବଜାର ରୋକିବା ପାଇଁ ଟାସ୍କ ଫୋର୍ସ ମଧ୍ୟ ଗଠନ କରାଯାଇଛି। ଏହା ସତ୍ତ୍ୱେ ଅତାବିରା ଅଞ୍ଚଳରେ ଗ୍ୟାସ୍ କଳାବଜାର କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି । ଏହି ଚଢ଼ାଉ ସମୟରେ ବରଗଡ଼ ମ୍ୟୁନିସିପାଲିଟି ସହକାରୀ ଯୋଗାଣ ଅଧିକାରୀ ପ୍ରଶାନ୍ତ ପ୍ରଧାନ, ଅତାବିରା ଏଏସ୍‌ଆଇ ବୈଠାରୁ ସାହୁଙ୍କ ସମେତ ଅତାବିରା, ବରଗଡ଼ ଯୋଗାଣ ଅଧିକାରୀ ପ୍ରମୁଖ ସାମିଲ ଥିଲେ।

# ପାନୀୟ ଜଳସଙ୍କଟର ପ୍ରତିକାର ଦାବି

**ବରଗଡ଼,୧୮।୩(ପ୍ରେମାନନ୍ଦ ଖମାରୀ)**

ଗ୍ରୀଷ୍ମଋତୁ ଆସି ନାହିଁ। ମାତ୍ର ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପାନୀୟଜଳ ସଂକଟ ସ୍ଥିତି ଦେଖା ଦେଲାଣି। ଏଭଳି ଅଭିଯୋଗ କରି ଏହାର ପ୍ରତିକାର ଦାବିରେ ଗୁରୁବାର ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ପାନୀୟଜଳ ଯୋଗାଣ ଦାୟିତ୍ୱରେ ରହିଥିବା ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ନେପାକ ଏକ ବିବୃତିରେ କହିଛନ୍ତି, ଜିଲାର ବିଭିନ୍ନ ସ୍ଥାନରେ ନଳକୂପ ଗୁଡ଼ିକ ଅଚଳ ହୋଇ ପଡ଼ିଛି। ପାନୀୟଜଳ ପ୍ରକଳ୍ପ ମଧ୍ୟ ଠିକ୍‌ଭାବେ କାମ କରୁ ନାହିଁ। ଅନେକ ସ୍ଥାନରେ ପାଇପ୍ ଫାଟି ଯାଇଥିବାରୁ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ବିଶେଷକରି ବରଗଡ଼ ସହର ମଧ୍ୟ ଏଭଳି ସ୍ଥିତି ଉପୁଜିଥିବା ସେ ଅଭିଯୋଗ କରିଛନ୍ତି। ସହରରେ ନାଳ ଖନନ ଚାଲିଥିବାରୁ ପାନୀୟଜଳ ଯୋଗାଣ ପାଇଁ ରହିଥିବା ଅନେକ ପାଇପ୍ ଫାଟି ଯାଇଛି। ସେଥିପାଇଁ ସହରବାସୀଙ୍କୁ ପାନୀୟଜଳ ଯୋଗାଣ ବ୍ୟାହତ ହୋଇପଡ଼ିଥିବା ନେପାକ କହିଛନ୍ତି। ଫଳରେ ତୁରନ୍ତ ଏଭଳି ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କଠାରେ ସେ ଦାବି କରିଛନ୍ତି।

# ନିଶା ନିବାରଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନିଶା ମଣିଷକୁ ବିବେକ ଶୂନ୍ୟ କରିଦିଏ**

**ବରଗଡ଼,୧୮।୩(ପ୍ରେମାନନ୍ଦ ଖମାରୀ)**

ନିଶା ମଣିଷକୁ ବିବେକ ଶୂନ୍ୟ କରି ଦିଏ। ନିଶାସକ୍ତ ବ୍ୟକ୍ତି ନିଜ ପରିବାର ସହିତ ସମାଜର ମଧ୍ୟ ଅନେକ କ୍ଷତି ପହଞ୍ଚାଇଥାଏ। ନିଶା ମଣିଷ ସମାଜର ପରମ ଶତ୍ରୁ। ନିଶା ନିବାରଣ ସାମ୍ପ୍ରତିକ ସମାଜ ପାଇଁ ଏକ ଆହ୍ୱାନରେ ପରିଣତ ହୋଇ ଯାଇଛି। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଥିବା ବେଳେ



ରାଣାପ୍ରତାପ ସ୍କୁଲରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ।

ଛାତ୍ରୀଛାତ୍ରଙ୍କ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଗୁରୁବାର ବରଗଡ଼ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟଠାରେ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଶାଳିନି ସାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଆଲୁମୁନି ସଦସ୍ୟ କପିଳେଶ୍ୱର ବାଗ ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଶା କବଳରେ ସାମ୍ପ୍ରତିକ ବରଗଡ଼ ସହରର ସ୍ଥିତି ଓ ତାର ପ୍ରତିକାର ପାଇଁ ଛାତ୍ରୀଛାତ୍ର କିପରି ସଚେତନ କରି ପାରିବେ, ସେ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଜଳି ମହାରଣା, ରିତିକା ସା, ସିମ୍ରନ ମାଳି, ରୁଚି ମାଝୀ, ସିମ୍ରନ ବେହେରା, ଶିବାନୀ ମେହେର, ଆର୍ ଜୟଶ୍ରୀ ପ୍ରମୁଖ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଶା ନିବାରଣ ଉପରେ ବକ୍ତବ୍ୟ ରଖିଥିଲେ ।



# ଲ୍ୟାମ୍ପସରେ ପଞ୍ଜୀକରଣ ପାଇଁ ଯାଇ ହତାଶ ଚାଷୀ

ବଣାଇଁ,୧୮।୩(ପ୍ରଦୀପ ତ୍ରିପାଠୀ)


ସୁନ୍ଦର ଫସଲ ଦୃଶ୍ୟ

ବହୁ ପ୍ରତୀକ୍ଷିତ ମଧ୍ୟମ ସେଚ ପ୍ରକଳ୍ପ "ରୁକୁଡା"କୁ ସମ୍ପୂର୍ଣ୍ଣ ହେବାର ୮ ବର୍ଷ ବିତିଲାଣି । ୨୦୧୮ ମସିହାରେ ପୂର୍ଣ୍ଣାଙ୍ଗ ଲାଭ କରିଥିବା ଏହି ପ୍ରକଳ୍ପ ଲୋକାର୍ପିତ ହେବା ପରେ ଲୋକେ ବେଶ ଉପକୃତ ହୋଇଥିବା ମଧ୍ୟ ସ୍ପଷ୍ଟ ହୋଇଛି । କିନ୍ତୁ ବଣାଇଁ ଉପଖଣ୍ଡ ପ୍ରଶାସନ ତଥା ରାଜସ୍ୱ ବିଭାଗର ଅପରିଣାମଦର୍ଶିତା ହେଉ ବା ଅପାରଗତା କାରଣରୁ ଚଳିତ ବର୍ଷ ରବି ଫସଲ କରିଥିବା ଚାଷୀ ବ୍ୟାପକ କ୍ଷତି ସହିବାକୁ ଯାଉଥିବା ଦେଖାଯାଇଛି। ଚଳିତ ବର୍ଷ ରବି ଫସଲ ହୋଇଥିବା ପ୍ରାୟ ୯ ଶହ ହେକ୍ଟର ଚାଷ ଜମିରେ ଫସଲ ଭଲ ହୋଇଥିଲେ ବି ଚାଷୀ ଖୁସି ହେବା ପରିବର୍ତ୍ତେ ମୁଣ୍ଡରେ ହାତ ଦେଇ ବସିବା ଆଲୋଚନାର ପ୍ରସଙ୍ଗ ସାଜିଛି। ବଣାଇଁ ଓ ଗୁରୁଣ୍ଡିଆ ବ୍ଲକର ରବି ଫସଲ ଅମଳ ପରେ ବିକ୍ରି ପାଇଁ ଲ୍ୟାମ୍ପସରେ ପଞ୍ଜୀକରଣ କରିବାକୁ ଯାଇ ଚାଷୀ ହତାଶ ହୋଇ ଫେରିବା ପରେ ସିଧାସଳଖ ରାଜସ୍ୱ ବିଭାଗର ଅପାରଗତାକୁ ଦାୟୀ କରି ଉପଖଣ୍ଡ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନର ସହଯୋଗ ଲୋଡି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ପ୍ରକାଶ ଯେ, କୌଣସି ସାଧାରଣ କିସମ ଜମି ଯାହା ଅଣ ଜଳସେଚିତ ଥାଏ ସେଥିରେ ପରିବର୍ତ୍ତନ ହେଲେ ଅର୍ଥାତ ଜଳସେଚିତ ଜମି ବିବେଚିତ ହେଲେ ତାର କିସମ ପରିବର୍ତ୍ତନ ହୁଏ । ଆଉ ଏ କିସମ ପରିବର୍ତ୍ତନ ପ୍ରକ୍ରିୟା ରାଜସ୍ୱ ବିଭାଗ ବା ତହସିଲଦାରଙ୍କ ତତ୍ତ୍ୱାବଧାନରେ ହୋଇଥାଏ । ବଣାଇଁ ଓ ଗୁରୁଣ୍ଡିଆ ଅଞ୍ଚଳର ଚାଷୀ ବହୁ ପ୍ରତୀକ୍ଷିତ ରୁକୁଡା ସେଚ ପ୍ରକଳ୍ପର ଲାଭ ପାଇଲେ ଏଥିରେ ଦ୍ୱିମତ ନାହିଁ । କିନ୍ତୁ ସରକାରୀ ବ୍ୟବସ୍ଥାରେ ତ୍ରୁଟି ଚାଷୀକୁଳକୁ ହତାଶ କରିଥିବା ଦେଖାଯାଇଛି । ସମ୍ପୃକ୍ତ ପ୍ରକଳ୍ପ ୨ଶହ ୯୮ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇ ୨୦୧୮ ମସିହାରୁ କାର୍ଯ୍ୟକ୍ଷମ ଅଛି। ତିନିବର୍ଷ ଟ୍ରାଏଲ ପିରିୟଡ୍ ଅର୍ଥାତ ପରୀକ୍ଷା ନିରୀକ୍ଷା କରିବା ପରେ ପୂର୍ଣ୍ଣ ଜଳସେଚନ ପ୍ରକ୍ରିୟା ଆରମ୍ଭ ହୁଏ। ତା' ପରେ ଚାଷୀଙ୍କୁ ଜଳକର ଦେବାକୁ ପଡିଥାଏ । କେତେ ଜମି ଜଳସେଚିତ ହେଲା ସେ ରିପୋର୍ଟ ତହସିଲଦାର ପ୍ରଦାନ କରିବା ପରେ ଜଳକର ଆଦାୟ ହୁଏ। ୨୦୧୮ରୁ ୨୦୨୧ ତିନି ବର୍ଷ ପରେ ଜଳକର ଆଦାୟ ହେବା କଥା, କିନ୍ତୁ ଅଦ୍ୟାବଧି ତାହା ହୋଇ ପାରିନାହିଁ । ପରିଣାମ ସ୍ୱରୂପ ଚଳିତ ବର୍ଷ ଚାଷୀ ଯେତେବେଳେ ଫସଲ ବିକ୍ରୀ ପାଇଁ ପଞ୍ଜୀକରଣ ପାଇଁ ଗଲେ ସେଠାରେ ଜଳ ସେଚିତ ଜମିର ଜଳକର ରସିଦ ନ ହେଲେ ପଞ୍ଜୀକୃତ ହୋଇ ପାରିବ ନାହିଁ ବୋଲି ଶୁଣି ହତାଶ ହୋଇ ଫେରିଲେ। ଗତ ବର୍ଷ ମଧ୍ୟ ଅନୁରୂପ ଅବସ୍ଥା ହୋଇଥିଲା। କିନ୍ତୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଚାଷୀ ଫସଲ ବିକ୍ରି କରିପାରିଥିଲେ। ଏ ବର୍ଷ ଆଇନତଃ ଫସଲ ବିକ୍ରିରୁ ବଞ୍ଚିତ ଚାଷୀ ମଙ୍ଗଳବାର ବଣାଇଁ ଉପଜିଲାପାଳ ଓ ସୁନ୍ଦରଗଡ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି । ଗତ ବର୍ଷରୁ ସେମାନେ ଜଳକର ଲାଗୁ କରାଯାଉ ବୋଲି ଦାବି କରୁଛନ୍ତି। କିନ୍ତୁ ରାଜସ୍ୱ ବିଭାଗ ପାଇଁ ଆଜି ଅସୁବିଧା ଭୋଗୁଥିବା ନେଇ କୃଷକ ନେତା ଶ୍ୱେତ ବସନ୍ତ ବିଶାଳ ଓ ଚାଷୀ ନେତା ବାଣେଶର ବେହେରା ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ସରକାରୀ ଦେୟ ଦେବାକୁ ଚାଷୀ ପ୍ରସ୍ତୁତ। କିନ୍ତୁ ପ୍ରଶାସନର ଅପାରଗତା ପାଇଁ ଆଜି ଚାଷୀ କ୍ଷତିରେ ପଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତୁରନ୍ତ ଜିଲାପାଳ ଏହାର ସମାଧାନ ନ କଲେ ହତାଶ ଚାଷୀ କ'ଣ କରିବେ ତା କହିହେବ ନାହିଁ ବୋଲି ଦର୍ଶାଇ ଏଥିପାଇଁ ରାଜସ୍ୱ ବିଭାଗ ଦାୟୀ ରହିବେ ବୋଲି ଚେତାଇ ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ସେଚ ପ୍ରକଳ୍ପର ଆଇକଟ ଏରିଆ ଭାବେ ଖରିଫ ଋତୁ ପାଇଁ ୫ହଜାର ୧ଶହ ୧୦ ହେକ୍ଟର ଓ ରବି ଋତୁ ପାଇଁ ୨ ହଜାର ୧ ଶହ ୮୫ ହେକ୍ଟର ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ରବି ଋତୁରେ ପ୍ରାୟ ୯ଶହ ହେକ୍ଟର ଜମିରେ ଚାଷୀ ଫସଲ କରିଛନ୍ତି ।

ଏ ନେଇ ରୁକୁଡା ଜଳସେଚନ ବିଭାଗ ନିରୀକ୍ଷଣ ଯନ୍ତ୍ରୀ ପ୍ରଭାତ ସାହୁଙ୍କୁ ତାଙ୍କ ଫୋନ ନମ୍ବର ୯୪୩୮୦୨୨୬୪୬ରେ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇପାରିନାହିଁ । ଉପ ନିରୀକ୍ଷଣ ଯନ୍ତ୍ରୀ ଶରତ କୁମାର ସିଂଙ୍କୁ ପଚାରିବାରୁ ଆମ ପାଖରେ ଲୋକଙ୍କ ଅଭିଯୋଗ ନାହିଁ। ବିକ୍ରି ପାଇଁ ପ୍ରତିବନ୍ଧକ ଆମ ବିଭାଗ କାମ ନୁହେଁ କହି କଥାକୁ ଏଡ଼ାଇ ଦେଇଛନ୍ତି।

**ରବି ଫସଲ ଚାଷୀଙ୍କ ମୁଣ୍ଡରେ ଚଡକ**


ବାଣେଶ୍ୱର ବେହେରା


ଶ୍ୱେତ ବସନ୍ତ ବିଶାଳ

## ଆଉଟସୋର୍ସିଂ କର୍ମଚାରୀଙ୍କ କଲାବ୍ୟାଜ୍ ପିନ୍ଧି ଧାରଣା ଜାରି

କୁଆଁରମୁଣ୍ଡା,୧୮।୩(ମହେନ୍ଦ୍ର କୁମାର ସାହୁ)

ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ସଂଘ ଆହ୍ୱାନରେ ୩ ଦଫା ଦାବି ପୂରଣ ନିମନ୍ତେ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏହି କ୍ରମରେ କୁଆଁରମୁଣ୍ଡା ବ୍ଲକରେ କାର୍ଯ୍ୟରତ ବିଭିନ୍ନ ବିଭାଗ ବିଶେଷ କରି ଖାଦ୍ୟ ସୁରକ୍ଷା,ସାମାଜିକ ନିରାପତ୍ତା,ଗ୍ରାମ୍ୟ ଗୃହ ନିର୍ମାଣ, କଲ୍ୟାଣ ବିଭାଗ, ଜୀବିକା ମିଶନ ଆଦି କାର୍ଯ୍ୟରତ ପ୍ରାୟ ୧୦ ଜଣ କର୍ମଚାରୀ ରାଜ୍ୟ ଆଉଟସୋର୍ସିଂ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସମ୍ପୂର୍ଣ୍ଣଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳିତ ମାସ ୧୦ ତାରିଖରୁ ଜାରି ରଖିଛନ୍ତି। ଫଳରେ ବିଭିନ୍ନ କାମରେ ଲୋକେ ବ୍ଲକକୁ ଯାଇ କାମ ନ ହେବାରୁ ଅଯଥାରେ ଘରକୁ ଫେରୁଛନ୍ତି। ଉକ୍ତ କର୍ମଚାରୀମାନେ କାର୍ଯ୍ୟବନ୍ଦ କରିଥିବାରୁ ସେମାନେ କାର୍ଯ୍ୟ କରୁଥିବା ବିଭାଗ ଗୁଡିକରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାର ତୁରନ୍ତ କର୍ମଚାରୀମାନଙ୍କ ଆନ୍ଦୋଳନ ଉପରେ ବିଚାର କରି ସେମାନଙ୍କୁ କାର୍ଯ୍ୟରେ ନିୟୋଜିତ କଲେ ସାଧାରଣ ଲୋକଙ୍କ କାର୍ଯ୍ୟ ହୋଇପାରନ୍ତା।

## ବନାଗ୍ନି ନିରାକରଣ ପାଇଁ ସଚେତନତା ପାଲା



କୁତ୍ରା,୧୮।୩(ଦେବାଶିଷ ସାହୁ)

ବଡ଼ଗାଁ ବନାଞ୍ଚଳ ପକ୍ଷରୁ ବନାଗ୍ନି ନିରାକରଣ ଓ ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନତା କରିବା ଉଦ୍ଦେଶ୍ୟରେ କୁତ୍ରା ବ୍ଲକ ପଞ୍ଚରା ସେକ୍ସନର ବିଭିନ୍ନ ଗ୍ରାମରେ ପାଲା ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନୂଆଗାଁ, ଜୈରାମୁଣ୍ଡା, କଟଙ୍ଗଝରିଆ ଓ କରିଙ୍ଗସେରା ଗ୍ରାମରେ ଆୟୋଜିତ ହୋଇଥିଲା। ପାଲା ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ବନାଗ୍ନିର କୁପ୍ରଭାବ, ଜୀବ ବିବିଧତା ଉପରେ ତାହାର ପ୍ରଭାବ ଓ ପରିବେଶ ସୁରକ୍ଷାର ଗୁରୁତ୍ୱ ବିଷୟରେ ଅବଗତ କରାଯାଇଥିଲା। ବିଶେଷକରି ଗ୍ରାମବାସୀଙ୍କୁ ଜଙ୍ଗଲରେ ଅବୈଧ ନିଆଁ ନ ଲଗାଇବାକୁ ଓ କୌଣସି ସ୍ଥାନରେ ଅଗ୍ନିକାଣ୍ଡ ଦେଖିଲେ ବନ ବିଭାଗକୁ ସୂଚନା ଦେବାକୁ ଅନୁରୋଧ କରାଯାଇଥିଲା । ଏହି ଅବସରରେ ବନପାଳ ନିତିନ କଛରିଆ, ବନରକ୍ଷୀ ଦୀପନ କୁମାର ପଟେଲ, ବିନୟ କୁମାର ନାଏକ ଓ ପ୍ରତିଭା ବିସିଙ୍କ ସହ ବନ ବିଭାଗର ଅନ୍ୟ କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।

## ନାବାଳିକା ଅପହରଣ ଅଭିଯୋଗ, ଅଭିଯୁକ୍ତ ଗିରଫ

ପାଇକମାଳ, ୧୮।୩(ବଡ଼ ଶତପଥୀ): ପାଇକମାଳ ବ୍ଲକରେ ପୁଣି ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସ୍ଥାନୀୟ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ପକ୍ସୋ କୋର୍ଟକୁ ପଠାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣକ ହେଲେ ସେହି ଗ୍ରାମର ଦେବାର୍ଜ୍ଜନ ଦିଶ୍ରୀ (୨୨)। ସେ ଗତ ୯ ତାରିଖରେ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରଥମେ ବରଗଡ଼ ଓ ପରେ ତାମିଲନାଡୁ ନେଇଯାଇଥିଲେ। ସେଠାରେ ସାତଦିନ ରହିଲା ପରେ ଗତ ମଙ୍ଗଳବାର ନାବାଳିକାଙ୍କୁ ନିଜ ଗାଁରେ ଆଣି ଛାଡ଼ିଦେଇଥିଲେ। ଏହି ବିଷୟରେ କାହାକୁ କହିଲେ ଜୀବନରେ ମାରିଦେବି ବୋଲି ଅଭିଯୁକ୍ତ ଧମକ ଦେଇଥିଲେ। ନାବାଳିକା ଜଣକ ଘରକୁ ଆସିଲା ପରେ ତାଙ୍କ ବାପାଙ୍କୁ ସବୁ କଥା ଜଣାଇଥିଲେ। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପାଇକମାଳ ଥାନା ପୋଲିସ ଏକ ମାମଲା(ନଂ.୫୭/୨୬) ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଅନଧିକୃତ ପାର୍କିଂ, ରାସ୍ତାପାର୍ଶ୍ୱ ଭେଣ୍ଡିଂ ସମସ୍ୟା ସମାଧାନ ଦାବି

**ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲା ଜିଲା କଂଗ୍ରେସ କମିଟି**

ସୁନ୍ଦରଗଡ,୧୮।୩(ଜୟ ନାରାୟଣ ମେଣ୍ଢୁଲି)


ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ଜିଲା କଂଗ୍ରେସ କମିଟିର ପ୍ରତିନିଧି ମଣ୍ଡଳୀ।

ସୁନ୍ଦରଗଡ ସହରର ଟ୍ରାଫିକ ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡୁଥିବା ବେଳେ ଏଦିଗରେ ପଦକ୍ଷେପ ଗ୍ରହଣ ସକାଶେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି ଜିଲା କଂଗ୍ରେସ କମିଟି। ଜିଲା କଂଗ୍ରେସ କମିଟି ସଭାପତି ନିର୍ମଳ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏ ବିଷୟରେ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସୁନ୍ଦରଗଡ଼ର ପ୍ରମୁଖ ରାସ୍ତାଗୁଡ଼ିକରେ ଅତ୍ୟଧିକ ଏବଂ ଅନିୟନ୍ତ୍ରିତ ପାର୍କିଂ ଯୋଗୁ ଦୈନିକ ଯାତାୟାତ ସାଧାରଣ ଜନତାଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ସୃଷ୍ଟି ହୋଇଛି। ଏଣୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଜିଲାପ୍ରଶାସନର ହସ୍ତକ୍ଷେପ ଲୋଡାଯାଇଛି। ପ୍ରମୁଖ ରାସ୍ତା ଗୁଡ଼ିକରେ ଗୁରୁତର ଟ୍ରାଫିକ ଭିଡ଼ ହେଉଛି। ସହରରେ ଗଢି ଉଠିଥିବା ବିଭିନ୍ନ ମଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ପାର୍କିଂ ସୁବିଧା ନ ଥିବାରୁ ସେ ସମ୍ମୁଖରେ ବେଆଇନ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ଜଟିଳ ହୋଇ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ଉପଜୁଛି। ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ନିର୍ଦ୍ଦିଷ୍ଟ ପାର୍କିଂ ସୁବିଧାର ଅଭାବ ଯୋଗୁ ଏକ ଦୀର୍ଘକାଳୀନ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ବିଶେଷକରି ପୋଷ୍ଟ ଅଫିସ ଛକରୁ ସରକାରୀ ମେଡିକାଲ କଲେଜ ଏବଂ ନୂତନ ବସ ଷ୍ଟାଣ୍ଡରୁ ସରକାରୀ କଲେଜ ପର୍ଯ୍ୟନ୍ତ ରାସ୍ତାରେ ହୋଟେଲ, ନର୍ସିଂ ହୋମ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟବସାୟକୁ ଆସୁଥିବା ଲୋକେ ସିଧାସଳଖ ରାସ୍ତାରେ ସେମାନଙ୍କର ଯାନବାହନ ପାର୍କିଂ କରିବାକୁ ବାଧ୍ୟ ହେଉଛନ୍ତି। ଜରୁରୀକାଳୀନ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଯାନବାହାନ ଯାତାୟାତରେ ବିଳମ୍ବ ହେଉଛି । ସେହିପରି ରାଜ୍ୟ ରାଜପଥ୧୦ରେ ଅନଧିକୃତ ଭାବେ ଭାରୀ ଯାନ ପାର୍କିଂ ଅନ୍ୟ ଏକ ପ୍ରମୁଖ ସମସ୍ୟା ଦେଖାଦେଇଛି। ଏତଦବ୍ୟତୀତ ଅନଧିକୃତ ରାସ୍ତା ପାର୍ଶ୍ୱ ଭେଣ୍ଡିଂ ମଧ୍ୟ ଟ୍ରାଫିକ ବ୍ୟବସ୍ଥା ଜଟିଳ ହେବା ଅନ୍ୟ ଏକ କାରଣ ପାଲଟିଛି। ଏହି ଜବରଦଖଲକାରୀ ଉଠା ଦୋକାନୀ ପଦଚାରୀଙ୍କ ପଦଯାତ୍ରା ରାସ୍ତା କବଜା କରିବାସହ ମୁଖ୍ୟ ରାସ୍ତା ଉପରେ ମାଡିବସିଛନ୍ତି। ଯାହା ଫଳରେ ପଦଯାତ୍ରୀମାନେ ଚଳପ୍ରଚଳ ଟ୍ରାଫିକ ମଧ୍ୟରେ ବିପଦପୂର୍ଣ୍ଣ ଭାବରେ ଚାଲିବାକୁ ବାଧ୍ୟ ହେଉଛନ୍ତି। ଏଣୁ ଆଞ୍ଚଳିକ ପରିବହନ ବିଭାଗ, ସ୍ଥାନୀୟ ଟ୍ରାଫିକ ପୋଲିସ ଏବଂ ପୌର କର୍ତ୍ତୃପକ୍ଷଙ୍କୁ ମିଳିତ ଭାବେଶ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବାକୁ ଏହି ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଠାରେ ଦାବି କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଜିଲା କଗ୍ରେସ କମିଟିର ଉପସଭାପତି ଅଜିତ ପ୍ରସାଦ, ପର୍ଶୁରାମ ସରାଫ,ପ୍ରଦୀପ ସିଂ, ସାଧାରଣ ସମ୍ପାଦକ ଦେବାଶିଷ ଦାଶ,ରାଜେନ୍ଦ୍ର ପଟେଲ ପ୍ରମୁଖ ସାମିଲ ଥିଲେ।

## ସ୍କାନ ଷ୍ଟିଲରେ ରକ୍ତଦାନ ଶିବିର



ରାଜଗାଙ୍ଗପୁର,୧୮।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବରପାଲିଠାରେ ଥିବା ସ୍କାନଷ୍ଟିଲରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିର ରାଉରକେଲା ଆରଜିଏଚର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ୪୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଆରଜିଏଚର ଡା. ପବିତ୍ର ପଲାଇ, କୌଶଳ ରଣା ଓ ସୁଭେନ୍ଦୁ ନାଏକ ଯୋଗଦେଇଥିଲେ। ସ୍କାନଷ୍ଟିଲର ଅଧ୍ୟକ୍ଷ ରାଜେଶ ଗାଡୋଡିଆ, ଏଚଆର ସିନିୟର ମ୍ୟାନେଜର ହରିଓମ ମିଶ୍ର, ଶ୍ରୀବତ୍ସ ନାଏକ, ସ୍ମିତିରଞ୍ଜନ ନାଏକ, ପିଆର ମ୍ୟାନେଜର ସୁବ୍ରତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଝଡ଼ବର୍ଷା ଓ କୁଆପଥର ମାଡ଼ରେ ଚାଷ ଜମି ନଷ୍ଟ ହୋଇଛି।

# ଭାଙ୍ଗିଲା ଖପର, ପନିପରିବା ଚାଷ ନଷ୍ଟ

**ଅଦିନିଆ ବର୍ଷା, କୁଆପଥର ମାଡ଼**

ବଡ଼ଗାଁ,୧୮।୩(ଅଶୋକ ଷଡ଼ଙ୍ଗୀ)


ଝଡ଼ବର୍ଷା ଓ କୁଆପଥର ମାଡ଼ରେ ଘର ଭାଙ୍ଗିଯାଇଛି।

ସୁନ୍ଦରଗଡ଼ ଜିଲାର ବଡ଼ଗାଁ ବ୍ଲକ୍ ଅଞ୍ଚଳରେ ମଙ୍ଗଳବାର ରାତିରେ ହୋଇଥିବା ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ ଶତାଧିକ ଏକର ପନିପରିବା ଓ ତରଭୁଜ ଚାଷ ନଷ୍ଟ ହୋଇଯାଇଛି। ଏକ ଘଣ୍ଟା ଧରି ହୋଇଥିବା ଏହି ଝଡ଼ବର୍ଷା ଓ କୁଆପଥର ମଡ଼େରେ ଆଜବେଷ୍ଟସ ଘର ଓ ଖପର ଘର ଭାଙ୍ଗିଥିବା ସୂଚନା ମିଳିଛି। ତୁଡାଲଗା ପଞ୍ଚାୟତ ଜାଙ୍ଗଲି ଗ୍ରାମର ଶିବ ବେହେରା ଓ ଚାରପାଲି ଗ୍ରାମର ଜନ୍ମେଜୟ ମାଝୀଙ୍କ ଖପର ଘର ଭାଙ୍ଗିଯାଇଛି। ସରପଞ୍ଚ ଯୁଧିଷ୍ଠିର ବାଡ଼ା ଉଭୟ ପରିବାର ପାଖରେ ପହଞ୍ଚିବା ସହ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରିବାକୁ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ଜଣାଇଥିଲାବେଳେ ଘଟଣା ବିଷୟରେ ସ୍ଥାନୀୟ ଆର୍‌ଆଇଙ୍କୁ ସୂଚନା ଦେଇଛନ୍ତି। ବ୍ଲକର ମଚାମରା ଗ୍ରାମର ପୂର୍ବତନ ସରପଞ୍ଚ ବିକ୍ରମ ଟପ୍ପୋଙ୍କ ଦେଢ଼ ଏକର ଲଙ୍କାଚାଷ, ଲଳିନ୍ଦ୍ର ବେହେରାଙ୍କ ୨ ଏକର ତରଭୁଜ ଚାଷ ସହ ଗୋବର୍ଦ୍ଧନ ରୋହିଦାସ, ଲଳିନ୍ଦ୍ର ବେହେରା, ଶିବଶଙ୍କର ସା, ଅର୍ଜୁନ କୁଜୁର, ଭବାନୀ ବେହେରା, ବାଇବାଇ ଗ୍ରାମର କୃଷ୍ଣ ମାଝୀ, ଯାଦବ ଚନ୍ଦ୍ର ସା, ମନୋ ମାଝୀ, ମୁକୁନ୍ଦପୁର ଗାଁର ଉପେନ୍ଦ୍ର ଜଗତ, ଶରତ ଜଗତ, ମୁଥୁଲ ସାଙ୍କ ସହିତ ଅନେକ ଚାଷୀଙ୍କ ପନିପରିବା ଓ ତରଭୁଜ ଚାଷ ନଷ୍ଟ ହୋଇଯାଇଛି। ପାମରା, ଏକମା, ସାହାଜବାହାଲ, ଗରିଆମାଲ, ମାଲିପଡା ଆଦି ଅନେକ ଗ୍ରାମର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀ ଦାବି କରିଛନ୍ତି। ବୁଧବାର ପୂର୍ବାହ୍ନରେ ବଡ଼ଗାଁ ବ୍ଲକର କେତେଜଣ ଚାଷୀ ବଡ଼ଗାଁ ତହସିଲଦାରଙ୍କୁ ହୋଇଥିବା କ୍ଷୟକ୍ଷତି ଉପରେ ଅବଗତ କରାଇଥିଲେ। ଏ ସମ୍ପର୍କରେ ତହସିଲଦାର ଝରଣା ପ୍ରଧାନ କହିଛନ୍ତି, କେତେକ ଗାଁର ଚାଷୀମାନେ ଏହି ବିଷୟରେ ଜଣାଇଛନ୍ତି। କ୍ଷୟକ୍ଷତିର ଫଟୋ ଓ ଆବେଦନ କଲେ ବିଭାଗ ପକ୍ଷରୁ ତଦନ୍ତ କରି ଜିଲା ପ୍ରଶାସନକୁ ରିପୋର୍ଟ ଦିଆଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଦାବି କରିଛନ୍ତି। ମଚାମରା ଗ୍ରାମର ପୂର୍ବତନ ସରପଞ୍ଚ ତଥା ଚାଷୀ ବିକ୍ରମ ଟପ୍ପୋ କହିଛନ୍ତି, ତାଙ୍କର ଦେଢ ଏକର ଲଙ୍କାଚାଷ ନଷ୍ଟ ହୋଇଛି, ମୋ ଭଳି ଅନେକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ପ୍ରଶାସନ କ୍ଷୟକ୍ଷତି ଆକଳନ କରି ଉପଯୁକ୍ତ ଭରଣା ଦେବାକୁ ସେ ଦାବି କରିଛନ୍ତି।

# ୩୦ଘଣ୍ଟା ଅହୋରାତ୍ର ଧାରଣା ପରେ ମିଳିଲା ପ୍ରତିଶ୍ରୁତି

ସୁନ୍ଦରଗଡ,୧୮।୩
(ଜୟ ନାରାୟଣ ମେଣ୍ଢୁଲି)

- ୨୬ରେ ହେବ ସାନି ଗ୍ରାମସଭା
- ଆନ୍ଦୋଳନକୁ ସ୍ଥଗିତ କଲେ ଗ୍ରାମବାସୀ
- ମଦଭାଟି ଓ ମଦଦୋକାନ ଲାଇସେନ୍ସ ନବୀକରଣ ବାତିଲ ଦାବିରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଦେଇଥିଲେ ଧାରଣା

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଲଇକେରା ଗ୍ରାମରେ ଥିବା ମଦଭାଟି ଓ ମଦଦୋକାନର ଲାଇସେନ୍ସ ନବୀକରଣ ବନ୍ଦ ଦାବିରେ ମଙ୍ଗଳବାର ଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୦ଘଣ୍ଟା ଅହୋରାତ୍ର ଧାରଣା ପରେ ବୁଧବାର ସନ୍ଧ୍ୟାରେ ଜିଲାପାଳଙ୍କ ସହିତ ଆଲୋଚନା ପରେ ଆନ୍ଦୋଳନରୁ ଓହରି ସ୍ଥଗିତ ରଖିଛନ୍ତି ଆନ୍ଦୋଳନକାରୀ ଗ୍ରାମବାସୀ। ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ଆସନ୍ତା୨୬ତାରିଖରେ ଲଇକେରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭାରେ ଏହି ମଦଭାଟି ଓ ମଦଦୋକାନ ଲାଇସେନ୍ସ ନବୀକରଣ ହେବ କି ନାହିଁ ସେ ଉପରେ ନିଷ୍ପତ୍ତି ନିଆଯିବ ଏବଂ ସେ ପର୍ଯ୍ୟନ୍ତ ଆଇନଶୃଙ୍ଖଳା ଦୃଷ୍ଟିରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ମଦଭାଟି ଓ ମଦଦୋକାନ ବନ୍ଦ ରଖିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦିନ ସଦର ଉପଜିଲାପାଳଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା ମଧ୍ୟରେ ଏହି ଗ୍ରାମସଭା ଅନୁଷ୍ଠିତ ହେବ ବୋଲି ଜିଲାପାଳ ଡା. ମହାପାତ୍ର ଏକ ଆଦେଶ ଜାରି କରିଛନ୍ତି।

## ନବରାତ୍ର ପୂଜା ପାଇଁ ଖଣ୍ଡାଧୁଆ ସମ୍ପନ୍ନ

ବରଗଡ଼,୧୮।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ପବିତ୍ର ଚୈତ୍ର ନବରାତ୍ର ପୂଜା ପାଇଁ ଗୁରୁବାର ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୀଠରେ ଖଣ୍ଡାଧୁଆ ଏବଂ କଳସ ଆବାହନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ମନ୍ଦିରର ପୂଜକ ଓ ସେବାୟତମାନେ ଶୁଦ୍ଧପୂତ ଭାବେ ମା'ଙ୍କ ପାରମ୍ପରିକ ଅସ୍ତ୍ରଖଣ୍ଡାକୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଜୀରା ନଦୀ ଜଳାଶୟର ପବିତ୍ର ଜଳରେ ସ୍ନାନ କରାଇବା ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ତ୍ରୋଚାରଣ ପୂର୍ବକ ଘଟ ସ୍ଥାପନ ଓ କଳସ ଆବାହନ କରାଯାଇ ନବରାତ୍ରର ନଅଦିନିଆ ପୂଜା ପାଇଁ ସଂକଳ୍ପ କରାଯାଇଛି। ମା'ଙ୍କର ଏହି ଦୁର୍ଲଭ ନୀତିକାନ୍ତି ଦର୍ଶନ ପାଇଁ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।



# ମହୁଲ ଫୁଲ ଗୋଟାଳିଙ୍କୁ ଉଚିତ ମୂଲ୍ୟ ଦିଆଯାଉ

ଲାଠୋର,୧୮।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଗତ କିଛି ଦିନ ହେବ ମହୁଲ ଫୁଲ ଗୋଟେଇବା ଆରମ୍ଭ ହୋଇଯାଇଛି। ଲଘୁ ବନଜାତ ଦ୍ରବ୍ୟ ମହୁଲ ଫୁଲ ଗୋଟେଇବା ପାଇଁ ମହିଳା ପୁରୁଷ ଏବଂ ଶିଶୁମାନେ ପାହାନ୍ତିଆରୁ ଉଠି ଦିନ ପ୍ରାୟ ଗୋଟାଏ ପର୍ଯ୍ୟନ୍ତ ଜଙ୍ଗଲ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ଏହି ଫୁଲ ଗରିବ ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବାରେ ସହାୟକ ହୋଇଥାଏ। ବର୍ଷର ଫେବୃଆରୀ ମାସରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ପ୍ରାୟ ୩ ମାସ ମହୁଲ ଫୁଲ ଗଛରୁ ପଡ଼ିଥାଏ। ଏହାକୁ ଗୋଟାଳିମାନେ ଗଛ ମୂଳରୁ ଗୋଟେଇ ଘରକୁ ନେଇ ଖରାରେ ଶୁଖାଇଥାନ୍ତି। ପରେ ଏହାକୁ ବିକ୍ରୟ କରି କିଛି ଅର୍ଥ ରୋଜଗାର କରି ପରିବାର ପ୍ରତିପୋଷଣ କରିଥାନ୍ତି।


ଖରାରେ ଏକ ପରିବାରର ମା' ଓ ଝିଅ ମହୁଲି ଫୁଲ ଗୋଟାଉଛନ୍ତି।

## ଶୋଷଣର ଶିକାର ହେବା ଆଶଙ୍କା

ହେଲେ ବ୍ୟବସାୟୀମାନେ ଗୋଟାଳିମାନଙ୍କଠାରୁ କମ୍ ଦରରେ ମହୁଲ ଫୁଲ କିଣି ତାକୁ ଚଢା ଦରରେ ବିକ୍ରୟ କରି ନିଜେ ମାଲାମାଲ୍ ହୋଇଥାନ୍ତି। ବିଗତ ବର୍ଷଗୁଡକରେ ଗୋଟାଳିମାନେ ବ୍ୟବସାୟୀମାନଙ୍କ ଦ୍ୱାରା ଶୋଷଣର ଶିକାର ହୋଇଥିବା ନଜିର ରହିଛି। ବର୍ତ୍ତମାନ ଫୁଲ ଗୋଟା ଚାଲିଛି। ବିକ୍ରୟ ଆରମ୍ଭ ହୋଇନାହିଁ। ଲାଠୋର ଓ ଆଖପାଖ ଅଞ୍ଚଳ ବେନ୍ଦର, କରୁଆଁଝର , ଟଙ୍କପାଣି, ରେଙ୍ଗାଲି, ମାଲପଡା ଆଦି ପଞ୍ଚାୟତର ଗରିବ ଲୋକେ ମହୁଲ ଫୁଲ ଗୋଟାଇ ଜୀବିକା ନିର୍ବାହ କରୁଥିବା ବେଳେ ସେମାନେ ଯେମିତି ଶୋଷଣର ଶିକାର ନ ହେବେ ସେଥିପାଇଁ ପ୍ରଶାସନ ସଜାଗ ରହିବା ଆବଶ୍ୟକ ରହିଛି। ଏବେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇଗଲାଣି। ଖରାତାତି ବଢିବାରେ ଲାଗିଛି। ଏଭଳି ପରିସ୍ଥିତିରେ ମହୁଲ ଫୁଲ ଗୋଟାଳିମାନେ ଯେପରି ଶୋଷଣର ଶିକାର ନ ହୋଇ ଉଚିତ୍ ମୂଲ୍ୟ ପାଇବେ ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଚର୍ଚ୍ଚାରେ ୨ ଏମ୍‌ପିଙ୍କ ଯୁକ୍ତି, ଦାବି

## ବଲାଙ୍ଗୀର ଜିଲା ଖଣି ଲିଜ୍ ପ୍ରସଙ୍ଗ

ବଲାଙ୍ଗୀର,୧୮।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ଖଣି ଲିଜ୍ ପ୍ରସଙ୍ଗକୁ ନେଇ ସଂସଦରେ ଜିଲାର ୨ ଏମ୍‌ପିଙ୍କ ଯୁକ୍ତି ଓ ଦାବି ଏବେ ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ପଟେ ବଲାଙ୍ଗୀର ଏମ୍‌ପି ତଥା ଭାଜପାର ବରିଷ୍ଠ ନେତ୍ରୀ ସଙ୍ଗୀତା କୁମାରୀ ସିଂଦେଓ ଜିଲାରେ ଖଣି ଲିଜ୍‌କୁ ସମର୍ଥନକରି ଏହା କିଭଳି ଶୀଘ୍ର କାର୍ଯ୍ୟକାରୀ ହେବ ସେନେଇ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପଟେ ରାଜ୍ୟ ସଭା ସଦସ୍ୟ ତଥା ବରିଷ୍ଠ ବିଜେଡି ନେତା ନିରଞ୍ଜନ ବିଶି ଜିଲାରେ ନିଲାମ ହୋଇଥିବା ସବୁତକ ଖଣି ଲିଜ୍‌କୁ ତୁରନ୍ତ ବାତିଲ କରିବାକୁ ଦାବି କରିଛନ୍ତି। ୨ ସାଂସଦଙ୍କ ଏଭଳି ପରସ୍ପର ବିରୋଧୀ ଦାବି ଏବେ ଜିଲା ତଥା ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି।

ସଙ୍ଗୀତା ଦେବୀ ଜିଲାର ଖଣି ପ୍ରକଳ୍ପଗୁଡ଼ିକ ଶୀଘ୍ର କାର୍ଯ୍ୟକାରୀ ହେଲେ ଜିଲାରେ ବିକାଶ ତ୍ୱରାନ୍ୱିତ ହେବ ଏବଂ ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ବୋଲି ବିଭିନ୍ନ ସଭାସମିତିରେ କହି ଆସୁଛନ୍ତି। ଜିଲାର ବିଭିନ୍ନ ଖଣି ଲିଜ୍ ଏବଂ ପ୍ରକ୍ରିୟାକରଣ କିଭଳି ଶୀଘ୍ର ହେବ ସେଥିପାଇଁ ସେ ସଂସଦରେ ଦାବି ମଧ ଉଠାଇଛନ୍ତି। ଏପରି କି କେନ୍ଦ୍ର ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ ଚିଠି ଲେଖି ଏ ଦିଗରେ ତାଙ୍କ ସହାୟତା ଲୋଡ଼ିଛନ୍ତି। କେନ୍ଦ୍ର କୋଇଲା ଏବଂ ଖଣିମନ୍ତ୍ରୀ ରେଡ୍ଡୀ ଗତ କିଛିଦିନ ତଳେ ସଙ୍ଗୀତାଙ୍କୁ ଲେଖିଥିବା ଏକ ଚିଠି ସାମାଜିକ ଗଣମାଧମରେ ବେଶ୍ ଭାଇରାଲ ହୋଇଛି। ଉକ୍ତ ଚିଠିରେ ଖଣିମନ୍ତ୍ରୀ ବଲାଙ୍ଗୀର ଜିଲାର ୬ଟି ଯାକ ଖଣି ସଫଳତାର ସହ ନିଲାମ ହୋଇଥିବା ସୂଚନା ଦେଇଛନ୍ତି। ଏପରି କି ସେହି ଚିଠିରେ ଜିଲାର ଅନ୍ୟ ୯ଟି ପ୍ରସ୍ତାବିତ ଗ୍ରାଫାଇଟ୍, ମାଙ୍ଗାନିଜ ଏବଂ ଲାଇମଷ୍ଟୋନ୍ ଖଣି ଲିଜ୍‌ର ବୈଷୟିକ ଏବଂ ଅର୍ଥନୈତିକ ଦିଗକୁ ବିଭାଗ ଅନୁଧ୍ୟାନ କରୁଥିବା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଉକ୍ତ ଚିଠିରୁ ସଙ୍ଗୀତା ଦେବୀ ଜିଲାର ଖଣିଗୁଡ଼ିକୁ ଲିଜ୍ ଦିଆଯାଇ ଜିଲାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉ ବୋଲି ଉଦ୍ୟମ କରୁଥିବା ସ୍ପଷ୍ଟ ହେଉଛି। ଅନ୍ୟପଟେ ରାଜ୍ୟ ସଭା ସଦସ୍ୟ ବିଶି ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ପଲ୍ଲିସଭା ଏବଂ ଗ୍ରାମସଭାର ବିନା ଅନୁମୋଦନରେ ବଲାଙ୍ଗୀର ଜିଲାର ୬ଟି ଗ୍ରାଫାଇଟ୍ ଓ ମାଙ୍ଗାନିଜ ଖଣି ନିଲାମ କରାଯାଇଥିବା ଅଭିଯୋଗକରି ଏହାକୁ ତୁରନ୍ତ ବାତିଲ କରାଯାଉ ବୋଲି ଦାବି କରିଛନ୍ତି। ଉକ୍ତ ଖଣି ଲିଜ୍ ପାଇଁ ଜନଶୁଣାଣି ହୋଇ ନ ଥିବା ଏବଂ ପେସା ଆଇନ ଉଲ୍ଲଂଘନ ହୋଇଥିବା କଥା ଉଠାଇଛନ୍ତି। ଜିଲାର ଏସବୁ ଖଣି ଖନନ ହେଲେ ୧୦୦ରୁ ଊର୍ଦ୍ଧ୍ୱ ଗାଁ ପ୍ରଭାବିତ ହେବା ସହ ଜଙ୍ଗଲ ସମ୍ପଦ ଧ୍ୱଂସହେବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ୨ ସାଂସଦଙ୍କ ପରସ୍ପର ବିରୋଧୀ ମନ୍ତବ୍ୟ ଏବଂ ଜିଲାର ସାନି ଖଣି ଲିଜ୍ ପ୍ରସଙ୍ଗ ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବିନା ପଲ୍ଲିସଭା ଓ ଗ୍ରାମସଭାରେ ଖଣି ଲିଜ୍ ପ୍ରସଙ୍ଗକୁ ଅନେକ ଲୋକ ବିରୋଧ କରିଛନ୍ତି। ଗତ ସୋମବାର ଲୋଇସିଂହା ବ୍ଲକ୍‌ର ରତାଖଣ୍ଡିଠାରେ ଖଣି ଲିଜ୍ ବିରୋଧରେ ଏକ ବିରାଟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସେହି ସଭାରେ ଖଣି ଲିଜ୍ ତୁରନ୍ତ ବାତିଲ କରିବାକୁ ଲୋକେ ଦାବି କରିଥିଲେ। ଏହା ନ ହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ବିଜେଡି ରାଜ୍ୟ ସଭା ସଦସ୍ୟ ବିଶିଙ୍କ କାର୍ଯ୍ୟକାଳ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସଙ୍ଗୀତାଙ୍କ କାର୍ଯ୍ୟକାଳ ଆଉ ପ୍ରାୟ ୩ବର୍ଷ ବାକି ରହିଛି। ଏହାମଧ୍ୟରେ ୬ଟି ଖଣି ଲିଜ୍ ମଞ୍ଜୁର ହୋଇସାରିଛି । ଏଭଳି ପରିସ୍ଥିତିରେ ଜିଲାର ଖଣି ପ୍ରସଙ୍ଗକୁ କିଏ କେତେ ଆଗକୁ ନେବେ ତାକୁ ନେଇ ଆଲୋଚନା ଚାଲିଛି । ଉଭୟ ସାଂସଦଙ୍କ କାର୍ଯ୍ୟକଳାପ ଉପରେ ଏବେ ସମସ୍ତଙ୍କ ନଜର ରହିଛି।


ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ।


ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି।

- ଶୀଘ୍ର ଖଣି ଖନନ ଆରମ୍ଭ କରିବାକୁ ସଙ୍ଗୀତାଙ୍କ ଚିଠି
- ଖଣି ନିଲାମ ବାତିଲ କରିବାକୁ ସଂସଦରେ ନିରଞ୍ଜନଙ୍କ ଦାବି

# ଶିଶୁ ବିକାଶ କେନ୍ଦ୍ରର କ୍ରୀଡ଼ା ଉତ୍ସବ



ଉଦ୍‌ଯାପନୀ ସଭାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ବଲାଙ୍ଗୀର,୧୮।୩
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ସାମାଜିକ ସ୍ୱେଚ୍ଛାସେବୀ ସଙ୍ଗଠନ ଶିଶୁ ବିକାଶ କେନ୍ଦ୍ରର ୪୦ତମ କ୍ରୀଡା ଉତ୍ସବ ଶିଶୁ ବିକାଶ କେନ୍ଦ୍ର ଓ ସୋମନାଥ ମିଶ୍ର ସ୍ମୃତି ସମିତିର ମିଳିତ ସହଯୋଗରେ ଚୁଡାପାଲି ନିକଟସ୍ଥ ଭୁଣ୍ଡିମୁହାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ଉତ୍ସବରେ ୧୪ଟି ବିଭାଗରେ ୧୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବୁଧବାର ଉଦ୍‌ଯାପନୀ ଅବସରରେ ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନ ମୋହନ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନୃସିଂହ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂଜ୍ୟପୂଜା ସେବା ସଙ୍ଗଠନ ସଭାପତି ତଥା ସୋମନାଥ ମିଶ୍ର ସ୍ମୃତି ସମିତିର ଆବାହକ କେଶବ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ତର୍ନିହିତ ପ୍ରତିଭାର ବିକାଶରେ କ୍ରୀଡା କେତେ ମହତ୍ତ୍ୱପୂର୍ଣ୍ଣ ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ସନ୍ତୋଷିନୀ ନାଏକ ବେଦ ପାଠ କରିଥିଲେ । ମୁନମୁନ ମହାନନ୍ଦ, ପୂର୍ଣ୍ଣିମା ଗୁରୁ, ନନ୍ଦିନୀ ମହାନନ୍ଦ , ଜାଗୃତି ବିଶି ଓ ପ୍ରିୟା ରଣା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭାକୁ ସମ୍ପାଦକ ମଧୁ ସାହୁ ପରିଚାଳନା କରିଥିଲେ। କ୍ରୀଡା ସମ୍ପାଦକ ଧୀରେନ୍ଦ୍ର ନାରାୟଣ ସିଂଦେଓ ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ। କସ୍ତୁରୀ ରଥ, ଦୀପ୍ତିମୟୀ ମିଶ୍ର, ପ୍ରଶାନ୍ତ ଷଡଙ୍ଗୀ, ସୁନାଧର ବନଛୋର, ପ୍ରମୋଦ କୁମାର ରଣା, ବିଷ୍ଣୁପ୍ରିୟା ରାଉତ ସହଯୋଗ କରିଥିଲେ। ଶେଷରେ ସୁରେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ଲୋଇସିଂହା,୧୮।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଚୁଙ୍ଗୀଦାଦରଠାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଟ୍ରେଲର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଗଲପୁର ବ୍ଲକ ପାଣ୍ଡେସରା ଗ୍ରାମର ଧୀରେନ ପଧାନ (୪୫)। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ଓ ପରିବାରବର୍ଗ ଉତ୍ତ୍ୟକ୍ତ ହୋଇ ବୁଧବାର କ୍ଷତିପୂରଣ ଦାବିରେ ଭରସୁଜା ବସଷ୍ଟାଣ୍ଡ ଛକରେ ମୃତଦେହ ରଖି ରାସ୍ତାରୋକୋ କରିଥିବା ଖବର ମିଳିଛି। ପ୍ରକାଶ ଯେ, ଧୀରେନ ବାଇକ୍ ଯୋଗେ ଲୋଇସିଂହାରୁ ଘରକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରେଲର ସାମନା ପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଲୋଇସିଂହା ଓ ପରେ ବଲାଙ୍ଗୀର ଭୀମଭୋଇ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଥିବା ବେଳେ ସେହି ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ପରିବାରବର୍ଗ ଓ ସମ୍ପର୍କୀୟ ଅପରାହ୍ନରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଖବର ପାଇ ସନ୍ଧ୍ୟାରେ ଆଗଲପୁର ପୋଲିସ ଓ ତହସିଲଦାର ନବୀନ କିଶୋର ପାଢୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀଙ୍କ ସହ ଆଲୋଚନା କରି ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ମୃତ ଧୀରେନଙ୍କ ବାପା ସଦାନନ୍ଦଙ୍କୁ ପ୍ରଦାନ କରିଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ଓ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରାଯିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ତହସିଲଦାର ପାଢୀ କହିବା ପରେ ରାସ୍ତାରୋକୋ ହଟିଥିଲା। ସୂଚନାଯୋଗ୍ୟ , ମୃତ ଧୀରେନଙ୍କ ସ୍ତ୍ରୀ ଓ ଦୁଇ ଝିଅ ପୁଅ ଅଛନ୍ତି। ଏ ନେଇ ଆଗଲପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଟ୍ରେଲର ଧକ୍କାରେ ଯୁବକଙ୍କ ମୃତ୍ୟୁ

# ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା


ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଶୋଭାଯାତ୍ରା।

ଦେଓଗାଁ,୧୮।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ମୁଖ୍ୟାଳୟସ୍ଥିତ ସ୍ୱପ୍ନେଶ୍ୱର ବାବାଙ୍କ ପୁନଃ ନିର୍ମାଣ ହୋଇଥିବା ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଦିନ ଗ୍ରାମର ଶତାଧିକ ମହିଳା ପୁରୁଷ ସ୍ଥାନୀୟ ବଡବନ୍ଧଠାରେ ପୂଜାର୍ଚ୍ଚନା କରିବା ପରେ ପୂର୍ଣ୍ଣ କଳସ ଧାରଣ କରି ଗ୍ରାମ ପରିକ୍ରମା କରିଥିଲେ। ପରେ ପ୍ରହରୀ ମଣ୍ଡପଠାରେ ପରିକ୍ରମା କରି କଳସ ସ୍ଥାପନ କରିଥିଲେ । ରୀତିନୀତି ଅନୁସାରେ ଅଧିବାସ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । କାର୍ଯ୍ୟକ୍ରମରେ ଶୁଶିଳ କୁମାର ଚାନ୍ଦ ଓ ରଶ୍ମିତା ଚାନ୍ଦ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁବାର ତୁଳସୀ ରାମାୟଣ ଓ ନବାହ୍ନ ପାରାୟଣ ପଠନ, ୨୦ ତାରିଖରେ ଛପନ ପ୍ରହରୀ ନାମାରମ୍ଭ, ୨୫ତାରିଖରେ ମନ୍ଦିର ପ୍ରତିଷ୍ଠା ଓ ୨୭ ତାରିଖରେ ମନ୍ଦିର କୁମ୍ଭ ସ୍ଥାପନ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଝରେଇବାହାଲିର ରଘୁନାଥ ମଠର ବଳରାମ ଦାସଜୀ ମହାରାଜଙ୍କ ତତ୍ତ୍ୱାବଧାନରେ ଚାଲିଥିବା କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ଭାବେ ସୁଦର୍ଶନ ପୁରୋହିତ, ବ୍ୟାସ ଭାବେ ଭରସୁଜାର ଡ.ମିଳନ କୁମାର ମିଶ୍ର, ଯଜ୍ଞ କର୍ତ୍ତା ଭାବେ ଶୁଶିଳ କୁମାର ଚାନ୍ଦ ଓ ରଶ୍ମିତା ଚାନ୍ଦ ଦାୟିତ୍ୱ ତୁଲାଉଛନ୍ତି। ଏହାଛଡା ପ୍ରହରୀ କର୍ତ୍ତା ଭାବେ ରୂପାଧର ସେଠ ଓ ସବିତା ସେଠ, ପାରାୟଣ କର୍ତ୍ତା ଭାବେ ଯୁଗଳ କିଶୋର ମେହେର ଓ ପଦ୍ମିନୀ ମେହେର ଦାୟିତ୍ୱ ନିର୍ବାହ କରୁଥିବା ବେଳେ ମୀନାବଜାର ମୁଖ୍ୟ ଆକର୍ଷଣ ସାଜିଛି।

# ଲୋଇସିଂହା କଲେଜ: ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କ ପରିଦର୍ଶନ

ଲୋଇସିଂହା,୧୮।୩(ସୁଶାନ୍ତ ବାରିକ)

ସମ୍ବଲପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼. ମୁରଲୀଧର ମାଝୀ ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ପରିଦର୍ଶନରେ ଆସିଥିଲେ। କଲେଜ ଅଧ୍ୟକ୍ଷ ବିଭୁଦେନ୍ଦୁ ମହାନ୍ତି ଓ ଷ୍ଟାଫ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସେ କଲେଜର ଲାଇବ୍ରେରୀ ବୁଲି ଦେଖିବା ସହିତ ଶ୍ରେଣୀଗୃହ ଓ ପାଠପଢ଼ା ତଦାରଖ କରିଥିଲେ। ଏହାଛଡା ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀଙ୍କ ସହ ଆଲୋଚନା କରି କଲେଜର ବିଭିନ୍ନ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏହି ଆଲୋଚନା ବେଳେ ଗବେଷଣାତ୍ମକ ମନୋବୃତ୍ତି ଜାଗ୍ରତ ପାଇଁ ଅଧ୍ୟାପିକା,ଅଧ୍ୟାପକଙ୍କୁ ଆଞ୍ଚଳିକ ନିର୍ଦ୍ଦେଶକ ମାଝୀ କହିଥିଲେ। ନାକ୍ ଆକ୍ରିଡେଶନ ପାଇଁ ଉଦ୍ୟମ କରିବାକୁ କଲେଜ ଅଧ୍ୟକ୍ଷ ମହାନ୍ତିଙ୍କୁ ଆଞ୍ଚଳିକ ନିର୍ଦ୍ଦେଶକ ମାଝୀ ପରାମର୍ଶ କରିଥିଲେ।

# ହାତୀ ଉପଦ୍ରବ: ପନିପରିବା ଫସଲ ନଷ୍ଟ

ଲାଠୋର,୧୮।୩(ଭୁବନେଶ୍ୱର ବାରିକ)

ମଙ୍ଗଳବାର ରାତିରେ ଲାଠୋର ଅଞ୍ଚଳର ମସିଣା ଗ୍ରାମରେ ଏକ ହାତୀ ପଶି ଉପଦ୍ରବ କରିଛି। ହାତୀ ଜଣେ ଚାଷୀଙ୍କ ପମ୍ପ ଘର ଭାଙ୍ଗି ଦେଇଥିବା ବେଳେ ସେ କରିଥିବା ଦାଲୁଅ ଧାନ ଓ ପନିପରିବା ଫସଲ ଦଳି ଚକଟି ନଷ୍ଟ କରି ଦେଇଛି । ଖବରପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ଫେରିଥିବା ଜଣାଯାଇଛି । କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାକୁ ଦାବି ହେଉଛି । ସୂଚନାଯୋଗ୍ୟ, ଗତ ୩ ମାସ ତଳେ ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ ଅଞ୍ଚଳକୁ ଏକ ୨୯ ଟିକିଆ ହାତୀପଲ ଆସି ଉପଦ୍ରବ କରିଥିଲେ । ହାତୀ ପଲ ଜଣେ ମହିଳାଙ୍କୁ ଦଳି ମାରିବା ସହ ଅନେକ ଲୋକଙ୍କ ଘର ଦ୍ୱାର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରି ଦେଇଥିଲା । ହାତୀପଲ ରେଞ୍ଜ ଛାଡ଼ି ଚାଲି ଯାଇଥିଲେ ହେଁ ସେଥିମଧ୍ୟରୁ ଗୋଟେ ମାଇ ହାତୀ ଅଞ୍ଚଳରେ ରହି ଯାଇଥିଲା । ଉକ୍ତ ହାତୀ ମସିଣା ଗ୍ରାମରେ ପଶିବା ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

## ପମ୍ପ ଘର ଭାଙ୍ଗିଲା

# ଲାଠୋର ଅଞ୍ଚଳରେ ମିଳୁନି ରନ୍ଧନ ଗ୍ୟାସ୍: ଉପଭୋକ୍ତା ହନ୍ତସନ୍ତ

ଲାଠୋର,୧୮।୩(ଭୁବନେଶ୍ୱର ବାରିକ)

ଗତ କିଛି ଦିନ ହେବ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ରନ୍ଧନ ଗ୍ୟାସ୍ ମିଳୁନି । ଗ୍ୟାସ୍‌ର ଅଭାବ ଯୋଗୁ ଉପଭୋକ୍ତା ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଖପ୍ରାଖୋଲରେ ଏକ କମ୍ପାନୀର ଗ୍ରାମୀଣ ବିତରକ କେନ୍ଦ୍ର ରହିଛି। ସେହି କେନ୍ଦ୍ରରୁ ଖପ୍ରାଖୋଲ ବ୍ଲକର କେତେକ ଅଞ୍ଚଳ ସହ ଲାଠୋରକୁ ମଧ ଗ୍ୟାସ୍ ଯୋଗାଣ ହୁଏ। ସେଠାରୁ ନିୟମିତ ଗାଡ଼ି ଯୋଗେ କେନ୍ଦ୍ରର କର୍ମଚାରୀମାନେ ଲାଠୋର ଅଞ୍ଚଳକୁ ଆସି ଘରକୁ ଘର ବୁଲି ରନ୍ଧନ ଗ୍ୟାସ ଯୋଗାଣ କରୁଥିଲେ। ହେଲେ ପ୍ରାୟ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ସେଠାରୁ ଲାଠୋରକୁ ଗ୍ୟାସ୍ ଗାଡ଼ି ଆସୁନାହିଁ। ଏହାର ସୁଯୋଗ ନେଇ କେହି ଜଣେ ବ୍ୟକ୍ତି ଲାଠୋରରେ ସରକାରୀ ଦରଠାରୁ ଡ଼ବଲ ରେଟରେ ଲୁଚାଛପାରେ ଗ୍ୟାସ୍ ବିକ୍ରୟ କରୁଥିବା ଚର୍ଚ୍ଚା ହେଉଛି। ଏନେଇ ଖପ୍ରାଖୋଲ ଗ୍ରାମୀଣ ବିତରକ କେନ୍ଦ୍ର କର୍ମଚାରୀଙ୍କ ସହ ଯୋଗାଯୋଗ କରିବାରେ ବର୍ତ୍ତମାନ ସର୍ଭର ଖୋଲୁ ନଥିବା ବେଳେ ଡ଼ିପୋରୁ ଗ୍ୟାସ୍ ସଟେଜ ଆସୁଛି। ଫଳରେ ସମସ୍ୟା ସୃଷ୍ଟି ହେଉଛି। ଜରୁରୀ କାଳୀନ ପରିସ୍ଥିତି ପାଇଁ ଆମ କେନ୍ଦ୍ରରେ କିଛି ଗ୍ୟାସ୍ ସିଲିଣ୍ଡର ଅଛି। ଉପଭୋକ୍ତା ଏଠାକୁ ଆସି ନେଇପାରିବେ ବୋଲି କହିଥିଲେ। ଏ ସମ୍ପର୍କରେ ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲାଙ୍କୁ ପଚାରିବାରେ ଆମେ ବିତରକଙ୍କ କେନ୍ଦ୍ର ପରିଦର୍ଶନ କରି କେତେ ଗ୍ୟାସ୍ ମହଜୁଦ ରହିଛି ଯାଞ୍ଚ କରିବୁ । ଲାଠୋର ଅଞ୍ଚଳର ଯେଉଁ ଉପଭୋକ୍ତାମାନେ ଅନ୍‌ଲାଇନରେ ବୁକିଂ କରିଛନ୍ତି ସେମାନଙ୍କୁ ଶୀଘ୍ର ଗ୍ୟାସ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି।

## ଗ୍ୟାସ୍ କଳାବଜାର ହେବା ଆଶଙ୍କା

# ସାମୂହିକ ବ୍ରତୋପନୟନ



ସାମୂହିକ ବ୍ରତୋପନୟନ କରାଯାଉଛି।

ବଲାଙ୍ଗୀର,୧୮।୩
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ସାମୂହିକ ନିଃଶୁଳ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୦ ବର୍ଷ ହେବ ଜିଲା ବ୍ରାହ୍ମଣ ମହାସଭା ପକ୍ଷରୁ ଏଭଳି ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ କରାଯାଉଛି। ଚଳିତବର୍ଷ ୧୪ ଜଣ ବ୍ରାହ୍ମଣ ବାଳକ (ବଟୁ) ବ୍ରତୋପନୟନ ହୋଇଛନ୍ତି। ମାର୍ଚ୍ଚ ୧୫ରେ ଚାରିକର୍ମ ଓ ୧୬ରେ ବ୍ରତୋପନୟନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଓ ସାମାଜିକ କର୍ମୀ ଗୋପାଳଜୀ ପାଣିଗ୍ରାହୀ, ଅନ୍ୟ ବର୍ଗର କର୍ମକର୍ତ୍ତା ତଥା ସ୍ୱତନ୍ତ୍ର ନିମନ୍ତ୍ରିତ ବ୍ୟକ୍ତି ଯୋଗଦାନ କରିଥିଲେ। ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମକୁ ମୁଖ୍ୟ ଆଚାର୍ଯ୍ୟ ଭାବେ ପଣ୍ଡିତ ସନ୍ତୋଷ ମିଶ୍ର, ଗୋକୁଳା ମିଶ୍ର ଏବଂ ସହଯୋଗୀ ଆଚାର୍ଯ୍ୟ ଭାବେ ପଣ୍ଡିତ ଭୋଜରାଜ ଦାଶ, ରଘୁନାଥ ଶତପଥୀ, ଗୁରୁଜୀ ଆନନ୍ଦ ମିଶ୍ର, ସୋମନାଥ ମିଶ୍ର, ରଜନୀ ଦାଶ, ସୁରେଶ ଚନ୍ଦ୍ର ପଣ୍ଡା, କାର୍ତ୍ତିକ ପଣ୍ଡା, ନରେନ୍ଦ୍ର ମହାପାତ୍ର, ପ୍ରମୋଦ ପଣ୍ଡା, ଗୋବିନ୍ଦ ପାଣି, ସୌମ୍ୟ ମିଶ୍ର ଓ ଆନନ୍ଦ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାୟୀ, ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ ବ୍ରାହ୍ମଣ ପରିବାର ଯୋଗଦାନ କରିଥିଲେ। ଅପରାହ୍ଣ ୪ଟା ସମୟରେ ସମସ୍ତ ବଟୁଧାରୀଙ୍କ ରୋଷଣି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ବ୍ରାହ୍ମଣ ମହାସଭା ଉପଦେଷ୍ଟା ଜୟରାମ ମିଶ୍ର, ପର୍ଶୁରାମ ନାୟକ, ଶିବ ଶଙ୍କର ଖୁଆସ, ଲୋକନାଥ ନେପାକ, ସଭାପତି ପ୍ରାଣବଲ୍ଲଭ ତ୍ରିପାଠୀ, ସମ୍ପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଉପସଭାପତି କିଶୋର ପୁରୋହିତ, ରାଜଶ୍ରୀ ତ୍ରିପାଠୀ, ସହସମ୍ପାଦକ ସଂକୀର୍ତ୍ତନ ତ୍ରିପାଠୀ, କୋଷାଧକ୍ଷ ରାଜେନ୍ଦ୍ର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଭାଜପାରେ ମିଶ୍ରଣ ପର୍ବ

ଟିଟିଲାଗଡ଼,୧୮।୩(ସନ୍ତୋଷ ପଟ୍ଟନାୟକ)

ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ କତରକେଲା ପଞ୍ଚାୟତର ବହୁ ଯାଦବ ଓ ପଛୁଆବର୍ଗର ବରିଷ୍ଠ ତଥା ଯୁବ ନେତା ଭାଜପାରେ ସାମିଲ ହୋଇଛନ୍ତି । କତରକେଲା ସରପଞ୍ଚ ତଥା ବରିଷ୍ଠ ଯାଦବ ନେତା ରୂପଧର ଘିଭେଲାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଟିଟିଲାଗଡ ବିଧାୟକ ନବୀନ ଜୈନଙ୍କ ଉପସ୍ଥିତିରେ ତ୍ରିନାଥ ଆଡ଼ଯୁଆଡ଼, ଅକ୍ଷୟ ଜାଲ, ବାସୁ ମହାନନ୍ଦ, ଧର୍ମୁ ରଣା, ଥକାମନ ସାହୁ, ଦୀନବନ୍ଧୁ ସାହୁ, ଚୈତନ୍ୟ ଘିଭେଲା, ସୁବାସ ସାହୁ, ହରିଶଙ୍କର ସାହୁ, ଲବ ସାହୁ, ପବିତ୍ର ସାହୁ, ବିନୟ ସାହୁ, କମଳ ସାହୁ, ପ୍ରେମ ସାଗର ସାହୁ, ଦୟାନିଧି ପୋଢ଼ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ରଞ୍ଜୁ ପାତ୍ର, ସୁରେଶ ଭୋଇ, ତଥାଗତ କଟା, ଅଶୋକ ଭୋଇ, ବରୁଣ ବେହେରା, ପବିତ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ବନାଗ୍ନି ନିୟନ୍ତ୍ରଣ ପାଇଁ ଜନସହଯୋଗ ଲୋଡ଼ା

ସମ୍ବଲପୁର,୧୮।୩(ଭବାନୀ ଶଙ୍କର ଭୋଇ)



ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ।

**ବନାଗ୍ନି ନିୟନ୍ତ୍ରଣ ଉପରେ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ**

ସମ୍ବଲପୁର ସଦର ବନାଞ୍ଚଳସ୍ତରୀୟ ବନାଗ୍ନି ନିୟନ୍ତ୍ରଣ ଉପରେ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ଓରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ଝୁଝୁମୁରା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ, ଅଗ୍ନିଶମ ବିଭାଗ ଅଧିକାରୀ ଦୟାନନ୍ଦ ମାଝୀ, ସହାୟକ କୃଷି ବୈଷୟିକ ପରାମର୍ଶଦାତା କମଳାକାନ୍ତ ରନବିଡ଼ା, ଝୁଝୁମୁରା ସରପଞ୍ଚ ବାସନ୍ତି ମାଝୀ, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ଝୁଝୁମୁରା ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବିକାଶ ମିଶ୍ର, ଗଡଗଡବାହାଲ ବନ ସୁରକ୍ଷା ସମିତି ସଭାପତି ସୁରେଶ୍ୱର ପ୍ରଧାନ ଯୋଗଦେଇଥିଲେ। ମହୁଲ ସଂଗ୍ରହ ଆଦ ପାଇଁ ବହୁ ଲୋକ ଗଛତଳେ ନିଆଁ ଲଗାଇ ଦେଉଥିବାରୁ ତାହା ସାରା ଜଙ୍ଗଲକୁ ନଷ୍ଟ କରୁଛି। ତେଣୁ ଲୋକଙ୍କୁ ସଚେତନ ହୋଇ ସହଯୋଗ କରିବାକୁ କେନ୍ଦୁପତ୍ର ବନାଞ୍ଚଳ ପକ୍ଷରୁ ଆହ୍ୱାନ କରାଯାଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ସମପତନ ଅଗ୍ନି ନିର୍ବାପକ ରେଖା ନିର୍ମାଣ କରି ବନାଗ୍ନି ନିୟନ୍ତ୍ରଣ ସଚେତନତା ସୃଷ୍ଟି କରିବା ପାଇଁ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ପରିବେଶ ସୁରକ୍ଷା ପାଇଁ ବନାଗ୍ନି ବାଧକ ସାଜିଛି ବୋଲି ଅତିଥିମାନେ ମତବ୍ୟକ୍ତ କହିଥିଲେ। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ବନପାଳ ରଞ୍ଜନ ଖମାରୀ, ଗଡବାହାଲ ବନ ସୁରକ୍ଷା ସମିତି ସଭାପତି ସୁରେଶ୍ୱର ପ୍ରଧାନ, ଅଗ୍ନିଶମ ବିଭାଗ ଝୁଝୁମୁରାର ମନୋରଞ୍ଜନ ମଲ୍ଲିକ, ବେହେରାଣୀବସା ବନ ସୁରକ୍ଷା ସମିତି ସଭାପତି ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ବନରକ୍ଷୀ ସସ୍ମିତା ମହାପାତ୍ର ପ୍ରମୁଖ ଜଙ୍ଗଲ ନିଆଁ ନିର୍ବାପକ ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ବନପାଳ, ବନରକ୍ଷୀ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କ୍ଷେତ୍ରୀୟ ପରିଚାଳନା ସଂସ୍ଥା ସଦର ବନାଞ୍ଚଳର କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଦଳପତି ପଙ୍କଜିନୀ ସାହୁ, ଉନ୍ନୟନ ଅଧିକାରୀ ଦେବେନ୍ଦ୍ର କୁମାର ନାୟକ, ବେଦବ୍ୟାସ ସାହୁ ସମେତ ବିଭିନ୍ନ ବନସୁରକ୍ଷା ସମିତିରୁ ଆସିଥିବା ବନ ସହାୟକ, ସହାୟିକା, ସଭାପତି, ପାରାଷ୍ଟାଫମାନେ ଯୋଗ ଦେଇଥିଲେ। କ୍ଷେତ୍ର ସଂଯୋଜକ ଉମାକାନ୍ତ ପୋଢ ଧନ୍ୟବାଦ ଅର୍ପଣ କରିଥିଲେ।

# ସମଲେଶ୍ୱରୀ ପୀଠର ପବିତ୍ରତା ରକ୍ଷା ପାଇଁ ଜିଲାପାଳଙ୍କୁ ଫେରାଦ

ସମ୍ବଲପୁର,୧୮।୩(ପ୍ରମୋଦ ବହିଦାର)

ମା' ସମଲେଇଙ୍କ ମନ୍ଦିର ଏବଂ ଏହାର ଚତୁଃପାର୍ଶ୍ୱରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ନେଇ ସମ୍ବଲପୁର ଜିଲା ବିଜେଡି ଅସନ୍ତୋଷ ପ୍ରକାଶ କରିଛି। ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲାସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧି ଦଳ ବୁଧବାର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷତ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଇଂ.ପୂଜାରୀ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମା'ଙ୍କ ପୀଠର ସୌନ୍ଦର୍ଯ୍ୟକରଣ ଜନିତ ନିର୍ମାଣ ହୋଇଥିବା ସମଲେଇ ପ୍ରକଳ୍ପ ଏବେକାର ଶାସନ କାଳରେ ଅବହେଳିତ ଅବସ୍ଥାରେ ରହିଛି। ଗତ ଦୁଇବର୍ଷ ମଧ୍ୟରେ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଓ ଟିଫିନ ପ୍ୟାକେଟ ମନ୍ଦିର ପରିସରରେ ଏଣେତେଣେ ପଡ଼ି ରହିଥିବା ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ, ମନ୍ଦିର ବେଢ଼ା ମଧ୍ୟରେ ରନ୍ଧା ମାଂସର ଅବଶେଷ, ଚୂଲି ସହିତ ମାଳମାଳ ମଦ ବୋତଲ ଉଦ୍ଧାର ଘଟଣା ଏଠାରେ ମଦମାଂସର ଆସର ଚାଲିଥିବା ପ୍ରମାଣିତ କରିଛି। ଭକ୍ତମାନଙ୍କ ପାଇଁ ନିର୍ମିତ ଶୌଚାଳୟ ବନ୍ଦ ରହିବା ଏବଂ ମନ୍ଦିର ମଧ୍ୟରେ ଭିଆଇପି ସଂସ୍କୃତିର ପ୍ରାଦୁର୍ଭାବକୁ ନେଇ ମଧ ସେ ପ୍ରଶ୍ନ ଉଠାଇଥିଲେ। ପ୍ରଶାସନ ପକ୍ଷରୁ ତୁରନ୍ତ ଏହିସବୁ ସମସ୍ୟାର ସମାଧାନ କରାଯିବା ସହ ମନ୍ଦିରର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସେ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ତେବେ ଯଦି ଆଗାମୀ ଦିନରେ ଏହି ଅବ୍ୟବସ୍ଥାର ସୁଧାର ନ ଆସେ, ତାହେଲେ ଭକ୍ତଙ୍କ ସହିତ ମିଶି ବିଜେଡି ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଛାତ୍ରମାନେ କଲେଜ ସମ୍ମୁଖରେ ଥିବା ପାଉଁଶ ହଟାଇଲେ

ସମ୍ବଲପୁର,୧୮।୩(ପ୍ରମୋଦ ବହିଦାର)

ସମ୍ବଲପୁର ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ସମ୍ମୁଖରେ ଦୀର୍ଘଦିନ ଧରି କମ୍ପାନୀ ପାଉଁଶ(ଆସ୍‌ପଣ୍ଡ)ପଡ଼ି ରହିଥିଲା। ପାଉଁଶ ହଟାଇବାକୁ ପ୍ରଶାସନକୁ ନିବେଦନ କଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଫଳରେ ବୁଧବାର ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଛାତ୍ରମାନେ ଏକାଠି ହୋଇ ରାସ୍ତା ଉପରେ ପଡ଼ିଥିବା ପାଉଁଶ ସଫେଇ କରିଥିଲେ। ଆଶ୍ଚର୍ଯ୍ୟର କଥା କଲେଜର ଅନତି ଦୂରରେ ଜିଲା ପୋଲିସ ପୋଷ୍ଟ ଥିଲେ ସୁଦ୍ଧା ଏଭଳି ବେଆଇନ ପାଉଁଶ ଗଦାକୁ ଅଣଦେଖା କରାଯାଉଛି। ପାଉଁଶଗଦାରୁ ପବନରେ ପାଉଁଶ ଉଡ଼ି ମହାବିଦ୍ୟାଳୟ ପରିସରକୁ ପଶିବା ସହ ପଥାଚାରୀ ପ୍ରଭାବିତ ହେଉଛନ୍ତି। ତୃତୀୟ ବର୍ଷ ଛାତ୍ର ରୋହନ ନାୟକଙ୍କ ନେତୃତ୍ୱରେ ଗୌତମ ପଣ୍ଡା, ସୁବ୍ରତ ଭୋଇ ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।


କଲେଜ୍ ସମ୍ମୁଖରୁ ଛାତ୍ରମାନେ ପାଉଁଶ ସଫେଇ କରୁଛନ୍ତି।

# ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟସ୍ଥଳରୁ ପାଇପ ଚୋରି

**୨ ଟ୍ରକ ଜବତ,୨ ଅଟକ**

କୁଚିଣ୍ଡା,୧୮।୨(ବିରଞ୍ଚି ଦର୍ଦ୍ଧା)

କେନ୍ଦ୍ର ସରକାରଙ୍କ ହର ଜଳ ଯୋଜନାରେ ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ମେଗା ପାନୀୟ ଜଳ ଯୋଗାଣ ପାଇଁ ପାଇପ ଲାଇନ କାମ ଚାଲିଛି। ହେଲେ ମଙ୍ଗଳବାର ରାତିରେ ମହୁଲପାଲି ଥାନା ନୂଆରୋଡ ଛକରୁ ନୂଆଡିହି ଭାୟା ରେଙ୍ଗାଲବେଡା ପାଖରେ ଥିବା ଷ୍ଟକୟାର୍ଡରୁ ୨୫ ପିସ ପାଇପ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବାମରା ପ୍ୟାକେଜରେ ଟେଣ୍ଡର ନେଇ କାମ କରୁଥିବା ଲେଜର ପାୱାର ଆଣ୍ଡ ଇନଫ୍ରା ପ୍ରାଇଭେଟ ଲିମିଟେଡ ପ୍ରୋଜେକ୍ଟ ମ୍ୟାନେଜର ସନ୍ତୋଷ କୁମାର ମିଶ୍ରଙ୍କ ଏତଲାକ୍ରମେ ଥାନାରେ ଏକ ମାମଲା (ନଂ.୩୩/୨୬)ରୁଜୁ ହୋଇଛି। ପୋଲିସ ଚୋରିରେ ବ୍ୟବହୃତ ୨ଟି ଟ୍ରକ, ୨ଟି ମୋବାଇଲ ଫୋନ ଓ ୨୫ପିସ୍ ପାଇପ ଜବତ କରି ୨ଜଣଙ୍କୁ ଅଟକ ରଖିଛି। ମଙ୍ଗଳବାର ରାତି ପ୍ରାୟ ୧୨ରୁ ୧ଟା ମଧ୍ୟରେ ନୂଆରୋଡ ନିକଟସ୍ଥ ଷ୍ଟକୟାର୍ଡକୁ ଉପରୋକ୍ତ ୨ଟି ଟ୍ରକ ସହ ୨୦ରୁ ୨୫ଜଣ ଦୁର୍ବୃତ୍ତ ଆସିଥିଲେ। କମ୍ପାନୀ ସୁପରଭାଇଜର ଓ ୱାଚରଙ୍କୁ ଭୟଭୀତ କରି ଟ୍ରକରେ ପାଇପ ଲୋଡ କରିଥିଲେ। ସୁପରଭାଇଜରଙ୍କ ଠାରୁ ଖବରପାଇ ପ୍ରୋଜେକ୍ଟ ମ୍ୟାନେଜର ମିଶ୍ର ମହୁଲପାଲି ଥାନାକୁ ସୂଚନା ଦେଇ ନିଜେ ସେଠାରେ ପହଞ୍ଚିଥିଲେ। ଏହାଦେଖି ଦୁର୍ବୃତ୍ତମାନେ ୨୫ପିସ ପାଇପ ବୋଝେଇ ଟ୍ରକ ନେଇ ଝାରସୁଗୁଡ଼ା ପଟେ ପଳାଇଥିଲେ। ଏ ନେଇ ଝାରସୁଗୁଡ଼ା ଜିଲା କୋଲାବିରା ଥାନାକୁ ମହୁଲପାଲି ପୋଲିସ ଜଣାଇଥିଲା। ପରେ ଉଭୟ ଥାନା ପୋଲିସ ଟ୍ରକକୁ ଧରିଥିଲେ। ଅନ୍ୟ ଟ୍ରକଟି ଦ୍ରୁତ ଗତିରେ ପଳାଉଥିବା ବେଳେ କମ୍ପାନୀ କର୍ମଚାରୀ ମାନେ ତାକୁ ପିଛା କରିବାରୁ ଡ୍ରାଇଭର ଘୁନଘୁଟି ଘାଟି ପାଖରେ ଟ୍ରକକୁ ଛାଡ଼ି ଫେରାର ହୋଇଯାଇଥିଲେ।

# ଫଟୋ ଖବରଦାତାଙ୍କ ପରଲୋକ

ସମ୍ବଲପୁର,୧୮।୩(ପ୍ରମୋଦ ବହିଦାର)


ଦେବଦତ୍ତ ପଣ୍ଡା।

ସମ୍ବଲପୁରର ଫଟୋ ଖବରଦାତା ଦେବଦତ୍ତ ପଣ୍ଡାଙ୍କ ସ୍ଥାନୀୟ ଏକ ନର୍ସିଂହୋମରେ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ସେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ଶେଷ ଦର୍ଶନ ପାଇଁ ଫାଟକସ୍ଥିତ ତାଙ୍କ ବାସଭବନକୁ ଯାଇ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ୧୯୪୮ ମସିହା ଜାନୁଆରୀ ୨୫ ତାରିଖରେ ଜନ୍ମ ଗ୍ରହଣ କରିଥିବା ପଣ୍ଡା ମାତୃଭୂମି ଦୈନିକ ଖବରକାଗଜରେ ଜିଲାର ଫଟୋ ଖବରଦାତାଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ କାଳରେ ସେ ଦୈନିକ ଅଗ୍ନିଶିଖା ସହିତ ସମ୍ପୃକ୍ତ ହୋଇଥିଲେ। ସେ ସମ୍ବଲପୁର ପ୍ରେସ୍‌କ୍ଲବର ପ୍ରତିଷ୍ଠାତା କୋଷାଧ୍ୟକ୍ଷ ରହିଥିଲେ। ସମ୍ବଲପୁରରେ ଜଣାଶୁଣା ଫଟୋ ଷ୍ଟୁଡିଓ ମୁନଲାଇଟ୍‌ର ସେ ପ୍ରତିଷ୍ଠାତା ଥିଲେ। ତାଙ୍କ ସ୍ତ୍ରୀ, ଗୋଟିଏ ପୁଅ, ପୁତ୍ରବଧୂ, ଦୁଇ ଝିଅ, ନାତିନାତୁଣୀ ଅଛନ୍ତି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ରାଜଘାଟ୍‌ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ସନ୍ତକ ପଣ୍ଡା ମୁଖାଗ୍ନି ଦେଇଥିଲେ। ସମ୍ବଲପୁର ସାମ୍ବାଦିକ ସଂଘ ସଭାପତି ସୁବାଷ ପାଣିଗ୍ରାହୀ ଦେବଦତ୍ତଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଫଟୋଗ୍ରାଫିରେ ପାରଦର୍ଶିତା ପାଇଁ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ୨୦୨୫ ମସିହାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱର୍ଗତ ପଣ୍ଡା ଛାତ୍ର ଜୀବନରୁ ଫଟୋଗ୍ରାଫି ପ୍ରତି ଆକର୍ଷିତ ହୋଇଥିଲେ। ଉଚ୍ଚ ଶିକ୍ଷିତ ହେବା ସତ୍ତ୍ୱେ ସେ ଅନ୍ୟବୃତ୍ତି ବଦଳରେ ଫଟୋ ଖବରଦାତାକୁ ପେଷା ଭାବେ ଗ୍ରହଣ କରିଥିଲେ। ବିଭିନ୍ନ ଖବରକାଗଜ, ଓଡିଶା ଏବଂ କେନ୍ଦ୍ର ସରକାରଙ୍କ ପାଇଁ ସେ ଫଟୋ ପ୍ରେରଣ କରି ଉଚ୍ଚ ପ୍ରଶଂଶିତ ହୋଇଥିଲେ।

# ଶିବିରରେ ୩୩୬ ୟୁନିଟ ରକ୍ତ ସଂଗ୍ରହ

ସମ୍ବଲପୁର,୧୮।୩(ଭବାନୀ ଶଙ୍କର ଭୋଇ)

ଭିସୁଟ୍ ସମାଜ ସେବକ ସଂଘ ବୁର୍ଲା ମେଡ଼ିକାଲ ଭିମସାରର ସହାୟତାରେ ବିଜୁ ପଟ୍ଟନାୟକ ଇ-ଲର୍ଣିଂ ସେଣ୍ଟରରେ ବୁଧବାର ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଶିବିରରେ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧାପିକା ଓ ଅଧାପିକା ରକ୍ତଦାନରେ ସାମିଲ ହୋଇଥିଲେ। ଶିବରରେ ୩୩୬ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଦାନ ପୂର୍ବରୁ ସଭିଙ୍କର ଓଜନ ତଥା ହିମୋଗ୍ଲୋବିନ ମାପ କରାଯାଇଥିଲା। ସଂଘର ପରାମର୍ଶଦାତା ଡ଼. ମନିଲା ମଲ୍ଲିକ, ଡ଼. ରୋଜି ପ୍ରଧାନ, ଡ଼. ବିଷୟା ଭୋଇ ଆଦିଙ୍କ ତତ୍ତ୍ୱାବଧାନରେ ଶିବର ପରିଚାଳନା ହୋଇଥିଲା। ଭିସୁଟ କୁଳପତି ଡ଼. ଦୀପକ କୁମାର ସାହୁ, ଡି.ଏସ.ଡବୁଲ, ଡ. ରାକେଶ ରୋଶନ ଦାଶ ଏବଂ ସଂଘ ଉପସଭାପତି ଡ଼. ଅକ୍ଷୟ କୁମାର ପଟ୍ଟନାୟକ ରକ୍ତଦାନ କରି ଅନ୍ୟ ଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ କୁଳପତି ପ୍ରଶଂସା କରିଥିଲେ ।

# ଶୋଭାଯାତ୍ରାରେ ୩୦ସାଂସ୍କୃତିକ ଦଳ ସାମିଲ ହେବ

ସମ୍ବଲପୁର,୧୮।୩(ବି.ଶଙ୍କର)

**ଶ୍ରୀରାମ ଜନ୍ମୋତ୍ସବ ସମିତିର ପ୍ରସ୍ତୁତି ବୈଠକ**

ଶ୍ରୀରାମ ଜନ୍ମୋତ୍ସବ ସମିତିର ପ୍ରସ୍ତୁତି ବୈଠକ ଏବଂ ସଙ୍ଗଠନ କମିଟି ବୁଧବାର ଅପରାହ୍ନ ୪ଟାରେ ଘୋଷଣା କରାଯାଇଛି । ସମିତିର କାର୍ଯ୍ୟକାରୀ ସଭାପତି ଗିରିଶ ପଟେଲଙ୍କ ପରିଚାଳନାରେ ନୟାପଡାରେ କାର୍ଯ୍ୟକ୍ରମ ହୋଇଥିଲା । ଅଗାମୀ ୨୭ ତାରିଖରେ ଶ୍ରୀରାମ ଜନ୍ମୋତ୍ସବ ପାଳନ କରାଯିବାକୁ ସ୍ଥିର ହୋଇଛି । ଏହି ମହୋତ୍ସବକୁ ଅଧିକ ଆକର୍ଷଣୀୟ କରାଯିବ ଲକ୍ଷ୍ୟରେ ବିଭିନ୍ନ କମିଟି ଘୋଷଣା କରାଯାଇଛି। ଟ୍ରଷ୍ଟ ମୁଖ୍ୟଭାବେ ବିପିନ ବିହାରୀ ନନ୍ଦ, ସଭାପତି ଅଧିବକ୍ତା ପ୍ରଦୀପ କୁମାର ବହିଦାର, କାର୍ଯ୍ୟକାରୀ ସଭାପତି ଗିରିଶ ପଟେଲ, ବୁଲୁ ବିଶ୍ୱାଳ ଓ ଶିବ କୁମାର ଅଗ୍ରୱାଲ ଦାୟିତ୍ୱ ନର୍ବାହ କରିବେ। ଉପଦେଷ୍ଟାଭାବେ ଅଧିବକ୍ତା ସତ୍ୟନାରାୟଣ ପଣ୍ଡା, ସୀମାଞ୍ଚଳ ଖଟେଇ, କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା, ମେଜର ସୁବେଦାର ଶିବନାରାୟଣ ବେହେରା, ପଣ୍ଡିତ ଅମରନାଥ ମିଶ୍ର, କାର୍ତ୍ତିକ ବହିଦାର, ଶତ୍ରୁଘ୍ନ ଲାଲ ସାହା, ଦୀନେଶ ଅଗ୍ରୱାଲ, ନୟନ ପଟେଲ, ଗୋଲାକ ବିହାରୀ ମିଶ୍ର, ବିଷ୍ଣୁ ପ୍ରସାଦ ରକ୍ଷୀତ, ମନୀଷ ଅଗ୍ରୱାଲ ପ୍ରମୁଖଙ୍କୁ ରଖାଯାଇଛି। ପ୍ରେସ ମିଡିଆ ସଂଯୋଜକ ଭାବେ ଦେବାଶିଷ ପୁରୋହିତ, ଗୌତମ ମିଶ୍ର, ସୋସିଆଲ ମିଡିଆ ସଂଯୋଜକ ଟେକଧର କର, ଶଶାଙ୍କ ଶେଖର ସ୍ୱାଇଁ, ତୁଷାର ରଞ୍ଜନ ସେଠ, ଶୋଭାଯାତ୍ରା ସଂଯୋଜକ ରାଜୁ ସୁନାରୀ, ମନୋଜ ସାହୁ, ରୂପେଶ କୁଅଁର, ବାବୁ ବେହେରା, ଦିୟାନିଧି ପ୍ରଧାନ ଓ ଆଇନ ପରାମର୍ଶଦାତାଭାବେ ମିଲନ କୁମାର ମହାରଣା ନିଯୁକ୍ତ ହୋଇଛନ୍ତି। ଉକ୍ତ ଦିନ ଶୋଭାଯାତ୍ରା କ୍ଷେତରାଜପୁର ରେଲୱେ ଷ୍ଟେଶନରୁ ଆରମ୍ଭ ହୋଇ ମୋଦିପଡା ଓ ସାନସଡକ ମାର୍ଗ ହୋଇ ବୁଡ୍ଢା ହିଲ ସ୍ଥିତ ଶ୍ରୀରାମ ମନ୍ଦିରଠାରେ ସମାପ୍ତ ହେବ। ଏହି ଶୋଭାଯାତ୍ରାରେ ୩୦ ରୁ ଅଧିକ ମେଢ, ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବେ ବୋଲି କାର୍ଯ୍ୟକାରୀ ସଭାପତି ପଟେଲ ସୂଚିତ କରିଛନ୍ତି ।

# ଶିଶୁ ସୁରକ୍ଷା ଓ ମିଶନ ବାତ୍ସଲ୍ୟ ଯୋଜନା ପ୍ରଶିକ୍ଷଣ ଶିବିର


ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ପ୍ରତିନିଧିମାନେ ।

ସମ୍ବଲପୁର,୧୮।୩(ବି.ଶଙ୍କର)

ଶିଶୁ ସୁରକ୍ଷା ଏବଂ ମିଶନ ବାତ୍ସଲ୍ୟ ଯୋଜନାର ସଫଳ ରୂପାୟନ ସକାଶେ ଜିଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। ୟୁନିସେଫର ଶିଶୁ ସୁରକ୍ଷା ପରାମର୍ଶଦାତା ଘସିରାମ ପଣ୍ଡା ବିଷୟ ବିଷେଷଜ୍ଞ ଭାବେ ଯୋଗଦେଇ ମିଶନ ବାତ୍ସଲ୍ୟ ଯୋଜନାର ବିଭିନ୍ନ ଦିଗ ଏବଂ ଶିଶୁମାନଙ୍କ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏହାପରେ ପୌଷ୍ୟ ଗ୍ରହଣ ଧାରା -୨୦୨୨ ଏବଂ ବେଆଇନ ପୌଷ୍ୟ ଗ୍ରହଣକୁ ରୋକିବା ପାଇଁ ରହିଥିବା ସରକାରୀ ନିୟମାବଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟ ପରାମର୍ଶଦାତା (ୟୁନିସେଫ)ପଣ୍ଡା ଓ ପରାମର୍ଶଦାତ୍ରୀ ସୁନୀତା ତ୍ରିପାଠୀ ଯୋଗଦେଇ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା ଆଇନ), ଜୁଭେନାଇଲ ଜଷ୍ଟିସ(କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ ଚିଲଡ୍ରେନ), ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ ଏବଂ ୧୦୯୮ହେଲପ ଲାଇନ ସମ୍ପର୍କରେ ସଚେତନ କରିଥିଲେ । ଏହି ଅବସରରେ ଜିଲା ସମାଜ କଲ୍ୟାଣ ଅଧିକାରୀ ସରୋଜା ବେହେରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୁକ୍ତା କୁଲୁ, ସୋସିଆଲ ୱେଲଫେର ଅଫିସର ପ୍ରତିମା ତାନ୍ତି ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣରେ ଜିଲାର ସମସ୍ତ ସିଡିପିଓ, ପ୍ରୋଗ୍ରାମ ଅଫିସର, ସୁପରଭାଇଜର, ସିଡବ୍ଲୁସି ଅଧକ୍ଷ ଓ ସଦସ୍ୟମାନଙ୍କ ସହ ବିଭିନ୍ନ ଶିଶୁ ଯତ୍ନ ସଂସ୍ଥା, ଶକ୍ତି ସଦନ, ଓନ ଷ୍ଟପ ସେଣ୍ଟରର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ ହୋଇଥିଲା।

# ପାରୁଆଭାଡି ଲ୍ୟାମ୍ପସ ବାର୍ଷିକ ସାଧାରଣ ସଭା

କୁଚିଣ୍ଡା,୧୮।୩(ବିରଞ୍ଚି ଦର୍ଦ୍ଧା)

ସମ୍ବଲପୁର ଜିଲା ଗୋଛରାଠାରେ ବୁଧବାର ପାରୁଆଭାଡି ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପସ ସଭାପତି ହୃଦାନନ୍ଦ ମାଝିଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କୁଚିଣ୍ଡା ସମବାୟ ବ୍ୟାଙ୍କ କର୍ମଚାରୀ ବିସ୍ମୟ ପଟେଲ ଓ ବବନ ନାୟକ, ଡାଇରେକ୍ଟର ଜନାର୍ଦ୍ଦନ ପୃଷ୍ଟେଠ, ପୂର୍ବତନ ସରପଞ୍ଚ ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ, ଅବସରପ୍ରାପ୍ତ ପିଟି ଉଦିତ ପ୍ରତାପ ଦେଓ ଅତିଥିଭାବେ ଯୋଗଦେଇଥିଲେ। ଲ୍ୟାମ୍ପସ ଏମଡି ମଞ୍ଜିଲ ପଟେଲ ବାର୍ଷିକ ବିବରଣୀ ପଠନ କରି ଚଳିତ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ସଭାରେ ଉପସ୍ଥିତ ସଭ୍ୟମାନେ ଲ୍ୟାମ୍ପସରେ ଅଚଳ ହୋଇ ପଡିଥିବା ମିନି ବ୍ୟାଙ୍କକୁ ପୁନଃ କାର୍ଯ୍ୟକ୍ଷମ କରି ଠିକ୍ ସମୟରେ ଚାଷୀଙ୍କୁ ସାର ପ୍ରଦାନ, ନାନୋ ୟୁରିଆ ନେବା ପାଇଁ ଚାଷୀଙ୍କୁ ବାଧ ନ କରିବା ଆଦି ଦାବି ଉପସ୍ଥାପନ କରିଥିଲେ। ଏହି ଦାବି ଉପରେ ଆଲୋଚନା କରାଯାଇ ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ସେହିପରି ଋଣ ନେଉଥିବା ଚାଷୀ ଠିକ ସମୟରେ ଋଣ ପରିଶୋଧ କରି ଲ୍ୟାମ୍ପସର ଆର୍ଥିକ ଅବ୍ୟବସ୍ଥାକୁ ସୁଦୃଢ କରିବାକୁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ବତନ ଏମ୍‌ଡି ମୋତିଲାଲ ପୃଷ୍ଟେଠ, କର୍ମଚାରୀ ଧନୀରାମ ନାୟକ, ଫିରୋଜ ତ୍ରିପାଠୀ, ଋଷିକେଶ ମେହେର ପ୍ରମୁଖ ସହଯୋଗ କରିଥିଲେ। ଲ୍ୟାମ୍ପସ କର୍ମଚାରୀ ଉଜ୍ଜ୍ୱଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ୟପଥରେ ଆଗେଇ ଉତ୍ତମ ନାଗରିକ ହୁଅ



ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

କୁଚିଣ୍ଡା,୧୮।୩(ବିରଞ୍ଚି ଦର୍ଦ୍ଧା)

**କୁନ୍ତରା କଲେଜର ବାର୍ଷିକ ଉତ୍ସବ**

ସମ୍ବଲପୁର ଜଲା କୁଚିଣ୍ଡା ବ୍ଲକର କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ବୁଧବାର ୪୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ଼. ରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ବିଦ୍ଯୁଭୂଷଣ ମିଶ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ଭିଜିଲାନ୍ସ ଏସପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ କଲେଜ ଅଧକ୍ଷ ଗଗନ ବିହାରୀ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ନିଜର ଲକ୍ଷ୍ୟ ପଥରେ ଆଗେଇ ଉତ୍ତମ ନାଗରିକ ହୋଇ ସମାଜରେ ପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନେ କଲେଜରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧାପିକା ଦୀପିକା ବେହେରା ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ଅରୁଣ ବେହେରା, ତରୁଣ ପୃଷ୍ଟେଠ, ଟିକେଲାଲ ମେହେର, ତୁଳାରାମ ତନସନା, ସଦାନନ୍ଦ ମରେଇ, ରାଜେଶ ମାକର, ରୁଦ୍ରଦତ୍ତ ପଟେଲ, ନରେଶ କିଷାନ, ଅଧାପିକା ସ୍ମିତା ପଟେଲ ସହଯୋଗ କରିଥିଲେ। ଅଧାପକ ଯୋଗେନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



## ସୁନା ଦୋକାନର ତାଲା ଭାଙ୍ଗି ଲୁଟ

ହେମଗିର,(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିରରେ ଥିବା ଏକ ଜୁଏଲାରୀ ଦୋକାନର ତାଲାଭାଙ୍ଗି ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ରୂପା ଓ ସୁନା ଅଳଙ୍କାର ଚୋରି କରିଥିବା ହେମଗିର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ନଂ. ୧୧୬/୨୬ରେ ରୁଜୁ କରି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁସାରେ, ବୁଧବାର ସ୍ଥାନୀୟ କେତେଜଣ ଲୋକ ସୁନା ଦୋକାନର ତାଲା ଭଙ୍ଗାଯାଇଥିବା ଦେଖି ମାଲିକ ଧିରଜ ପ୍ରସାଦଙ୍କୁ ଖବର ଦେଇଥିଲେ। ଧିରଜ ଦୋକାନ ଆସି ଦେଖିବା ପରେ ହେମଗିର ଥାନାରେ ଲିଖିତ ଅଭିଯୋଗ କରିଥିଲେ।


### ଜନ୍ମଦିନର ଶୁଭେଚ୍ଛା



ଜିଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମିଳିଲାନି ଧାନ ବିକ୍ରି ଟୋକନ୍, କମ୍‌ମୂଲ୍ୟରେ ବିକିଲେ ଚାଷୀ

**ଝାରସୁଗୁଡ଼ା,୧୮।୩(ଆଶିଷ ରଞ୍ଜନ ଦାଶ)**

ଧାନ ବିକ୍ରି ପାଇଁ ଟୋକନ୍ ମିଳିଲାନି। ଶେଷରେ ବାଧ ହୋଇ ବାହାରେ କମ୍‌ଦାମ୍‌ରେ ଧାନ ବିକ୍ରି କରି ଚାଷୀଙ୍କୁ ପ୍ରାୟ ୨ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅଧୀନ କେ. ସମାସିଂହା ଗ୍ରାମରେ। ସମବାୟ ସମିତିର ଅସହଯୋଗ ଯୋଗୁ ଚାଷୀମାନେ କ୍ଷତିର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ଅପରପକ୍ଷେ କ୍ଷତିଗ୍ରସ୍ତ ଚାଷୀଙ୍କୁ ମନାଇବାକୁ ପ୍ରଶାସନ ଉଦ୍ୟମ ଚଳାଇଥିବା ଜଣାପଡିଛି।

**କ୍ଷତିଗ୍ରସ୍ତ ଚାଷୀଙ୍କୁ ମନାଇବାକୁ ପ୍ରଶାସନର ଉଦ୍ୟମ**

ମିଳିଥିବା ସୂଚନା ଅନୁଯାୟୀ, କୋଲାବିରା ବ୍ଲକ୍ ଅଧୀନ କେ. ସମାସିଂହା ଗ୍ରାମର ୩ ପରିବାରର ଶରତ ପଧାନ, ଗଣେଶ ପଧାନ, ଶ୍ରୀଧର ପଧାନ, ଆଦିତ୍ୟ ପଧାନ ନିଜ ପୈତୃକ ଭାଗର ଖାତା ନମ୍ବର ୧୯୨, ୧୯୩ର ୧୩ ଏକର ଜମିରେ ଚଳିତବର୍ଷ ଧାନଚାଷ କରିଥିଲେ। ସେମାନେ ଧାନ ବିକ୍ରି ପାଇଁ ରେଜିଷ୍ଟ୍ରେଶନ କରିବାକୁ ସମାସିଂହା ସମବାୟ ସମିତିକୁ ଯାଇଥିଲେ। ମାତ୍ର ସେମାନେ ଚାଷ କରିଥିବା ଜମି ପାଇଁ ପୂର୍ବରୁ ଅନ୍ୟ ଚାଷୀଙ୍କ ଦ୍ୱାରା ରେଜିଷ୍ଟ୍ରେଶନ ହୋଇସାରିଥିବା ନେଇ ସମିତି କର୍ମଚାରୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ସେମାନେ ସନ୍ଦେହ ପ୍ରକାଶ କରିଥିଲେ। ପରେ ସୂଚନା ଅଧିକାର ଆଇନ(ଆର୍‌ଟିଆଇ)ରେ କ୍ଷତିଗ୍ରସ୍ତ ଚାଷୀ ଆବେଦନ କରି ଏଆର୍‌ସିଏସ୍ ଅଫିସରୁ ଜାଣିବାକୁ ପାଇଲେ ଯେ ନିଜ ଗ୍ରାମର ଅନ୍ୟ ଜଣେ ଚାଷୀ ତାଙ୍କର ପ୍ରାୟ ୭ ଏକର ଜମିରେ ରେଜିଷ୍ଟ୍ରେସନ କରି ଧାନ ବିକ୍ରି କରିଛନ୍ତି । ମାତ୍ର ସେମାନଙ୍କ ଭାଗର ବାକି ୬ ଏକର ଜମିରେ କିଏ ଧାନ ବିକ୍ରି କଲା ତାହା ଜାଣି ପାରିଲେ ନାହିଁ। ସୋମବାର ଲଇକେରା ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଏହି ଚାଷୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏଭଳି ବେଆଇନ କାର୍ଯ୍ୟ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଜିଲାପାଳ ଏହି ଅଭିଯୋଗ ଶୁଣିବା ସହ ଚାଷୀ ଚାହୁଁଥିବା ତଥ୍ୟ ଯଥାଶୀଘ୍ର ପ୍ରଦାନ କରିବା ପାଇଁ ସମବାୟ ସମିତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ମଙ୍ଗଳବାର ସମବାୟ ସମିତି ଜରିଆରେ ଏଆର୍‌ସିଏସ୍‌ଙ୍କ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କ ନିକଟକୁ କେତେକ ତଥ୍ୟ ପଠାଯାଇଛି। ଏଥିସହ ଅଭିଯୋଗକାରୀ ଚାଷୀଙ୍କ ସହିତ ବୁଝାମଣା ହୋଇସାରିଥିବା ଝାରସୁଗୁଡ଼ା ଏଆର୍‌ସିଏସ୍ ବନମାଳୀ ନାୟକ ସୂଚନା ଦେଇଛନ୍ତି। ଏନେଇ ସମାସିଂହା ସମବାୟ ସମିତି ସମ୍ପାଦକ ସୁବାସ ପଟେଲ କହିଛନ୍ତି, ଅଭିଯୋଗକାରୀ ଚାଷୀଙ୍କ ୬ ଏକର ଜମିରେ ତାଙ୍କ ପଟ୍ଟାର ଅନ୍ୟ ଜଣେ ଅଂଶୀଦାର ପୌଲସ୍ତି ପଧାନ ରେଜିଷ୍ଟ୍ରେସନ କରି ଧାନ ବିକିଛନ୍ତି। ଏଣୁ ପୌଲସ୍ତିଙ୍କ ନିକଟରୁ ଧାନର ଅତିରିକ୍ତ ବୋନସ୍ ଟଙ୍କା ଆଦାୟ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଦାନ କରାଯିବ।

## ୫ ମାସ ହେଲା ସୁରକ୍ଷା କର୍ମୀଙ୍କୁ ମିଳିନି ପ୍ରାପ୍ୟ

**ଲୋଇସିଂହା,୧୮।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ ଅଧୀନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ସୁରକ୍ଷା କର୍ମୀ ଗତ ୫ ମାସ ହେଲା ତାଙ୍କ ପ୍ରାପ୍ୟ ପାଇ ପାରିନାହାନ୍ତି। ଫଳରେ ସେମାନଙ୍କ ପରିବାର ଲୋକେ ନା ନା ଅସୁବିଧାରେ ଦିନ କାଟୁଥିବା ନେଇ ଅଭିଯୋଗ ହେଉଛି। ପ୍ରକାଶ ଯେ, ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ କୁଶଙ୍ଗ, ବାଦିମୁଣ୍ଡା, କୁଶମେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୬ ଜଣ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ୮ ଘଣ୍ଟା ଲେଖାଏ ୩ଟି ପର୍ଯ୍ୟାୟରେ ସୁରକ୍ଷା କର୍ମୀମାନେ କାର୍ଯ୍ୟ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ପ୍ରାପ୍ୟ ପ୍ରଦାନ କରୁଥିବା ବେଳେ ଗତବର୍ଷ ଅକ୍ଟୋବର ମାସରୁ ସେମାନେ ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ କର୍ତ୍ତୃପକ୍ଷ ଙ୍କ ଦୃଷ୍ଟି ଆକର୍ଷଣ କଲେ ଆଉ ୨ ମାସ ମିଳିବନି ବୋଲି କୁହାଯାଉଛି। କାର୍ଯ୍ୟରତ ସୁରକ୍ଷା କର୍ମୀ ତାଙ୍କ ପିଲା ଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର ପରିପୋଷଣ ରେ ଚିନ୍ତାରେ ପଡ଼ିଯାଇଥିବା ପ୍ରାପ୍ୟରୁ ବଞ୍ଚିତ ସୁରକ୍ଷା କର୍ମୀ ଜଣାଇଛନ୍ତି। ଏଦିଗରେ ଜିଲ୍ଲାପାଳ ବିହିତ ପଦକ୍ଷେପ ନେବାକୁ ସେମାନେ ଜଣାଇଛନ୍ତି।

## ଟ୍ରେଲର ଧକ୍କାରେ ଭିଣୋଇ ମୃତ, ଶାଳକ ଗୁରୁତର

**ବ୍ରଜରାଜନଗର, ୧୮।୩ (ବିଜୟ ବରାଡ଼)**

୪୯ ନମ୍ବର ଜାତୀୟ ରାଜପଥର ଇବ୍ ନଦୀ ବ୍ରିଜ ଉପରେ ବୁଧବାର ସନ୍ଧ୍ୟାରେ ଟ୍ରେଲର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାରସୁଗୁଡ଼ା ଜିଲା ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ରଣକଟା ଗ୍ରାମର ଅର୍ଜୁନ କିଷାନ(୨୪)। ଏଥିରେ ତାଙ୍କ ଶାଳକ ରାଜୁ ପ୍ରଧାନ ଗୁରୁତର ହୋଇଛନ୍ତି। ଫାଣ୍ଡି ଅଧିକାରୀ ମଦନ ନାୟକଙ୍କ ସୂଚନା ଅନୁଯାୟୀ, ଅର୍ଜୁନ ଓ ରାଜୁ ବାଇକ୍‌ରେ ଝାରସୁଗୁଡ଼ାରୁ ଫେରୁଥିବାବେଳେ ପଛପଟୁ ଏକ ଟ୍ରେଲର ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ଉଭୟ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଅର୍ଜୁନ ତଳେ ପଡିଯିବାରୁ ଗାଡ଼ି ଚକ ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜୁଙ୍କୁ ଗୁରୁତର ଅବସ୍ଥାରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

## ଗୋମାଂସ ଜବତ,୩ ଗିରଫ

**କୁତ୍ରା,୧୮।୩(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ଜଉରାମୁଣ୍ଡା ଗୋସାଇଁପଡ଼ା ଜଙ୍ଗଲରେ ବୁଧବାର ଅବୈଧ ଭାବେ ଗୋ ମାଂସ କଟାଯାଉଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଏଉରାମୁଣ୍ଡା ଗ୍ରାମର ଅଜମିର କେର୍କେଟା (୨୦), ଗମ୍ଭାରଡିହି ଗ୍ରାମର ନିକେଶ ଜୋଜୋ (୧୯) ଓ କିରିଙ୍ଗସିରା ଗ୍ରାମର ଗୋବିନ୍ଦ ନାଏକ (୩୮) । ପୋଲିସ ସେମାନଙ୍କ ନିକଟରୁ ମାଂସ, ୩ଟି ବାଇକ୍, ୩ଟି ମୋବାଇଲ, ମାଂସକଟାରେ ବ୍ୟବହୃତ ଧାରୁଆ ଅସ୍ତ୍ରକୁ ଜବତ କରିଛି। ଜବତ ହୋଇଥିବା ମାଂସକୁ ପରେ ପୋଲିସ ଦ୍ୱାରା ଗାତ ଖୋଳି ପୋତି ଦିଆଯାଇଥିବା ସୂଚନା ମିଳିଛି। ପ୍ରତି ସପ୍ତାହ ପରି ବୁଧବାର ମଧ୍ୟ ଜଉରାମୁଣ୍ଡା ଗୋସାଇଁପଡ଼ାରେ ଗୋଟିଏ ଗୋ ହତ୍ୟା କରାଯାଇ ମାଂସ କଟା ଚାଲିଥିବା ବେଳେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲା।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ: କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଟିଟିଲାଗଡ଼,୧୮।୩(ଶରତ ମିଶ୍ର)**

ଟିଟିଲାଗଡ ଥାନା ଅଧୀନ ବୁର୍ଡିପଡ଼ାରେ ମଙ୍ଗଳବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଶେଷ ବରର୍ଡି (୨୪)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଶେଷ ଏକ ସ୍କୁଟିରେ ନିଜ ଗାଁ ବୁର୍ଡିପଡା ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଖବରପାଇ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ଟିଟିଲାଗଡ ଡାକ୍ତରଖାନା ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ବୁଧବାର ସକାଳେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୂର୍ବାହ୍ନରେ ଉତ୍ତ୍ୟକ୍ତ ଲୋକେ ଓ ପରିବାରବର୍ଗ କ୍ଷତିପୂରଣ ଦାବିରେ ବେଲଗାଁ-ଟିଟିଲାଗଡ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା କ୍ଷତିପୂରଣ ମିଳିବା ପରେ ରାସ୍ତାରୋକୋ ହଟିଥିଲା।

# Classified Everyday

**0674-2580101, 9692975378**



### REAL ESTATE

### SALE

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ **IIT**, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/**Duplex** ମିଳୁଛି। **8327785834.** D-3649




All types of physiotherapy and massage contact 9556924059 / 7656969134. D-3668

### LOST

ଆମେ ଲତା ବେହେରା, ସ୍ୱାମୀ- ଉପେନ୍ଦ୍ର ବେହେରା, ସାକିନି- ଭାରଥୀପୁର, ବାଲିଘାଟ, ପୁରୀ। ଆମ୍ଭେ ଖରିଦ୍ କରିଥିବା ମୌଜା- ଭାରଥୀପୁର, ଖାତା ନଂ.୧୭, ପ୍ଲଟ୍ ନଂ.୫୫୧ ରକବା ଏ୦.୦୦୯୭ ଡେସିମିଲ ସମ୍ପତ୍ତିକୁ ତା.୧୫।୦୩।୧୯୯୬ରେ ଖରିଦ୍ କରିଥିଲୁ। ତେବେ ତା.୧୬.୦୩.୨୦୨୬ରେ ଶ୍ରୀଜଗନ୍ନାଥ ମନ୍ଦିର ସିଂହଦ୍ୱାର ସାମ୍ନାରେ ଦଲିଲ ଥିବା ଫାଇଲ୍‌ଟି କେଉଁଆଡେ ପଡିଯାଇଛି। ତେଣୁ ଉକ୍ତ ଦଲିଲଟିକୁ କୌଣସି ବ୍ୟକ୍ତି ପାଆନ୍ତି ନିମ୍ନଲିଖିତ ଫୋନ ନମ୍ବରରେ ଯୋଗାଯୋଗ କରିବେ। 7381227234.
ଉପେନ୍ଦ୍ର ବେହେରା
ଧ-୩୬୮୧

### AFFIDAVIT

By virtue of an affidavit sworn before Executive Magistrate, Kantabanji, dated 18.03.2026 I, Durijyodhana Majhi, At- Bariali, P.O.- Dholmandal, P.S.- Turekela, Dist.- Bolangir, Odisha, PIN- 767038 declare that I have changed the name of my daughter from Hurni Majhi (Old name) to URMI MAJHI (new name). Henceforth, she shall be known as Urmi Majhi for all purposes.
DURIJYODHAN MAJHI
D-3679

I, Swati Dikhit, W/o.- Pratap Dikhit, At/P.O.- Athantar, P.S.- Balipatna, Dist.- Khordha do here by affidavit dated on 27.01.26, Swati Dikhit & Kabita Padhi @ Dixit is one and same person. I shall be known as Swati Dikhit for all purposes. D-73598

By virtue of an affidavit sworn before Executive Magistrate, Phulbani, Kandhamal, 515/16.3.2026, I, Sanyasi Behera, Village- Nabaguba, P.O.- Balaskumpa, P.S.- Khajuripada, Dist.- Kandhamal declared that my minor daughter's name was Resima Behera. This affidavit purpose is to change her name in Aadhaar card Resima Behera to Risma Behera. Henceforth my daughter shall be known as Risma Behera for all purposes.
Sanyasi Behera
D-3680

By virtue of an affidavit sworn before Notary Public, dated 18th March 2026, I, Damburudhar Kumbhar, Address: At- Kumbhar Pada, Village- Kashipur, P.O.- Kashipur, Dist.- Rayagada, Odisha, 765015 declare that I have changed my name from Damwarudhara Kumbhara to Damburudhar Kumbhar. Henceforth, I shall be known as Damburudhar Kumbhar for all purposes.
Damburudhar Kumbhar
D-3674

By virtue of an affidavit sworn before Executive Magistrate, Kantabanji, dated 18.3.2026, I, PHUDUKI MAJHI, D/o.- Kailash Majhi, W/o.- Tapindra Majhi, Address: At- Bariali, P.O.- Dholmandal, P.S.- Turekela, Dist.- Bolangir, Odisha, PIN- 767038 declare that I have changed my name from Fadaka Majhi (Old name) to Phuduki Majhi (New name). Henceforth, I shall be known as Phuduki Majhi for all purposes. D-3678

Affidavit before the Executive Magistrate, Nuapada, Dtd.- 11.03.26, I, Sakuntala Nag, W/o.- Jagatram Nag, R/o. Village- Sunamudi, P.O.- Tankapani, P.S.- Khaprakhol, Dist.- Bolangir, Odisha declare that I have changed my name from SUKANTI NAG, W/o. Jagat Nag to "SAKUNTALA NAG", W/o.- "JAGATRAM NAG". Henceforth, I shall be known as SAKUNTALA NAG", W/o. "JAGATRAM NAG" for all purposes. D-3673


**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### LEGAL NOTICE

Letter No. 438, dtd.-16.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ., ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା,
ଓ.ଏସ୍.ଏସ୍. କେସ୍ ନମ୍ବର- ୨୭୩/୨୦୨୫
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ଚନ୍ଦା ଦେବୀ ......ବାଦୀ
ବନାମ
ମନୋଜ କୁମାର ଦାଶ ଓ ଅନ୍ୟମାନେ ......ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.୨. ଧନୀଦେଇ ବାରିକ, ପିତା- ସ୍ୱର୍ଗତ କୁମାର ବାରିକ, ୪. ସୁଧାକର ବାରିକ, ପିତା- ସ୍ୱର୍ଗତ ମଦନ ବାରିକ, ଗ୍ରାମ- ଶଙ୍କରପୁର, ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୭।୦୪।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଶଙ୍କରପୁର

ସାବକ ଖାତା ନମ୍ବର- ୪୦, ପ୍ଲଟ୍ ନମ୍ବର- ୭୭, ରକବା- ଏ୦.୬୬୫ ଡେସିମିଲରୁ ଏ୦.୦୫୫ ଡେସିମିଲ, ହାଲ୍ ଖାତା ନମ୍ବର- ୨୫୮, ପ୍ଲଟ୍ ନମ୍ବର- ୧୯୮୫, ରକବା- ଏ୦.୪୮୭ ଡେସିମିଲରୁ ଏ୦.୦୫୫ ଡେସିମିଲ, କିସମ- ଶାରଦ ଅଣଜଳସେଚିତ ତିନି, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା./- କୋର୍ଟ ଅଫିସର
ଧ-୩୬୭୬

Letter No. 451, dtd.- 18.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ., ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର ୯୭୪ ଅଫ୍ ୨୦୨୩
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ପ୍ରିୟଙ୍କା ପ୍ରିୟଦର୍ଶିନୀ .........ବାଦୀ
ବନାମ
ଶ୍ରୀବତ୍ସ ବଲ୍ଲଭ ସାମନ୍ତରାୟ ଓ ଅନ୍ୟମାନେ .........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.-୨. ହୃଦାମଣି ଦେଇ, ବୟସ ୮୦ ବର୍ଷ, ସ୍ୱାମୀ- ସ୍ୱର୍ଗତ ଲକ୍ଷ୍ମଣ ବରାଡ, ଗ୍ରାମ- ଓଗାଳପଡା, ପୋଷ୍ଟ- ଜାନଲା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.-୪ (a). କିରଣଚନ୍ଦ୍ର ସାମନ୍ତରାୟ, ବୟସ ୬୮ ବର୍ଷ, ପିତା- ସ୍ୱର୍ଗତ କିଶୋର ଚନ୍ଦ୍ର ସାମନ୍ତରାୟ, ଗ୍ରାମ- ଦକ୍ଷିଣ ମୁଣ୍ଡମୁହାଣ, ପୋଷ୍ଟ- ଜାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.- ୫(c). କଟାଣି ଦଲାଇ, ବୟସ ୫୦ ବର୍ଷ, ପିତା- ସ୍ୱର୍ଗତ ରାମ ଦଲାଇ, ଗ୍ରାମ- ଓଗାଳପଡା, ପୋଷ୍ଟ- ଜାଆଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ (ମାନେ) ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୭।୦୪।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା- ଓଗାଳପଡା
ହାଲ୍: ଖାତା ନମ୍ବର- ୨୫୮, ପ୍ଲଟ୍ ନମ୍ବର- ୨୩୧୩, ରକବା- ଏ.୦.୦୬୦ଡି., ପ୍ଲଟ୍ ନମ୍ବର- ୨୩୩୦, ରକବା- ଏ.୦.୦୮୫ଡି., ପ୍ଲଟ୍ ନମ୍ବର- ୨୩୩୧, ରକବା- ଏ.୦.୧୦୦ଡି., କିସମ- ଶାରଦ ଦୁଇ, ସ୍ୱତ୍ୱ- ସ୍ଥିତିବାନ୍, ସାବକ: ଖାତା ନମ୍ବର- ୧୨୭, ପ୍ଲଟ୍ ନମ୍ବର- ୪୨୯, ୪୩୦ ରକବା- ଏ.୦.୫୭୫ଡି. ମଧ୍ୟରୁ, ଏ.୦.୩୪୧ଡି., କିସମ- ଶାରଦ ତିନି, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା./- କୋର୍ଟ ଅଫିସର
ଧ-୩୬୭୭

Letter No. 456, dtd.- 17.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୨୦୫ /୨୦୨୫
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ବିଜୟ କୁମାର ପଣ୍ଡା ......ବାଦୀ/ଦରଖାସ୍ତକାରୀ
ବନାମ
ଭଗବାନ ବେହେରା ଓ ଅନ୍ୟମାନେ ......ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା: ପ୍ରତିବାଦୀ ନଂ.୪. କାଞ୍ଚନ ବେହେରା ପିତା- ରଞ୍ଜନ ବେହେରା, ଗ୍ରାମ- ଅଶ୍ୱରାପାଟଣା, ବଡକୁଳ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୨୦୩୦।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୨୭।୦୪।୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ.୪୮, ମୌଜା- ଓଗାଳପଡା, ସାବକ: ଖାତା ନମ୍ବର- ୧୪୩, ପ୍ଲଟ୍ ନମ୍ବର- ୧୨୪, କିସମ- ଶାରଦ ୩, ରକବା- ମୋଟ ଏ.୦.୪୧୦ରୁ ୦.୧୩୯ରୁ ଏ.୦.୦୨୪, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୧୪୩, ପ୍ଲଟ୍ ନମ୍ବର- ୧୨୭, କିସମ- ଶାରଦ ୩, ରକବା- ମୋଟ ଏ.୦.୧୯୦ରୁ ଏ.୦.୦୯୮ରୁ ଏ୦.୦୦୩.୫ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନମ୍ବର- ୩୦୮, ପ୍ଲଟ୍ ନମ୍ବର- ୨୪୪, କିସମ- ଶାରଦ ଅଣଜଳସେଚିତ ଦୁଇ, ରକବା- ମୋଟ ଏ୦.୧୧୨ରୁ ଏ୦. ୦୨୭.୫ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ସ୍ୱା./-କୋର୍ଟ ଅଫିସର
ଧ-୩୬୭୫

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

### ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶ୍ରୀକାନ୍ତ ଚରଣ ଦାସ**

Plot No. MB3, Badagada, Brit Colony, Bhubaneswar

ତିରୋଧାନ: ୩୧।୦୩।୨୦୨୫

ବାବା, ପ୍ରଥମ ବର୍ଷର ସମର୍ପଣ। ଆପଣଙ୍କ ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

**ଦାସ ପରିବାର ଓ ବନ୍ଧୁବାନ୍ଧବ**
ଧ-୩୫୧୭

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ପୋଲିସ ଗୁଳିରେ ଦୁର୍ଦ୍ଧାନ୍ତ ଅପରାଧୀ ଗୁରୁତର

## ୩ ସହଯୋଗୀ ଗିରଫ

ସମ୍ବଲପୁର/ନାକଟିଦେଉଳ/ରେଢ଼ାଖୋଲ, ୧୮।୩(ପ୍ରମୋଦ ବହିଦାର/ ବୈକୁଣ୍ଠ ସାହୁ/ସନ୍ତୋଷ ବଘାର)


ଧନେଶ୍ୱର ଝାଙ୍କର


ଗିରଫ ୩ ସହଯୋଗୀ।

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ପାଟ୍ରୋଲିଂ ପୋଲିସ ସହ ଗୁଳି ବିନିମୟରେ ଦୁର୍ଦ୍ଧାନ୍ତ ଅପରାଧୀ ଟିମା ଓରଫ ଧନେଶ୍ୱର ଝାଙ୍କର(୪୨) ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଭିମ୍ସାରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଟିମାଙ୍କ ୩ ସହଯୋଗୀ ଗିରଫ ହୋଇଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ବାରିବନ୍ଧର ସତ୍ୟଜିତ ପଧାନ(୨୭), ମିର୍ଗାମୁଣ୍ଡାର ପ୍ରଶାନ୍ତ ମିର୍ଦ୍ଧା(୪୦) ଓ କ୍ଷେତରାଜପୁର ଥାନା ଅନ୍ତର୍ଗତ କିଷାନଗରର ଦିଲୀପ ରାୟ(୩୪)। ସେମାନଙ୍କ ନିକଟରୁ ଏକ ୭ଏମ୍ଏମ୍ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି, ତାର କାଟିବା ଯନ୍ତ୍ର ଓ ଏକ ବୋଲେରୋ(ଓଡି-୧୫-ଏଇ-୫୮୭୧)କୁ ପୋଲିସ ଜବତ କରିଛି। ସମ୍ବଲପୁର ସଦର ଥାନା ଅନ୍ତର୍ଗତ ରାସନପୁର ଗ୍ରାମର ଟିମାଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ହତ୍ୟା, ଧମକ, ରାହାଜାନି, ଚୋରି, ଦାଦାବଟି ଆଦାୟ ଆଦି ୪୧ଟି ସଙ୍ଗିନ ମାମଲା ରହିଛି। ଅନ୍ୟତମ ଗିରଫ ଅଭିଯୁକ୍ତ ଦିଲୀପଙ୍କ ନାମରେ ୧୬ଟି ଆପରାଧିକ ମାମଲା ରହିଛି। ସେମାନଙ୍କ ଗ୍ୟାଙ୍ଗ୍ର ଅପରାଧ କେବଳ ଓଡ଼ିଶାରେ ସୀମିତ ନ ଥିଲା, ପଡ଼ୋଶୀ ଝାଡ଼ଖଣ୍ଡର କେତେକ ଥାନାରେ ମଧ୍ୟ ସେମାନଙ୍କ ନାମରେ ମାମଲା ରହିଛି। ଅପରାଧୀମାନେ ବିଶେଷକରି ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଟାଟା ପାୱାରର ବିଦ୍ୟୁତ୍ ତାର ଚୋରିକରି କୋଲକାତା ପଠାଉଥିଲେ ବୋଲି ଏସ୍‌ପି ମୁକେଶ କୁମାର ଭାମୁ କହିଛନ୍ତି।

ଏସ୍‌ପି ଭାମୁଙ୍କ ସୂଚନା ଅନୁଯାୟୀ, ଗତ ଫେବୃଆରୀରେ ନାକଟିଦେଉଳ ଅଞ୍ଚଳରୁ ୧୧କେଭି ବିଦ୍ୟୁତ୍ ତାର ଚୋରି ଘଟଣାରେ ଟିମା ଓ ତାଙ୍କ ଗ୍ୟାଙ୍ଗ୍ର ସମ୍ପୃକ୍ତି ଥିବା ନେଇ ପୋଲିସ ପାଖରେ ଖବର ଥିଲା। ଏହି ଘଟଣାରେ ପୋଲିସ ତାଙ୍କୁ ଖୋଜୁଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଟିମା ସହଯୋଗୀଙ୍କ ସହ ନାକଟିଦେଉଳ ଥାନା କେଲୋବେର୍ଣ୍ଣି ଗ୍ରାମ ନିକଟରୁ ବିଦ୍ୟୁତ୍ ତାର ଚୋରି କରି ଏକ ବୋଲେରୋରେ ଫେରୁଥିବା ସୂଚନା ମିଳିଥିଲା। ପାଟ୍ରୋଲିଂ କରୁଥିବା ନାକଟିଦେଉଳ ଥାନା ଅଧିକାରୀ ଅମୁନସେନ କିରୋ ସଦଳବଳ ଶିବମନ୍ଦିର ଛକରେ ଉକ୍ତ ଗାଡ଼ିକୁ ଅଟକାଇଥିଲେ। ତେବେ ଅପରାଧୀମାନେ ପୋଲିସକୁ ଚକ୍‌ମା ଦେଇ ସେଠାରୁ ରେଢ଼ାଖୋଲ ପଟକୁ ପଳାଇଥିଲେ। ପୋଲିସ ସେମାନଙ୍କୁ ପ୍ରାୟ ୨୫କିଲୋମିଟର ପର୍ଯ୍ୟନ୍ତ ପିଛା କରିଥିଲେ। ଏହା ଦେଖି ଅପରାଧୀମାନେ ଢୁଙ୍ଗଛାଲି ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିଲେ। ପ୍ରାୟ ୫ଶହ ମିଟର ଯିବା ପରେ ସେମାନଙ୍କ ଗାଡ଼ିଟି ଜଙ୍ଗଲ ରାସ୍ତାରେ ଫସିଯାଇଥିଲା। ଏହାପରେ ଅପରାଧୀମାନେ ଗାଡ଼ିରୁ ବାହାରି ପୋଲିସ ଉପରକୁ ୩ରାଉଣ୍ଡ ଗୁଳି ଚଳାଇ ଫେରାରହେବାକୁ ଉଦ୍ୟମ କରିଥିଲେ। ଜବାବରେ ପୋଲିସ ୨ରାଉଣ୍ଡ ପାଲଟା ଗୁଳି ଚାଳନା କରିଥିଲା। ସେଥିରୁ ଗୋଟିଏ ଗୁଳି ଟିମାଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ଏହାପରେ ପୋଲିସ ଟିମା ଓ ତାଙ୍କର ଅନ୍ୟ ୩ସହଯୋଗୀଙ୍କୁ କାବୁ କରିଥିଲା। ଟିମାଙ୍କୁ ପ୍ରଥମେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଭିମ୍ସାରରେ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କ ସହିତ ଥିବା ଅନ୍ୟ କେତେଜଣ ଫେରାର ହୋଇଯାଇଛନ୍ତି ସେନେଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଭାମୁ କହିଛନ୍ତି। ଏ ନେଇ ରେଢ଼ାଖୋଲ ଥାନାରେ ଭାରତୀୟ ନ୍ୟାୟସଂହିତା ଦଫା ୧୦୯(୧), ୨୨୪, ୧୩୨/୩(୫)ରେ ଏକ ମାମଲା(ନଂ. ୪୭/୨୬)ରୁଜୁକରି ପୋଲିସ ୩ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାତକୁ ପଠାଇ ଦିଆଯାଇଛି।



ଘଟଣାସ୍ଥଳରୁ ଜବତ ପିସ୍ତଲ ଓ ବୋଲେରୋ।

# ମା'ପୁଅଙ୍କ ସମେତ ୪ ଜଣଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼, ୪ ଗିରଫ

ଆସିକା,୧୮।୩(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା କୋଦିନେଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମରେ ସୋମବାର ସକାଳେ ଜଣେ ମହିଳା, ତାଙ୍କ ପୁଅ ଓ ପୁଅର ୨ ସାଙ୍ଗଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମରାଯାଇଛି । ଏ ନେଇ ପୀଡ଼ିତାଙ୍କ ଅଭିଯୋଗ ପରେ କୋଦିନେଡା ପୋଲିସ ନଂ.୯୩/୨୬ରେ ମାମଲା ରୁଜୁ କରିଛି । ଏହି ଘଟଣାରେ ବୁଧବାର ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଭେଟନଇ ଗ୍ରାମର ଶଙ୍କର ସେଠୀ, ସନ୍ତୋଷ କୁମାର ସେଠୀ ଓରଫ ସନ୍ତୁ, ସୁଶାନ୍ତ ସେଠୀ ଓ ନରେଶ କୁମାର ସେଠୀ ଓରଫ ଟୁକୁନା । ଅଭିଯୁକ୍ତମାନଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ଦାମୋଦର ବିହାରୀ ସୂଚନା ଦେଇଛନ୍ତି ।

ସୋମବାର ଭୋରରେ ଅଭିଯୁକ୍ତ ସନ୍ତୋଷ ଓ ଶଙ୍କର ଗ୍ରାମର ଅନ୍ୟ କେତେଜଣଙ୍କ ସହ ମିଶି ସମ୍ପୃକ୍ତା ମହିଳାଙ୍କ ଘରକୁ ଯାଇ କବାଟ ବାଡେଇଥିଲେ । କବାଟ ଖୋଲିବା ପରେ ସେମାନେ ଘରେ ପଶି ମହିଳାଙ୍କ ପୁଅ, ଘରେ ଥିବା ପୁଅର ୨ ସାଙ୍ଗଙ୍କୁ ନିର୍ଘୁମ ମାଡ ମାରିଥିଲେ। ସେମାନଙ୍କୁ ଟାଣି ଆଣି ଦାଣ୍ଡରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ମହିଳା ଜଣଙ୍କ ଉଦ୍ଧାର କରିବା ପାଇଁ ଆସିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ସେହି ଖୁଣ୍ଟରେ ବାନ୍ଧି ଦେଇଥିଲେ । କୌଣସି ପ୍ରକାରେ ପୀଡ଼ିତମାନେ ବନ୍ଧନମୁକ୍ତ ହେବା ପରେ ଘଟଣା ସମ୍ପର୍କରେ କୋଦିନେଡା ଥାନାରେ ଅଭିଯୋଗ କରିଥିଲେ । ଅପରପକ୍ଷେ ପୂର୍ବରୁ ବହୁବାର ଅଚିହ୍ନା ଲୋକମାନେ ସମ୍ପୃକ୍ତା ମହିଳାଙ୍କ ଘରକୁ ଆସୁଥିବାରୁ ସେମାନେ ଚୋରି ଉଦ୍ଦେଶ୍ୟରେ ଆସିଥିବା ସନ୍ଦେହ କରି ଗ୍ରାମର କେତେଜଣ ଯୁବକ ଏଭଳି କରିଥିବା ଗ୍ରାମବାସୀ କହିଥିବା ପୋଲିସ ପକ୍ଷରୁ କୁହାଯାଇଛି ।

# ୩ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ବଇଣ୍ଡା, ୧୮।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା କଣ୍ଡାଳ ଗ୍ରାମ ନିକଟରୁ ବୁଧବାର ୩ କୁଇଣ୍ଟାଲ ଗଞ୍ଜେଇକୁ ପୋଲିସ ଜବତ କରିଛି। ଏଥିସହ ଏକ ପିକଅପ୍ ଭ୍ୟାନ୍, ପାଇଲଟିଂ କରୁଥିବା ଏକ କାର୍‌କୁ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୩ ଜଣଙ୍କୁ ହଣ୍ଡପା ପୋଲିସ ଗିରଫ କରିଛି। ସେମାନେ ହେଲେ ରାଣୀଭୂଇଁ ଗ୍ରାମର ରାକେଶ ବେହେରା, ଛେଣ୍ଡିପଦା ବ୍ଲକ ପୋଡ଼ାପଡ଼ା ଗ୍ରାମର ଜିତେନ୍ଦ୍ର କୁମାର ବେହେରା, ବାଗେଡିଆ ଥାନା ପୁରୁଣାଗଡ଼ ଗ୍ରାମର ଜିତେନ କୁମାର ସାହୁ। ଫୁଲବାଣୀରୁ ଏକ ପିକ୍‌ଅପ୍ ଭ୍ୟାନ୍ ଯୋଗେ ୩ କୁଇଣ୍ଟାଲ ଗଞ୍ଜେଇ କୋଲକାତା ଅଭିମୁଖେ ଚୋରା ଚାଲାଣ କରାଯାଉଥିବା ପୋଲିସକୁ ସୂଚନା ମିଳିବାପରେ ହଣ୍ଡପା ଆଇଆଇସି ରାଜେଶ କୁମାର ଶତପଥୀ କଣ୍ଡାଳ ନିକଟରେ ଗାଡ଼ିକୁ ଅଟକାଇ ଜବତ କରିଥିଲେ।

# ବାସନ୍ଦ, ଜରିମାନାକୁ ନେଇ ଗୋଷ୍ଠୀ ସଂଘର୍ଷ: ୫ ଆହତ

ହିଞ୍ଜିଳିକାଟୁ,୧୮।୩(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ନନ୍ଦିତା ଗାଁରେ ମଙ୍ଗଳବାର ରାତିରେ କୁଳରୁ ବାସନ୍ଦ ଓ ପରିବାରକୁ ଜରିମାନା ଘଟଣାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ୫ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ରଜନୀ ଦାସ, ତାଙ୍କ ୨ ପୁଅ ମୋହନ ଦାସ ଓ ନବୀନ ଦାସ, ପୁତୁରା ସନ୍ନ୍ୟାସୀ ଦାସ। ଅପର ଗୋଷ୍ଠୀର ଗଣେଶ ଦାସ ଓ ପ୍ରହ୍ଲାଦ ଦାସ ମଧ୍ୟ ଆହତ ହୋଇଛନ୍ତି। ୫ ଜଣ ଆହତ ହିଞ୍ଜିଳିକାଟୁ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସନ୍ନ୍ୟାସୀଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। କେତେଜଣ ମହିଳା ବୁଧବାର ହିଞ୍ଜିଳି ଥାନାରେ ପହଞ୍ଚି ଦୋଷୀଙ୍କୁ ଗିରଫ ଦାବି କରିଛନ୍ତି। ଗାଁରେ ପୋଲିସ ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଛି। ଆହତ ରଜନୀଙ୍କ ଅଭିଯୋଗ ପ୍ରକାରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। କିଛିଦିନ ପୂର୍ବରୁ କୌଣସି ଏକ ଘଟଣାକୁ ନେଇ ସନ୍ନ୍ୟାସୀଙ୍କ ପରିବାରଙ୍କୁ ଗାଁରେ ଏକ କୁଳ ବୈଠକରେ ବାସନ୍ଦ କରାଯାଇଥିଲା। କୁଳରେ ମିଶିବା ପାଇଁ ତାଙ୍କ ପରିବାରଙ୍କୁ ୫୦ ହଜାର ଟଙ୍କା ଦେବାକୁ କୁହାଯାଇଥିଲା। ସନ୍ନ୍ୟାସୀଙ୍କ ପରିବାର ଏହାକୁ ବିରୋଧ କରିଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ସନ୍ନ୍ୟାସୀ ଓ ଅପର ଗୋଷ୍ଠୀ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା। ମଙ୍ଗଳବାର ରାତିରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା।

# ଭଡ଼ାଘରୁ ଯୁବକଙ୍କ ରକ୍ତାକ୍ତ ମୃତଦେହ ଜବତ

ବାହାନଗା, ୧୮।୩ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ତାଳକୁରୁଣିଆଁ ବଜାରସ୍ଥିତ ଏକ ଭଡ଼ାଘରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ଡୋଜର ମାଲିକଙ୍କ ପାଖରେ ସୁପରଭାଇଜର ଭାବେ କାମ କରୁଥିଲେ। ମୃତକ ହେଲେ ନୟାଗଡ଼ ଅଞ୍ଚଳର ରାଜଶେଖର ମହାପାତ୍ର।

ବଜାରର ଏକ ଲୁଗା ଦୋକାନ ପଛପଟେ ଥିବା ଭଡ଼ା ଘରେ ତାଳକୁରୁଣିଆଁ ଗ୍ରାମର ଡୋଜର ମାଲିକ ମୃତ୍ୟୁଞ୍ଜୟ ସାହୁଙ୍କ ଷ୍ଟାଫ ରହୁଥିଲେ। ଗତ ୬ତାରିଖରେ ରାଜଶେଖର ସୁପରଭାଇଜର ଭାବେ ମୃତ୍ୟୁଞ୍ଜୟଙ୍କ ପାଖରେ କାମ କରିବା ପାଇଁ ନିଯୁକ୍ତି ପାଇଥିଲେ। ସେ ଷ୍ଟାଫ୍ ରହୁଥିବା ଭଡାଘରେ ରୁହନ୍ତି। ମଙ୍ଗଳବାର ରାତିରେ ଡୋଜର ଡ୍ରାଇଭର ନୀଳଗିରି ଅଞ୍ଚଳର କୈଳାଶ ଚନ୍ଦ୍ର ରାଉତ ଓ ସୁପରଭାଇଜର ରାଜଶେଖର ଦୁଇଜଣ ଥିଲେ। ଲୋକଙ୍କ କହିବା ଅନୁଯାୟୀ ରାତିରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ତେବେ ବୁଧବାର ସକାଳେ ଅନ୍ୟଜଣେ ଡ୍ରାଇଭର ଆସି ଡାକିବାରୁ କେହି କବାଟ ଖୋଲି ନ ଥିଲେ। ଫଳରେ ସେ କବାଟ ପେଲି ଭିତରକୁ ପଶିଯିବାରୁ ଚଟାଣରେ ସୁପରଭାଇଜର ରାଜଶେଖର ରକ୍ତ ଜୁଡୁବୁଡୁ ଅବସ୍ଥାରେ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଗୋପାଳପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଡୋଜର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ବିଭିନ୍ନ ଦିଗରୁ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।


**କଟକ ମହାନଗର ନିଗମ**
ଚୌଧୁରୀ ବଜାର, କଟକ
**ବିଜ୍ଞାପନ**

No. 13001/672/2526: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ପାର୍କିଂ ସ୍ଥାନ, ଟ୍ୟାକ୍ସି ଷ୍ଟାଣ୍ଡ, କିଲିଖାନା, ନଡ଼ିଆଗଛଗୁଡ଼ିକୁ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷ ଏବଂ ନଡ଼ିଆ ବଗିଚା, ପୋଖରୀ ଆଦି ସୈରାତଗୁଡ଼ିକ ୨୦୨୬-୨୭ ଆର୍ଥିକ ବର୍ଷଠାରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ନିଲାମ ପାଇଁ କଟକ ମହାନଗର ନିଗମ, ଚୌଧୁରୀ ବଜାରସ୍ଥିତ କାର୍ଯ୍ୟାଳୟରେ ଆଗ୍ରହୀ ବ୍ୟକ୍ତିଙ୍କଠାରୁ ଆସନ୍ତା ତା୧୮।୦୩।୨୦୨୬ରିଖଠାରୁ ତା୨୬।୦୩।୨୦୨୬ରିଖ ପର୍ଯ୍ୟନ୍ତ ଅପରାହ୍ନ ୪ ଘଟିକା ସୁଦ୍ଧା ବନ୍ଦ ଲଫାପାରେ ଟେଣ୍ଡର ଗ୍ରହଣ କରାଯିବ। ଟେଣ୍ଡର ସମ୍ପର୍କୀୟ ସମ୍ପୂର୍ଣ୍ଣ ବିବରଣୀ କଟକ ମହାନଗର ନିଗମ ଲାଇସେନ୍ସ ବିଭାଗରୁ କାର୍ଯ୍ୟାଳୟ ଦିବସରେ ବୁଝିପାରିବା ସଙ୍ଗେ ସଙ୍ଗେ କଟକ ମହାନଗର ନିଗମର ୱେବ୍‌ସାଇଟ୍: **www.cmccuttack.odisha.gov.in**ରେ ଦେଖିପାରିବେ।

**OIPR-13001/13031/1/25-26/0038** ସ୍ୱା./- ଆୟୁକ୍ତ

**ODISHA TOURISM DEVELOPMENT CORPORATION LIMITED**
(A Government of Odisha Undertaking)
Panthanivas (Old Block), Lewis Road, Bhubaneswar – 751014
**TENDER CALL NOTICE**
No.1701 Date. - 17.03.2026

**No.37001/11/2526** : Sealed tenders are invited from authorized stockiest / Dealers / Distributors for supply of Eco-Friendly Hotel Amenities for use across OTDC properties. The detail information can be downloaded from our website www.otdc.odisha.gov.in. The last date for submitting tender is 08.04.2026.

Sd./- MANAGING DIRECTOR O.T.D.C. Ltd.
OIPR-37001/37002/1/25-26/0007

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ପିଆର୍‌ଓଜେ-କେଜିପି-ଏଚ୍‌ଡବ୍ଲ୍ୟୁଏଚ୍-୬ଇଆଇ-ଆର୍, ତାରିଖ: ୧୭।୦୩।୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଉପମୁଖ୍ୟ ସିଗ୍‌ନାଲ ଓ ଟେଲିକମ୍ ଯନ୍ତ୍ରୀ/ପ୍ରକଳ୍ପ/ଖଡ଼ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଖଡ଼ଗପୁର ମଣ୍ଡଳରେ ଶ୍ୟାମଛକ, ବାଲିଛକ, ହୌର, ଭୋଗପୁର, ଫୁଲେଶ୍ୱର ଏବଂ ମୌରିଗ୍ରାମ ଫ୍ଲାଏଓଭର ବ୍ଲକ୍ ହଟ୍‌ଠାରେ ପୁରୁଣା ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂକୁ ନୂଆ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ଦ୍ୱାରା ପ୍ରତିବଦଳ କରିବା ପାଇଁ ବିଲ୍ଡିଂର ନିର୍ମାଣକୁ ବାଦ୍ ଦେଇ ସମସ୍ତ ଏସ୍ ଆଣ୍ଡ ଟି କାର୍ଯ୍ୟ । **କାର୍ଯ୍ୟର ଆନୁମାନିକ ମୂଲ୍ୟ:** ₹୫୫,୬୨,୦୬,୪୧୪.୭୦ । **ଅମାନତ ରାଶି:** ₹୧,୧୧,୨୪,୧୦୦/- । **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୬।୦୪।୨୦୨୬ରିଖ ୧୩.୦୦ ଘଟିକା । **ୱେବ୍‌ସାଇଟ୍ ଯେଉଁଥିରେ ଟେଣ୍ଡର ପ୍ରକାଶିତ ହୋଇଛି:** www.ireps.gov.in (PR-1319)

**MAHILA VIKAS SAMABAYA NIGAM**
(Govt. of Odisha Undertaking)
W&CD Complex, Plot No.483 (Pt), Unit-VI, Ganganagar, Bhubaneswar- 751001
No.33001/23/2526
Ph.No.2533223/2533214 E-mail-mvsn_bbsr@yahoo.com
Ref. 322 /MVSN Dt.17.03.2026
**CANCELLATION OF TENDER NOTICE**
**Sub** : Cancellation of Tender Notice No-64/MVSN dt.19.01.2026 due to Insufficient Number of Qualified Bids".

This is to inform all concerned that the bid invited vide Tender Notice No-64/MVSN, Dt.19.01.2026 for procurement of "Measurement Bowl & Slotted Spoon" has been cancelled. .

The cancellation has been necessitated due to receipt of insufficient number of qualified bids as per requirement prescribed in the Tender Notice and applicable procurement guidelines.

This is issued for information of all concerned.

Sd./- Managing Director Mahila Vikas Samabaya Nigam
OIPR-33001/33003/1/25-26/0004

**S.G. WOMEN'S COLLEGE, ROURKELA**
**QUOTATION CALL NOTICE**

No. 11001/57/2526: Sealed quotations are invited from reputed printing houses for printing of Blank Answer Books for Internal Examination of UG & PG Programmes of S.G. Women's College, Rourkela on or before 25.03.2026. Preference will be given to printing houses located in Rourkela. The authority reserves the right to accept or reject any or all quotations without assigning any reason. For details visit the website **sgwc.edu.in**.

Sd./- Principal
OIPR-11001/11134/1/25-26/0006 S.G. Women's College, Rourkela

**MAHILA VIKAS SAMABAYA NIGAM**
(Govt. of Odisha Undertaking)
W&CD Complex, Plot No.483 (Pt), Unit-VI, Ganganagar, Bhubaneswar- 751001
No.33001/22/2526
Ph.No.2533223/2533214, E-mail-mvsn_bbsr@yahoo.com
Ref. 320 /MVSN Dt.17.03.2026
**CANCELLATION OF TENDER NOTICE**
**Sub** : Cancellation of Tender Notice No-63/MVSN dt.19.01.2026 due to Insufficient Number of Qualified Bids".

This is to inform all concerned that the bid invited vide Tender Notice No-63, Dt.19.01.2026 for procurement of "Water Bottle" has been cancelled. .

The cancellation has been necessitated due to receipt of insufficient number of qualified bids as per requirement prescribed in the Tender Notice and applicable procurement guidelines.

This is issued for information of all concerned.

Sd./- Managing Director Mahila Vikas Samabaya Nigam
OIPR-33001/33003/1/25-26/0003

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Buffing-25-26-31

**କାର୍ଯ୍ୟର ନାମ :** ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ରେଳୱେ BG କୋଚ୍‌ଗୁଡ଼ିକରେ ଷ୍ଟେନଲେସ୍ ଷ୍ଟିଲ୍ ଫିକ୍ସର (Fixture) ଏବଂ ପ୍ୟାନେଲଗୁଡ଼ିକୁ ଚିକ୍କଣ କରିବା (Buffing) ଏବଂ ପଲିସ୍ କରିବା (Polishing) ।

**ବିଜ୍ଞାପିତ ମୂଲ୍ୟ :** ₹ 27,97,986.60, EMD : ₹ 56,000/-, ଶେଷ ହେବା ଅବଧି : 36 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.04.2026ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର(POH-II), CRW/ମଞ୍ଚେଶ୍ୱର
PR-1238/Q/25-26

**TOURISM DEVELOPMENT OFFICE, RANKI, KEONJHAR**
No. 271 /TDO (K)/ Date. - 17.03.2026
**Short Call Tender Notice**

**No.37001/10/2526** : Collector & District Magistrate, Keonjhar invites sealed quotations from all intending bidders for providing manpower through Comprehensive Facility Management Service (CFMS) for Safety, Security & Sanitation of Way Side Amenity Centre, (a) Balijodi, (b) Badapadana & (c)Ghatagaon tourist spot.

The details can be downloaded from the official website of Keonjhar district i.e. www.kendujhar.odisha.gov.in. The last date and time of the submission of bid is up to 01.00 P.M. 13.04.2026.

Sd./- Asst. Director, Tourism, Keonjhar
OIPR-37001/37012/1/25-26/0001

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

No. 4001/76/2526 **TENDER ALERT**

**1)E-Tender Call Notice No. 30/2025-26:** Repair of defective 160 MVA auto transformer (GEC Alsthom make) at 220/132/33 kV GSS Narendrapur under EHT (O&M) Division, Berhampur under EHT (O&M) Circle, Berhampur.
**2)Tender Call Notice No. OT-11/(2025-26)/RGD:** Procurement of 2 nos. of spring charging gear for 220kV ALSTOM breaker at 220/33kV GSS, Laxmipur under EHT (O&M) Division, Rayagada.
**3)Tender Call Notice No. OT-12/(2025-26)/RGD:** Supply of 120 Watt S/Y LED flood lights & 90 Watt Street LED lights with complete fittings for various Grid S/S under EHT (O&M) Division, Rayagada.
**4)E-Tender Call Notice No. 14 OF 25-26:** Bids are invited from eligible bidders for sl no "01 to 03" under Civil Works Circle, Bhubaneswar.
**5)Tender Call Notice No. 02/2025-26:** Hiring of diesel run commercially registered light vehicle (Non-AC Mahindra Bolero, 7 Seated) or equivalent for SDO, E&MR S/D Kesinga under E&MR Division, Bolangir.
**6)Tender Call Notice No. 10/2025-26:** Hiring of diesel run commercially registered light vehicle (Non-AC 7 Seated Mahindra Bolero/ Camper or equivalent) for 132/33kV Grid S/S, Bhawanipatna & Junagarh under EHT (O&M) Division, Kesinga.
**7)Tender Call Notice No. JSG-14/2025-26:** Jumper tightening of 220kV Budhipadar-Lapanga DC line and 220kV Lapanga-Katapali DC line under T/L S/D, Jharsuguda under EHT (O&M) Division, Jharsuguda.
**8)Tender Call Notice No. JSG-15/2025-26:** Cable laying work from bus bar panel to 05Nos. of 220kV Kiosk at 220/132/33kV Grid S/S, Budhipadar under EHT (O&M) Division, Jharsuguda.
**9)Tender Call Notice No. BRL-79/2025-26:** Hiring of commercial diesel run 5 Seated hired vehicle type Bolero Camper(Non-AC) for engagement at 220/132/33kV Grid S/S, Bargarh-New under EHT (O&M) Circle, Burla.
For more details please visit OPTCL's website: **www.optcl.co.in.**

OIPR-4001/4011/1/25-26/0006 FIPR-112/2025-26
/optcl.odisha /optcl_odisha

**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC ODISHA MINING CORPORATION LTD. Mining Happiness
**Short Notice**
**For sale of Cement Grade Limestone**

**No.30001/41/2526** : The Odisha Mining Corporation Ltd. intends to sell cement grade Limestone produced at Ampavalli Limestone Mines, Ampavalli, Pattangi, Koraput district, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M. on dtd.25.03.2026.
For details, please visit the website of MSTC i.e. www.mstcecommerce.com.

OIPR-30001/30005/1/25-26/0023 CHIEF GENERAL MANAGER (S&M)

**ROURKELA MUNICIPAL CORPORATION**
Uditnagar, Rourkela, Pin-769012
Mail Id: rourkelamunicipality@gmail.com Telephone: (0661) 2500388
No.: 3456 Date: 18.03.2026
**Tender Call Notice**

**No.13001/674/2526** : Sealed applications are invited from the intending Agencies/ Firms for **"Supply of Malathion (50% EC) for Fogging activities under Rourkela Municipal Corporation"** as per the attached format. The agency must submit their quotation along with photocopies of valid GST registration certificate, PAN Card, Bid cost of Rs. 708/- (Non-refundable) including GST & EMD of Rs. 10,000/- (Refundable) in shape of DD/ Cheque in favour of "Commissioner, Rourkela Municipal Corporation, Rourkela" payable at Rourkela, failing which the quotation of the bidder will be rejected. The sealed applications should be superscribed on cover **"Supply of Malathion (50% EC) for Fogging activities under Rourkela Municipal Corporation"** and reach to the undersigned on or before 26.03.2026 up to 01:00 PM through Regd.post/ Speed Post/ Courier/ or by hand. The Quotations will be opened on the same day at 04:30 PM in presence of the Bidders or their authorized representatives who wish to attend. Authority will not be responsible for any delay in receipt of quotations and the same will not be accepted. The quotation paper may be downloaded from RMC website (www.rmc.nic.in).
The undersigned reserves the right to reject/ cancel any or all the Quotations at any time without assigning any reason thereof.

Sd./- Commissioner Rourkela Municipal Corporation
OIPR-13001/13131/1/25-26/0043

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**R.W.S&S. DIVISION, BHADRAK**
No.25001/348/2526
E.mail : rwssdivisionbhadrak@gmail.com
**Quotation Call Notice No.20/2025-26 dt.12.03.2026**

1. Name of the Work : Supplying, installation and commissioning with fitting and fixing of all materials such as AC, Almirah, Rack, Refrigerator, Computer, Printer, Table, Chair, Battery, Inverter, Chimney hood and stabilizer etc complete in all respect for Laboratory Building at RWS&S Sub Division Chandbali in Bhadrak District.
2. Total Number of item of materials : 15 (Fifteen)
3. Approximately Estimated Cost : Rs.7.00 lakhs (Excluding GST)
4. Quotationer : Authorized frims/suppliers/manufacturer/distributor
5. Period of Completion : 15 Days

| Procurement officer | Quotation Call Notice No. | Availability of Sealed Quotation at O/o the S.E, RWS&S Division, Bhadrak | |
|---|---|---|---|
| | | From | To |
| Executive Engineer RWS&S Division, Bhadrak | RWS&S (BDK) : 20/2025-26 | 18.03.2026 (From 10.00 A.M.) | 25.03.2026 up to 3.00 P.M. |
| Opening of Quotation Paper | | At 4.30 P.M. Date : 25.03.2026 | |

Further details can be seen from the e-procurement portal "www.tendersodisha.gov.in". Subsequent corrigendum if required shall be appeared in the website only.

Sd./- (Er.G.Debahari Pradhan) Executive Engineer, R.W.S&S. Division, Bhadrak
OIPR-25001/25020/1/25-26/0002

**Orissa Lift Irrigation Corporation Ltd**
(A Govt. of Orissa undertaking)
OFFICE OF THE EXECUTIVE ENGINEER LIFT IRRIGATION DIVISION
JAJPUR ROAD,eeli.Jajpurroad@gmail.com
**SHORT TENDER CALL NOTICE NO. 590 Dt.17.03.2026**

**No.32001/214/2526** : Sealed quotations are invited from interested reputed Travel Agencies /Tour Operators/ individuals for providing 1 (One) A/C diesel driven Bolero (Mahindra) having sitting capacity not more than Seven including Driver, which shall confirm to the following terms and conditions for Official use of the Assistant Executive Engineer, L.I. Sub-Division, Jajpur and L.I. Sub-Division, Binjharpur on monthly rent basis. The Service Provider shall have a valid GST registration to participate in the tendering. The vehicle must be in road worthy condition, shall not be more than 3years old from the date of initial registration and must have valid contract Carriage Permit, proof of up- to-date tax payment etc. Mandatory for plying of vehicle. The Driver of vehicle must have a valid Driving license for driving light transport passenger vehicle and should be sufficiently experience in driving transport/passenger vehicle. The Driver should be well behaved, gentle and obedient in nature. The monthly rate of hire charges, excluding GST be quoted separately, excluding fuel. The vehicle must achieve a fuel efficiency with fuel efficiency 10Km/ltr. The details of the make and year of manufacture of vehicle registration No., mileage (Km covered per liter) and name of Driver, Driving License No. and period of validity should be specifically provided in the general bid information to be furnished with the quotation/Tender (Appendix-B)

1. The tender paper containing General Bid information & Terms and Conditions for Hiring of Vehicle etc. will be available from **Dt. 24.03.2026 to Dt. 02.04.26** (from11:00 AM to 05:00 P.M) Excluding Holidays at office of the Executive Engineer, L.I. Division, Jajpur Road. Security Deposit Rs.13400/- shall be deposited in shape of STDR/NSC duly pledged in favour of the Executive Engineer, L.I. Division, Jajpur Road with tender document.
2. The tender paper will be received in office of the Executive Engineer,L.I. Division, Jajpur Road on **Dt.04.04.26** (from 11:00 A.M to 2:00 P.M) and shall be opened on the same day at 3:00 P.M in presence of the bidders or their authorized representatives.
3. The authority shall reserves the right to cancel or reject all the tender papers without assigning reason there off.

Sd./- Executive Engineer Lift Irrigation Division, Jajpur Road
OIPR-32001/32146/1/2526/0002

# ରେଳ ବଜେଟ ୨.୭୮ ଲକ୍ଷ କୋଟିକୁ ବୃଦ୍ଧି

ଭୁବନେଶ୍ୱର,୧୮।୩ (ଅନୁରାଧା ମହାରଣା)


ଅଶ୍ୱିନୀ ବୈଷ୍ଣବ

- ■କର୍ମଚାରୀ ଖର୍ଚ୍ଚ ୧.୧୯ ଲକ୍ଷ କୋଟି
- ■ଶକ୍ତିରେ ଖର୍ଚ୍ଚ ହେଉଛି ୩୨ ହଜାର କୋଟି
- ■୯୯% ନେଟ୍‌ୱର୍କ ବିଦ୍ୟୁତୀକରଣ ହାସଲ

ଦେଶରେ ରେଳ ବିକାଶ ପାଇଁ ୨୦୨୬-୨୭ କେନ୍ଦ୍ର ବଜେଟରେ ରେକର୍ଡ ୨.୭୮ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସଂସଦରେ ରେଳ ବିଭାଗର ଅନୁଦାନ ଦାବି ଆଲୋଚନାରେ ଉତ୍ତର ରଖି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି। ସେ କହିଛନ୍ତି, ପୂର୍ବରୁ ରେଳ ବଜେଟ ମାତ୍ର ୨୫ରୁ ୩୦ ହଜାର କୋଟି ଟଙ୍କା ମଧ୍ୟରେ ସୀମିତ ରହୁଥିବା ବେଳେ ବର୍ତ୍ତମାନ ଏହା ୨.୭୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ରେଳପଥର ପ୍ରମୁଖ ଖର୍ଚ୍ଚ ଉପାଦାନଗୁଡ଼ିକ ମଧ୍ୟରେ ପ୍ରାୟ ୧.୧୯ ଲକ୍ଷ କୋଟି ଟଙ୍କାର କର୍ମଚାରୀ ଖର୍ଚ୍ଚ, ପ୍ରାୟ ୬୪ ହଜାର କୋଟି ଟଙ୍କାର ପେନ୍‌ସନ ଖର୍ଚ୍ଚ, ପ୍ରାୟ ୩୨ ହଜାର କୋଟି ଟଙ୍କାର ଶକ୍ତି ଖର୍ଚ୍ଚ ଏବଂ ପ୍ରାୟ ୨୩ ହଜାର ଟଙ୍କାର କୋଟି ଆର୍ଥିକ ଖର୍ଚ୍ଚ ଅନ୍ତର୍ଭୁକ୍ତ ରହିଛି। ବିଦ୍ୟୁତୀକରଣ ଫଳରେ ପ୍ରାୟ ୬ ହଜାର କୋଟି ଟଙ୍କା ସଞ୍ଚୟ ହୋଇଛି, ବର୍ଦ୍ଧିତ ବିଦ୍ୟୁତୀକରଣ ଯୋଗୁ ଡିଜେଲ ବ୍ୟବହାର ନିରନ୍ତର ହ୍ରାସ ପାଇଛି। ୨୦୧୩-୧୪ ମସିହାରେ ପ୍ରାୟ ୧,୦୫୫ ନିୟୁତ ଟନ ମାଲ ପରିବହନ ହୋଇଥିବା ବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ପ୍ରାୟ ୧,୬୫୦ ନିୟୁତ ଟନ୍‌ରେ ପହଞ୍ଚିଛି। ସେହିପରି ପ୍ରାୟ ୩୫ ହଜାର କିଲୋମିଟର ନୂତନ ଟ୍ରାକ ବିଛାଯାଇଛି। ବିଦ୍ୟୁତୀକରଣ ମଧ୍ୟ ୫,୨୦୦ରୁ କିଲୋମିଟରରୁ ପ୍ରାୟ ୪୭,୦୦୦ କିଲୋମିଟରକୁ ବୃଦ୍ଧି ପାଇଛି। ୯୯%ରୁ ଅଧିକ ନେଟ୍‌ୱର୍କ ବଦ୍ୟୁତୀକରଣ ହାସଲ କରାଯାଇଛି। ରୋଡ୍ ଅଣ୍ଡର ବ୍ରିଜ୍ ୪ ହଜାରରୁ ୧୪ ହଜାର ଏବଂ ଅଟୋମେଟିକ ସିଗ୍ନାଲିଂ ୧୫ଶହରୁ ୪ହଜାର କିଲୋମିଟରକୁ ବୃଦ୍ଧି ପାଇଛି। ଲୋକୋମୋଟିଭ ଉତ୍ପାଦନ ୧୨ ହଜାର ୟୁନିଟ୍‌କୁ ବୃଦ୍ଧି ପାଇଥିବା ବେଳେ ୱାଗନ ଇଣ୍ଡକ୍ସନ ୨ ଲକ୍ଷକୁ ବଢ଼ିଛି। ୨୦୧୪ ସୁଦ୍ଧା ୧୨୫ କି.ମି.ଟନେଲ ନିର୍ମାଣ କରାଯାଇଥିବା ବେଳେ ଏହାପରେ ଅତିରିକ୍ତ ୪୮୬ କି.ମି. ଟନେଲ ନିର୍ମାଣ ହୋଇଛି। ଏହା ଉତ୍ତର ପୂର୍ବାଞ୍ଚଳ ଏବଂ ଜମ୍ମୁକଶ୍ମୀର ଭଳି ଅପହଞ୍ଚ ଇଲାକାକୁ ରେଳ ସଂଯୋଗ ସହଜ କରିଛି। ସେହିପରି ବର୍ତ୍ତମାନ ସୁଦ୍ଧା ୨୮ଶହ କି.ମି. ସମର୍ପିତ ମାଲ କରିଡର କାର୍ଯ୍ୟକ୍ଷମ ହୋଇଛି ଏବଂ ଦୈନିକ ଏହି କରିଡରରେ ୪୮୦ ମାଲବାହୀ ଟ୍ରେନ ଚଳାଚଳ କରୁଛି । ବର୍ତ୍ତମାନ ଭାରତୀୟ ରେଳପଥ ଦୈନିକ ୨୫,୫୭୧ ଟ୍ରେନ ଚଳାଚଳ କରୁଛି। ମୋଟ ରେଳ ନେଟ୍‌ୱର୍କ ବର୍ତ୍ତମାନ ୧,୩୭,୫୨୨ ରୁଟ୍ କିଲୋମିଟରକୁ ବୃଦ୍ଧି ପାଇଛି। ରେଳପଥ ପାଖରେ ବର୍ତ୍ତମାନ ରେକର୍ଡ ସଂଖ୍ୟକ ୩.୮୬ ଲକ୍ଷ ୱାଗନ ଏବଂ ୯୮ ହଜାର କୋଚ୍ ରହିଛି। ରେଳ ଦୁର୍ଘଟଣା ପ୍ରାୟ ୯୦% ହ୍ରାସ ପାଇଛି। ନିରାପତ୍ତା ପାଇଁ ପ୍ରାୟ ୧.୨ ଲକ୍ଷ କୋଟି ଟଙ୍କାର ନିବେଶ କରାଯାଇଛି। ୩ ହଜାର କି.ମି. ନେଟ୍‌ୱର୍କରେ ଆଧୁନିକ ସ୍ୱୟଂଚାଳିତ ବ୍ରେକିଂ ପ୍ରଣାଳୀ କବଚ କାର୍ଯ୍ୟକ୍ଷମ ହୋଇଛି ଏବଂ ଏହାକୁ ଆହୁରି ୨୦ ହଜାର କି.ମି.କୁ ବିସ୍ତାରିତ କରିବାକୁ ପଦକ୍ଷେପ ନିଆଯାଉଛି।

## ଆର୍‌ବିଆଇର ୭୫,୦୦୦ କୋଟିର ୩ଦିନିଆ ଭିଆର୍‌ଆର୍ ନିଲାମ ଘୋଷଣା

ଭୁବନେଶ୍ୱର,୧୮।୩ (ଅନୁରାଧା ମହାରଣା)

ମାର୍ଚ୍ଚ ୨୦ରେ ୭୫,୦୦୦ କୋଟି ଟଙ୍କାର ୩ଦିନିଆ ଭ୍ୟାରିଏବଲ ରେପୋ ରେଟ୍ (ଭିଆର୍‌ଆର୍) ନିଲାମ ପରିଚାଳନା କରାଯିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବୁଧବାର ଘୋଷଣା କରିଛି। ଏହି ନିଲାମ ମାର୍ଚ୍ଚ ୨୦ ସକାଳ ୯ଟା ୩୦ରୁ ୧୦ଟା ମଧ୍ୟରେ ଅନୁଷ୍ଠିତ ହେବ ଏବଂ ଏହି ଅର୍ଥର ପ୍ରତ୍ୟାବର୍ତ୍ତନ ମାର୍ଚ୍ଚ ୨୩ରେ ହେବ। ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ବର୍ତ୍ତମାନର ଓ ବିକଶିତ ତରଳତା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆର୍‌ବିଆଇ ଏହି ନିଲାମର ଘୋଷଣା କରିଛି। ବର୍ତ୍ତମାନ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ପ୍ରାୟ ୮୧,୯୬୩.୬୯ କୋଟି ଟଙ୍କାର ସରପ୍ଲସ ରହିଛି। ମାର୍ଚ୍ଚ ୧୭ ତାରିଖରେ ଆର୍‌ବିଆଇ ଏକ ୭ ଦିନିଆ ଭ୍ୟାରିଏବଲ ରେପୋ ନିଲାମ ମାଧ୍ୟମରେ ୪୮,୦୧୪ କୋଟି ଟଙ୍କାର ଅସ୍ଥାୟୀ ଲିକ୍ୱିଡିଟି ଯୋଗାଇଥିଲା। ଏହାପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ସରକାରୀ ସିକ୍ୟୁରିଟିଜର ଓଏମ୍‌ଓ ମାଧ୍ୟମରେ ୩.୫୦ ଲକ୍ଷ କୋଟି ଟଙ୍କାର ସ୍ଥାୟୀ ଲିକ୍ୱିଡିଟି ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ପ୍ରବେଶ କରାଇଥିଲା।

## ଏସ୍‌ବିଆଇ ୨ ହିତାଧିକାରୀଙ୍କୁ ମିଳିଲା ଇନ୍ସୁରାନ୍ସ ଅର୍ଥ




ନାଉଗାଁ, ୧୮।୩(ସୁଧା ବେହୁରା)

ଷ୍ଟେଟ୍ ବ୍ୟାଙ୍କ ଇଣ୍ଡିଆ(ଏସ୍‌ବିଆଇ)ର ନାଉଗାଁ ଶାଖା ଅଧୀନରେ ଥିବା ୨ ଜଣ ହିତାଧିକାରୀଙ୍କ ସମ୍ପର୍କୀୟଙ୍କୁ ବୁଧବାର ଶାଖା ପରିଚାଳକ ଶଶାଙ୍କ ଜେନା ଶାଖା ପରିସରରେ ଇନ୍‌ସୁରାନ୍ସ ଅର୍ଥ ପ୍ରଦାନ କରିଛନ୍ତି। ଏହି ୨ ଜଣ ହିତାଧିକାରୀ ହେଲେ ତିରୁଣା ଗ୍ରାମପଞ୍ଚାୟତ ଅରିଓଦା ଗ୍ରାମର ପବିତ୍ର ନାୟକ ଓ ନାଉଗାଁ ପଞ୍ଚାୟତ ତିହୁଡା ଗ୍ରାମର ଧନେଶ୍ୱର ଲେଙ୍କା। କିଛିଦିନ ପୂର୍ବରୁ ଦୁର୍ଘଟଣାରେ ପବିତ୍ର ଓ ରୋଗରେ ପୀଡ଼ିତ ହୋଇ ଧନେଶ୍ୱରଙ୍କ ମୃତ୍ୟୁ ଘଟିଛି। ଉଭୟ ନାଉଗାଁ ଷ୍ଟେଟ ବ୍ୟାଙ୍କ ଶାଖାରେ ଭାରତ ସରକାରଙ୍କ ଜୀବନ ଦୁର୍ଘଟଣା ଓ ସ୍ୱାସ୍ଥ୍ୟ ସୁଲଭ କଭରେଜ ପାଇଁ ପିଏମ୍‌ଜିଜିବିଓଇ, ପିଏମ୍‌ଏସ୍‌ବିଓଇରେ ଇନ୍‌ସୁରାନ୍ସ କରିଥିଲେ। ଧନେଶ୍ୱର ବର୍ଷକୁ ୩୫୪ ଟଙ୍କା ଓ ପବିତ୍ର ବର୍ଷକୁ ୨୦ ଟଙ୍କା ହିସାବରେ ଇନ୍‌ସୁରାନ୍ସ ଅର୍ଥ ପୈଠ କରୁଥିଲେ। ଉକ୍ତ ଅର୍ଥ ରାଶି ଧନେଶ୍ୱରଙ୍କ ପୁତ୍ର ଜ୍ଞାନେଶ୍ୱର ଲେଙ୍କା ଓ ପବିତ୍ରଙ୍କ ସ୍ତ୍ରୀ ବିଶ୍ୱାମିତ୍ରା ନାୟକଙ୍କ ଜମା ଖାତାକୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଶାଖା ପରିଚାଳକଙ୍କ ସମେତ ସହକର୍ମୀ ରମାକାନ୍ତ ସ୍ୱାଇଁ, ପ୍ରଭାତ କୁମାର ସେଠୀ,ସୌମ୍ୟ ରଞ୍ଜନ ସାହୁ, ଶିବ ଶଙ୍କର ପାଇଟାଳ, ଅନନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ୬ଷ୍ଠ ଏଫ୍‌ଏଲ୍‌ଓ ଓଡ଼ିଶା ଆୱାର୍ଡସ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୮।୩ (ଅନୁରାଧା ମହାରଣା)

ଫିକି ଫ୍ଲୋ ପକ୍ଷରୁ ଭୁବନେଶ୍ୱରର ଏକ ହୋଟେଲରେ ୬ଷ୍ଠ ଏଫ୍‌ଏଲ୍‌ଓ ଓଡ଼ିଶା ଆୱାର୍ଡସ ଆୟୋଜନ କରିଥିଲା। ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ବିକାଶ ପ୍ରତି ଉଲ୍ଲେଖନୀୟ ଅବଦାନ ରଖିଥିବା ସମଗ୍ର ଓ ମହିଳା ଉଦ୍ୟୋଗୀ ଏବଂ ବୃତ୍ତିଧାରୀଙ୍କର ଦୃଷ୍ଟାନ୍ତମୂଳକ ସଫଳତାକୁ ପାଳନ କରିବା ପାଇଁ ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢ଼ୀ ଓ ସମ୍ମାନିତ ଅତିଥି ଭାବରେ ଶିଳ୍ପ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମହିଳାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆୱାର୍ଡସ କାର୍ଯ୍ୟକ୍ରମ ଓ ମହିଳା ଉଦ୍ୟୋଗୀମାନଙ୍କ ନିମନ୍ତେ ପରିବ୍ୟବସ୍ଥାକୁ ନିରନ୍ତର ସୁଦୃଢ଼ କରିବା ଏବଂ ସମଗ୍ର ରାଜ୍ୟରେ ମହିଳାମାନଙ୍କର ନେତୃତ୍ୱ, ନବସୃଜନ ଓ ସଫଳତାକୁ ନେଇ ଆନନ୍ଦ ଉତ୍ସାହ ପାଳନ କରିବାର ନବୀକୃତ ପ୍ରତିବଦ୍ଧତାର ସହିତ ପରିସମାପ୍ତ ହୋଇଥିଲା ।

## ଆଇଏମ୍‌ବି, ଏନ୍‌ଆଇପିଏମ୍ ଉତ୍କଳ ଚାପ୍ଟରର ଏମ୍‌ଓୟୁ

ଭୁବନେଶ୍ୱର,୧୮।୩ (ଅନୁରାଧା ମହାରଣା)



ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଏମ୍‌ବି) ଭୁବନେଶ୍ୱର କ୍ୟାମ୍ପସ ପରିସରରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପର୍ସନାଲ ମ୍ୟାନେଜମେଣ୍ଟର ଉତ୍କଳ ଚାପ୍ଟର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏନ୍‌ଆଇପିଏମ୍ ଉତ୍କଳ ଚାପ୍ଟର ଅଧ୍ୟକ୍ଷ ଡ. ଶୁଭେନ୍ଦୁ ଦାସ ଯୋଗଦେଇ ଶିଳ୍ପ ଓ ପାରସ୍ପରିକ କ୍ରିୟା ମାଧ୍ୟମରେ ଛାତ୍ରୀଛାତ୍ରମାନେ କିପରି ଅଧିକ ସୁଯୋଗ ସୃଷ୍ଟି କରିବା ସେ ବିଷୟରେ ମତଦାନ କରିଥିଲେ। ଏଥିସହ ଏନ୍‌ଆଇପିଏମ୍ ଉତ୍କଳ ଚାପ୍ଟର ଉପାଧ୍ୟକ୍ଷ ବିନୋଦ ବିହାରୀ ସଅ ମଧ୍ୟ ଲେବର ସମ୍ପର୍କ ଏବଂ ପର୍ସନାଲ ଡେଭଲପମେଣ୍ଟ ବିଷୟରେ ଆଲୋକପାତ କରିଥିଲେ। ସଚିବ ଇଞ୍ଜିନିୟର ରାଜଶ୍ରୀ ଜ୍ଞାନଦର୍ଶୀ ଆଇଏମ୍‌ବି ଭିଜନ ଏବଂ ମିଶନ ବିଷୟରେ କହିଥିଲେ ଏବଂ ଡିନ୍ ଡ. ପ୍ରଜ୍ଞାଦୀପ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ବୁଝାମଣାପତ୍ର ପତ୍ରର ଲକ୍ଷ୍ୟ ହେଉଛି ଶିକ୍ଷାଗତ ଶିଳ୍ପ ସହଯୋଗକୁ ସୁଦୃଢ଼ କରିବା ଏବଂ ପ୍ରତିଷ୍ଠାନ ଓ କର୍ପୋରେଟ କ୍ଷେତ୍ର ମଧ୍ୟରେ ସେତୁ ସ୍ଥାପନ କରିବା । ଏକାଡେମିକ ସଂଯୋଜକ ଡ. ବନ୍ଦନା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ ।

## ଜମି କିସମ ପରିବର୍ତ୍ତନ ନିୟମକୁ ବଦଳାଇବାକୁ ଦାବି

ଭୁବନେଶ୍ୱର,୧୮।୩ (ଅନୁରାଧା ମହାରଣା)

ନିକଟରେ ମହାରାଷ୍ଟ୍ର ଏବଂ କର୍ନାଟକ ସରକାର ଆଧୁନିକ ସହରାଞ୍ଚଳ ଯୋଜନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିଜର ଜମି କିସମ ପରିବର୍ତ୍ତନ ପ୍ରକ୍ରିୟାରେ ବ୍ୟାପକ ସଂସ୍କାର ଆଣିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଡେଭଲପର୍ସ ଫେଡେରେଶନ (ଓଡିଫେଡ୍)ର ପ୍ରେସିଡେଣ୍ଟ ପ୍ରଦୀପ୍ତ କୁମାର ବିଶ୍ୱାସରାୟ କହିଛନ୍ତି, ଓଡ଼ିଶାରେ ବିଲ୍ଡର ଏବଂ ଡେଭଲପରମାନେ ଏକ ଜଟିଳ ଅନୁମତିଭିତ୍ତିକ ବ୍ୟବସ୍ଥା ମଧ୍ୟରେ କାର୍ଯ୍ୟ କରୁଛନ୍ତି ଯାହା ଅନ୍ୟ ରାଜ୍ୟରେ ପ୍ରଚଳିତ ଦ୍ରୁତ ବିଜ୍ଞପ୍ତି ଆଧାରିତ ମଡେଲର ସମ୍ପୂର୍ଣ୍ଣ ବିପରୀତ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବିଡିଏ ଭଳି ସଂସ୍ଥାଠାରୁ ପୃଥକ୍ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପାଇବା ପରେ ମଧ୍ୟ ରାଜସ୍ୱ ବିଭାଗରୁ ପୁଣିଥରେ ଅଣକୃଷି କିସମ ପରିବର୍ତ୍ତନ ଆଦେଶ ପାଇବାକୁ ପଡ଼ିଥାଏ। ପ୍ରକଳ୍ପଟି ପ୍ରାକୃତିକ ଜଳାଶୟ କିମ୍ବା ନିକଟସ୍ଥ ଚାଷଜମିକୁ ପ୍ରଭାବିତ କରୁଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ କ୍ଷେତ୍ର ପରିଦର୍ଶନ ମଧ୍ୟ କରାଯାଏ। ବିଶେଷ କରି ଖୋର୍ଦ୍ଧା ଏବଂ ପୁରୀ ଆଦି ଜିଲାରେ ପ୍ରକଳ୍ପ ସମାପ୍ତ କରିବା କ୍ଷେତ୍ରରେ ଅନେକ ଅତିରିକ୍ତ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ଯେହେତୁ ଭାରତରେ ସହରଗୁଡିକ ସମ୍ପ୍ରସାରିତ ହେଉଛି ଏବଂ ସହରାଞ୍ଚଳ ଦ୍ରୁତଗତିରେ ବିକଶିତ ହେଉଛି, ନିୟାମକ ଢାଞ୍ଚା କିପରି ବିକାଶମୂଳକ ଆବଶ୍ୟକତା ସହିତ ତାଳଦେଇ ଗତି କରିପାରିବ ତାହା ସୁନିଶ୍ଚିତ କରିବା ଆବଶ୍ୟକ । ସହରୀ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଜମି କିସମ ପରିବର୍ତ୍ତନ ପ୍ରକ୍ରିୟା ଯାହା କୃଷି ଜମିକୁ ଗୃହ, ବାଣିଜ୍ୟ ଏବଂ ଭିତ୍ତିଭୂମି ପାଇଁ ସ୍ଥାନରେ ପରିଣତ କରେ । ଜମି କିସମ ପରିବର୍ତ୍ତନ ମୁଖ୍ୟତଃ ରାଜ୍ୟ ଆଇନ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ, କାରଣ ଭାରତୀୟ ସମ୍ବିଧାନ ଅଧୀନରେ ଜମି ଏକ ରାଜ୍ୟ ବିଷୟ । କୃଷି ଜମି ନିର୍ମାଣ କିମ୍ବା ବାଣିଜ୍ୟିକ ବ୍ୟବହାର ପାଇଁ ଅଣ କୃଷି (ଏନ୍‌ଏ) ଅନୁମତି ଆବଶ୍ୟକ, ଯାହା ପ୍ରଯୁଜ୍ୟ ମାଷ୍ଟର ପ୍ଲାନ୍ କିମ୍ବା ବିସ୍ତୃତ ବିକାଶ ଯୋଜନା ଅନୁଯାୟୀ ଜିଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଏ। ଏହି ଦୁଇଟି ପ୍ରମୁଖ ରାଜ୍ୟରୁ ସୂଚନା ନେଇ ଓଡ଼ିଶାର ଅନେକ ଡେଭଲପର ଦକ୍ଷତାରେ ଉନ୍ନତି ଆଣିବା, ବିଳମ୍ବ ହ୍ରାସ କରିବା ଏବଂ ଦ୍ରୁତ ସହରାଞ୍ଚଳ ଅଭିବୃଦ୍ଧିକୁ ସୁଗମ କରିବା ପାଇଁ ବିଲ୍ଡିଂ ପ୍ଲାନ୍ ଅନୁମୋଦନ ପ୍ରଣାଳୀ ସହିତ ଜମି କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ଏକୀକୃତ କରିବାକୁ ଆହ୍ୱାନ କରିଛନ୍ତି।

## ହୋଣ୍ଡା କାର୍‌ସ ଇଣ୍ଡିଆ ପକ୍ଷରୁ ଟେଷ୍ଟ ରନ୍ ଆରମ୍ଭ




ଭୁବନେଶ୍ୱର,୧୮।୩ (ଅନୁରାଧା ମହାରଣା)

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍), ଏହାର ଆଗାମୀ ବ୍ୟାଟେରି ଇଲେକ୍‌ଟ୍ରିକ ଭେହିକଲ (ବିଇଭି) ଏସ୍‌ୟୁଭିର ପ୍ରଥମ ସର୍ବଭାରତୀୟ ସ୍ତରୀୟ ଟେଷ୍ଟ ରନ୍‌ର ଆରମ୍ଭ କରିଛି । ଏହା ହୋଣ୍ଡାର ଇଲେକ୍‌ଟ୍ରିକ ମୋବିଲିଟି ଯାତ୍ରାରେ ଏବଂ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ନୂଆ ଇଲେକ୍‌ଟ୍ରିକ ଏସ୍‌ୟୁଭିର ଭବିଷ୍ୟତ ଉନ୍ମୋଚନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଆରମ୍ଭ କରିଛି। ବିଶ୍ୱବ୍ୟାପୀ ହୋଣ୍ଡା ଜିରୋ ଆଲ୍‌ଫା ଭାବେ ପରିଚିତ ଏହି ମଡେଲର ପ୍ରୋଟୋଟାଇପକୁ ଜାପାନ ମୋବିଲିଟି ଶୋ ୨୦୨୫ରେ ଉନ୍ମୋଚନ କରାଯାଇଥିଲା। ଏହି ଟେଷ୍ଟିଂ ପ୍ରୋଗ୍ରାମ ଜାତୀୟ ରାଜପଥ, ସହରାଞ୍ଚଳ ରାସ୍ତା ଓ ଆହ୍ୱାନପୂର୍ଣ୍ଣ ଭୂଭାଗ ସମେତ ଭାରତୀୟ ଚାଳନା ସ୍ଥିତିର ଏକ ବିସ୍ତୃତ ଶୃଙ୍ଖଳାରେ ଏହି ଯାନକୁ ମୂଲ୍ୟାୟନ କରିବ। ସ୍ଥାୟିତ୍ୱ, ପରିଚାଳନା, ଚାଳନା ଆରାମ, ଦକ୍ଷତା ଓ ସାମଗ୍ରିକ ନିର୍ଭରଯୋଗ୍ୟତା ଭଳି କ୍ଷେତ୍ରଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି। ଏହି ଅବସରରେ ହୋଣ୍ଡା କାର୍‌ସ ଇଣ୍ଡିଆର ଅଧ୍ୟକ୍ଷ ଓ ସିଇଓ ତାକାସି ନାକାଜିମା ଭାରତ ଓ ଜାପାନ ଭଳି ପ୍ରମୁଖ ବଜାରଗୁଡିକରେ ଏହି ମଡେଲର ୨୦୨୬-୨୭ ଆର୍ଥିକ ବର୍ଷରେ ଅନ୍ତର୍ଜାତୀୟ ଉନ୍ମୋଚନ ପାଇଁ ଯୋଜନା ରଖାଯାଇଛି। ଏହି ଯାନକୁ ଭାରତରେ ଉତ୍ପାଦନ କରାଯିବ ଏବଂ ଅନ୍ତର୍ଜାତୀୟ ବଜାରଗୁଡିକୁ ରପ୍ତାନି କରାଯିବ।

## କଟକରେ ବିଦ୍ୟୁତ୍ ଭିତ୍ତିଭୂମି ସଜାଡୁଛି ଟିପିସିଓଡିଏଲ୍

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର,୧୮।୩ (ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ସଫଳତାର ସହ କଟକରେ ଭିତ୍ତିଭୂମି ସଜାଡୁଛି। ଏହି କ୍ରମରେ ଇଏଚ୍‌ଟି ଟାୱାର ସ୍ଥାନାନ୍ତର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି। ଏହି ପ୍ରକଳ୍ପର ଅଂଶବିଶେଷ ସ୍ୱରୂପ ପାୱାର ନେଟ୍‌ୱର୍କର ବିଶ୍ୱସନୀୟତା ଏବଂ ସହନଶୀଳତା ବୃଦ୍ଧିକରିବା ପାଇଁ ଦୁଇଟି ୩୩ କେଭି ୪ - ୱେ ରିଙ୍ଗ୍ ମେନ୍ ୟୁନିଟ୍ ସହିତ ୧୦.୫ କିଲୋମିଟର ଭୂତଳ କେବୁଲ୍ କାର୍ଯ୍ୟକ୍ଷମ କରାଯାଇଛି। ସହରର ପ୍ରମୁଖ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ୍‌ର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶକୁ ସହାୟତା କରିବା ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏହି ନୂତନ ବ୍ୟବସ୍ଥା ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ନ୍ୟାଶନାଲ ଲ' ୟୁନିଭର୍ସିଟି ଓଡ଼ିଶା ଏବଂ କଟକ ରେଲୱେ ଷ୍ଟେଶନ ଭଳି ପ୍ରମୁଖ ଅନୁଷ୍ଠାନକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବ। ତୁଳସୀପୁର, ଜୋବ୍ରା, କଲେଜ ସ୍କୋୟାର ଏବଂ ରାଣିହାଟ ଅଞ୍ଚଳରେ ବସବାସ କରୁଥିବା ପ୍ରାୟ ୭,୦୦୦ ବିଦ୍ୟୁତ୍ ଉପଭୋକ୍ତା ସିଧାସଳଖ ଉପକୃତ ହେବେ।

## ସେଭିଓ ଫାର୍ମା ବିତରଣ ବ୍ୟବସାୟ ଅଧିଗ୍ରହଣକଲା କ୍ୟୋର୍‌ବେ

ଭୁବନେଶ୍ୱର,୧।୩ (ଅନୁରାଧା ମହାରଣା)



ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ବିସ୍ତାର କରୁଥିବା କ୍ୟୋର୍‌ବେ ସେଭିଓ ହେଲ୍‌ଥ୍‌ଟେକ୍ ଫାର୍ମାସି ବିତରଣ ବ୍ୟବସାୟକୁ ଅଧିଗ୍ରହଣ କରିଛି। ଏହି ଏକୀକରଣ ମାଧ୍ୟମରେ କର୍ନାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ୧୦,୦୦୦ରୁ ଅଧିକ ରିଟେଲ ଫାର୍ମାସିକୁ ସେବା ଦେଉଥିବା ଟେକ୍ନୋଲୋଜି-ଆଧାରିତ ବିତରଣ ନେଟ୍‌ୱାର୍କ, କ୍ରୟ କ୍ଷମତା ଓ ଅଭିଜ୍ଞ ଟିମ୍ କ୍ୟୋର୍‌ବେରେ ଯୋଡ଼ାଯାଇଛି। ବର୍ତ୍ତମାନ ୧୯୦ରୁ ଅଧିକ ଇ-କ୍ଲିନିକ ମାଧ୍ୟମରେ ୧୫,୦୦୦ରୁ ଅଧିକ ଗ୍ରାମରେ ୧୦ ଲକ୍ଷରୁ ଅଧିକ ରୋଗୀଙ୍କୁ ସେବା ଦେଉଥିବା କ୍ୟୋର୍‌ବେ ଏହି ଅଧିଗ୍ରହଣ ଦ୍ୱାରା ଔଷଧ ଯୋଗାଣକୁ ସୁଦୃଢ଼ କରିବ। ଏହା ଦ୍ୱାରା ଷ୍ଟକ୍-ଆଉଟ ହ୍ରାସ, ଜେନେରିକ୍ ଔଷଧ ଉପଲବ୍ଧତା ବୃଦ୍ଧି ଓ ସୁଲଭ ମୂଲ୍ୟରେ ଔଷଧ ପ୍ରାପ୍ତି ସମ୍ଭବ ହେବ। କ୍ୟୋର୍‌ବେର ପ୍ରତିଷ୍ଠାତା ଓ ସିଇଓ ପ୍ରିୟଦର୍ଶୀ ମହାପାତ୍ର କହିଛନ୍ତି, ଏହି ଏକୀକରଣ ଆମ ସେବା ଅଞ୍ଚଳରେ ଔଷଧର ସ୍ଥିର ଓ ସୁଲଭ ପ୍ରାପ୍ତିକୁ ସବଳ କରିବ ଏବଂ ଫାର୍ମାସି ବିସ୍ତାରକୁ ତ୍ୱରାନ୍ୱିତ କରିବ। ସେଭିଓ କୋ-ଫାଉଣ୍ଡର ଅମିତ କୁମାର ଓ ଦୀପକ ତିୱାରୀ କ୍ୟୋର୍‌ବେରେ ଫାର୍ମାସି ଟେକ୍ନୋଲୋଜି ଓ ଅପରେଶନର ନେତୃତ୍ୱ ନେବେ।


ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୀତା ମୁକେଶ ଅମ୍ବାନୀଙ୍କୁ ଶିକ୍ଷା, କ୍ରୀଡ଼ା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ରୂପାନ୍ତରଣ, କଳା ଓ ସଂସ୍କୃତି ମାଧ୍ୟମରେ ଦେଶ ନିର୍ମାଣ କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଉଛି।

## ଆଇସିଏଆଇ ପକ୍ଷରୁ ବ୍ୟାଙ୍କ ଅଡିଟ୍ ସମ୍ପର୍କିତ ସେମିନାର

ଭୁବନେଶ୍ୱର,୧୮।୩ (ଅନୁରାଧା ମହାରଣା)



ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ପୂର୍ବ ଭାରତ ଅଞ୍ଚଳୀୟ ପରିଷଦ ଅଧୀନ ଭୁବନେଶ୍ୱର ଶାଖା ପକ୍ଷରୁ ଏବଂ ଅଡିଟିଂ ଆଣ୍ଡ ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡସ ବୋର୍ଡର ସହଯୋଗରେ 'ବ୍ୟାଙ୍କ ଅଡିଟ୍ ୨୦୨୬- ପ୍ରାକ୍ଟିକାଲ ଚ୍ୟାଲେଞ୍ଜ ଆଣ୍ଡ ଏମର୍ଜିଂ ଇସ୍ୟୁଜ୍' ସମ୍ପର୍କିତ ଦିନିକିଆ ସମ୍ମିଳନୀ ଆଇସିଏଆଇ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ସିଏ ଡ. ପୃଥ୍ୱୀରଞ୍ଜନ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଶାଖା ଅଧ୍ୟକ୍ଷ ସିଏ ଡ. ଗୌତମ ଲେଙ୍କା ସ୍ୱାଗତ ଭାଷଣ ଦେଇ ବ୍ୟାଙ୍କ ଅଡିଟ୍ କ୍ଷେତ୍ରରେ ବୃଦ୍ଧିପାଉଥିବା ଜଟିଳତା ଏବଂ ପେସାଜୀବୀମାନଙ୍କ ପାଇଁ ନିରନ୍ତର ଦକ୍ଷତା ବୃଦ୍ଧିର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେମିନାର ଅଧ୍ୟକ୍ଷ ସିଏ ଅରୁଣ କୁମାର ବର୍ମା ଅଡିଟରମାନେ ସମ୍ମୁଖୀନ ହେଉଥିବା ପ୍ରାୟୋଗିକ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର ଷ୍ଟାଚ୍ୟୁଟୋରି ସେଣ୍ଟ୍ରାଲ ଅଡିଟର ସିଏ ପ୍ରଶାନ୍ତ ପଣ୍ଡା ବୃତ୍ତିଗତ ସନ୍ଦେହପରାଣୟତା ଏବଂ ଅଡିଟିଂ ମାନଦଣ୍ଡ ଅନୁସରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ସିଏ ସୁଜୟ ଦତ୍ତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଉପୁଜୁଥିବା ବିପଦ ଏବଂ ଆର୍ଥିକ ଶୃଙ୍ଖଳା ଓ ସ୍ୱଚ୍ଛଳତାକୁ ବଜାୟ ରଖିବାରେ ଅଡିଟରମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଟେକ୍ନିକାଲ ସେସନରେ ହାଇଦ୍ରାବାଦର ଡାକ୍ତର ପି. ଶିବ ରାମା ପ୍ରସାଦ ବ୍ୟାଙ୍କ ବ୍ରାଞ୍ଚ ଅଡିଟ୍‌ରେ ପ୍ରମୁଖ ବୈଶିଷ୍ଟ୍ୟତାଗୁଡିକ ଉପରେ ଆଲୋଚନା କରିବା ସହ ମୁମ୍ବାଇର ସିଏ ଶ୍ୱେତା ଜୟନ୍ତ ଜୈନ ଅଡିଟ୍ କ୍ଷେତ୍ରର ଉପୁଜୁଥିବା ସମସ୍ୟାର ଦିଗଗୁଡିକ ଉପରେ ଆଲୋଚନା କରିଥିଲେ। ଭୁବନେଶ୍ୱର ଶାଖା ସଚିବ ସିଏ ସୌମ୍ୟ ସୁନୀଲ ସାହୁ ଧନ୍ୟବାଦ ଦେଇଥିଲେ। ମ୍ୟାନେଜିଂ କମିଟି ସଦସ୍ୟ ସିଏ ଗଗନ ବିହାରୀ ଦାସ ଏବଂ ସିଏ ପ୍ରଣବ କିଶୋର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୂତ୍ ବଙ୍ଗଳା

ଆସନ୍ତା ମାସ ୧୦ ତାରିଖରେ ରିଲିଜ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ହିନ୍ଦୀ ସିନେମା 'ଭୂତ୍ ବଙ୍ଗଲା'। ଏହାର ମୁଖ୍ୟ ଭୂମିକାରେ ଅକ୍ଷୟ କୁମାର ଅଭିନୟ କରିଛନ୍ତି। ଏଥିରେ ଦର୍ଶକ ତାଙ୍କୁ ଏକ ଭିନ୍ନ ଧରଣର ରୋଲ୍‌ରେ ଦେଖିବାକୁ ପାଇବେ। ସବୁଠାରୁ ଖାସ୍ କଥା ହେଲା ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନ। ଏହାର କାହାଣୀ ରହସ୍ୟ ଏବଂ ରୋମାଞ୍ଚରେ ଭରି ରହିଛି। କେବଳ ସେତିକି ନୁହେଁ, ଏଥିରୁ କମେଡିର ମଜା ପାଇପାରିବେ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅକ୍ଷୟ କୁମାର, ଶୋଭା କପୁର ଏବଂ ଏକତା କପୁର। ଆକାଶ କୌଶିକ କାହାଣୀ ରଚନା କରିଛନ୍ତି। ରୋହନ ଶଙ୍କର ସଂଳାପ ଲେଖିଥିବା ବେଳେ ପ୍ରିୟଦର୍ଶନ ଏବଂ ରୋହନ ମିଳିତ ଭାବରେ ଚିତ୍ରନାଟ୍ୟ ରଚନା କରିଛନ୍ତି। ଦିବାକର ମଣି ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଅକ୍ଷୟ କୁମାରଙ୍କ ବ୍ୟତୀତ ପରେଶ ରାୱଲ, ରାଜପାଲ ଯାଦବ ଏବଂ ତବୁ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।


'ଭୂତ୍ ବଙ୍ଗଲା' ଫିଲ୍ମରେ ଅକ୍ଷୟ କୁମାର

# ବିନ୍ଦୁସାଗର

ଆମ ରାଜ୍ୟର ପରମ୍ପରା, ଚାଲିଚଳଣିକୁ ଆଧାର କରି ରଚିତ କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁ ସାଗର'। ଖାସ୍ କଥା ହେଲା, ଏହି ସିନେମାଟି ଆସନ୍ତା ମାସ ୧୭ରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ବେଶ୍ କେତୋଟି ହିନ୍ଦୀ ସିନେମାର ପ୍ରଯୋଜନା କରିସାରିଥିବା ଶିଳାଦିତ୍ୟ ଭୋରାଙ୍କର ଏହା ହେଉଛି ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର। ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏ ବିଷୟରେ ସେ କହନ୍ତି, 'ଓଡ଼ିଶାରେ ଏଭଳି ବିଷୟ ରହିଛି ଯାହାକୁ ଆଧାର କରି ସୁନ୍ଦର ଓଡ଼ିଆ ସିନେମା ପ୍ରସ୍ତୁତ କରାଯାଇପାରିବ। ଓଡ଼ିଆ ସିନେମାକୁ କିପରି ଏକ ନୂଆ ସ୍ତରକୁ ନିଆଯାଇପାରିବ ସେ ନେଇ ମୋ ପକ୍ଷରୁ ସବୁ ପ୍ରକାର ଉଦ୍ୟମ କରିବି। ଏହି ଫିଲ୍ମଟିର କାହାଣୀରେ ଭିନ୍ନତା ଭରି ରହିଛି। ଓଡ଼ିଆ ସିନେମା କିପରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଦର୍ଶକାଦୃତ ହୋଇପାରିବ ସେ ନେଇ ଉଦ୍ୟମ ଜାରି ରଖିବି। 'ବିନ୍ଦୁସାଗର' ଫିଲ୍ମଟି ଦର୍ଶକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛି।'' ପ୍ଲାଟୁନ୍ ୱାନ୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟିର ଶୁଟିଂ ଓଡିଶାର ବିଭିନ୍ନ ସ୍ଥାନ ଏବଂ ଲଣ୍ଡନରେ କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ଫିଲ୍ମଟିର ମୁଖ୍ୟ ଭୂମିକାରେ ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ଦାଶମହାପାତ୍ର ଅଭିନୟ କରିଛନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ମନୋରଞ୍ଜନର ଖୋରାକ ଯୋଗାଉଛି ତାହା ରିଲିଜ ପରେ ହିଁ ଜଣାପଡିବ।


'ବିନ୍ଦୁସାଗର' ଫିଲ୍ମରେ ଦୀପନ୍ୱିତ-ପ୍ରକୃତି


'ମୁରବୀ' ଫିଲ୍ମରେ ଅମୀର-ପ୍ରଗତି

# ଅପେକ୍ଷା ଆସନ୍ତା ମାସକୁ

ମୁରବୀ ହେଉଛନ୍ତି ପ୍ରତ୍ୟେକ ପରିବାରର ମୁଖ୍ୟ। ସେ ପରିବାରକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ସହିତ ଅନୁଶାସନର ପାଠ ପଢାଉଥିବା ଜଣେ ସମ୍ମାନସ୍ପଦ ବ୍ୟକ୍ତି । ଏହି ଚଳଚ୍ଚିତ୍ର ସେପରି କାହାଣୀ ଉପରେ ଆଧାରିତ । ଚଳଚ୍ଚିତ୍ରରେ ଦୁଇଜଣ ପରିବାର ମୁଖ୍ୟଙ୍କ ବିପରୀତ ଚିନ୍ତାଧାରାକୁ ଦର୍ଶାଯାଇଛି । ଜଣେ କଠୋର ଶାସନ ଓ ନିୟମରେ ବିଶ୍ୱାସ କରୁଥିବାବେଳେ, ଅନ୍ୟଜଣେ ସ୍ନେହ, ମମତା ଓ ସ୍ୱାଧୀନତା ମାଧ୍ୟମରେ ପରିବାରକୁ ମଜଭୁତ ଭାବେ ଗଢିଛନ୍ତି । ଦୁଇ ପରିବାରର ସଂଘର୍ଷ ମାଧ୍ୟମରେ ସମ୍ପର୍କ ଓ ମୂଲ୍ୟବୋଧକୁ ନିଛକ ଭାବେ ଦର୍ଶାଯାଇଛି। ଫିଲ୍ମଟିର ଟାଇଟଲ ରହିଛି 'ମୁରବୀ'। ଉକ୍ତ ଚିତ୍ରଟି ଆସନ୍ତା ମାସ ୧୪ରେ ରିଲିଜ ହେବାକୁ ଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ମେଣ୍ଟିସ ଫିଲ୍ମସ ପକ୍ଷରୁ ଏହାକୁ ନିର୍ମାଣ କରାଯାଇଛି। 'ଦମନ' ଫିଲ୍ମ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ବିଶାଳ ମୌର୍ଯ୍ୟ ଓ ଦେବୀ ପ୍ରସାଦ ଲେଙ୍କା ଏହାର ପ୍ରଯୋଜନା କରିଛନ୍ତି। ଏହାର ସହ-ପ୍ରଯୋଜନା କରିଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର ବେହେରା । ପିନାକୀ ସିଂହ ଓ ଶିଶିର କୁମାର ସାହୁ ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି। ଚିତ୍ରନାଟ୍ୟ, ସଂଳାପ ସହ ଗୀତ ରଚନା କରିଛନ୍ତି ପି. ସନ୍ତୋଷ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଗ୍ନିମିତ୍ରା ବେହେରା । କୁନା ତ୍ରିପାଠୀ, ଜୟପ୍ରକାଶ ଦାସ, ବିଜୟିନୀ ମିଶ୍ର, ଅଙ୍କିତା ମହାନ୍ତି, ବି ଏମ୍ ବୈଶାଳୀ,ଉଦିତ ଗୁରୁ, ଅମୀର, ପ୍ରଗତି ଓ ପ୍ରସେନ୍‌ଜିତ ପ୍ରମୁଖ କଳାକାର ଏଥିରେ ଅଭିନୟ କରିଛନ୍ତି।

# ସେହି ଛଅ ବର୍ଷ...

ଭୂମି ପେଡନେକର ଅଭିନୟ କରିବା ପୂର୍ବରୁ ବଲିଉଡ୍‌ରେ କାଷ୍ଟିଂ ଆସିଷ୍ଟାଣ୍ଟ ଭାବରେ କାମ କରୁଥିଲେ। ପୁଣି ହିନ୍ଦୀ ସିନେମା ଜଗତର ନାମୀ ବ୍ୟାନର ଯଶରାଜ ଫିଲ୍ମସ (ୱାଇଆରଏଫ)ରେ ତାଙ୍କୁ ଏଭଳି ସୁଯୋଗ ମିଳିଥିଲା। ଭୂମି ଏହି ଦାୟିତ୍ୱକୁ ଦୀର୍ଘ ଛଅ ବର୍ଷ ଧରି ବେଶ୍ ସୁଚାରୁ ରୂପେ ତୁଲାଇଥିଲେ। ଆଉ ସେହି ଅଭିଜ୍ଞତାକୁ ପାଥେୟ କରି ସେ ଆକ୍ଟିଂ ଦୁନିଆରେ ପାଦ ଥାପିଥିଲେ। ଏ ସମ୍ପର୍କରେ ଭୂମି କହନ୍ତି, ''ଯଶରାଜ ଫିଲ୍ମସରେ ଛଅ ବର୍ଷ କାଷ୍ଟିଂ ଆସିଷ୍ଟାଣ୍ଟ ଭାବରେ କାମ କରିଥିଲି। ସେତେବେଳେ ମୋତେ ନାମୀ କଳାକାରଙ୍କ ସହ ମିଶିବାର ସୁଯୋଗ ମିଳିଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ମୋତେ ଆକ୍ଟିଂ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ବିଶେଷଭାବରେ 'ଚକ୍ ଦେ ଇଣ୍ଡିଆ'ର ଶୁଟିଂ ସମୟରେ ମୋ ମନ ଅଭିନୟ ଆଡକୁ ଢଳିବା ଆରମ୍ଭ କରିଥିଲା। ମହେଶ ଶର୍ମା ମୋତେ ପ୍ରଥମେ ବଲିଉଡ୍‌ରେ ଅଭିନୟ କରିବାର ସୁଯୋଗ ଦେଇଥିଲେ। ଆଉ ଫିଲ୍ମଟି ଥିଲା 'ଦମ୍ ଲଗାକେ ହେଁସା'। ସିନେମାଟି ମଧ୍ୟ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା।'' ଭୂମିଙ୍କୁ ପ୍ରଥମ ସିନେମା ପାଇଁ ବେଶ୍ କସରତ କରିବାକୁ ପଡିଥିଲା। କାରଣ ଏହି ଫିଲ୍ମର 'ସନ୍ଧ୍ୟା' ଭୂମିକା ପାଇଁ ପାଖାପାଖି ୧୦୦ ଜଣ ନବାଗତା ଅଡିଶନରେ ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ଭୂମିଙ୍କ ମୁଣ୍ଡରେ ହାତୀ ସୁନା କଳସ ଢାଳିଥିଲା। ଆକ୍ଟିଂ କରିବାକୁ ସୁଯୋଗ ତ ମିଳିଗଲା, ହେଲେ ଏଥିଲାଗି ତାଙ୍କୁ ନିଜ ଓଜନ କମାଇବାକୁ ପଡିଥିଲା।


ଭୂମି

# ରହସ୍ୟ ଖୋଲିଲେ କରୀନା

କରୀନା କପୁର ଇତିମଧ୍ୟରେ ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଭାବରେ ନିଜକୁ ପ୍ରତିପାଦିତ କରିସାରିଲେଣି। ହେଲେ ନିଜ ଆକ୍ଟିଂ କ୍ୟାରିୟରର ଆରମ୍ଭରେ ସେ ଟିକେ ଦ୍ୱନ୍ଦ୍ୱରେ ପଡିଥିଲେ। କରୀନା ପ୍ରଥମେ ରାକେଶ ରୋଶନଙ୍କ ନିର୍ଦ୍ଦେଶିତ 'କହୋନା ପ୍ୟାର୍ ହେ'ର ଫିମେଲ ଲିଡ୍‌ରେ ଅଭିନୟ କରୁଥିଲେ। କିନ୍ତୁ କିଛି ଦିନ ଶୁଟିଂ ପରେ ସେ ଯାହା ଅନୁଭବ କଲେ ତାକୁ ନେଇ ଟେନସନରେ ପଡିଯାଇଥିଲେ। ତାଙ୍କୁ ଏଭଳି ହୃଦୟଙ୍ଗମ ହେଲା ଯେ ରାକେଶଙ୍କ ପୁଅ ହ୍ରିତିକଙ୍କ ଭୂମିକା କିପରି ଏହି ଫିଲ୍ମରେ ଅଧିକ ଗୁରୁତ୍ୱ ବହନ କରିବ ସେ ନେଇ ଚେଷ୍ଟା କରାଯାଉଛି। ଏହାଦ୍ୱାରା ଅନ୍ୟ ରୋଲ୍‌ଗୁଡିକ ଗୌଣ ହୋଇଯାଉଛି। ତେଣୁ ବେଶ୍ କିଛି ଭାବିଚିନ୍ତି ସେ ଏହି ଫିଲ୍ମର ଶୁଟିଂରୁ ଓହରି ଯାଇଥିଲେ। ଏ ବିଷୟରେ କରୀନା କହନ୍ତି, ''ମୁଁ ପ୍ରଥମେ 'କହୋ ନା ପ୍ୟାର ହେ' ସାଇନ୍ କରିଥିଲି। ଏହାର ଶୁଟିଂ ମଧ୍ୟ କିଛି ଦିନ କରିଥିଲି। କିନ୍ତୁ ମୋତେ ଏଭଳି ହୃଦ୍‌ବୋଧ ହେଲା ଯେ ଫିଲ୍ମଟି ସତେଯେମିତି କେବଳ ହ୍ରିତିକଙ୍କ ପାଇଁ ହିଁ ତିଆରି କରାଯାଉଛି। ତେଣୁ ଆଉ ଆଗକୁ ବଢ଼ିବାକୁ ଚାହିଁ ନ ଥିଲି। ଅଳ୍ପ କିଛି ଦିନ ଶୁଟିଂ ପରେ ମୁଁ ଏହି ଫିଲ୍ମଟିକୁ ଛାଡିଦେଇଥିଲି।'' ପରବର୍ତ୍ତୀ ସମୟରେ ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା।


କରୀନା

# ସମ୍ବିତଙ୍କ ଭିନ୍ନ ଅବତାର


'କାଙ୍ଗୁଲା' ଫିଲ୍ମରେ ସମ୍ବିତ

ସମ୍ବିତ ଆଚାର୍ଯ୍ୟ ଓଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା। ପୂର୍ବରୁ ରୋମାଣ୍ଟିକ, ଇମୋଶନାଲ ଏବଂ କମେଡି ରୋଲ୍‌ରେ ଦର୍ଶକଙ୍କ ମନ ଜିଣିବାରେ ସେ ସକ୍ଷମ ହୋଇଛନ୍ତି। ହେଲେ ଖୁବ୍ ଶୀଘ୍ର ଦର୍ଶକଙ୍କ ତାଙ୍କୁ ଏକ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ। ସବୁଠାରୁ ଖାସ୍ କଥା ହେଲା, ଏହି ଫିଲ୍ମଟି ଏକ ସତ୍ୟ ଘଟଣା ଉପରେ ଆଧାରିତ। ବିଶେଷଭାବରେ ହଜିଯାଉଥିବା ଅନ୍ୟତମ ଲୋକନୃତ୍ୟ ଦଣ୍ଡ ନାଚ ଉପରେ ଏହାର କାହାଣୀ ପର୍ଯ୍ୟବସିତ। ଆଉ ଏଭଳି ଏକ ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ସାଜିଛନ୍ତି ସମ୍ବିତ। ତା' ସହ ଓଲିଉଡ୍‌ରେ ସେ ପ୍ରଥମ ଥର ପାଇଁ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ହଁ, ଏହି ସିନେମାଟିର ଟାଇଟଲ ରହିଛି 'କାଙ୍ଗୁଲା : ମା' କାଳୀର ଦଣ୍ଡ ନାଚ'। ଏହାର ଟାଇଟଲ ଗୀତ ଏବେ ବେଶ୍ ଭାଇରାଲ ହୋଇଛି। ସମ୍ବିତ ଆଚାର୍ଯ୍ୟ ଫିଲ୍ମସ ଏବଂ ସତ୍ୟନାରାୟଣ ପ୍ରଡକ୍ସନ ବ୍ୟାନରରେ ଏହାକୁ ନିର୍ମାଣ କରାଯାଇଛି। ଏହି ଫିଲ୍ମର ଅନ୍ୟତମ ପ୍ରଯୋଜକ ହେଉଛନ୍ତି ଶୁଭେନ୍ଦୁ କୁମାର ମଲ୍ଲ (ଲିଟୁ)। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ଆଗଧାଡିର ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ। ଏଥିରେ ସୂର୍ଯ୍ୟମୟୀ, ଅଭିଷେକ ଗିରି, ପୁପିନ୍ଦର,ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ୟୁ ଟ୍ୟୁବର ଚେଷ୍ଟ ପ୍ରମୁଖ ଅଭିନୟ କରୁଛନ୍ତି। ସମ୍ବିତଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ପ୍ରେମ୍ ୱେଡସ ପ୍ରିୟା'।

# ବାପା ମୋ ରୋଲ୍ ମଡେଲ: ମୌନି

ମୌନି ରୟଙ୍କର ଅଭିନୟ ଜୀବନ ଛୋଟ ପରଦାରୁ ଆରମ୍ଭ ହୋଇଥିଲା। ଅନ୍ୟତମ ଦର୍ଶକାଦୃତ ଧାରାବାହିକ 'କ୍ୟୁଁ କି ଶାଶ୍ ଭି କଭି ବୋହୂ ଥି'ରୁ ସେ ପ୍ରଥମ ଥର ପାଇଁ କ୍ୟାମେରା ସାମ୍ନା କରିଥିଲେ। ତା'ପରେ ସେ ବେଶ୍ କେତୋଟି ଧାରାବାହିକରେ ଆକ୍ଟିଂ କରି ଲୋକପ୍ରିୟତା ଅର୍ଜନ କରିବାରେ ସକ୍ଷମ ହୋଇଥିଲେ। ୨୦୦୪ରେ ସେ ହିନ୍ଦୀ ସିନେମା 'ରନ୍'ରେ ଜଣେ ଡ୍ୟାନ୍‌ସର ଭାବରେ ଦେଖାଦେଇଥିଲେ। ୨୦୧୮ରେ 'ଗୋଲ୍ଡ' ଫିଲ୍ମରୁ ସେ ନାୟିକା ଭାବରେ ବଲିଉଡ୍‌ରେ ସୁଯୋଗ ପାଇଥିଲେ। ହେଲେ ଜଣେ ଅଭିନେତ୍ରୀ ହେବା ପଛରେ ତାଙ୍କୁ ଅଧିକ ପ୍ରେରଣା ଦେଇଥିଲେ ତାଙ୍କର ବାପା ଅନିଲ ରୟ। ଏ ବିଷୟରେ ମୌନି କହନ୍ତି, ''ପିଲା ଦିନରୁ ବାପା ମୋତେ ଅଭିନୟ କରିବାକୁ ଉତ୍ସାହିତ କରି ଆସୁଥିଲେ। ପ୍ରଥମେ ଟିଭି ଧାରାବାହିକରେ ସୁଯୋଗ ମିଳିଥିଲା ଏବଂ ସେଥିରେ ସଫଳ ହେବା ପରେ ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାକୁ ବେଶ୍ ସହାୟକ ହୋଇଥିଲା।'' ମାସ୍ କମ୍ୟୁନିକେଶନରେ ମୁଁ ଡିଗ୍ରୀ କୋର୍ସ କରିବା ସମୟରେ ମୌନିଙ୍କୁ ଅଭିନୟ କରିବାକୁ ସୁଯୋଗ ମିଳିଥିଲା। ଅବସର ମିଳିଲେ ସେ ସ୍କେଟିଂ ଖେଳିବାକୁ ପସନ୍ଦ କରନ୍ତି।


ମୌନି

ଧରିତ୍ରୀ
DHARITRI
52 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯/୨୦୨୬ Bhubaneswar, Thursday, March 19/ 2026







କଳିଙ୍ଗ ଷ୍ଟାଡିୟମରେ ବୁଧବାର ଆରମ୍ଭ ହୋଇଥିବା ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍ର ଉଦ୍ଘାଟନୀ ଅବସରରେ ମୁଖ୍ୟ ଅତିଥି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ବାବୁ ସିଂ ଓ ଅନ୍ୟ ଅତିଥିବୃନ୍ଦ। ଓଡ଼ିଶା ପ୍ରତିନିଧି ଦଳର ମାର୍ଚ୍ଚପାଷ୍ଟ। (ଫଟୋ: ବିକାଶ ନାୟକ)

## ଏସ୍ଆର୍ଏଚ୍ର ନେତୃତ୍ୱ ନେବେ କିଶନ

ହାଇଦ୍ରାବାଦ,୧୮।୩

ସନ୍ରାଇଜର୍ସ ହାଇଦ୍ରାବାଦ (ଏସ୍ଆର୍ଏଚ୍) ବୁଧବାର ଭାରତର ଉଇକେଟ୍କିପର-ବ୍ୟାଟର ଇଶାନ କିଶନଙ୍କୁ ଚଳିତ ବର୍ଷ ଆଇପିଏଲ୍ର ପ୍ରାରମ୍ଭିକ କିଛି ମ୍ୟାଚ୍ ଲାଗି ଅନ୍ତରୀଣ ଅଧିନାୟକ ଭାବେ ନିଯୁକ୍ତ କରିଛି। ଦଳର ନିୟମିତ ଅଧିନାୟକ ପ୍ୟାଟ୍ କୁମିନ୍ସ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଅଣ୍ଟାଜନିତ ସମସ୍ୟାରୁ ମୁକୁଳିନାହାନ୍ତି। ସେ ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ରିକଭର ନ କରିବା ପର୍ଯ୍ୟନ୍ତ କିଶନ ଅଧିନାୟକ ଭାର ତୁଲାଇବେ। ଦଳର ଓପନିଂ ବ୍ୟାଟର ଅଭିଷେକ ଶର୍ମାଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି।

# ଜାତୀୟ ପାରା ଆଥ୍ଲେଟିକ୍ସ ଉଦ୍ଘାଟିତ

### ୧୪୫ ପଦକ ଇଭେଣ୍ଟରେ ହେବ ପ୍ରତିଯୋଗିତା

ଭୁବନେଶ୍ୱର, ୧୮।୩(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ବୁଧବାର ୨୪ତମ ଜାତୀୟ ପାରା ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ଉଦ୍ଘାଟିତ ହୋଇଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଛନ୍ତି। ବିଧାୟକ ବାବୁ ସିଂ, ଇଡ୍କୋ ଚେୟାରମ୍ୟାନ୍ ଉଷା ପାଢ଼ୀ, ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ(ପିସିଆଇ) ସଭାପତି ପଦ୍ମଭୂଷଣ ତଥା ଖେଳରତ୍ନ ପୁରସ୍କାର ବିଜେତା ଦେବେନ୍ଦ୍ର ଝାଝାରିଆ, ରାଜ୍ୟ କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଅଶୋକ କୁମାର ପଣ୍ଡା, ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ରାଜ୍ୟ ସରକାର ପ୍ରତିଟି ବ୍ଲକ୍ରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ କରୁଥିବା ନେଇ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ କଳିଙ୍ଗ ଷ୍ଟାଡିୟମରେ ପାରା ସ୍ପୋର୍ଟ୍ସ ଫ୍ରେଣ୍ଡ୍ଲି ଭିତ୍ତିଭୂମି ମଧ୍ୟ ଉପଲବ୍ଧ ହେବ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ କଳିଙ୍ଗ ଷ୍ଟାଡିୟମ ଏସିଆ ଏବଂ ସମଗ୍ର ବିଶ୍ୱର ଶ୍ରେଷ୍ଠ ଷ୍ଟାଡିୟମ ମଧ୍ୟରୁ ଅନ୍ୟତମ। ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସ୍ତରର ପାରା ସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜନ ପାଇଁ ଭିତ୍ତିଭୂମି ଉପଲବ୍ଧ ରହିଛି ବୋଲି ପ୍ରକାଶ କରିଛନ୍ତି ଦେବେନ୍ଦ୍ର ଝାଝାରିଆ। ଜାତୀୟ ଚାମ୍ପିୟନଶିପ ଆୟୋଜନ ପାଇଁ ସହଯୋଗର ହାତ ବଢ଼ାଇଥିବାରୁ ସେ ଓଡ଼ିଶା ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ, ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଏହି ମେଗା ପ୍ରତିଯୋଗିତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ମୋଟ୍ ୧୪୫ଟି ପଦକ ଇଭେଣ୍ଟରେ ହେବ ପ୍ରତିଯୋଗିତା। ଓଡ଼ିଶାରୁ ମୋଟ୍ ୪୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି।

# କଷ୍ଟସାଧ୍ୟ ଗ୍ରୁପ୍ରେ ଭାରତ

### ଥମାସ୍ ଓ ଉବର କପ୍ ଲାଗି ଡ୍ର' ଘୋଷଣା

ନୂଆଦିଲ୍ଲୀ,୧୮।୩(ପି.ଟି.)

ସମ୍ମାନ୍ଜନକ ଦଳଗତ ବ୍ୟାଡ୍ମିଣ୍ଟନ ଟୁର୍ନାମେଣ୍ଟ ଥମାସ୍ ଓ ଉବର କପ୍ ଲାଗି ବ୍ୟାଡ୍ମିଣ୍ଟନ ୱାର୍ଲ୍ଡ ଫେଡେରେଶନ(ବିଡବ୍ଲୁଏଫ୍) ପକ୍ଷରୁ ବୁଧବାର ଡ୍ର' ଘୋଷଣା କରାଯାଇଛି। ଉଭୟ ପ୍ରତିଯୋଗିତାରେ ଭାରତୀୟ ପୁରୁଷ ଓ ମହିଳା ଦଳକୁ କଷ୍ଟସାଧ୍ୟ ଗ୍ରୁପ୍ରେ ରଖାଯାଇଛି। ଥମାସ୍ କପ୍ର ୩୪ତମ ଓ ଉବର କପ୍ର ୩୧ତମ ସଂସ୍କରଣ ଡେନ୍ମାର୍କର ହର୍ସେନ୍ସଠାରେ ଏପ୍ରିଲ ୨୪ରୁ ମେ' ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

୨୦୨୨ରେ ପ୍ରଥମଥର ପାଇଁ ଟାଇଟଲ ଜିତି ଇତିହାସ ରଚିଥିବା ଭାରତୀୟ ପୁରୁଷ ଦଳ ଗ୍ରୁପ୍ ଏ'ରେ ଡିଫେଣ୍ଡିଂ ଚାମ୍ପିୟନ ଚାଇନା, କାନାଡା ଓ ଅଷ୍ଟ୍ରେଲିଆ ସହ ସ୍ଥାନ ପାଇଛି। ୨୦୨୪ରେ ଅନୁଷ୍ଠିତ ସଂସ୍କରଣରେ ଭାରତ କ୍ୱାର୍ଟର ଫାଇନାଲରେ ଚାଇନାଠାରୁ ପରାସ୍ତ ହୋଇଥିଲା।

ଉବର କପ୍ରେ ଭାରତୀୟ ମହିଳା ଦଳ ଗ୍ରୁପ୍-ଏ'ରେ ରହିଛି। ଏହି ଗ୍ରୁପ୍ରେ ୧୬ ଥରର ଚାମ୍ପିୟନ ଚାଇନା, ଆୟୋଜକ ଡେନ୍ମାର୍କ ଓ ୟୁକ୍ରେନ୍ ସ୍ଥାନ ପାଇଛନ୍ତି। ଏହି ଟୁର୍ନାମେଣ୍ଟର ଗତ ସଂସ୍କରଣରେ ଭାରତ କ୍ୱାର୍ଟର ଫାଇନାଲରେ ଜାପାନଠାରୁ ପରାସ୍ତ ହୋଇ ଅଭିଯାନ ଶେଷ କରିଥିଲା।

ଚାଇନା ପୁରୁଷ ଦଳରେ ୱାର୍ଲ୍ଡ ନଂ-୨ ଶି ୟୁ କ୍ୱି, ନଂ-୭ ଲି ଶି ଫେଙ୍ଗ, ନଂ-୧୭ ୱେଙ୍ଗ ହଙ୍ଗ ୟାଙ୍ଗ୍ ଓ ନଂ-୧୮ ଲୁ ଗୁଆଙ୍ଗ ଜୁଙ୍କ ଭଳି ଖେଳାଳି ରହିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଦଳରେ ଲକ୍ଷ୍ୟ ସେନ୍ଙ୍କ ଭଳି ଇନ୍ଫର୍ମ ଖେଳାଳି ରହିଛନ୍ତି। ସେ ନିକଟରେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ରେ ରନରଅପ୍ ହୋଇଥିଲେ ଏବଂ ସେମିଫାଇନାଲରେ ଫେଙ୍ଗଙ୍କୁ ହରାଇ ଦେଇଥିଲେ। ଭାରତ ୨୦୨୨ରେ ବ୍ୟାଙ୍କକ୍ଠାରେ ଥମାସ୍ କପ୍ ଫାଇନାଲରେ ୩-୦ରେ ୧୪ଥରର ଚାମ୍ପିୟନ ଇଣ୍ଡୋନେସିଆକୁ ଷଷ୍ଠ ଦେଶ ଭାବେ ଟାଇଟଲ ଜିତିଥିଲା। ୨୦୨୬ ଥମାସ୍ କପ୍ ଲାଗି ବିଡବ୍ଲୁଏଫ୍ ପୁରୁଷ ର୍ୟାଙ୍କିଙ୍ଗ୍ସ ଆଧାରରେ ଭାରତ ଯୋଗ୍ୟତା ହାସଲ କରିଛି। ସେହିଭଳି ମହିଳା ଦଳ ୱାର୍ଲ୍ଡ ର୍ୟାଙ୍କିଙ୍ଗ୍ସ ଜରିଆରେ ଉବର କପ୍ ଲାଗି ଯୋଗ୍ୟତା ଅର୍ଜନ କରିଛି। ଉଭୟ ଟୁର୍ନାମେଣ୍ଟରେ ୧୬ଟି ଲେଖାଏ ଦଳ ଭାଗ ନେଇଥିବା ବେଳେ ସେମାନଙ୍କୁ ୪ଟି ଗ୍ରୁପ୍ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଦଳ ରାଉଣ୍ଡ ରବିନ୍ ଫର୍ମାଟ୍ରେ ମ୍ୟାଚ୍ ଖେଳିବେ। ପ୍ରତ୍ୟେକ ମ୍ୟାଚ୍ରେ ୫ଟି ଲେଖାଏ ମୁକାବିଲା ହେବ, ଯେଉଁଥିରେ ୩ଟି ସିଙ୍ଗଲ୍ସ ଓ ୨ଟି ଡବଲ୍ସ ସାମିଲ ରହିବ।

**ଥମାସ୍ କପ୍ ଗ୍ରୁପିଙ୍ଗ୍:** ଗ୍ରୁପ୍-ଏ: ଚାଇନା, ଭାରତ, କାନାଡା, ଅଷ୍ଟ୍ରେଲିଆ। ଗ୍ରୁପ୍-ବି: ଜାପାନ, ମାଲେସିଆ, ଇଂଲଣ୍ଡ, ଫିନ୍ଲାଣ୍ଡ। ଗ୍ରୁପ୍-ସି: ଚାଇନିଜ୍ ତାଇପେ, ଡେନ୍ମାର୍କ, କୋରିଆ, ସ୍ୱିଡେନ୍ ଓ ଗ୍ରୁପ୍-ଡି: ଇଣ୍ଡୋନେସିଆ, ଫ୍ରାନ୍ସ, ଥାଇଲାଣ୍ଡ, ଆଲ୍ଜେରିଆ।

**ଉବର କପ୍ ଗ୍ରୁପିଙ୍ଗ୍:** ଗ୍ରୁପ୍-ଏ: ଚାଇନା, ଭାରତ, ଡେନ୍ମାର୍କ, ୟୁକ୍ରେନ୍। ଗ୍ରୁପ୍-ବି: ଜାପାନ, ମାଲେସିଆ, ତୁର୍କୀ, ଦକ୍ଷିଣ ଆଫ୍ରିକା। ଗ୍ରୁପ୍-ସି: ଚାଇନିଜ୍ ତାଇପେ, ଇଣ୍ଡୋନେସିଆ, କାନାଡା, ଅଷ୍ଟ୍ରେଲିଆ ଓ ଗ୍ରୁପ୍-ଡି: କୋରିଆ, ଥାଇଲାଣ୍ଡ, ବୁଲ୍ଗେରିଆ, ସ୍ପେନ୍।

# କ୍ୱାର୍ଟର ଫାଇନାଲରେ ରେଡ୍ ଷ୍ଟାର

### ଏଲ୍ଏଲ୍ସିସି କପ୍




ଓମ୍ଶ୍ରୀ ଏସ୍. ସାହୁଙ୍କୁ ପୁରସ୍କୃତ କରାଯାଉଛି।

ଭୁବନେଶ୍ୱର, ୧୮।୩(ତପନ ସ୍ୱାଇଁ)

ସ୍ଥାନୀୟ ଆଇଆର୍ସିରେ ଚାଲିଥିବା ୧୪ ବର୍ଷରୁ କମ୍ ଏଲ୍ଏଲ୍ସିସି କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ କଟକର ଜୁଭେନାଇଲ କ୍ଲବ୍କୁ ୪୫ ରନ୍ରେ ହରାଇ ରେଡ୍ ଷ୍ଟାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଯୋଗ୍ୟତା ପର୍ଯ୍ୟାୟ ଦେଇ ଆଗକୁ ବଢ଼ୁଥିବା ରେଡ୍ ଷ୍ଟାର ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୩୫ ଓଭରରେ ୮ ଉଇକେଟ ହରାଇ ୨୩୩ ରନ୍ କରିଥିଲା। ଦଳର ୬ ବ୍ୟାଟର ରନ୍ଆଉଟ ହୋଇଥିଲେ। ଓମ୍ଶ୍ରୀ ଏସ୍. ସାହୁ ସର୍ବାଧିକ ୫୬ ଓ ଅମିତ୍ କୁମାର ସାହୁ ୪୯ ରନ୍ କରିଥିଲେ। ୨୩୪ ରନ୍ର ବିଜୟଲକ୍ଷ୍ୟକୁ ପିଛାକରି ଜୁଭେନାଇଲ ଅମ୍ରିତ କୁମାର ମହାନ୍ତିଙ୍କ ୬୩ ଓ ଶେଷଭାଗରେ ବିବେକାନନ୍ଦ ବାରିକଙ୍କ ୨୮ ରନ୍ ସତ୍ତ୍ୱେ ୯ ଉଇକେଟ ହରାଇ ୧୮୯ ରନ୍ରେ ସୀମିତ ରହିଥିଲା। ରେଡ୍ ଷ୍ଟାର ପକ୍ଷରୁ ଶେଖ୍ ମହମ୍ମଦ ରିୟାଜ୍ ଓ ଡି.ଏସ୍. ରାଉତ ୨ଟି ଲେଖାଏ ଉଇକେଟ ନେଇଥିଲେ। ୫୯ ରନ୍ କରିବା ସହ ଗୋଟିଏ ଉଇକେଟ ନେଇଥିବା ଓମ୍ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଓସିଏ ପ୍ୟାନେଲ ଅମ୍ପାୟର ଅବ୍ଦୁଲ ରହିମ ଖାନ୍ ଓ ଆଶିଷ ସାହୁ ପୁରସ୍କାର ପ୍ରଦାନ କରିଥିଲେ।

## ଟ୍ରେନ୍ରେ ଯାତ୍ରା କରିବା ଘଟଣା: ମୁହଁ ଖୋଲିଲେ ଦୁବେ

ଚେନ୍ନାଇ,୧୮।୩

ଅଲ୍ରାଉଣ୍ଡର ଶିବମ୍ ଦୁବେ ଭାରତୀୟ ଦଳର ଟି୨୦ ବିଶ୍ୱକପ୍ ବିଜୟ ପରେ ଅହମଦାବାଦରୁ ଟ୍ରେନ୍ ଯୋଗେ ମୁମ୍ବାଇ ଯାତ୍ରା କରିବାର ନିଷ୍ପତ୍ତି ପଛର କାରଣ ପ୍ରକାଶ କରିଛନ୍ତି। ବିଶ୍ୱକପ୍ ଜିତିବା ପରେ ତୁରନ୍ତ ବାପାଙ୍କୁ ଦେଖା କରିବାକୁ ଚାହୁଁଥିବାରୁ ସେ ଦଳର ଅନ୍ୟ ସଦସ୍ୟଙ୍କ ସହ ଫ୍ଲାଇଟ୍ ଧରିପାରି ନ ଥିଲେ। ଅହମଦାବାଦ୍ରୁ ମୁମ୍ବାଇ ଯିବା ପାଇଁ ସମସ୍ତ ଫ୍ଲାଇଟ୍ ବୁକ୍ ଥିବାରୁ ଦୁବେ ୩-ଟିୟର ଏସି ଟ୍ରେନ୍ରେ ଟ୍ରାଭେଲ କରିଥିଲେ।

ଘରକୁ ଯାଇ ମୋତେ ନିଜ ଛୁଆ ଓ ମୋ ବାପା ମା'ଙ୍କୁ ଭେଟିବା ପାଇଁ ଖୁବ୍ ବ୍ୟାକୁଳତା ଅନୁଭବ ହେଉଥିଲା। ଏଣୁ ମୁଁ ସକାଳୁ ସକାଳୁ ଘରକୁ ଚାଲିଆସିଥିଲି। ଅପେକ୍ଷା ହିଁ କରିପାରିଲି ନାହିଁ। ପ୍ରାରମ୍ଭିକ ଭାବେ ମୁଁ ସ୍ତ୍ରୀ ଓ ଜଣେ ବନ୍ଧୁଙ୍କ ପାଇଁ ଟିକେଟ୍ ବୁକ୍ କରିବାକୁ ଚେଷ୍ଟା କରିଥିଲି। ହେଲେ କିଛି ଉପଲବ୍ଧ ନ ଥିଲା। ଏଣୁ ରୋଡ୍ କିମ୍ବା ରେଳରେ ଯାତ୍ରା କରିବାର ବିକଳ୍ପ ମୋ ପାଖରେ ଥିଲା। ରେଳରେ ଯାତ୍ରା କରିବା ଅପେକ୍ଷାକୃତ କମ୍ ସମୟ ଲାଗୁଥିବାରୁ ସକାଳୁ ଅହମଦାବାଦରୁ ଟ୍ରେନ୍ ଧରିଥିଲି। ମୋ ନିଷ୍ପତ୍ତିକୁ ନେଇ ଆମ ପରିବାରରେ ସମସ୍ତେ ଚିନ୍ତିତ ଥିଲେ। ସେମାନେ ପଚାରିଥିଲେ, ଯଦି ତୁମକୁ କେହି ଷ୍ଟେଶନ କିମ୍ବାରେ ଟ୍ରେନ୍ରେ ଚିହ୍ନି ଦେଲେ। ଏଥିଯୋଗୁ ମୁଁ ନିଜ ପରିଚୟ ଲୁଚାଇବା ପାଇଁ ଏକ କ୍ୟାପ୍, ମାସ୍କ ଓ ଫୁଲ୍ ହାତ ଟି-ଶାର୍ଟ ପିନ୍ଧିଥିଲି। ଟ୍ରେନ୍ ଛାଡ଼ିବାର ୫ ମିନିଟ୍ ପୂର୍ବରୁ ମୁଁ କାର୍ରେ ଅପେକ୍ଷା କରିଥିଲି। ପରେ ଟ୍ରେନ୍ରେ ଚଢ଼ିଥିଲି ବୋଲି ଦୁବେ ଏକ ସାକ୍ଷାତ୍କାରରେ କହିଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାର ରାଜେଶ୍ୱରୀ

### ଏସିଆନ ଲନ୍ବଲ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୮।୩ (ତପନ ସ୍ୱାଇଁ)

ଆସନ୍ତା ୫ରୁ ୧୨ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ହେବାକୁଥିବା ଏସିଆନ ଲନବଲ ଚାମ୍ପିୟନଶିପ୍ପାଇଁ ବୁଧବାର ଭାରତୀୟ ମହିଳା ଦଳ ଘୋଷଣା ହୋଇଛି। ଏଥିରେ ଓଡ଼ିଶାର ଭାବେ ରାଜେଶ୍ୱରୀ ସେଠ ସ୍ଥାନ ପାଇଛନ୍ତି। ଚୟନ ଶିବିରରେ ସେ ବେଶ ଭଲ ପ୍ରଦର୍ଶନ କରିଥିଲେ। ରାଜେଶ୍ୱରୀ ଆସନ୍ତା ୨୫ରୁ ନୂଆଦିଲ୍ଲୀରେ ଆରମ୍ଭ ହେବାକୁ ଥିବା ଜାତୀୟ ଶିବିରରେ ଯୋଗ ଦେବେ। ଏହି ସୁଯୋଗ ପାଇଁ ରାଜ୍ୟ କ୍ରୀଡା ବିଭାଗ ପକ୍ଷରୁ ରାଜେଶ୍ୱରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ରାଜ୍ୟ ସଂଘର ସଭାପତି ଅନଙ୍ଗ ଉଦୟ ସିଂ ଦେଓ, ସମ୍ପାଦକ ସୁମିତ ପୁରୋହିତ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ''ରାଜେଶ୍ୱରୀ ଜାତୀୟ ଦଳ ପାଇଁ ଚୟନ ହେବା ଆମ ରାଜ୍ୟ ପାଇଁ ଖୁସିର ବିଷୟ। ଦୀର୍ଘ ଦିନ ପରିଶ୍ରମର ଫଳ ଆମକୁ ମିଳିଛି। ଆଗକୁ ଆହୁରି ଅଧିକରୁ ଅଧିକ ପିଲା କେମିତି ଜାତୀୟ ଦଳରେ ସାମିଲ ହେବେ ସେ ନେଇ ଆମର ପ୍ରୟାସ ଜାରି ରହିବ'' ବୋଲି ସମ୍ପାଦକ ସୁମିତ କହିଛନ୍ତି।



ରାଜେଶ୍ୱରୀ ସେଠ

# ସେମିଫାଇନାଲ ଲାଇନ୍ଅପ୍ ଚୂଡ଼ାନ୍ତ

### ମୁକ୍ତେଶ୍ୱର କ୍ଲବ୍ ସିନିୟର କ୍ରିକେଟ

ଭୁବନେଶ୍ୱର, ୧୮।୩(ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ରିକେଟ କ୍ଲବ୍(ଏମ୍ସିସି) ଆନୁକୂଲ୍ୟରେ ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ 'ଖିମ୍ଜୀ କପ୍' ଅଲ୍ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମେଶ୍ୱର ସ୍ପୋର୍ଟିଂକୁ ୮୯ ରନ୍ରେ ହରାଇ ସେମିଫାଇନାଲରେ ପହଞ୍ଚିଛି ରାଉରକେଲାର ୟୁଥ୍ କ୍ରିକେଟ କ୍ଲବ୍ (ଆର୍ୱାଇସିସି)। ଏଥିସହିତ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍ଅପ୍ ଚୂଡ଼ାନ୍ତ ହୋଇଛି। ଗୁରୁବାର ପ୍ରଥମ ସେମିଫାଇନାଲ ପାରାମାଉଣ୍ଟ ସ୍ପୋର୍ଟିଂ ଓ ମୁକ୍ତେଶ୍ୱର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂକୁ ଭେଟିବ ୟୁଥ୍ କ୍ରିକେଟ କ୍ଲବ୍।

ଟସ୍ ଜିତିବା ପରେ ରାଉରକେଲା ଦଳ ବ୍ୟାଟିଂକରି ୪୦ ଓଭରରେ ୬ ଉଇକେଟ ହରାଇ ୨୭୧ ରନ୍ କରିଥିଲା। ପ୍ରଚେତ ସିଂ (୧୦୮) ଶତକ ହାସଲ କରିଥିବାବେଳେ ଅଙ୍କିତ ପ୍ରସାଦ ଗୁପ୍ତା ୫୦ ରନ୍ କରିଥିଲେ। ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ରାମେଶ୍ୱର ସହଜରେ ପରାଜୟ ସ୍ୱୀକାର କରିନେଇଥିଲା। ଲୋୟର ଅର୍ଡରରେ ଆଶୁତୋଷ ନାୟକ ୨୪ ବଲ୍ରୁ ୪୩ ରନ୍ କରିଥିଲେ ହେଁ ଦଳ ୧୮୨ ରନ୍ରେ ଅଲ୍ଆଉଟ ହୋଇଯାଇଥିଲା। ଆର୍ୱାଇସିସି ବୋଲର ଆଶିଷ ତିୱାରୀ ୫ଟି ଓ ପିଣ୍ଟୁ ୪ଟି ଉଇକେଟ ନେଇଥିଲେ। ଶତକ ହାସଲକାରୀ ପ୍ରଚେତ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏସ୍ଏନ୍ଏମ୍ ଗ୍ରୁପ୍ ପକ୍ଷରୁ ପ୍ରତୀକ ମହାନ୍ତି, ମୁକ୍ତେଶ୍ୱର ଉପସଭାପତି ଅଜିତ୍ କୁମାର ବିଶ୍ୱାଳ ଓ ସଦସ୍ୟ ଆଦିଲ ଭୂୟାଁ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।




ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ରଚେତ ସିଂ।



ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଚାଲିଥିବା ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ତୃତୀୟ ଦିବସରେ ଅତିଥି ଓଡ଼ିଶା ଅଲିମ୍ପିକ ସଙ୍ଘ ସଭାପତି ସମୀର ମହାନ୍ତିଙ୍କ ସହ ଦୁଇ ଦଳର ଖେଳାଳି।

# ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ ଥ୍ରୋ ବଲ୍ରେ ଓଡ଼ିଶାକୁ ବ୍ରୋଞ୍ଜ୍

ଭୁବନେଶ୍ୱର, ୧୮।୩(ତପନ ସ୍ୱାଇଁ)

ଆନ୍ଧ୍ରପ୍ରଦେଶର ତିରୁପତିଠାରେ ଅନୁଷ୍ଠିତ ୩୪ତମ ସିନିୟର ଫେଡେରେଶନ କପ୍ ଥ୍ରୋ ବଲ୍ ଚାମ୍ପିୟନଶିପ୍ରେ ଓଡ଼ିଶା ପୁରୁଷ ଦଳ ବ୍ରୋଞ୍ଜ୍ ପଦକ ହାସଲ କରିଛି। ଆର୍ଥିକ ପ୍ରତିବନ୍ଧକ ଯୋଗୁ ଓଡ଼ିଶା ମହିଳା ଦଳ ଏହି ସମ୍ମାନ୍ଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରି ନ ଥିଲା। ମାତ୍ର ପୁରୁଷ ଦଳକୁ କୌଣସି ଉପାୟରେ ଆସୋସିଏଶନ ପକ୍ଷରୁ ପ୍ରତିଯୋଗିତାକୁ ପଠାଯାଇଥିଲା। ମାତ୍ର ଏହାସତ୍ତ୍ୱେ ପୁରୁଷ ଦଳ ପୋଡିୟମ ଫିନିଶ୍ କରି ରାଜ୍ୟକୁ ଗର୍ବିତ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜସ୍ଥାନ, ଦିଲ୍ଲୀ ଓ କେରଳକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା ଓଡ଼ିଶା। ମାତ୍ର ସେଥିରେ ମଧ୍ୟପ୍ରଦେଶଠାରୁ ହାରିଯାଇଥିଲା। ତେବେ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍ରେ ତାମିଲନାଡୁକୁ ୨-୧ ସେଟ୍ରେ ହରାଇ ବ୍ରୋଞ୍ଜ୍ ବିଜୟୀ ହୋଇଛି। ସୁଶାନ୍ତ କୁମାର ସୁନ୍ଦର ଖେଳ ପ୍ରଦର୍ଶନ କରି ପ୍ରଶଂସିତ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଥ୍ରୋ ବଲ୍ ଆସୋସିଏଶନ ସଭାପତି ଭୁପେନ୍ଦ୍ର ସିଂ, ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଓ ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ କିଛି ଅର୍ଥରାଶି ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀଙ୍କ ସହ ସେ ବ୍ୟକ୍ତିଗତ ଭାବେ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ସମ୍ପାଦକ ଦାସ ପ୍ରକାଶ କରିଛନ୍ତି। ତେବେ ମହିଳା ଦଳ ଭାଗ ନେଇପାରି ନ ଥିବାରୁ ସେ ଦୁଃଖ ପ୍ରକାଶ କରିଛନ୍ତି। କ୍ରୀଡ଼ା ବିଭାଗର ଅଧିକାରୀମାନେ ଏଥିପ୍ରତି ସ୍ୱତନ୍ତ୍ରଭାବେ ଧ୍ୟାନଦେବାକୁ ସେ ଅନୁରୋଧ କରିଛନ୍ତି।



ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ପୁରୁଷ ଥ୍ରୋ ବଲ୍ ଦଳ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ